# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୩/୨୦୧୮ (୨୦ ପୃଷ୍ଠା+ମେଟ୍ରୋ ମିଜାଜ) | Bhubaneswar, Thursday, September 13 / 2018 | ★★★★★★

୪୪ଶ ଭାଗ ୨୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






**ରୋଷେଇ ପ୍ରିୟ ହ୍ରିତିକ୍**

ଯେତେବେଳେ ବି ଅବସର ମିଳେ ନିଜ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରିବାକୁ କିଚେନ୍‌କୁ ମୁହାଁଇଥାନ୍ତି ବଲିଉଡ ଅଭିନେତା ହ୍ରିତିକ୍ ରୋଶନ । ୧୬



୧୯ **ହକିରୁ ସର୍ଦ୍ଦାରଙ୍କ ସନ୍ନ୍ୟାସ**

ଆନ୍ତର୍ଜାତିକ ହକିରୁ ପୂର୍ବତନ ଭାରତୀୟ ଅଧିନାୟକ ସର୍ଦ୍ଦାର ସିଂ ବୁଧବାର ଅବସର ଘୋଷଣା କରିଛନ୍ତି।




DADLS-102

## କଳିଙ୍ଗ ଶିକ୍ଷା ସାଥୀ ଯୋଜନା

KALINGA SIKSHYA SATHI YOJANA · GOVERNMENT OF ODISHA

ଉଚ୍ଚ ଶିକ୍ଷା ପାଇଁ ୧% ସୁଧରେ ମିଳୁଥିବା ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପରିଶୋଧ କରିବାର ସମୟ ସୀମା ଏବେ ୧୫ ବର୍ଷକୁ ବୃଦ୍ଧି।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

'ମୁଁ ଚାହୁଁଛି ମୋ ରାଜ୍ୟର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଲାଭ କରିବାରୁ ବଞ୍ଚିତ ହେବେ ନାହିଁ କିମ୍ବା କାହାରି ପିତାମାତାଙ୍କ ମୁଣ୍ଡ ଉପରେ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଋଣ ବୋଝ ରହିବ ନାହିଁ।'

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



15001/13/0219/1819


## ପୂର୍ବତନ ଏମ୍‌ପି ରାମଚନ୍ଦ୍ର ମଲ୍ଲିକଙ୍କ ପରଲୋକ



ଯାଜପୁରରୋଡ,୧୨।୯(ନି.ପ୍ର.)

ଯାଜପୁର ଲୋକ ସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ଏମ୍‌ପି ରାମଚନ୍ଦ୍ର ମଲ୍ଲିକଙ୍କ ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମରେ ୧୯୩୩ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୯୬୨, ୧୯୭୭ ଓ ୧୯୯୮ରେ ୩ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ବୈତରଣୀ ରୋଡ଼ ରେଳଷ୍ଟେଶନ ସମେତ ଯାଜପୁର ଲୋକ ସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପୋଷ୍ଟଅଫିସ ଗୃହ ନିର୍ମାଣରେ ତାଙ୍କ ଅବଦାନ ଅବିସ୍ମରଣୀୟ । ସେ ବିଜୁ ପଟ୍ଟନାୟକଙ୍କ ଅନ୍ୟତମ ଅନୁଗାମୀ ଥିଲେ। ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେବାପରେ ସାରା ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବୈତରଣୀ ରୋଡ଼ ବଜାର ବନ୍ଦ ରହିଛି। କୋରେଇ ବିଧାୟକ ଆକାଶଦାସ ନାୟକ, ଜିଲାପାଳ ରଞ୍ଜନ କୁମାର ଦାସ, ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ପିସିସି ସମ୍ପାଦକ ସୁଧାନିଧି ମହାପାତ୍ର, ହରେକୃଷ୍ଣ ସାହୁ, ଶ୍ରମିକ ନେତା ମାୟାଧର ନାୟକ, ସୌଭାଗ୍ୟ କୁମାର ମହାନ୍ତି ପ୍ରମୁଖ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

# ବିଜେଡିରୁ ଦାମୋଦର ରାଉତ ବହିଷ୍କୃତ

ଭୁବନେଶ୍ୱର,୧୨।୯(ବ୍ୟୁରୋ)



- ଅନ୍ୟ ଦଳକୁ ଯିବିନାହିଁ:ଦାମ
- ବହିଷ୍କାର ଅଗଣତାନ୍ତ୍ରିକ:ଦେବେନ୍ଦ୍ର
- ଦଳ ଦୃଷ୍ଟିରୁ ଉଚିତ ନିଷ୍ପତ୍ତି:ସମୀର

ପାରାଦୀପ ବିଧାୟକ ଡାକ୍ତର ଦାମୋଦର ରାଉତଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦଳରୁ ବହିଷ୍କୃତ କରିଛନ୍ତି। ଦାମ କିଛିଦିନ ହେବ ଗଣମାଧ୍ୟମରେ ଯେଭଳି ବିବୃତି ରଖି ଦଳୀୟ ନେତା, ମନ୍ତ୍ରୀ ଏବଂ ସରକାରୀ କଳକୁ ହରଡ଼ଘଣାରେ ପକାଉଥିଲେ, ତାହା ତାଙ୍କୁ ଶେଷରେ ମହଙ୍ଗା ପଡିଛି। ଏହି ବରିଷ୍ଠ ନେତା ଜଣକ ନିଜର ବିବାଦୀୟ ମନ୍ତବ୍ୟ ପାଇଁ ସବୁବେଳେ ବିଜେଡିକୁ ଅଡୁଆରେ ପକାଇଆସୁଥିଲେ। ଦୁଇଦିନ ତଳେ ତାଙ୍କ ବିରୋଧରେ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁଚରଣ ଦାସ ଏବଂ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଶତାଧିକ କର୍ମୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ଦାମଙ୍କ ଆଚରଣ, ଉଚ୍ଚାରଣ ରାଜ୍ୟସ୍ତରରେ ବିଶେଷକରି ଜିଲାରେ ବିଜେଡିକୁ କ୍ଷତିଗ୍ରସ୍ତ କରୁଥିବା ଯୁକ୍ତି ବଢାଯାଇଥିଲା। ସୋମବାର ଜିଲା ସମୀକ୍ଷା ବୈଠକ ଏବଂ ମଙ୍ଗଳବାର ଦଳୀୟ ନେତା ଲଗାତର ଭାବେ ଦାମଙ୍କ ବିରୋଧରେ ବିଜେଡି ସଭାପତିଙ୍କ ନିକଟରେ ଫେରାଦ ହୋଇଥିଲେ। ☞ପୃଷ୍ଠା-୮

# ବାଘୁଣୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବନ୍ତଲା,୧୨।୯(ଡି.ଏନ୍.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟିକରପଡ଼ା ରେଞ୍ଜରେ ବୁଧବାର ବାଘୁଣୀ ସୁନ୍ଦରୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସମ୍ପୂର୍ଣ୍ଣ ରେଞ୍ଜରେ ବ୍ୟାପକ ପୋଡ଼ାଜଳା, ହିଂସା ଦେଖିବାକୁ ମିଳିଛି। ଶହ ଶହ ଲୋକ ଟିକରପଡ଼ା ରେଞ୍ଜରେ ଥିବା ବିଟ୍ ହାଉସ, ରେଞ୍ଜ କାର୍ଯ୍ୟାଳୟ, ବନ ବିଭାଗର ବଙ୍ଗଳା, ରେଞ୍ଜରଙ୍କ ବାସଗୃହ, ଗାଡ଼ି, ଲଞ୍ଚ ଆଦି ପୋଡ଼ି ପାଉଁଶ କରିଦେଇଛନ୍ତି। ଘଟଣା ସମ୍ପର୍କରେ ବନ ବିଭାଗ ମୁହଁ ଖୋଲୁ ନ ଥିବା ବେଳେ କୌଣସି ବରିଷ୍ଠ ଅଧିକାରୀ, ଜିଲା ପ୍ରଶାସନ କିମ୍ବା ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି।

ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ଅଧୀନରେ ଥିବା ଟିକରପଡ଼ା ପଞ୍ଚାୟତ ହାତୀବାରୀ ଗ୍ରାମର ମହିଳା କୈଳାସ ସାଇଅ (୫୦) ସକାଳେ ମେଣ୍ଡିକା ନାଳ ନିକଟକୁ ଯାଇଥିବା ବେଳେ ବାଘୁଣୀ ସୁନ୍ଦରୀ ତାଙ୍କୁ ଆକ୍ରମଣ କରି ମାରିଦେଇଥିଲା। ଅପରାହ୍ନ ୨ଟାରେ ଗ୍ରାମବାସୀ ଖୋଜାଖୋଜି କରି ଏକ ବୁଦାମୂଳୁ ତାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲେ। ☞ପୃଷ୍ଠା-୮



୬ଟି ଲଞ୍ଚରେ ଲାଗିଥିବା ନିଆଁ ।

**ଟିକରପଡ଼ା ରେଞ୍ଜରେ ଲଙ୍କାକାଣ୍ଡ**

- ପୋଡ଼ିଦେଲେ ବହୁ ବିଟ୍ ହାଉସ, ରେଞ୍ଜ କାର୍ଯ୍ୟାଳୟ
- ଜଳିଗଲା ବନ ବିଭାଗ ବଙ୍ଗଳା, ୱାଚରଙ୍କ ବାସଗୃହ
- ୬ ଲଞ୍ଚ, ୮ ବାଇକ୍, ସ୍କୁଟି ପାଉଁଶ

■ ନୂଆଦିଲ୍ଲୀରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍

# ଦେଶର ଷ୍ଟିଲ୍ ହବ୍ ପାଲଟିଛି ଓଡ଼ିଶା

ନୂଆଦିଲ୍ଲୀ,୧୨।୯(ପି.ଟି.)

ଦେଶର ମୋଟ ଇସ୍ପାତ୍ ଉତ୍ପାଦନର ପ୍ରାୟ ୨୫% କେବଳ ଓଡ଼ିଶାରେ ହେଉଛି। ଏଥିଯୋଗୁ ଓଡ଼ିଶା ଭାରତର ଷ୍ଟିଲ୍ ହବ୍‌ରେ ପରିଣତ ହୋଇଛି। ନୂଆଦିଲ୍ଲୀରେ ବୁଧବାର ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି।

ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ସମ୍ପର୍କରେ ଅବତାରଣା କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଦକ୍ଷିଣ ଏସିଆର ଆଲୁମିନିୟମ୍ ରାଜଧାନୀ। ଦେଶର ୫୪%ରୁ ଊର୍ଦ୍ଧ୍ୱ ଆଲୁମିନିୟମ୍ ଉତ୍ପାଦନ ଓଡ଼ିଶାରେ ହେଉଛି। ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ ଭାବେ ଓଡ଼ିଶା ଦ୍ରୁତଗତିରେ ଉଭାହେବାକୁ ଯାଉଛି। ବିଗତ ୧୮ ବର୍ଷରେ ରାଜ୍ୟର ବନ୍ଦର କ୍ଷମତା ୨୦.୫ ଏମ୍‌ଏମ୍‌ଟିରୁ ୧୯୦ ଏମ୍‌ଏମ୍‌ଟିକୁ ବୃଦ୍ଧି ପାଇଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ କ୍ଷମତା ତିନିଗୁଣାରୁ ଅଧିକ ବୃଦ୍ଧିପାଇ ୧୭,୬୯୦ ମେଗାୱାଟ୍‌ରେ ପହଞ୍ଚିଛି। ଏଥିସହ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇଛି। ଏହାବ୍ୟତୀତ ରାଜ୍ୟର ରୋଡ୍ ନେଟ୍‌ୱର୍କରେ ୫୦%ରୁ ଊର୍ଦ୍ଧ୍ୱ ବୃଦ୍ଧିପାଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଷ୍ଟାର୍ଟଅପ୍ ଓଡ଼ିଶା ଇନିସିଏଟିଭ୍ ଆରମ୍ଭ ହେବାର ଅଳ୍ପ କିଛିମାସ ମଧ୍ୟରେ ☞ପୃଷ୍ଠା-୪

**ପୁଞ୍ଜିନିବେଶ ପାଇଁ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ**



**ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

ମାନସିକ ରୋଗ ଓ ଖାଦ୍ୟ

**ଆଜିର ମନ୍ତବ୍ୟ**

" ଲୁଣ୍ଠନକାରୀଙ୍କୁ ବିଦେଶରେ ଥଇଥାନ କରିବାକୁ ଟ୍ରାଭେଲ୍ ଏଜେନ୍ସି ଖୋଲିଛି ଭାଜପା।

**-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**


NECC NATIONAL EGG CO-ORDINATION COMMITTEE | 12.09.2018 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


# ଡାକ୍ତରଙ୍କ କୂଅରୁ ମିଳିଲା ବ୍ୟାଙ୍କ ଏଜେଣ୍ଟଙ୍କ ମୃତଦେହ

ବ୍ରହ୍ମପୁର ଅଫିସ, ୧୨।୯



ବିଷ୍ଣୁ ପ୍ରସାଦ ଗୌଡ

- ଅଗଷ୍ଟ ୧୮ରୁ ନିଖୋଜ ଥିଲେ
- ହତ୍ୟା ସ୍ପଷ୍ଟ, ଡାକ୍ତର ଫେରାର
- ଜଣେ ଗିରଫ, ୨ ଅଟକ
- ନର୍ସିଂହୋମ୍ ସିଲ୍ କଲା ପୋଲିସ

ବ୍ରହ୍ମପୁର ଏଚଡିଏଫସି ବ୍ୟାଙ୍କ କମିଶନ ଏଜେଣ୍ଟ ବିଷ୍ଣୁ ପ୍ରସାଦ ଗୌଡଙ୍କ ନିଖୋଜ ଓ ଅପହରଣ ମାମଲାର ବୁଧବାର ପର୍ଦ୍ଦାଫାଶ ହୋଇଛି। ଏହା ଏକ ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ସ୍ପଷ୍ଟ କରିଛି। ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗାୟତ୍ରୀ ନର୍ସିଂ ହୋମ୍ ଡାକ୍ତର ହୃଷୀକେଶ ତ୍ରିପାଠୀଙ୍କର ବ୍ରହ୍ମପୁର ଉପକଣ୍ଠରେ ଥିବା ବଡଗୁମୁଳା ଗ୍ରାମ ପ୍ଲଟ୍‌ର ଏକ ପରିତ୍ୟକ୍ତ କୂଅରୁ ବିଷ୍ଣୁଙ୍କ ମୃତଦେହ ମିଳିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି । ଏ ନେଇ ଗତ ୪ ତାରିଖରେ ବୈଦ୍ୟନାଥପୁର ଥାନାରେ ନଂ. ୧୮୬/୧୮ରେ ଏକ ଅପହରଣ ମାମଲା ରୁଜୁ କରାଯାଇଥିଲା । ତାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି । ☞ପୃଷ୍ଠା-୪

# ସରକାର-ଶିକ୍ଷକ ଆଲୋଚନା ବିଫଳ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

- ସୁପ୍ରିମକୋର୍ଟ ଆଳ
- ଆଉ ୩ ମାସ ମାଗିଲେ ସରକାର
- ଆନ୍ଦୋଳନ ଜାରି ରଖିବାକୁ ମିଳିତ ମଞ୍ଚର ଚେତାବନୀ
- ବିଧାନସଭା ପରେ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବାକୁ ଯୋଜନା

ବିରୋଧୀ ଦଳଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ସରକାର ଶିକ୍ଷକ ସଂଗଠନ ନେତାଙ୍କ ସହ ଆଲୋଚନା କଲେ। ହେଲେ କୌଣସି ଦାବି ପୂରଣ କଲେ ନାହିଁ। କେବଳ ପ୍ରତିଶ୍ରୁତିରେ ସୀମିତ ହୋଇଗଲା ଆଲୋଚନା। ଦାବି ପୂରଣ ପାଇଁ ଆଉ ୩ ମାସ ଦିଅ। ପୁଣି ଏକ ବୈଷୟିକ କମିଟି ଗଠନ ହେବ। ଦାବିଗୁଡିକ ଉପରେ ତର୍ଜମା କରି ସରକାର ଆବଶ୍ୟକ ପଦକ୍ଷେପ ନେବେ। ବୁଧବାର ମଧ୍ୟାହ୍ନରେ ବସିଥିବା ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ସଂଗଠନର ନେତାମାନଙ୍କୁ ସରକାର ଏମିତି ଶୁଣାଇ ଦେଲେ। ୨ ଘଣ୍ଟାରୁ ଊର୍ଦ୍ଧ୍ୱ କାଳ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିର୍ଯାସ ବାହାରି ପାରିଲା ନାହିଁ। ☞ପୃଷ୍ଠା-୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବିଜ୍ଞାପନ

ଏତଦ୍‌ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ସମ୍ପୃକ୍ତ ବସ୍ ମାଲିକମାନେ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ କମିଶନରଙ୍କ Website : - www.odishatransport.gov.in / orissatransport.nic.in ରେ ଉପଲବ୍ଧ । ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ତା ୨୪.୦୯.୨୦୧୮ ରିଖ ସୁଦ୍ଧା ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

ଉପରୋକ୍ତ ଦରଖାସ୍ତ ଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୬୦ | ୨୭.୦୯.୨୦୧୮ | ପୂର୍ବାହ୍ନ ୧୧ ଘଟିକା |
| ୬୧ ରୁ ୧୨୦ | ୨୮.୦୯.୨୦୧୮ | |
| ୧୨୧ ରୁ ୧୮୦ | ୦୩.୧୦.୨୦୧୮ | |
| ୧୮୧ ରୁ ୨୪୦ | ୦୪.୧୦.୨୦୧୮ | |
| ୨୪୧ ରୁ ୨୭୦ | ୦୫.୧୦.୨୦୧୮ | |

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ପକ୍ଷ ଲିଖିତ ଭାବେ ଏବଂ ମୌଖିକ ଭାବେ ରଖିପାରିବେ । ଦରଖାସ୍ତ କରିଥିବା ବସ୍‌ର Operational Status ପ୍ରମାଣପତ୍ର, ଦରଖାସ୍ତ ଏବଂ ଆପତି କରିଥିବା ବ୍ୟକ୍ତି ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତି ନିଜର ମୂଳ ପରିଚୟପତ୍ର ଏବଂ କ୍ଷମତା ପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ସଚିବ
ପରିବହନ କମିଶନର
ଓଡ଼ିଶା



“ଆର୍‌ଏସ୍‌ଏସ୍ ଦେଶ ଉପରେ ନିଜ ବିଚାରଧାରାର କାର୍ଯ୍ୟସୂଚୀ ଲଦିଦେଉଛି। ତାକୁ କାର୍ଯ୍ୟକାରୀ କରିବାର ସଂସ୍ଥା ହେଉଛି ଭାଜପା। ସଂଘ ବିରୋଧରେ ଲଢ଼େଇ କରିବା ଏବଂ ଭାଜପାକୁ ହରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରତିଶ୍ରୁତିବଦ୍ଧ।

- ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା

## ସଂକ୍ଷେପରେ

### ଶରିଫ୍, ମରିୟମଙ୍କୁ ପାରୋଲ



**ଲାହୋର,୧୨।୯(ପି.ଟି.):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ତାଙ୍କ ଝିଅ ମରିୟମ ଏବଂ ଜ୍ୱାଇଁ କ୍ୟାପଟେନ୍(ଅବସରପ୍ରାପ୍ତ) ମହମ୍ମଦ ସଫଦରଙ୍କୁ ବୁଧବାର ୧୨ ଘଣ୍ଟିଆ ପାରୋଲ ମିଳିଛି। ଶରିଫଙ୍କ ସ୍ତ୍ରୀ କୁଲ୍‌ସୁମଙ୍କ ମଙ୍ଗଳବାର ପରଲୋକ ହୋଇଥିଲା। ତାଙ୍କର ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଶରିଫ୍ ତାଙ୍କ ଝିଅ ଏବଂ ଜ୍ୱାଇଁ ରାୱଲପିଣ୍ଡିର ଆଦଲାଲା ଜେଲରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅପରାହ୍ନ ୩ଟା୧୫ ମିନିଟ୍‌ରେ ଲାହୋରରେ ପହଁଞ୍ଚିଛନ୍ତି। ଶରୀଫ୍ ସାନଭାଇ ଶେହବାଜ୍ ଶରିଫ୍ ପଞ୍ଜାବ ସରକାରଙ୍କ ନିକଟରେ ଏମାନଙ୍କ ପାଇଁ ୫ ଦିନିଆ ପାରୋଲ ଆବେଦନ କରିଥିଲେ। ତେବେ ସେମାନଙ୍କୁ ୧୨ ଘଣ୍ଟାର ପାରୋଲ ଅନୁମତି ମିଳିଛି।

### ତ୍ୟାଗୀଙ୍କୁ ଜାମିନ

**ନୂଆଦିଲ୍ଲୀ,୧୨।୯(ପି.ଟି.):** ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର ଦୁର୍ନୀତି ମାମଲାରେ ପୂର୍ବତନ ବାୟୁସେନା ମୁଖ୍ୟ ଏସ୍.ପି.ତ୍ୟାଗୀଙ୍କୁ ଦିଲ୍ଲୀର ଏକ କୋର୍ଟରୁ ବୁଧବାର ଜାମିନ ମିଳିଛି। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ତାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଏହା



ସହ ତ୍ୟାଗୀ ଏବଂ ତାଙ୍କର ସମ୍ପର୍କୀୟ ଭାଇ ଏହି ମାମଲାରେ ସମ୍ପୃକ୍ତ ଥିବାରୁ ବୁଧବାର ସେ ମଧ କୋର୍ଟରେ ହାଜର ହୋଇଥିଲେ। ୧ ଲକ୍ଷ ଟଙ୍କାର ବେଲ୍ ବଣ୍ଡରେ ତାଙ୍କୁ ଜାମିନ୍ ମିଳିଛି। ଜୁଲାଇ ୨୪ରେ ଏହି ମାମଲାରେ ଅଗଷ୍ଟା ୱେଷ୍ଟଲାଣ୍ଡ ଏବଂ ଫିନମେକାନିକାର ନିର୍ଦ୍ଦେଶକ ଏବଂ ତ୍ୟାଗୀଙ୍କ ସହ ଅନ୍ୟମାନଙ୍କୁ ନୋଟିସ ହୋଇଥିଲା।

### ଅନଶନ ଭାଙ୍ଗିଲେ ହାର୍ଦ୍ଦିକ

**ଅହମ୍ମଦାବାଦ,୧୨।୯(ପି.ଟି.):** ପଟିଦାର ସଂରକ୍ଷଣ ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ ୧୯ ଦିନ ପରେ ଓହରିଛନ୍ତି। ତେବେ ଗୁଜରାଟ ସରକାରଙ୍କ ସହ ହାର୍ଦ୍ଦିକଙ୍କ କୌଣସି ପ୍ରକାର ଆଲୋଚନା



ହୋଇନାହିଁ। ଅନଶନ ଶେଷ କରିବା ପରେ ହାର୍ଦ୍ଦିକ କହିଛନ୍ତି, ପଟିଦାର ସମାଜ ଓ କୃଷକଙ୍କ ରଣଛାଡ ନେଇ ଆଗାମୀ ଦିନରେ ଲଢେଇ ଜାରି ରହିବ। ଉଲ୍ଲେଖଯୋଗ୍ୟ ଯେ, ହାର୍ଦ୍ଦିକ ଅଗଷ୍ଟ ୨୫ରୁ ତାଙ୍କ ବାସଭବନରେ ଅନଶନରେ ବସିଥିଲେ।

### ଫ୍ୟାକ୍ଟ୍ରିରେ ବିସ୍ଫୋରଣ
### ୬ ଶ୍ରମିକ ମୃତ

**ବିଜ୍‌ନୋର,୧୨।୯(ପି.ଟି.):** ଉତ୍ତରପ୍ରଦେଶର ବିଜ୍‌ନୋର ଅଞ୍ଚଳରେ ବୁଧବାର ଏକ ପେଟ୍ରୋ-କେମିକାଲ ଫ୍ୟାକ୍ଟ୍ରି ବଏଲର୍‌ରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ଶ୍ରମିକ ପ୍ରାଣ ହରାଇଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏବେ ବି ଜଣେ ଶ୍ରମିକ ନିଖୋଜ ଥିବା ସ୍ଥାନୀୟ ଏସ୍‌ପି ଉମେଶ କୁମାର ସିଂ ସୂଚନା ଦେଇଛନ୍ତି।

### ଯବାନଙ୍କୁ ଟାର୍ଗେଟ୍, ଜମ୍ମୁରେ ହାଇଆଲର୍ଟ

**ଜମ୍ମୁ,୧୨।୯(ପି.ଟି.):** ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଆତଙ୍କବାଦୀମାନେ ବୁଧବାର ସୁରକ୍ଷା ବାହିନୀଙ୍କ ଉପରକୁ ଗୁଳିମାଡ଼ କରିଛନ୍ତି। ଏହାପରେ ରାଜପଥ ଏବଂ ଜମ୍ମୁରେ ହାଇ ଆଲର୍ଟ ଜାରି କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଛାଉଣିକୁ ସତର୍କ କରାଯାଇଛି। ମାତା ବୈଷ୍ଣୋଦେବୀ ପୀଠ କଟ୍ରା ଏବଂ ସହରକୁ ଯାଉଥିବା ସମସ୍ତ ମାର୍ଗରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଜମ୍ମୁ ଏସ୍‌ଏସ୍‌ପି ବିବେକ ଗୁପ୍ତା ସୂଚନା ଦେଇଛନ୍ତି। ରାଜପଥରେ ଏକ ଟ୍ରକ୍‌ରେ ଆସି ସନ୍ଦିଗ୍ଧ ଆତଙ୍କବାଦୀମାନେ ସେନା ଉପରକୁ ଆକ୍ରମଣ କରିଥିଲେ। ଏହାପରେ ଅସ୍ତ୍ରଶସ୍ତ୍ର ସହ ଗାଡ଼ି ଛାଡ଼ି ପଳାୟନ କରିଥିଲେ। ଗାଡ଼ିର ଡ୍ରାଇଭର ଏବଂ କନ୍‌ଡକ୍ଟରଙ୍କୁ ଗିରଫ କରି ପୋଲି ଜେରା କରୁଥିବା ଜଣାପଡ଼ିଛି।

## ପିଏଲ୍‌ଏର ଔଦ୍ଧତ୍ୟ: ମାସକ ମଧ୍ୟରେ ୩ ଥର ଅନୁପ୍ରବେଶ

# ମାଡ଼ିଆସିଥିଲା ଚାଇନା

**ନୂଆଦିଲ୍ଲୀ,୧୨।୯**

ମାନୁନାହିଁ ଚାଇନା ସେନା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଔଦ୍ଧତ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଡୋକ୍‌ଲାମ୍ ବିବାଦ ପରେ କୌଣସି ନା କୌଣସି ଆଳକରି ପିଏଲ୍‌ଏ ଭାରତୀୟ ସୀମାକୁ ଅତିକ୍ରମଣ କରିବାକୁ ବାରମ୍ବାର ଉଦ୍ୟମ କରୁଛି। କେବଳ ଅଗଷ୍ଟ ମାସରେ ଉତ୍ତରାଖଣ୍ଡରେ ଚାଇନା ସେନା ତିନି ତିନିଥର ସୀମା ଲଂଘିଛି। ଭାରତ-ଚାଇନା ସୀମା ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ମୁତୟନ ଭାରତ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ବୁଧବାର ଏନେଇ ରିପୋର୍ଟ ଜାରି କରାଯିବା ପରେ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ମିଳିଥିବା ସୂଚନାନୁସାରେ ପିଏଲ୍‌ଏ ଗତମାସ ଉତ୍ତରାଖଣ୍ଡର ଚାମୋଲି ଜିଲା ବରହୋତି ଗ୍ରାମରୁ ୪ କି.ମି. ଭିତରକୁ ମାଡ଼ିଆସିଥିଲା। ଅଗଷ୍ଟ ୬, ୧୪ ଓ ୧୫ ତାରିଖରେ ପୃଥକ୍ ଭାବେ ତିନିଥର ଏଭଳି ଦୁଃସାହସ କରିଥିଲା ଚାଇନା ସେନା। ଏହା ପୂର୍ବରୁ ପିଏଲ୍‌ଏ ସୈନ୍ୟମାନେ ପୂର୍ବ ଲଦାଖ ସୀମା ଲଂଘି



ଡେମ୍‌ଚୋକ୍ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ। ସେମାନେ ୩୦୦ ମିଟର ଭିତରକୁ ମାଡ଼ିଆସି ସେଠାରେ ୪ଟି ତମ୍ବୁ ପକାଇଥିଲେ। ଭାରତ-ଚାଇନା ମଧ୍ୟରେ ଥିବା ୪,୦୫୭ କି.ମି. ବ୍ୟାପି ଏଲ୍‌ଏସିରେ ହିମବାହ, ତୁଷାର ମରୁଅଞ୍ଚଳ, ପର୍ବତ ଓ ନଦୀ ରହିଛି। ଏହାକୁ ଅତିକ୍ରମ କରି ପିଏଲ୍‌ଏ ବାରମ୍ବାର ଭାରତୀୟ ସୀମାକୁ ଆସୁଛି। ଉଭୟ ଦେଶର ସ୍ୱତନ୍ତ୍ର ପ୍ରତିନିଧିଙ୍କ ମଧ୍ୟରେ ଏନେଇ ଏକାଧିକ ଥର ଆଲୋଚନା ହୋଇଥିଲେ ହେଁ ତାହା ଫଳପ୍ରଦ ହେଉନାହିଁ।

## ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ସହାୟକ ହୋଇଥିଲା ଚିତାବାଘ ମଳମୂତ୍ର

**ପୁଣେ,୧୨।୯(ପି.ଟି.)**

ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ କେବଳ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୋଇ ନ



ଥିଲା, ବରଂ ଚିତାବାଘର ମଳ ଓ ମୂତ୍ର ଏହି ଅପରେଶନରେ ଭାରତୀୟ ସେନାକୁ ସହାୟକ ହୋଇଥିଲା। ଏହି ସୀମାପାର ଅଭିଯାନକୁ ଦୁଇବର୍ଷ ପୂରିବାକୁ ଯାଉଥିବାବେଳେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ବୁଧବାର ଏନେଇ ସୂଚନା ଦେଇଛନ୍ତି।

୨୦୧୬ ସେପ୍ଟେମ୍ବର ୨୮ ମଧ୍ୟରାତ୍ରିରେ ଭାରତୀୟ ସେନାର ପାରା କମାଣ୍ଡୋ ବାହିନୀ ପାକ୍-ଅଧିକୃତ କଶ୍ମୀର (ପିଓକେ) ଯାଇ ଆତଙ୍କବାଦୀଙ୍କ ଅନେକ ଲଞ୍ଚ୍‌ପ୍ୟାଡ୍ ଧ୍ୱଂସ କରିଥିଲେ। ଏହାସହ ଯବାନଙ୍କ ଗୁଳିବର୍ଷା ଓ ମୋର୍ଟାର ମାଡ଼ରେ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିବା ସେତେବେଳେ ସେନା ଓ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏନେଇ ନଗ୍‌ରୋଟା କର୍ପସର ପୂର୍ବତନ କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆର୍.ଆର୍. ନିମ୍ଭୋରକର ପୁଣେର ଏକ କାର୍ଯ୍ୟକ୍ରମରେ ଭାଗନେଇ କହିଛନ୍ତି, ସେମାନେ ଯେଉଁ ବାଟ ଦେଇ ଯାଇଥିଲେ ସେଠାରେ କୁକୁର ଭୁକିବା ଆଶଙ୍କା ଥିଲା। କୁକୁରଙ୍କ ଶବ୍ଦ ଶୁଣିଲେ ଆତଙ୍କବାଦୀମାନେ ସଜାଗ ହୋଇଯିବେ ବୋଲି ସେମାନେ ଚିତାବାଘର ମଳ ଓ ମୂତ୍ରକୁ ସାଙ୍ଗରେ ନେଇ ଯାଇଥିଲେ। ଏଥିଯୋଗୁ ଚିତାବାଘ ଆସୁଛି ମନେକରି କୁକୁରମାନେ ଭୟରେ ଦୂରକୁ ଚାଲିଯାଇଥିଲେ। ଫଳରେ ସର୍ଜିକାଲ୍ ଷ୍ଟ୍ରାଇକ୍ ସଫଳ ହୋଇପାରିଥିଲା ବୋଲି ନିମ୍ଭୋରକର ଅପରେଶନ ବେଳର ନିଜ ଅନୁଭୂତି ବାଣ୍ଟିଛନ୍ତି।

## ଥରିଲା ଆସାମରୁ କଶ୍ମୀର

**କୋଲକାତା,୧୨।୯(ପି.ଟି.)**

ଦେଶର ଉତ୍ତର ଏବଂ ଉତ୍ତର-ପୂର୍ବାଞ୍ଚଳରେ ବୁଧବାର ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଆସାମ, ମେଘାଳୟ, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ୫.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୂଚନା ମୁତାବକ, ପୂର୍ବାହ୍ନ ୧୦ଟା ୨୦ ମିନିଟ୍‌ରେ ୧୫ରୁ ୨୦ ସେକେଣ୍ଡ ପାଇଁ ଝଟକା ଅନୁଭୂତ ହୋଇଥିଲା। ଭୂକମ୍ପର ଉପ୍ତତ୍ତିସ୍ଥଳ ଆସାମର କୋକ୍ରାଝରର ସହରଠାରୁ ୨ କି.ମି. ଦୂର ଏବଂ ଏହାର ଗଭୀରତା ୧୦ କି.ମି. ରହିଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ରିପୋର୍ଟ ସାମ୍ନାକୁ ଆସିନାହିଁ। କିନ୍ତୁ ଭୂକମ୍ପ ଝଟକା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହାପୂର୍ବରୁ ଭୋର ୫ଟା ୧୫ ମିନିଟ୍‌ରେ ଜମ୍ମୁ-କଶ୍ମୀରର ଲଦାଖ ଅଞ୍ଚଳରେ ମୃଦୁ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହାର ଉପ୍ତତ୍ତିସ୍ଥଳ କାର୍ଗିଲ ସହରଠାରୁ ୧୯୯ କି.ମି. ଦୂର ବୋଲି ଜଣାପଡ଼ିଛି।

## ୫ ରାଜ୍ୟରେ ହୋଇପାରେ ଏକସଙ୍ଗେ ନିର୍ବାଚନ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଡିସେମ୍ବର ୧୫ ସୁଦ୍ଧା ଶେଷ ହେବ ପ୍ରସ୍ତୁତି



ମଧ୍ୟପ୍ରଦେଶ, ମିଜୋରାମ, ରାଜସ୍ଥାନ, ଛତିଶଗଡ଼ ଏବଂ ତେଲେଙ୍ଗାନାରେ ଏକସଙ୍ଗେ ବିଧାନସଭା ନିର୍ବାଚନ କରିବା ଲାଗି ନିର୍ବାଚନ କମିଶନ ଯୋଜନା କରୁଥିବା ଜଣାପଡ଼ିଛି। ଏ ନେଇ ସବୁ ପ୍ରକାର ପ୍ରସ୍ତୁତି ଡିସେମ୍ବର ୧୫ ସୁଦ୍ଧା ଶେଷ ହୋଇଯିବ ବୋଲି ନିର୍ବାଚନ କମିଶନ୍‌ର ଜଣେ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ପୂର୍ବଭଳି ଛତିଶଗଡ଼ରେ ଦୁଇ ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇପାରେ। କିନ୍ତୁ ବାକି ୪ ରାଜ୍ୟରେ ଗୋଟିଏ ଲେଖାଏ ପର୍ଯ୍ୟାୟରେ ମତଦାନ କରାଯାଇପାରେ।

ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୮ରେ ପ୍ରକାଶିତ ହେବ ବୋଲି ଶନିବାର କମିଶନ ସୂଚନା ଦେଇଥିଲେ। ତେଲେଙ୍ଗାନା ବିଧାନସଭା ଭଙ୍ଗ ହେବା ପରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ ପୋଲ୍ ପ୍ୟାନେଲ୍ ବାତିଲ କରି ପୁନଃ ଯାଞ୍ଚ ପାଇଁ ଏକ ନୂଆ ସମୟସାରଣୀ ଘୋଷଣା କରିଥିଲେ। ଏହି ନୂଆ ସମୟ ସାରଣୀ ଅନୁସାରେ ଡ୍ରାଫ୍ଟ ଇଲେକ୍ଟୋରାଲ୍ ରୋଲ ସେପ୍ଟେମ୍ବର ୧୦ରେ ପ୍ରକାଶ ପାଇବ। ଭୋଟର ତାଲିକା ସମ୍ପର୍କିତ ଅଭିଯୋଗ ସେପ୍ଟେମ୍ବର ୧୦ରୁ ସେପ୍ଟେମ୍ବର ୨୫ ମଧ୍ୟରେ ହେବ। ଅକ୍ଟୋବର ୪ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଡାଟାବେସ୍ ଅପ୍‌ଡେଟ୍ ଏବଂ ସପ୍ଲିମେଣ୍ଟ ପ୍ରିଣ୍ଟିଂ ଅକ୍ଟୋବର ୭ ସୁଦ୍ଧା ସରିବ। ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୮ରେ ପ୍ରକାଶ ପାଇବ ଏବଂ ଏହା ପରେ ଯେକୌଣସି ସମୟରେ ନିର୍ବାଚନ ହୋଇପାରେ। କାରଣ ନୂଆ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ଘୋଷଣା କରିବା ପାଇଁ ନିର୍ବାଚନ କମିଶନଙ୍କୁ ଆଇନତଃ କ୍ଷମତା ମିଳିଥାଏ।

୨୦୧୯ ଜୁନ୍‌ରେ ତେଲେଙ୍ଗାନା ବିଧାନସଭା କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ଗତ ଗୁରୁବାର ରାଜ୍ୟ କ୍ୟାବିନେଟ୍ ଏହାକୁ ଆଗତୁରା ଭଙ୍ଗ କରିଥିଲା। ଡିସେମ୍ବର ୧୫ରେ ମିଜୋରାମ ବିଧାନସଭା କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭା ମିଆଦ ଯଥାକ୍ରମେ ୨୦୧୯ ଜାନୁୟାରୀ ୫, ଜାନୁୟାରୀ ୭ ଏବଂ ଜାନୁୟାରୀ ୨୦ରେ ସମ୍ପୂର୍ଣ୍ଣ ହେବ। ମିଜୋରାମକୁ ମିଶାଇ ଏକାଠି ନିର୍ବାଚନ କରିବାକୁ ହେଲେ ଡିସେମ୍ବର ୧୫ ସୁଦ୍ଧା ସବୁ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ଭାଗବତଙ୍କ ବକ୍ତୃତାମାଳାରେ ଯୋଗଦେବେ ୬୦ ଦେଶର ପ୍ରତିନିଧି

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗ୍‌ବତଙ୍କ ତିନିଦିନିଆ ବକ୍ତୃତାମାଳା କାର୍ଯ୍ୟକ୍ରମ ଆସନ୍ତା ସପ୍ତାହରେ ଏଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଦେଶର ରାଷ୍ଟ୍ରଦୂତ, ଧର୍ମଗୁରୁ, ଫିଲ୍ମ ଷ୍ଟାର୍, କ୍ରୀଡ଼ାବିତ୍, ବିଜ୍‌ନେସ୍ ଟାଇକୁନ୍, ଅବସରପ୍ରାପ୍ତ ବିଚାରପତି, ସେନାର ପୂର୍ବତନ ମୁଖ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ରାଜନୈତିକ ଦଳର ନେତାମାନେ ମଧ ଏଥିରେ ସାମିଲ ହେବେ। ସେପ୍ଟେମ୍ବର ୧୭ରୁ ୧୯ ଯାଏ ‘ଫ୍ୟୁଚର୍ ଅଫ୍ ଭାରତ: ଆନ୍ ଆର୍‌ଏସ୍‌ଏସ୍ ପ୍ରସ୍‌ପେକ୍ଟିଭ୍’ ଶୀର୍ଷକରେ ହେବାକୁ ଥିବା ଉକ୍ତ



କାର୍ଯ୍ୟକ୍ରମ ପାଇଁ ବିଶ୍ୱବ୍ୟାପୀ ୫୦୦ରୁ ଊର୍ଦ୍ଧ୍ୱ ଅତିଥିଙ୍କ ତାଲିକା ପ୍ରସ୍ତୁତ କରିଛି ସଂଘ। ଶେଷଦିନରେ ଏକ ଭାବବିନିମୟ କାର୍ଯ୍ୟକ୍ରମର ଆୟୋଜନ ମଧ କରାଯିବ। ବକ୍ତୃତାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ମଧ ନିମନ୍ତ୍ରଣ ଦିଆଯାଇପାରେ ବୋଲି ପୂର୍ବରୁ ଆର୍‌ଏସ୍‌ଏସ୍ ପକ୍ଷରୁ ସଙ୍କେତ ଦିଆଯାଇଥିଲା।

## ଭୀମା କୋରେଗାଓଁ ହିଂସା
## ୫ ଅଧିକାର କର୍ମୀଙ୍କ ଗୃହବନ୍ଦୀ ମିଆଦ ବଢ଼ିଲା

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ମହାରାଷ୍ଟ୍ରର ଭୀମା କୋରେଗାଓଁ ହିଂସା ମାମଲରେ ସୁପ୍ରିମକୋର୍ଟ ବୁଧବାର ୫ଅଧିକାର କର୍ମୀଙ୍କ ଗୃହବନ୍ଦୀ ସମୟସୀମାକୁ ସେପ୍ଟେମ୍ବର ୧୭କୁ ବୃଦ୍ଧି କରାଇଛନ୍ତି। ସେମାନେ ହେଲେ ହାଇଦ୍ରାବାଦର ବିଶିଷ୍ଟ ତେଲୁଗୁ କବି ବାର୍‌ବରା ରାଓ, ମୁମ୍ବାଇର ମାନବାଧିକାର କର୍ମୀ ଅରୁଣ ଫରେଇରା, ଫରିଦାବାଦ୍‌ର ଟ୍ରେଡ୍ ୟୁନିୟନ୍ କର୍ମୀ ସୁଧା ଭରଦ୍ୱାଜ, ନୂଆଦିଲ୍ଲୀର ନାଗରିକ ସ୍ୱାଧୀନତା କର୍ମୀ ଗୌତମ ନଭ୍‌ଲଖା ଓ ମୁମ୍ବାଇର ପୂର୍ବତନ ଅଧ୍ୟାପକ ଭର୍ନନ ଗନ୍‌ସାଲଭେସ୍। ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବା ସନ୍ଦେହରେ ମହାରାଷ୍ଟ୍ର ପୋଲିସ ଏମାନଙ୍କୁ ଗତ ୨୮ ତାରିଖରେ ଗିରଫ କରିଥିଲା। ଏମାନଙ୍କ ପକ୍ଷରୁ ଐତିହାସିକା ରୋମିଲା ଥାପର ଏବଂ ଅନ୍ୟ ୪ ଜଣ ଦାଏର କରିଥିବା ପିଟିଶନର ଶୁଣାଣି କରି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

## କେରଳ ନନ୍ ବଳାତ୍କାର ମାମଲାରେ ନୋଟିସ

# ବଢ଼ିଲା ବିଶପ୍‌ଙ୍କ ଅଡୁଆ

**କୋଚି,୧୨।୯(ପି.ଟି.)**

ନନ୍ ବଳାତ୍କାର ଘଟଣାରେ ଅଭିଯୁକ୍ତ ଜଲନ୍ଧରର ବିଶପ୍ ଫ୍ରାଙ୍କୋ ମଲକ୍କଲଙ୍କୁ ବୁଧବାର କେରଳ ପୋଲିସ ସମନ୍ କରିଛି। ସେପ୍ଟେମ୍ବର ୧୯ରେ ହାଜର ହେବା ଲାଗି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁଇମାସ ପୂର୍ବରୁ ବିଶପ୍‌ଙ୍କ ବିରୋଧରେ ନନ୍ ବଳାତ୍କାର ମାମଲା ଦାଏର କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ପାଞ୍ଚଦିନ ହେଲା ନନ୍‌ମାନେ କୋଚିଠାରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ଏପରି କି ଅର୍ଥବଳ ଏବଂ ରାଜନୈତିକ ଲିଙ୍କ୍ ସହାୟତାରେ ସେ ସୁରକ୍ଷିତ ହୋଇ ରହିଥିବା ପୀଡ଼ିତା ଅଭିଯୋଗ ଆଣିଛନ୍ତି। ଚାରିଆଡୁ ନିରାଶ ହେବା ପରେ ପୀଡ଼ିତା ନ୍ୟାୟ ପାଇଁ ଭାଟିକାନ୍ ସିଟିକୁ ଚିଠି ଲେଖିଥିଲେ। ପୋଲିସର ନିଷ୍କ୍ରିୟତାକୁ ନେଇ ଚାରିଆଡୁ ସମାଲୋଚନା କରିବା ପରେ ଏଭଳି ପଦକ୍ଷେପ



ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ବିଶପଙ୍କୁ ସମନ୍ ପ୍ରସଙ୍ଗରେ କେରଳ ପୋଲିସ ମହାନିର୍ଦ୍ଦେଶକ ବିଜୟ ସଖାରେ ସୂଚନା ଦେଇଛନ୍ତି। ପୀଡ଼ିତା, ସାକ୍ଷୀ ଏବଂ ଅଭିଯୁକ୍ତଙ୍କ ବୟାନ୍‌ରେ ତାଳମେଳ ରହୁ ନ ଥିବାରୁ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ଘଟିଥିଲା ଏବଂ ପଦକ୍ଷେପ ନିଆଯାଇ ପାରୁ ନ ଥିଲା। ତଦନ୍ତ କ୍ରିୟାର ତର୍ଜମା ପରେ ବିଶପ୍‌ଙ୍କୁ ନୋଟିସ ଜାରି କରାଯାଇଛି। ପ୍ରକାଶ ଯେ, ୨୦୧୪ରୁ ୨୦୧୬ ମଧ୍ୟରେ ବିଶପ୍ ଫ୍ରାଙ୍କୋ ତାଙ୍କୁ ୧୩ ଥର ବଳାତ୍କାର କରିଥିବା ନନ୍ ଅଭିଯୋଗ ଆଣିଥିଲେ। ମାମଲା ଦାଏର କରିବା ପରେ ତାଙ୍କୁ ଧମକ ଦିଆଯାଉଥିବା ନେଇ ବିଶପ୍‌ଙ୍କ ବିରୋଧରେ ସେ ଅଭିଯୋଗ ଆଣିଛନ୍ତି। ସେପଟେ ନନ୍‌ଙ୍କୁ ଗଣିକା ଆଖ୍ୟା ଦେଇଥିବା କେରଳର ସ୍ୱାଧୀନ ବିଧାୟକ ପି.ସି. ଜର୍ଜ ବୁଧବାର ନିଜ ମନ୍ତବ୍ୟ ଫେରାଇ ନେବା ସହ କ୍ଷମାପ୍ରାର୍ଥନା କରିଛନ୍ତି। ଅଭିଯୁକ୍ତ ବିଶପ୍‌ଙ୍କ ବିରୋଧରେ ଯଦି ପ୍ରମାଣ ମିଳିଛୁ, ତା’ହେଲେ ତୁରନ୍ତ ତାଙ୍କୁ ଗିରଫ କରାଯାଉ ବୋଲି ବିଧାୟକ କହିଛନ୍ତି।

## ୨୫ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଦାଗୀ ନେତାଙ୍କ ମାମଲାର ତଥ୍ୟ ଦିଅ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ଅଟକି ରହିଥିବା ମାମଲାଗୁଡ଼ିକର ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବା ପାଇଁ ବୁଧବାର ସୁପ୍ରିମକୋର୍ଟ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଅପ୍‌ଡେଟ୍ ସୂଚନା ସହ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ମଧ କୁହାଯାଇଛି। ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ବର୍ତ୍ତମାନ କେତୋଟି ଲେଖାଏ ମାମଲା ରହିଛି ଏବଂ ଦାଗୀ ନେତାଙ୍କ ମାମଲାର ଶୁଣାଣି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କୋର୍ଟକୁ କେତୋଟି ମାମଲା ସ୍ଥାନାନ୍ତର କରାଯାଇ ପାରିବ ତାହାର ତଥ୍ୟ ଅକ୍ଟୋବର ୧୦ ସୁଦ୍ଧା ଦେବାକୁ ହାଇକୋର୍ଟ ରେଜିଷ୍ଟ୍ରାର୍‌ଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦାଗୀ ନେତାଙ୍କ ମାମଲାର ଶୁଣାଣି କରିବା ଲାଗି ୧୧ଟି ରାଜ୍ୟରେ ୧୨ଟି ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରାଯାଇଛି। ଏ ନେଇ ଗତବର୍ଷ ନଭେମ୍ବର ୧ ଏବଂ ଚଳିତବର୍ଷ ଅଗଷ୍ଟ ୨୧ରେ ୨୫ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ହାଇକୋର୍ଟଗୁଡ଼ିକର ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେମାନେ କିଛି ତଥ୍ୟ ଦାଖଲ କରିନାହାନ୍ତି ବୋଲି ଜଷ୍ଟିସ ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ନବୀନ ସିହ୍ନାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ପୀଠ ଚିନ୍ତାବ୍ୟକ୍ତ କରିଛନ୍ତି।

# ବିଦେଶୀ ଲାଞ୍ଚ ରୋକିବାକୁ ଭାରତ ଅକ୍ଷମ

**ନୂଆଦିଲ୍ଲୀ,୧୨।୯(ପି.ଟି.)**



ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ରିପୋର୍ଟ

ଭାରତରେ ଦୁର୍ନୀତି ବଢ଼ିଚାଲିଛି। ଏପରି କି ବିଦେଶୀ ଲାଞ୍ଚ ରୋକିବାକୁ ମଧ୍ୟ ଭାରତ ଅସମର୍ଥ ବୋଲି ଦୁର୍ନୀତି ନିରୋଧୀ ସଂସ୍ଥା ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ବୁଧବାର ପ୍ରକାଶିତ ଏକ ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ ବିଦେଶୀ ଦୁର୍ନୀତି ରୋକିବା ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ। ଯେଉଁ ୪ଟି ଦେଶରେ ବିଦେଶୀ ଲାଞ୍ଚ ଉପରେ ରୋକ ଲଗାଇବା ଲାଗି ‘ପ୍ରବର୍ତ୍ତନା ନାହିଁ କିମ୍ବା ଅତି କମ୍’, ଭାରତ ତା’ ମଧ୍ୟରେ ସ୍ଥାନ ପାଇଛି। ଇଟାଲୀ ଭିତ୍ତିକ କମ୍ପାନୀ ଅଗଷ୍ଟା ୱେଷ୍ଟଲାଣ୍ଡଠାରୁ ୧୨ ହେଲିକପ୍ଟର କିଣିବା ପାଇଁ ଡିଲ୍‌ରେ ହୋଇଥିବା ଦୁର୍ନୀତି ଓ ବିଦେଶୀ ସଂସ୍ଥାଗୁଡ଼ିକ ଦ୍ୱାରା ଚାଲିଥିବା ଭ୍ରଷ୍ଟାଚାରର ଅବତାରଣା କରି ଏହାକୁ ରୋକିବା ଲାଗି ଆଇନ ପ୍ରଣୟନ କରିବାକୁ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଭାରତକୁ ପରାମର୍ଶ ଦେଇଛି। ଏଥିସହ ବିଦେଶୀ ଲାଞ୍ଚକୁ ଅପରାଧର ତାଲିକାଭୁକ୍ତ କରି ଘରୋଇ କ୍ଷେତ୍ରରେ ହ୍ୱିସିଲବ୍ଲୋୟରଙ୍କୁ ସୁରକ୍ଷା ଦେବାକୁ ମଧ୍ୟ ଏଥିରେ କୁହାଯାଇଛି। ଚାଇନା, ହଂକଂ, ଭାରତ ଓ ସିଙ୍ଗାପୁର ଏହି କ୍ଷେତ୍ରରେ କଠୋର ପଦକ୍ଷେପ ନ ନେଲେ ନିଜେ କ୍ଷତିଗ୍ରସ୍ତ ହେବେ। ଏହାସହ ଭ୍ରଷ୍ଟାଚାର ଯୋଗୁ ବିଶ୍ୱ ଅର୍ଥନୀତି ଓ ସମ୍ପୃକ୍ତ ଦେଶର ସାଧାରଣ ଜନତା କ୍ଷତିରେ ପଡ଼ିବେ ବୋଲି ‘ଏକ୍ସପୋର୍ଟିଂ କରପ୍‌ଶନ ରିପୋର୍ଟ’ର ୨୦୧୮ ସଂସ୍କରଣରେ ଚେତାଇ ଦିଆଯାଇଛି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# ୨୨ରେ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ

## ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଆସନ୍ତା ୨୨ ତାରିଖରେ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ ହେବ। ଏହି ବିମାନବନ୍ଦରକୁ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ତଥା ସେହି ମାଟିର ପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାର ପୂର୍ବରୁ ଅନୁରୋଧ କରିଥିଲେ। ଏ ନେଇ ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଅନୁରୋଧ କରି ଚିଠି ଲେଖିଛନ୍ତି। ଏଭଳି ନାମକରଣ ହୋଇପାରିଲେ ମାଟିର ବରପୁତ୍ରଙ୍କ ପ୍ରତି ଯଥୋଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଝାରସୁଗୁଡ଼ା ବିମାନବନ୍ଦର ଉନ୍ନତୀକରଣ ଶେଷ ହେବା ସହିତ ୨୨ତାରିଖରେ ଏହାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେବ ଏବଂ ଜାତି ପାଇଁ ଉତ୍ସର୍ଗୀକୃତ ହେବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଚିଠିରେ ଖୁସିବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଲେଖିଛନ୍ତି ଯେ, ଓଡ଼ିଶାର ଶିଳ୍ପାଞ୍ଚଳ ଓ ମାଇନିଂ ବେଲ୍ଟରେ ଝାରସୁଗଡ଼ା ଅବସ୍ଥିତ। ପଶ୍ଚିମ ଓଡ଼ିଶାରେ ଏହି ସହରର ଉନ୍ନତୀକରଣକୁ ନଜରରେ ରଖି ଝାରସୁଗୁଡ଼ା ବିମାନବନ୍ଦରକୁ କମର୍ସିଆଲ ବିମାନ ସେବା ପ୍ରଦାନ କରାଯାଉ। ଏହାକୁ ଆରମ୍ଭ କରିବା ପାଇଁ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଝାରସୁଗୁଡ଼ା ଦେଇ ଚଳାଚଳ କରାଯାଇପାରନ୍ତା ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।




■ ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ ବିଭାଗର ରୋଡ୍ ଶୋ’

# ପିପିପି ମୋଡ୍‌ରେ ସ୍ୱାସ୍ଥ୍ୟସେବାର ବିକାଶ ହେବ: ମନ୍ତ୍ରୀ

## ନିବେଶକଙ୍କୁ ଆକୃଷ୍ଟ କରିବାକୁ ଯୋଜନା

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ସରକାରୀ ଘରୋଇ ସହଭାଗିତା(ପିପିପି) ମୋଡ୍‌ରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ କରାଯିବ। ଘରୋଇ ନିବେଶକମାନଙ୍କୁ ହସ୍ପିଟାଲ ସ୍ଥାପନ ଲାଗି ପୁଞ୍ଜିନିବେଶ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସରକାର ୨୦୧୬ରେ ଆଣିଥିବା ରାଜ୍ୟ ସ୍ୱାସ୍ଥ୍ୟସେବା ପୁଞ୍ଜିନିବେଶ ପ୍ରୋତ୍ସାହନ ନୀତିରେ ପ୍ରତିଯୋଗିତାମୂଳକ ମୂଲ୍ୟରେ ଜମି ଯୋଗାଇ ଦେଉଛନ୍ତି। ଘରୋଇ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ରାଜ୍ୟ ସରକାର ହୃଦବୋଧ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଦିଲ୍ଲୀରେ ଚାଲିଥିବା ପୁଞ୍ଜିନିବେଶ ରୋଡ୍ ଶୋ’ରେ ଯୋଗଦେଇ କହିଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୧୮ରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ନୂଆଦିଲ୍ଲୀଠାରେ ଏକ ପୁଞ୍ଜିନିବେଶ ରୋଡ୍ ଶୋ’ର ଆୟୋଜନ କରିଛନ୍ତି। ନୂଆଦିଲ୍ଲୀରେ ମେକ୍ ଇନ୍ ଓଡ଼ିଶାର ଶିଳ୍ପ ପାର୍ଟନର ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ(ଫିକି) ସହଯୋଗିତାରେ ଏହି ରୋଡ୍ ଶୋ’ ବୁଧବାର ଅପରାହ୍ନରେ ଆୟୋଜିତ ହୋଇଥିଲା। ଏଥିରେ ମନ୍ତ୍ରୀ ଜେନା ଯୋଗଦେଇ ଆହୁରି କହିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଅଧୀନରେ ନିମ୍ନ ଆୟବର୍ଗର ଲୋକମାନେ ଅଧିକ ଦୂରକୁ ନ ଯାଇ ଆଗକୁ ସେମାନଙ୍କ ନିକଟ ଅଞ୍ଚଳରେ ସ୍ଥାପନ ହେବାକୁ ଥିବା ହସ୍ପିଟାଲ୍‌ରେ ବିନାମୂଲ୍ୟରେ ଚିକିତ୍ସା ସୁବିଧା ପାଇବେ। ଏହି ଅବସରରେ ନିବେଶକମାନଙ୍କୁ ପିପିପି ମୋଡ୍‌ରେ ଝାରସୁଗୁଡ଼ାରେ ପ୍ରସ୍ତାବିତ କ୍ୟାନ୍‌ସର ହସ୍ପିଟାଲ୍‌ର ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ଥିବା ନିବେଶ ସୁଯୋଗକୁ ପ୍ରଦର୍ଶନ କରାଯାଇଥିଲା। ଏହି ରୋଡ୍ ଶୋ’ ଅବସରରେ ନିବେଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ଫର୍ଟିସ୍, ନାରାୟଣ ହୃଦୟାଳୟ, ମେଡିକା ସିନର୍ଜିଜ୍, ଜିଇ, ଫିଲିପ୍‌ସ, ଏସ୍‌ଆର୍‌ଏଲ୍ ଡାଏଗ୍ନୋଷ୍ଟିକ୍ସ, ଡ. ଲାଲ୍‌ସ ପାଥୋଲାବ୍‌ସ ଲିମିଟେଡ୍ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଏବଂ ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ଥିଲେ।





ପ୍ରଥମ ଥର ପାଇଁ ପାକିସ୍ତାନ ସୁପ୍ରିମକୋର୍ଟ ଦୁଇ ତୃତୀୟଲିଙ୍ଗୀଙ୍କୁ ତାଙ୍କର ଅଧିକାର ଦେବାକୁ ଯାଉଛନ୍ତି। ପ୍ରଧାନ ବିଚାରପତି ସାକିବ୍ ନିସାର ମଙ୍ଗଳବାର କହିଛନ୍ତି, ଦୁଇଜଣ ତୃତୀୟଲିଙ୍ଗୀଙ୍କୁ ସୁପ୍ରିମକୋର୍ଟରେ ନିଯୁକ୍ତି ଦିଆଯିବ। ସମାଜରେ ଏହି ବର୍ଗର ଲୋକଙ୍କୁ ପୂର୍ବରୁ ନ୍ୟାୟ ଦିଆଯାଇ ନାହିଁ। ତୃତୀୟଲିଙ୍ଗୀଙ୍କୁ ସେମାନଙ୍କୁ ଅଧିକାର ଦେବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି।








## ସଂକ୍ଷେପରେ

### ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୬ ତାରିଖ ପରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୦ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସ୍ୱରୂପ କିଭଳି ହେବ ସେନେଇ ଆସନ୍ତା ସପ୍ତାହରେ ଜଣାପଡ଼ିବ। ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡ଼ରେ ୧୭.୬ ମିଲିମିଟର ବର୍ଷା ହୋଇଥିବାବେଳେ ଜଗତ୍‌ସିଂହପୁର ୧୪.୪ ଏବଂ ବାଲେଶ୍ୱରରେ ୧୨.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୧୮ଟି ଜିଲାରେ ୧୦ ମିଲିମିଟରରୁ କମ ବର୍ଷା ହୋଇଛି। କଳାହାଣ୍ଡି, ଗଜପତି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଏବଂ ସୁବର୍ଣ୍ଣପୁର ଜିଲାରେ ଆଦୌ ବର୍ଷା ହୋଇନାହିଁ।

### ପୋଖରୀରେ ବୁଡ଼ି ଦୁଇ ଛାତ୍ର ମୃତ

**ବାଲିକୁଦା, ୧୨।୯(ସ୍ୱ.ପ୍ର.):** ବାଲିକୁଦା ଥାନା ଅଧୀନ ମୂଳଗାଁ ପଞ୍ଚାୟତ ସିଙ୍ଗିରି ଗ୍ରାମରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ଗାଧୋଇବା ସମୟରେ ବୁଡ଼ିଯାଇ ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗ୍ରାମର ଶରତ ବିଶ୍ୱାଳଙ୍କ ପୁଅ ଓମ ବିଶ୍ୱାଳ(୯) ଓ ପ୍ରତାପ ରାଉତଙ୍କ ପୁଅ ଆର୍ଯ୍ୟ ସୁମନ ରାଉତ(୧୦)। ଓମ୍ ଚତୁର୍ଥ ଓ ଆର୍ଯ୍ୟସୁମନ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ଦୁଇ ଜଣ ସ୍କୁଲ ଯିବା ପୂର୍ବରୁ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଜଣଙ୍କ ଗୋଡ଼ ଖସି ଯିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ପୋଖରୀ ନିକଟରେ କେହି ନ ଥିବାରୁ ସେମାନଙ୍କୁ ବୁଡ଼ିଯିବା ସମୟରେ ଉଦ୍ଧାର କରାଯାଇ ପାରି ନ ଥିଲା। ତେବେ ଫେରିବା ବିଳମ୍ବ ହେବାରୁ ଘର ଲୋକ ପୋଖରୀ ନିକଟକୁ ଖୋଜିବାକୁ ଯାଇଥିଲେ। ଏତିକିବେଳେ ସେମାନେ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ସଙ୍ଗେସଙ୍ଗେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରଥିଲେ। ଉଭୟ ସିଙ୍ଗିରି ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ।

ବାଲିମେଳା ଜଳଭଣ୍ଡାର ଡଙ୍ଗାବୁଡ଼ି ଘଟଣା

### ନିଖୋଜ ୪ ଜଣଙ୍କ ମୃତଦେହ ଉଦ୍ଧାର

#### ୪ଲକ୍ଷ ଟଙ୍କା ସହାୟତା ଘୋଷଣା

**ମାଲକାନଗିରି, ୧୨।୯(ଡି.ଏନ.ଏ.):** ଗତ ସୋମବାର ରାତିରେ ଡଙ୍ଗା ବୁଡି ବାଲିମେଳା ଜଳଭଣ୍ଡାରରେ ନିଖୋଜ ହୋଇଥିବା ୪ ଜଣଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି । ଅଗ୍ନିଶମବାହିନୀ, ଗ୍ରାମବାସୀ ଏବଂ ଓଡ୍ରାଫ ଟିମ୍ ମିଳିତ ଭାବେ ମଙ୍ଗଳବାରଠାରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ବୁଧବାର ସକାଳୁ ଏହି ୪ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି । ଏନେଇ ମୃତ ବ୍ୟକ୍ତିଙ୍କ ପରିବାର ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ଜିଲା ପ୍ରଶାସନ ସହାୟତା ଘୋଷଣା କରିଛି। ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବାକୁ ଜିଲାପାଳ ମନୀଷ ଅଗ୍ରୱାଲ ଘୋଷଣା କରିଛନ୍ତି। ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ୭ଜଣ ବ୍ୟକ୍ତି ଏକ ଦେଶୀ ଡଙ୍ଗାରେ ବାଲିମେଳା ଜଳଭଣ୍ଡାର ମଧ୍ୟରେ ଥିବା ଏକ ପାହାଡରେ ସେମାନେ ଚାଷ କରିଥିବା ଜମିରୁ ଘାସ ବାଛିବା ପାଇଁ ଯାଇ ରାତିରେ ଫେରୁଥିଲେ । ହେଲେ ଡଙ୍ଗା ତଳ ପଟୁ ପାଣି ପଶିଯାଇଥିଲା । ଫଳରେ ଭାରସାମ୍ୟ ହରାଇ ଡଙ୍ଗା ବୁଡ଼ିଯାଇଥିଲା।

# ୧୫,୦୫୩ କୋଟିର ନୂଆ ଫସଲ କ୍ରୟ ନୀତି

**ନୂଆଦିଲ୍ଲୀ, ୧୨।୯**

**କେନ୍ଦ୍ର କ୍ୟାବିନେଟ ମୋହର**
- ଏମ୍‌ଏସ୍‌ପି ପ୍ରଦାନ ଉପରେ ଗୁରୁତ୍ୱ
- ଇଥାନଲ ଦର ୨୫% ବୃଦ୍ଧି

ଲୋକ ସଭା ନିର୍ବାଚନର ବର୍ଷକ ପୂର୍ବରୁ କେନ୍ଦ୍ର ସରକାର ୧୫,୦୫୩ କୋଟି ଟଙ୍କାର ଫସଲ କ୍ରୟ ନୀତି ଘୋଷଣା କରିଛନ୍ତି। ଏହି ନୀତିରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଯୋଜନା ବାଛିବାର ଅଧିକାର ପ୍ରଦାନ କରାଯାଇଛି। ଏହାଛଡା ଏମ୍‌ଏସ୍‌ପିରେ ଚାଷୀଙ୍କ ଠାରୁ ଫସଲ କ୍ରୟ ଲାଗି ଘରୋଇ ଏଜେନ୍ସିକୁ ନିୟୋଜିତ କରିବାକୁ ଅନୁମତି ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ନୂଆ ଫସଲ ନୀତି 'ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ'କୁ ଅନୁମୋଦନ କରାଯାଇଛି। ବଜେଟର ଘୋଷଣା ଅନୁଯାୟୀ ଚାଷୀ ଯେପରି ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇବେ ସେ ନେଇ କ୍ୟାବିନେଟ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। କ୍ୟାବିନେଟ ବୈଠକ ପରେ କୃଷି ମନ୍ତ୍ରୀ ରାଧାମୋହନ ସିଂହ ଏଠାରେ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, କ୍ୟାବିନେଟ ବୁଧବାର ଏକ ଐତିହାସିକ ନିଷ୍ପତ୍ତି ନେଇଛି। ସେ କହିଛନ୍ତି ଯେ, ଚାଷୀ ଯେପରି ଏମ୍‌ଏସ୍‌ପିରେ ନିଜର ଫସଲ ବିକ୍ରି କରିପାରିବ ସେନେଇ ରାଜ୍ୟଗୁଡ଼ିକ ୩ଟି ଯୋଜନା ପ୍ରାଇସ୍ ସର୍ପୋଟ ସ୍କିମ୍ ବା ମୂଲ୍ୟ ସହାୟକ ଯୋଜନା, ନୂଆ ପ୍ରାଇସ ଡେଫିସିଏନ୍ସି ପେମେଣ୍ଟ ସ୍କିମ ବା ଦର ପାର୍ଥକ୍ୟ ଦେୟ ଯୋଜନା ଏବଂ ପାଇଲଟ ଭିତ୍ତିରେ ପ୍ରାଇଭେଟ ପ୍ରୋକିଓରମେଣ୍ଟ ଷ୍ଟକିଷ୍ଟ ସ୍କିମ ବା ଘରୋଇ କ୍ରୟ ଷ୍ଟକିଷ୍ଟ ଯୋଜନା ମଧ୍ୟରୁ ଯେକୌଣସି ଗୋଟିକୁ ବାଛିପାରିବେ। ଆସନ୍ତା ୨ ବର୍ଷ ମଧ୍ୟରେ ଏହି ନୂଆ ନୀତି ପ୍ରଣୟନ ଲାଗି କେନ୍ଦ୍ର କ୍ୟାବିନେଟ ୧୫,୦୫୩ କୋଟି ଟଙ୍କାର ପାଣ୍ଠି ଗଠନକୁ ଅନୁମୋଦନ କରିଛନ୍ତି। ଏଥିମଧ୍ୟରୁ ଚଳିତ ବର୍ଷ ୬,୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡା କ୍ରୟ ଲାଗି ଋଣ ପ୍ରଦାନ ବାବଦରେ କେନ୍ଦ୍ର ସରକାର ୧୬,୫୫୦ କୋଟି ଟଙ୍କାର ଅତିରିକ୍ତ ଗ୍ୟାରେଣ୍ଟି ଦେବେ। ଫଳରେ ଏହା ୪୫,୫୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଚାଷୀ ଯେପରି ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇବେ ସେସଂକ୍ରାନ୍ତରେ ନୀତିରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସରକାର ୨୨ପ୍ରକାର ଫସଲର ଏମ୍‌ଏସ୍‌ପି ବୃଦ୍ଧି ଘୋଷଣା କରିବା ପରେ ଜୁଲାଇରେ ପ୍ରଧାନମନ୍ତ୍ରୀ ନୂଆ ଫସଲ ନୀତି ଆସିବ ବୋଲି କହିଥିଲେ। ଏମ୍‌ଏସ୍‌ପି ଠାରୁ କମ ଦରରେ ତୈଳବୀଜ ବିକ୍ରି କ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା ଲାଗୁ କରାଯିବ। ଏମ୍‌ଏସପି ନୀତିରେ ଉଭୟ ଖରିଫ ଓ ରବି ଋତୁରେ ଚାଷ ହେଉଥିବା ୨୩ ପ୍ରକାର ଶସ୍ୟ ଉପରେ ସରକାର ଦର ଧାର୍ଯ୍ୟ କରନ୍ତି। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ଲକ୍ଷ୍ୟରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସିଂହ ପ୍ରକାଶ କରିଛନ୍ତି। ସେହିଭଳି କେନ୍ଦ୍ର କ୍ୟାବିନେଟ ଇଥାନଲ ଦରରେ ୨୫% ବୃଦ୍ଧି ନିଷ୍ପତ୍ତି ନେଇଛନ୍ତି। ଆଖୁ ଓ ଇଣ୍ଟରମିଡିୟରି ମୋଲାସେସ୍(ବି-ହେଭି ମୋଲାସେସ୍)ରୁ ଉତ୍ପାଦିତ ଇଥାନଲ ଦରକୁ ଲିଟର ପିଛା ୪୭.୧୩ ଟଙ୍କାରୁ ୫୨.୪୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଶତପ୍ରତିଶତ ଆଖୁ ରସରୁ ଉତ୍ପାଦିତ ଇଥାନଲ ପାଇଁ ଲିଟର ପିଛା ଦରକୁ ୪୭.୧୩ ଟଙ୍କାରୁ ୫୯.୧୩ ଟଙ୍କାକୁ ବୃଦ୍ଧି କରାଯାଇଛି। ଡିସେମ୍ବରରୁ ଇଥାନଲ ଉତ୍ପାଦନ ଆରମ୍ଭ ହୋଇଥାଏ। ଚଳିତ ଆର୍ଥିକ ବର୍ଷରେ ଦେଶରେ ୨ରୁ ଅଢ଼େଇ ବିଲିୟନ ଲିଟର ଇଥାନଲ ଉତ୍ପାଦନ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ନିଷ୍ପତ୍ତି ଫଳରେ ବିଭିନ୍ନ କାମରେ ଆଖୁ ରସର ଅଧିକ ଖର୍ଚ୍ଚ କମିବ ଓ ଚାଷୀମାନଙ୍କୁ ସେମାନଙ୍କର ବକେୟା ମୂଲ୍ୟ ଦେବାରେ ଚିନି ମିଲଗୁଡ଼ିକର ତରଳତା ବଢ଼ିବ ଓ ଇଥାନଲ ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ପାଇଁ ଅଧିକ ଇଥାନଲ ଉପଲବ୍ଧ ହୋଇପାରିବ। ଅନୁରୂପ ଭାବେ ତୈଳ ଓ ଗ୍ୟାସ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ହାଇଡ୍ରୋ କାର୍ବନ ଭଣ୍ଡାରରୁ ରିକଭରିରେ ସୁଧାର ପାଇଁ ଏନହାନ୍ସଡ ରିକୋଭରି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ନୀତିଗତ ଢ଼ାଞ୍ଚାକୁ ମଧ୍ୟ ଅନୁମୋଦନ କରାଯାଇଛି।

# ଦେଶ ଛାଡ଼ିବା ପୂର୍ବରୁ ଜେଟ୍‌ଲୀଙ୍କୁ ଭେଟିଥିଲି: ମାଲ୍ୟା

**ଲଣ୍ଡନ/ନୂଆଦିଲ୍ଲୀ, ୧୨।୯**



ଭାରତ ଛାଡିବା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଭେଟିଥିଲେ ଓ ଋଣ ବିବାଦର ସମାଧାନ ଲାଗି ଅନୁରୋଧ କରିଥିଲେ ବୋଲି ମଦ ବ୍ୟବସାୟୀ ବିଜୟ ମାଲ୍ୟା ବୁଧବାର ଦାବି କରିଛନ୍ତି। ତେବେ ଏହାକୁ ଜେଟ୍‌ଲୀ ଖଣ୍ଡନ କରିଛନ୍ତି। ମାଲ୍ୟାଙ୍କ ବକ୍ତବ୍ୟ ପରେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ବୁଧବାର ସକାଳେ ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ହାଜର ହେବାବେଳେ ଖବରଦାତାଙ୍କୁ ମାଲ୍ୟା କହିଥିଲେ ଯେ, ଜେନିଭାରେ ଏକ ବୈଠକରେ ଯୋଗ ଦେବା ଲାଗି ସେ ଭାରତ ଛାଡି ଥିଲେ। ତେବେ ଭାରତ ଛାଡିବା ପୂର୍ବରୁ ସେ ଜେଟ୍‌ଲୀଙ୍କୁ ଭେଟିଥିଲେ ବୋଲି କହିଛନ୍ତି। ବ୍ୟାଙ୍କ ବିବାଦ ସମାଧାନ ଲାଗି ସେ ତାଙ୍କୁ ବାରମ୍ବାର ଅଫର ଦେଇଥିଲେ ବୋଲି ମଦ ବ୍ୟବସାୟୀ କହିଛନ୍ତି। ଅନ୍ୟପକ୍ଷରେ ଜେଟ୍‌ଲୀ ଏହାକୁ ଖଣ୍ଡନ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ ଲେଖିଛନ୍ତି ଯେ, ମାଲ୍ୟାଙ୍କୁ ସାକ୍ଷାତ ଲାଗି ସମୟ ଦେଇ ନ ଥିବାରୁ ତାଙ୍କୁ ଭେଟିବାର ପ୍ରଶ୍ନ ହିଁ ଉଠୁନାହିଁ। ରାଜ୍ୟସଭାର ସାଂସଦ ଭାବେ ସେ ଏହାର ଫାଇଦା ଉଠାଇ ସଂସଦ ବାହାରେ ତାଙ୍କୁ ଭେଟିଥିଲେ। ବିବାଦ ଘନେଇବା ଦେଖି ମାଲ୍ୟା ତାଙ୍କ ବୟାନ ବଦଳାଇଛନ୍ତି। ସେ ସ୍ୱତନ୍ତ୍ର ଭାବରେ ନୁହେଁ ବରଂ ସଂସଦରେ ଜେଟ୍‌ଲୀଙ୍କ ଭେଟିଥିଲେ ବୋଲି କହିଛନ୍ତି।

**ଡିସେମ୍ବର ୧୦ରେ ପ୍ରତ୍ୟର୍ପଣ ରାୟ**

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ସଂକ୍ରାନ୍ତରେ ଆଗତ ମାମଲାର ରାୟ ଡିସେମ୍ବର ୧୦ରେ ପ୍ରକାଶ ପାଇବ। ବୁଧବାର ସ୍ଥାନୀୟ ୱେଷ୍ଟମିନିଷ୍ଟର ଅଦାଲତରେ ପ୍ରତ୍ୟର୍ପଣ ସଂକ୍ରାନ୍ତରେ ଶୁଣାଣି ହୋଇଥିଲା। ପ୍ରତ୍ୟର୍ପଣ ପରେ ମାଲ୍ୟା ମୁମ୍ବାଇର ଆର୍ଥରରୋଡ ଜେଲ୍ ପ୍ରକୋଷ୍ଠରେ ରହିବାକୁ ଥିବା ବେଳେ ସିବିଆଇ ଦ୍ୱାରା ଦାଖଲ କରାଯାଇଥିବା ଏହାର ଭିଡିଓକୁ ବିଚାରପତି ଦେଖିଥିଲେ।

# ପୁଣି ପ୍ରଶ୍ନକାଳ ବାତିଲ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**



- ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀଙ୍କ ହଇଚଗୋଳ, ଗୃହ ମୁଲତବୀ

ଗତ ୬ ଦିନ ହେବ ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି। କେତେବେଳେ ବିରୋଧୀ ତ ଆଉ କେତେବେଳେ ଶାସକ ଦଳ ବିଧାନସଭାକୁ ଅଚଳ କରୁଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ବିଧାନସଭା ମଧ୍ୟଭାଗକୁ ମାଡି ଆସି ହଇଚଗୋଳ କରୁଛନ୍ତି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ଶିକ୍ଷକ ଆନ୍ଦୋଳନ, ଚାରା ଦୁର୍ନୀତି ଆଦି ପ୍ରସଙ୍ଗ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଆରମ୍ଭରୁ ପ୍ରତିବାଦ କରି ଗୃହକୁ ଅଚଳ କରି ଦେଉଛନ୍ତି। ସେପ୍ଟେମ୍ବର ୪ରୁ ଆରମ୍ଭ ହୋଇଥିବା ବିଧାନସଭାରେ ପ୍ରଶ୍ନକାଳ ବେଳେ ଏଭଳି ଅଚଳାବସ୍ଥା ଲାଗି ରହିଛି। ବୁଧବାର ବିଧାନସଭାରେ ମଧ୍ୟ ସେଇ ଏକା ଅବସ୍ଥା ଦେଖିବାକୁ ମିଳିଥିଲା।

ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ । ମୟୂରଭଞ୍ଜ ଜିଲାରେ ହୋଇଥିବା ଚାରା ଦୁର୍ନୀତି କୃଷି ମନ୍ତ୍ରୀ ସ୍ୱୀକାର କରିଥିବା ଅଭିଯୋଗ ଆଣି କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଇଚଗୋଳ କରିଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ବିଭୂତି ଭୂଷଣ ହରିଚନ୍ଦନ, ଗୋବିନ୍ଦ ଦାସ ପ୍ରମୁଖ କଂଗ୍ରେସ ସହ ତାଳ ମିଳାଇବା ସହ ଓମ୍‌ଫେଡ ଓ ଅନ୍ୟାନ୍ୟ ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରି ପାଟିତୁଣ୍ଡ କରିଥିଲେ। ଫଳରେ ଗୃହରେ କିଛି ସମୟ ପାଇଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ମାତ୍ର ଅଧ ମିନିଟ ପରେ ବାଚସ୍ପତି ଗୃହକୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ ମିନିଟରେ ଶୂନ୍ୟକାଳ ଆରମ୍ଭ ହୋଇଥିଲା। ପୁଣି କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଚାରା ଦୁର୍ନୀତିକୁ ନେଇ ସରକାରଙ୍କ ବିରୋଧରେ ନାରାବାଜି କଲେ। ଚାରା ଘୋଟାଲା କଲା କିଏ... ନବୀନ ସରକାର ଆଉ କିଏ... ସ୍ଲୋଗାନ ଦେଇ ବିଧାନସଭାକୁ କମ୍ପାଇ ଦେଲେ। ଭାଜପା ସଦସ୍ୟମାନେ ମଧ୍ୟ ଗୃହର ମଧ୍ୟଭାଗରେ ହଇଚଗୋଳ କଲେ। ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବାଚସ୍ପତି ବିଜେଡି ସଭ୍ୟ ସଞ୍ଜୟ ଦାସବର୍ମାଙ୍କୁ କହିବାକୁ ଡାକିଲେ। ଶିଳ୍ପ କରିଡରରେ ଓଡିଶାକୁ ସାମିଲ କରି ନ ଥିବା ନେଇ ସେ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଥିଲେ। ହଇଚଗୋଳ ପ୍ରବଳ ହେବାରୁ ବାଚସ୍ପତି ୧୧ଟା ୩୫ ମିନିଟରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

# ଏକାଧିକ ବିଭାଗର ଖର୍ଚ୍ଚଦାବି ଗୃହୀତ

- ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି ଦାବି କଲେ କେ.ଭି.
- ରେଙ୍ଗାଲି ଡ୍ୟାମ କ୍ଷତିଗ୍ରସ୍ତଙ୍କ ସମସ୍ୟା ଉଠାଇଲେ ମହେଶ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ଗିଲୋଟିନ୍ ମାଧ୍ୟମରେ ଏକାଧିକ ବିଭାଗର ଖର୍ଚ୍ଚଦାବି ବୁଧବାର ବିଧାନସଭାରେ ଗୃହୀତ ହୋଇଯାଇଛି। ଏହା ମଧ୍ୟରେ ରହିଛି ଗୃହ ବିଭାଗର ପ୍ରଶାସନିକ ବ୍ୟୟ ୧୬୧,୯୧,୭୭,୦୦୦ କୋଟି ଟଙ୍କା, ସାଧାରଣ ପ୍ରଶାସନ ବିଭାଗର ୩,୦୩,୨୩,୦୦୦ କୋଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୮,୭୩,୦୦୦ କୋଟି, ସ୍ୱାସ୍ଥ୍ୟ ବିଭାଗର ୪୮,୬୬,୭୦,୦୦୦ ଟଙ୍କା। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବିଭାଗର ମଧ୍ୟ ଖର୍ଚ୍ଚ ଦାବି ମଧ୍ୟ ବୁଧବାର ଏକକାଳୀନ ଆଗତ କରାଯାଇ ଗୃହୀତ କରାଯାଇଥିଲା। ବୁଧବାର ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ରାଜ୍ୟ ସରକାର ଅଙ୍ଗନୱାଡି, ଆଶା କର୍ମୀମାନଙ୍କ ଦରମା ବୃଦ୍ଧି କରିବା ପାଇଁ ବାଚସ୍ପତିଙ୍କ ଜରିଆରେ ପ୍ରସ୍ତାବ ରଖିଥିଲେ। ଏହାପରେ ଶାସକ ସଭ୍ୟ ମହେଶ ସାହୁ ରେଙ୍ଗାଲି ଡ୍ୟାମରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳିବା ନେଇ ଦାବି ଉପସ୍ଥାପନ କରିଥିଲେ। ଦୀର୍ଘଦିନର ଦାବି ହୋଇଥିଲେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆ ନ ଯିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।






▪ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଲା କେନ୍ଦ୍ର

**ଝାରସୁଗୁଡ଼ା ଅଫିସ/ଭୁବନେଶ୍ୱର(ବ୍ୟୁରୋ)୧୨।୯**

**ନବୀନଙ୍କ ଚିଠିର ଉତ୍ତର ଦେଲେ କେନ୍ଦ୍ର ଆଇନ ମନ୍ତ୍ରୀ**

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ଚିଠିର ଜବାବ ରଖିଛନ୍ତି କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି, ମତାମତ ନେଇ ତଥା ଜାଗା ନିରୂପଣ କରି କେନ୍ଦ୍ର ସରକାରଙ୍କ ନିକଟକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାନ୍ତୁ ବୋଲି କେନ୍ଦ୍ର ଆଇନମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି । ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ପଶ୍ଚିମ ଓଡ଼ିଶା ବାର୍ ସମୂହକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଏବଂ ସମ୍ବଲପୁର ଆଇନଜୀବୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିଥିବା ବେଳେ କେନ୍ଦ୍ର ଆଇନମନ୍ତ୍ରୀ ପ୍ରସାଦ ଚତୁରତାର ସହ ଜଷ୍ଟିସ୍ ଜଶୱନ୍ତ ସିଂ କମିଶନ ଏବଂ ସୁପ୍ରିମକୋର୍ଟଙ୍କ ଫେଡେରେଶନ ଅଫ୍ ବାର୍ ଆସୋସିଏଶନ ଅଫ୍ କର୍ନାଟକ ମାମଲାର ରାୟ ଅନୁସାରେ ଉଲ୍ଲେଖ କରି ପୁଣିଥରେ ରାଜ୍ୟ ସରକାରଙ୍କୁ ଅଡୁଆ ଭିତରକୁ ଠେଲି ଦେଇଛନ୍ତି।

ସଂସଦ ନିଜ କ୍ଷମତାର ବ୍ୟବହାର କରି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାର ଜବାବରେ କେନ୍ଦ୍ର ଆଇନମନ୍ତ୍ରୀ ପ୍ରସାଦ ଉଲ୍ଲେଖ କରିଛନ୍ତି, ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କଠାରୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆସିବା ଆବଶ୍ୟକ। ଯେଉଁଥିରେ ରାଜ୍ୟ ସରକାର ବେଞ୍ଚ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରିବା ସହ ଭିତ୍ତିଭୂମି ସ୍ଥାପନ, ଦୈନନ୍ଦିନ ବେଞ୍ଚ ପରିଚାଳନା ପାଇଁ ଆବଶ୍ୟକ ହେବାକୁ ଥିବା ଖର୍ଚ୍ଚ ଜନିତ ସହମତିପତ୍ର ସଂଯୋଗ କରି ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବା ଜରୁରୀ। ପ୍ରିନ୍ସିପାଲ ବେଞ୍ଚଠାରୁ ପ୍ରତିଷ୍ଠା ହେବାକୁ ଥିବା ବେଞ୍ଚର ଦୂରତା, ବେଞ୍ଚର (ପରିସୀମା) ଜୁରିସଡିକ୍ସନ ଏବଂ ପୂର୍ଣ୍ଣ ଖଣ୍ଡପୀଠର ମତାମତ ଉଲ୍ଲେଖ କରି ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦାଖଲ କରିବାକୁ ଜଶୱନ୍ତ ସିଂ କମିଶନ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହି ପ୍ରସ୍ତାବ ହସ୍ତଗତ ହେବା ପରେ କେନ୍ଦ୍ର ସରକାର ବେଞ୍ଚ ସ୍ଥାପନ ଦିଗରେ ପ୍ରକ୍ରିୟା ଆରମ୍ଭ କରିପାରିବେ ବୋଲି କେନ୍ଦ୍ର ଆଇନମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି ବୋଲି ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ କହିଛନ୍ତି।

ସେହିପରି ବେଞ୍ଚ ସ୍ଥାପନ ନେଇ ଜଷ୍ଟିସ୍ ସି.ଆର୍. ପାଲ କମିଶନ ଦେଇଥିବା ରିପୋର୍ଟକୁ ଅପେକ୍ଷା କରାଯାଇଥିବା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଡି.ଏଚ୍. ୱାଘଲା ୨୦୧୫ ଅଗଷ୍ଟ ୨ରେ କେନ୍ଦ୍ରକୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଏ ନେଇ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଯେଉଁ ସବୁ ଭିତ୍ତିଭୂମିର ଆବଶ୍ୟକତା ପଡ଼ିବ ସେସବୁ ମୁଖ୍ୟମନ୍ତ୍ରୀ ଯୋଗାଇ ଦେବେ ବୋଲି କେନ୍ଦ୍ରକୁ ବାରମ୍ବାର ଜଣାଇଛନ୍ତି । ମାତ୍ର କେନ୍ଦ୍ର ନିଜ ଉପରୁ ଦାୟିତ୍ୱ ହଟାଇ ଦେବାକୁ ପ୍ରୟାସ କରୁଛି । କେନ୍ଦ୍ରମନ୍ତ୍ରୀଙ୍କ ଚିଠିରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଥିବା ସେ କହିଛନ୍ତି ।

# ମାନସିକ ରୋଗ ଓ ଖାଦ୍ୟ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆପଣଙ୍କ ଜାଣିବାରେ କେହି ପାଗଳ ପରି, ସନ୍ଦେହଜନକ, ଉଦାସ, ଅତି ସକ୍ରିୟ, ନିଦ୍ରାହୀନତାଗ୍ରସ୍ତ ଓ ବିନା କାରଣରେ ରାଗିବା ପରି ଲକ୍ଷଣମାନ ପ୍ରକାଶ କରୁଛନ୍ତି କି? ଦେଖନ୍ତୁ ସେ କେତେ ମାଂସ ଖାଉଛନ୍ତି। ବିଶେଷତଃ ପୂର୍ବରୁ ପ୍ୟାକେଜ୍ ହୋଇଥିବା ବା ହୋଟେଲର ମାଂସ ଯଥା ହାମ୍, ସସେଜ୍, ହଟ୍ ଡଗ୍, ଶୁଷ୍କ ଗୋମାଂସ ବା ତୁର୍କୀ ଜର୍କୀ, ସାଲାମି ପ୍ରଭୃତି ସେ କେତେ ଖାଉଛନ୍ତି ଦେଖନ୍ତୁ। ସମାନ ବୟସର ବିଭିନ୍ନ ଗ୍ରୁପ୍‌ର ଲୋକଙ୍କ ଉପରେ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏପରି ସମସ୍ୟା ସହ ମାଂସାହାର, ବିଶେଷତଃ ପ୍ରକ୍ରିୟାକୃତ ମାଂସାହାରର ସମ୍ପର୍କ ଅଛି।

୧୮୭୬ ମସିହାରେ ଜନ୍ ହପ୍‌କିନ୍ସ ବାଲ୍‌ଟିମୋର୍‌ରେ ଆମେରିକାର ପ୍ରଥମ ରିସର୍ଚ୍ଚ ୟୁନିଭର୍ସିଟି ପ୍ରତିଷ୍ଠା କରିଥିଲେ, ଯାହାର ଗବେଷଣା ବିଶ୍ୱମାନର ବୋଲି ବିବେଚନା କରାଯାଏ। ଖାଦ୍ୟାଭ୍ୟାସ ସହ ଉପରୋକ୍ତ ମାନସିକ ରୋଗର ସମ୍ପର୍କ ଉପରେ ସେ ଯେଉଁ ଗବେଷଣା କରିଥିଲେ ତାହା ମଲିକ୍ୟୁଲାର ସାଇକିଆଟ୍ରି ପତ୍ରିକାରେ ପ୍ରକାଶ ପାଇଛି। ପୂର୍ବରୁ ଏ ରୋଗର କାରଣ ଭାବେ ଜେନିଟିକ୍ସ, ଡ୍ରଗ୍ସ ଏବଂ ମଲ୍ଟିପ୍‌ଲ ସ୍କ୍ଲେରୋସିସ୍ ଓ ହର୍ମୋନ୍ ଅସନ୍ତୁଳନ ପରି ରୋଗକୁ ଦାୟୀ କରାଯାଉଥିଲା। କିନ୍ତୁ ଏହା ସହ ଯେ ଖାଦ୍ୟର ସମ୍ପର୍କ ଅଛି ତାହା ନୂତନ ଗବେଷଣାରୁ ଜଣାପଡ଼ିଛି। ଗବେଷକମାନେ ଦେଖିଲେ ଯେ, ଯେଉଁମାନେ ବେଶି ନାଇଟ୍ରେଟେଡ୍ ଶୁଷ୍କମାଂସ ଖାଇଛନ୍ତି, ସେମାନଙ୍କଠାରେ ଏଭଳି ମାନସିକ ରୋଗ ଦେଖାଯିବାର ସମ୍ଭାବନା ଅଧିକ ଥାଏ। ନ୍ୟୁରୋଭାଇରୋଲୋଜିର ପ୍ରଫେସର ଡ. ରବର୍ଟ ୟୋଲ୍‌କେନଙ୍କ ନେତୃତ୍ୱରେ ଜନ୍ ହପ୍‌କିନ୍ସ ମେଡିସିନ୍‌ର ବୈଜ୍ଞାନିକମାନେ ଏହି ଗବେଷଣା କରିଥିଲେ। ସେମାନେ ୨୦୦୭ରୁ ୨୦୧୭ ମଧ୍ୟରେ ମାନସିକ ରୋଗ ଥିବା ଓ ଏହି ରୋଗ ନ ଥିବା ୧,୧୦୧ ଜଣ ଲୋକଙ୍କୁ ଗବେଷଣାରେ ସାମିଲ କରିଥିଲେ। ମାନସିକ ରୋଗ ନ ଥିବା ଲୋକଙ୍କ ତୁଳନାରେ ମାନସିକ ରୋଗ ଥିବା ଲୋକମାନେ ପ୍ରାୟ ସାଢ଼େ ତିନିଗୁଣ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇଥିଲେ। ପ୍ରକ୍ରିୟାକୃତ ମାଂସକୁ ସଂରକ୍ଷଣ କରି ଅଧିକ ଦିନ ରଖିବା ଲାଗି ସୋଡିୟମ୍ ନାଇଟ୍ରେଟ୍ ବା ପୋଟାସିୟମ୍ ନାଇଟ୍ରେଟ୍ ଆଦି ନାଇଟ୍ରୋଜେନ୍ ଯୌଗିକ ବ୍ୟବହାର କରାଯାଏ। ଏହାକୁ କୁହାଯାଏ କିଓରିଂ ମିଟ୍। ଏହା ହାମ୍, ସସେଜ୍, ହଟ୍ ଡଗ୍, ଶୁଷ୍କ ଗୋମାଂସ ବା ତୁର୍କୀ ଜର୍କୀ, ସାଲାମି ଆଦି ପ୍ରକ୍ରିୟାକୃତ ମାଂସରେ ଦେଖିବାକୁ ମିଳେ। ଉକ୍ତ ନାଇଟ୍ରେଟ୍‌ଯୁକ୍ତ ଖାଦ୍ୟର କ୍ୟାନ୍‌ସର ଓ ସ୍ନାୟୁରୋଗ ସହ ମଧ୍ୟ ସମ୍ବନ୍ଧ ରହିଛି।

ବୈଜ୍ଞାନିକମାନେ ମୂଷା ଉପରେ ମଧ୍ୟ ନାଇଟ୍ରେଟ୍‌ର ପ୍ରୟୋଗ କରି ସମାନ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ମୂଷାମାନଙ୍କୁ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇବାକୁ ଦେବାରୁ ଦୁଇ ସପ୍ତାହ ଭିତରେ ସେମାନଙ୍କଠାରେ ଅତିଶୟ କ୍ରିୟାଶୀଳତା, ଅନିଦ୍ରା, ପାଗଳାମି ଆଦି ଦେଖିବାକୁ ମିଳିଥିଲା। ଏହି ମୂଷାମାନଙ୍କର ଖାଦ୍ୟନଳୀରେ ଥିବା ଅଣୁଜୀବଙ୍କଠାରେ ମଧ୍ୟ ପରିବର୍ତ୍ତନ ଦେଖାଯିବା ସହ ସେମାନଙ୍କ ମସ୍ତିଷ୍କର ପାଥ୍‌ୱେ (ପଥ)ରେ ମଧ୍ୟ ପରିବର୍ତ୍ତନ ଦେଖାଗଲା, ଯାହା ମଣିଷଙ୍କ ଦ୍ୱିଧ୍ରୁବୀୟ ବିଶୃଙ୍ଖଳା କ୍ଷେତ୍ରରେ ଘଟିଥାଏ। ଯେଉଁ ମୂଷାଙ୍କୁ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇବାକୁ ଦିଆଯାଇ ନ ଥିଲା, ସେମାନଙ୍କଠାରେ ଏପରି ବିଶୃଙ୍ଖଳା ଦେଖିବାକୁ ମିଳି ନ ଥିଲା।

ଜିନୀୟ କାରଣ ଛଡ଼ା ମାନସିକ ସ୍ୱାସ୍ଥ୍ୟ ଲାଗି ଖାଦ୍ୟର ମଧ୍ୟ ଭୂମିକା ରହିଛି ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରିବାକୁ ଆରମ୍ଭ କରିଛନ୍ତି। ଜନ୍ ହପ୍‌କିନ୍ସ ଗବେଷକମାନଙ୍କ ମତରେ ପାଗଳାମି ଓ ଅନ୍ୟ ମସ୍ତିଷ୍କ ବିଭ୍ରାଟ ପାଇଁ ଖାଦ୍ୟନଳୀରେ ଥିବା ଅଣୁଜୀବମାନେ ଦାୟୀ ହୋଇପାରନ୍ତି। କାରଣ ସେମାନେ ଉଦର ପ୍ରଦାହ ସୃଷ୍ଟି କରନ୍ତି। ତେଣୁ ଯେଉଁମାନଙ୍କଠାରେ ଏଭଳି ପାଗଳାମି ଦେଖାଯାଉଛି, ସେମାନେ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ଗବେଷକମାନେ ମତ ଦେଇଛନ୍ତି।

ଖାଦ୍ୟରେ ନାଇଟ୍ରେଟ୍ ରହିଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ, ଯାହାର ଉଦର ପ୍ରଦାହ ସହ ସମ୍ବନ୍ଧ ଅଛି। ଅନ୍ୟ ଗବେଷଣାରୁ ମଧ୍ୟ ଜଣାପଡ଼ିଛି ଯେ, ପାଗଳାମିର ଲକ୍ଷଣ ଥିବା ଲୋକମାନଙ୍କ ଶରୀରରେ ପ୍ରଦାହ ଦେଖିବାକୁ ମିଳେ। ୟୋଲ୍‌କେନ୍‌ଙ୍କ ଦଳ ପୂର୍ବରୁ କରିଥିବା ଅନ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁ ମାନିଆ (ଉନ୍ମାଦ) ରୋଗୀମାନଙ୍କୁ ପ୍ରୋବାୟୋଟିକ୍ସ (ଉପକାରୀ ବୀଜାଣୁଯୁକ୍ତ ଔଷଧ) ଦିଆଯାଏ, ସେମାନେ ପୁନଶ୍ଚ ହସ୍ପିଟାଲ ଆସିବାର ଆବଶ୍ୟକତା ପଡ଼େ ନାହିଁ କାରଣ ଏହା ପେଟରେ ଥିବା ଅଣୁଜୀବଙ୍କ ଉପରେ ପ୍ରଭାବ ପକାଏ। ପେଟରେ ଥିବା ଅଣୁଜୀବ ମସ୍ତିଷ୍କକୁ ପ୍ରଭାବିତ କରୁଥିବାର ଦିନକୁ ଦିନ ନୂଆ ନୂଆ ପ୍ରମାଣ ମିଳିବାରେ ଲାଗିଛି ବୋଲି ୟୋଲ୍‌କେନ୍ ପ୍ରକାଶ କରିଛନ୍ତି। ୨୦୧୬ର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମାଇଗ୍ରେନ୍ ମୁଣ୍ଡବିନ୍ଧା ଥିବା ଲୋକଙ୍କ ପାକସ୍ଥଳୀରେ ନାଇଟ୍ରେଟ୍ ଅବଶୋଷଣ କରୁଥିବା ବୀଜାଣୁ ସଂଖ୍ୟା ଅଧିକ ଥାଏ। ନାଇଟ୍ରୋଜେନ୍ ଯୌଗିକ ହିଁ ପାକସ୍ଥଳୀରେ ଜୀବାଣୁଙ୍କୁ ପ୍ରଭାବିତ କରେ। ପରିବର୍ତ୍ତିତ ବୀଜାଣୁ ଅଧିକ ନାଇଟ୍ରେଟ୍ ହଜମ କରିବାରେ ସାହାଯ୍ୟ କରନ୍ତି। ତାହା ଅଧିକ ରକ୍ତ ଛାଣିବା କାମ କରିବାରୁ ମାଇଗ୍ରେନ୍ ମୁଣ୍ଡବିନ୍ଧା ହୋଇଥାଏ।

ଆଉ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦ୍ୱିଧ୍ରୁବୀୟ ସମସ୍ୟା ଥିବା ଲୋକମାନଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯିବାରୁ ସେମାନଙ୍କ ସମସ୍ୟାରେ ସୁଧାର ଆସିଛି। ଏହି ଆଣ୍ଟିବାୟୋଟିକ୍ସ ପେଟରେ ଥିବା ବୀଜାଣୁଙ୍କୁ ମାରିଦେବା ଫଳରେ ଏହା ସମ୍ଭବ ହୋଇଛି। ଏଥିରୁ ମାନସିକ ସ୍ୱାସ୍ଥ୍ୟ ସହ ଯେ ବୀଜାଣୁମାନଙ୍କର ସମ୍ପର୍କ ଅଛି ତାହା ପ୍ରମାଣିତ ହୋଇଛି।

ଜନ୍ସ ହପ୍‌କିନ୍ସ ବୈଜ୍ଞାନକ ଗବେଷଣାରୁ ଯାହା ପ୍ରମାଣ କରିଛନ୍ତି, ତାହା ମାତାପିତାମାନେ ସ୍ୱାଭାବିକ ଭାବେ ଜାଣିପାରନ୍ତି। ପିଲାଙ୍କୁ ସେମାନେ ଦେଉଥିବା ଖାଦ୍ୟ ପିଲାଙ୍କ ମନୋଭାବରେ ପରିବର୍ତ୍ତନ ଆଣୁଥିବା ସେମାନେ ଜାଣିଥାନ୍ତି। ପିଲାମାନଙ୍କୁ ଅଧିକ ମିଠା ଖାଇବାକୁ ଦେଲେ ସେମାନଙ୍କଠାରେ ମାତ୍ରାଧିକ ସକ୍ରିୟତା, ମାନ୍ଦାପଣ ଓ ଶୋଇବାରେ ସମସ୍ୟା ଦେଖାଯାଏ। କ୍ଷୀର ବା କ୍ଷୀରଜାତ ଖାଦ୍ୟ ଖାଇବାକୁ ଦେଲେ ପିଲାଙ୍କଠାରେ ଚିଡ଼ିଚିଡ଼ା, ବିରକ୍ତି ଓ ଆକ୍ରମଣାତ୍ମକ ଭାବ ଦେଖିବାକୁ ମିଳିପାରେ। କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ପିଲାଙ୍କଠାରେ ଏଡିଏଚ୍‌ଡି (ବ୍ୟବହାରଗତ ବିଶୃଙ୍ଖଳା), ଉଦ୍‌ବେଗ, ଅଧିକ ସକ୍ରିୟତା ଓ ମୁଣ୍ଡବିନ୍ଧା ସୃଷ୍ଟି କରିଥାଏ। ମିଠାରେ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଏ। ମାଆବାପାମାନେ ଭାବନ୍ତି ଯେ ମିଠା ଖାଇବା ଯୋଗୁ ପିଲାଠାରେ ଏପରି ଲକ୍ଷଣ ପ୍ରକାଶ ପାଉଛି। କିନ୍ତୁ ପ୍ରକୃତରେ ମିଠା ନୁହେଁ, କୃତ୍ରିମ ରଙ୍ଗ ହିଁ ଏହାର କାରଣ। ବିଭିନ୍ନ ପାଉଁରୁଟି ଓ ଦହିରେ ବି କୃତ୍ରିମ ରଙ୍ଗ ଛଦ୍ମରୂପରେ ଥାଏ, ଯାହା ଆମେ ଜାଣିପାରୁ ନାହିଁ। ପିଲାର ବ୍ୟବହାରଗତ ପରିବର୍ତ୍ତନ ପାଇଁ ଯଦି ଆପଣ ଚିନ୍ତିତ, ତା'ହେଲେ ତାକୁ ୟେଲୋ ନଂ ୫, ରେଡ୍ ନଂ ୪୦ ଓ ବ୍ଲୁ ନଂ ୧ ପରି ରଙ୍ଗଯୁକ୍ତ ଖାଦ୍ୟ ଦିଅନ୍ତୁ ନାହିଁ। ନାଇଟ୍ରେଟ୍, ନାଇଟ୍ରାଇଟ୍, ସୋଡିୟମ୍ ବେଞ୍ଜୋଏଟ୍ (ପିଲାଙ୍କ ଜୁସ୍‌ରେ ଥାଏ) ପିଲାମାନଙ୍କଠାରେ ବ୍ୟବହାରଗତ ପରିବର୍ତ୍ତନ ପାଇଁ ଦାୟୀ। ମନୋସୋଡିୟମ୍ ଗ୍ଲୁଟାମେଟ୍ (ଏମ୍‌ଏସ୍‌ଜି) ହେଉଛି ଏକ ପ୍ରକାର ସ୍ୱାଦ ବୃଦ୍ଧିକାରକ, ଯାହା ବ୍ୟବହାରଗତ ପରିବର୍ତ୍ତନ, ଅଧିକ ସକ୍ରିୟତା, ମୁଣ୍ଡବିନ୍ଧା ପ୍ରଭୃତି ସୃଷ୍ଟି କରିଥାଏ। ଯଦି ଆପଣ ନିଜ ପିଲାଙ୍କଠାରେ ବ୍ୟବହାର ଓ ମିଜାଜରେ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି, ତେବେ ଏକ ଫୁଡ୍ ଜର୍ନାଲ ପାଖରେ ରଖନ୍ତୁ। ପିଲାଙ୍କୁ କି କି ଖାଦ୍ୟ ଦେଉଛନ୍ତି ଓ ତାହା କି ପ୍ରଭାବ ପକାଉଛି ଲକ୍ଷ୍ୟ ରଖନ୍ତୁ। ମାନସିକ ରୋଗଠାରୁ ଦୂରରେ ରହିବାର ମୂଳସୂତ୍ର ହେଉଛି ରଙ୍ଗଯୁକ୍ତ ଖାଦ୍ୟ ଓ ପ୍ରକ୍ରିୟାକୃତ ମାଂସ ନ ଖାଇବା। ଆଦୌ ମାଂସ ନ ଖାଇବା ସବୁଠାରୁ ଭଲ।

Email: gandhim@nic.in

# ନାନା ଧର୍ମ, ନାନା ଦେଶରେ ବିନାୟକ

ବ୍ରହ୍ମାନନ୍ଦ ପଣ୍ଡା

ପୁରାଣ ମତରେ ଭାଦ୍ର କୃଷ୍ଣ ଚତୁର୍ଥୀରେ ଗଣେଶଙ୍କର ଜନ୍ମ ଏବଂ ଭାଦ୍ର ଶୁକ୍ଳ ଚତୁର୍ଥୀରେ ତାଙ୍କର ଗଜାନନ ରୂପରେ ଜୀବନ୍ୟାସ ହୋଇଥିଲା। ଏଥିପାଇଁ ମତାନ୍ତର ସହ ବିଭିନ୍ନ ସ୍ଥାନରେ ଭାଦ୍ର କୃଷ୍ଣ ଓ ଶୁକ୍ଳ ଚତୁର୍ଥୀରେ ଗଣେଶଙ୍କର ପୂଜା କରାଯାଏ। ଭିନ୍ନ ମତ ଅନୁସାରେ ମାଘ ଶୁକ୍ଳ ଚତୁର୍ଥୀରେ ମଧ୍ୟ ଗଣେଶ ପୂଜା କରାଯାଏ। ଗଣେଶଙ୍କ ଷୋଡ଼ଶ ଉପଚାର ପୂଜାରେ ଜଳ, ଦଧି, କୁଶ, ଦୂବ, ପୁଷ୍ପ, ଅକ୍ଷତ, କୁଙ୍କୁମ, ହଳଦିଆ ସୋରିଷ ଏବଂ ସୁପାରି ମିଶ୍ରଣ ଅର୍ଘ୍ୟ ରୂପେ ଦିଆଯାଏ। ପ୍ରିୟ ଦ୍ରବ୍ୟ ଦୂବ। ଗଣେଶ ସମସ୍ତ ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ କର୍ମରେ ବିଘ୍ନନାଶକ ଓ ସଂକଟ ମୋଚନକାରୀ ହୋଇଥିବାରୁ ପ୍ରତ୍ୟେକ ମାସ ଶୁକ୍ଳ ଚତୁର୍ଥୀରେ ମଧ୍ୟ ଗଣେଶ ପୂଜା କରାଯାଇଥାଏ, ଯାହାକୁ ବିନାୟକ ଚତୁର୍ଥୀ ବା ଗୌରୀଗଣେଶ ଚତୁର୍ଥୀ କୁହାଯାଏ।

ବିନାୟକଙ୍କ ବୃହତ୍ କର୍ଣ୍ଣ ଯୁଗଳ ଦ୍ୱାରା ସେ ବହୁତ ଶୁଣନ୍ତି ଏବଂ କମ୍ କୁହନ୍ତି। ସେଥିପାଇଁ କୁହାଯାଏ- Listener is gold, talker is silver. ହାତୀର ଆଖି ଛୋଟ। ଛୋଟ ଆଖିରେ ବିନାୟକ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖନ୍ତି।

ଏକଦା ଦେବତାମାନଙ୍କ ମଧ୍ୟରେ 'କିଏ ଅଗ୍ରପୂଜ୍ୟ' ହେବେ, ତା' ଉପରେ ବିତର୍କ ହେଲା। ସେଥିପାଇଁ ଦେବ ସେନାପତି କାର୍ତ୍ତିକେୟ ଓ ଗଣେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲା। ସର୍ତ୍ତ ଥିଲା, ଯିଏ ତିନିଥର ବିଶ୍ୱ ପରିକ୍ରମଣ କରି ଭଗବାନ ଶିବଙ୍କ ପାଖରେ ପ୍ରଥମେ ପହଞ୍ଚିବ, ସେ ହିଁ ଅଗ୍ରପୂଜ୍ୟ ହେବ। କାର୍ତ୍ତିକେୟ ତାଙ୍କ ମୟୂର ବାହନରେ ତିନିଥର ବିଶ୍ୱ ପରିକ୍ରମଣ କରି ଶିବଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବୁଦ୍ଧିମାନ ଗଣେଶ ତାଙ୍କ ମୂଷିକ ବାହନରେ ତିନିଥର ଜଗତର ପିତାମାତା ଶିବପାର୍ବତୀଙ୍କୁ ପରିକ୍ରମଣ କରିଥିଲେ। ଗଣେଶ ବିଜେତା ବୋଲି ଦାବି କରନ୍ତେ କ୍ରୋଧୀ କାର୍ତ୍ତିକେୟ ତାଙ୍କର ଏକ ଦାନ୍ତ ଭାଙ୍ଗି ଦେଇଥିଲେ। ମାତ୍ର ଧୀ ଓ ଧୈର୍ଯ୍ୟବନ୍ତ ଗଣେଶଙ୍କର ଯୁକ୍ତି ଥିଲା, ପିତାମାତା ବିଶ୍ୱ ବ୍ରହ୍ମାଣ୍ଡରେ ସବୁଠାରୁ ଶ୍ରେଷ୍ଠ। ବିଶ୍ୱ ବ୍ରହ୍ମାଣ୍ଡର ସବୁ ଦେବ ପିତା ଶିବଙ୍କର ଆଶ୍ରିତ। ପଦ୍ମ ପୁରାଣ ପ୍ରମାଣ ଦିଏ- ''ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ।'' ପିତାଙ୍କଠାରୁ ମାତା ଶତଗୁଣ ବଡ଼- 'ପିତୁଃ ଶତଗୁଣଂ ମାତା'। ପିତାମାତା ରୂପକ ବ୍ରହ୍ମାଣ୍ଡ ଚତୁଃପାର୍ଶ୍ୱରେ ତ୍ରିବାର ଘୂର୍ଣ୍ଣନ କରି ସେ ପ୍ରଥମେ ସର୍ତ୍ତ ପୂରଣ କରିଛନ୍ତି। ଶେଷରେ କାର୍ତ୍ତିକେୟଙ୍କର ଶକ୍ତି, ସାମର୍ଥ୍ୟ, ଗର୍ବ ଓ ଅହଂକାର ଉପରେ ଗଣେଶଙ୍କର ବିଦ୍ୟା, ବୁଦ୍ଧି, ଧୈର୍ଯ୍ୟ ଓ ପିତୃଭକ୍ତିର ବିଜୟ ହେଲା। ସମସ୍ତ ଦେବତା ଏକମତ ହୋଇ ଏକଦନ୍ତ ଗଣେଶଙ୍କୁ ଅଗ୍ରପୂଜ୍ୟ ଦେବତା ରୂପେ ଘୋଷଣା କଲେ।

ବିବାହାଦି ସମସ୍ତ ମାଙ୍ଗଳିକ କର୍ମରେ ପ୍ରଥମେ ବିଘ୍ନନାଶକ ଗଣେଶ ଓ ପରେ ଅନ୍ୟ ଦେବତାଙ୍କର ଆବାହନ ଓ ପୂଜା କରାଯାଏ। ମହାଲକ୍ଷ୍ମୀ ଆଦି ଅନ୍ୟ ଦେବଦେବୀଙ୍କ ପୂଜାରେ ମଧ୍ୟ ଗଣେଶଙ୍କୁ ଆବାହନ କରାଯାଏ। ଗଣେଶ ପ୍ରମାଣ କଲେ ଯେ, ବିଶ୍ୱବ୍ରହ୍ମାଣ୍ଡରେ ପିତାମାତା ହିଁ ସର୍ବଶ୍ରେଷ୍ଠ ଓ ପୂଜ୍ୟ। ଏଣୁ ସମସ୍ତ କର୍ମରେ ପିତୃପୁରୁଷଙ୍କ ଆଶୀର୍ବାଦ ପାଇବା ପାଇଁ ନାନ୍ଦିମୁଖୀ ଶ୍ରାଦ୍ଧ କରାଯାଏ। ତା'ପରେ ପିତାମାତାଙ୍କ ଆଶୀର୍ବାଦ ନେଇ ଶୁଭକର୍ମ ଆରମ୍ଭ ହୁଏ। ଶାସ୍ତ୍ରରେ ଅଛି- କଳୌ ଚଣ୍ଡିବିନାୟକୌ। ଅର୍ଥାତ୍ କଳିଯୁଗରେ ଚଣ୍ଡୀ ଓ ବିନାୟକ ଶ୍ରେଷ୍ଠ ଓ ଶୀଘ୍ର ଫଳଦାତା। ପ୍ରାୟ ସମସ୍ତ ମନ୍ତ୍ରରେ ଭଗବାନ ଗଣେଶ ଓଁ ରୂପରେ ପ୍ରଥମେ ବିଦ୍ୟମାନ।

ଗଣେଶ ମିଠା ବା ମୋଦକପ୍ରିୟ। ଆଧୁନିକ ଯୁଗରେ ତାହା ମଧୁମେହର କାରଣ। ମାତ୍ର ଗଣେଶ କଇଥ ଓ ଜାମୁକୋଳି ପ୍ରିୟ, ଯାହା ମଧୁମେହ ରୋଗର ଅବ୍ୟର୍ଥ ଔଷଧ। ଗଣେଶଙ୍କ ପ୍ରଣାମ ମନ୍ତ୍ରରେ ଅଛି- ''ଗଜାନନ ଭୂତଗଣାଦି ସେବିତମ୍ କପିତ୍‌ଥଜମ୍ବୁଫଳ ଚାରୁ ଭକ୍ଷଣମ୍, ଉମାସୁତଂ ଶୋକବିନାଶକାରକଂ ନମାମି ବିଘ୍ନେଶ୍ୱରପାଦପଙ୍କଜମ୍।'' ଗଣେଶଙ୍କର ବାହନ ମୂଷିକ ଅଜ୍ଞାନ, ଅନ୍ଧକାର ଓ ଅବିଦ୍ୟାର ସୂଚକ। ତା' ଉପରେ ଆରୋହଣ କରି ଗଣେଶ ଭକ୍ତଙ୍କର ଅଜ୍ଞାନ, ଅନ୍ଧକାର ଏବଂ ମାୟାମୋହରୂପକ ଅବିଦ୍ୟା ନାଶ କରନ୍ତି। ଗଣେଶ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ମମତା ଓ ଅହଂକାର ରୂପକ ଅଷ୍ଟ ଅସୁରଙ୍କୁ ଦମନ କରିଥିଲେ।

ଅଥର୍ବ ଶୀର୍ଷ ଓ ମୁଦ୍‌ଗଲ ପୁରାଣ ଅନୁସାରେ ଓଁ ସ୍ୱରୂପ ଭଗବାନ ଗଣେଶଙ୍କର ଚିହ୍ନ ଏପରି ଅଙ୍କିତ ହୁଏ ଯେ ପ୍ରତ୍ୟେକ ଦିଗରୁ ଦେଖିଲେ ଓଁ ଅକ୍ଷର ଦୃଶ୍ୟ ହୁଏ। ଏହାର ଅଙ୍କନ କ୍ଳିଷ୍ଟ ହୋଇଥିବାରୁ ଏଥିରୁ ସ୍ୱସ୍ତିକ୍ ଚିହ୍ନର ଉଦ୍ଭବ ହେଲା। ଜର୍ମାନ ଲୋକମାନେ ସ୍ୱସ୍ତିକ୍‌ରେ ଥିବା ବିନ୍ଦୁ ଲୋପ କରି ଆର୍ଯ୍ୟତ୍ୱର ପ୍ରତୀକ ଭାବେ ଗ୍ରହଣ କଲେ। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସ୍ୱସ୍ତିକ୍‌ରୁ କ୍ରସ୍ ସୃଷ୍ଟି କଲେ। ଇସ୍‌ଲାମ ଧର୍ମାବଲମ୍ବୀମାନେ ଭାଲଚନ୍ଦ୍ର ରୂପେ ଗଣ୍ୟ ଗଣେଶଙ୍କ ମସ୍ତକରେ ଥିବା ଚନ୍ଦ୍ରକଳାକୁ ଧର୍ମର ପ୍ରତୀକ ଭାବରେ ଗ୍ରହଣ କରିନେଲେ। ବୌଦ୍ଧଧର୍ମର ମହାଜନ ପନ୍ଥଙ୍କ ଦ୍ୱାରା ଭାରତ ଓ ଭାରତ ବାହାରେ ବିନାୟକ ପୂଜାର ପ୍ରସାର ହେଲା। ନେପାଳରେ ବିନାୟକ ଓ ହେରମ୍ବ ରୂପରେ, ଚାଇନାରେ ବିନାୟକ ଓ କାଙ୍ଗିନେନ୍ ନାମରେ ଗଣେଶ ପୂଜା ହୁଏ। ମୁସଲମାନ ଦେଶ ଇଣ୍ଡୋନେସିଆର ମୁଦ୍ରାରେ ମଧ୍ୟ ବିନାୟକଙ୍କ ଛବି ସ୍ଥାନ ପାଇଛି। ଗଣଦେବତା ଗଣେଶଙ୍କ ପୂଜା ଗଣପୂଜା ଭାବରେ ବିଶ୍ୱବ୍ୟାପ୍ତ ହୋଇଛି। ହିନ୍ଦୁ ଧର୍ମରେ ଶାକ୍ତ ବୈଷ୍ଣବ, ସୌର, ଶୈବ ଓ ଗାଣପତ୍ୟ ପାଞ୍ଚ ଗୋଷ୍ଠୀ ଥିଲେ ବି ସିଦ୍ଧି ଓ ଋଦ୍ଧିଦାତା ଗଣେଶ ସର୍ବଜନ ପୂଜିତ। ମନୁଷ୍ୟ ଯେତେ ସଭ୍ୟ, ଶିକ୍ଷିତ, ଉନ୍ନତ, ବିକଶିତ ଓ ସଫଳ ମାର୍ଗରେ ଗତି କରୁଛି ତତୋଽଧିକ ବାଧା, ବିଘ୍ନ, ଆଧି ଓ ବ୍ୟାଧିର ସମ୍ମୁଖୀନ ହେଉଛି ଏବଂ ବିଘ୍ନନାଶକ, ଦୁଃଖଶୋକହାରକ ଗଣେଶଙ୍କ ପୂଜାର ମାହାତ୍ମ୍ୟ ସେତେ ବଢ଼ିଚାଲିଛି। ଗଣେଶ ପୂଜା ଜାତୀୟ ଐକ୍ୟ ଓ ସଂହତି ରକ୍ଷାକାରୀ ଏକ ଜାତୀୟ ପର୍ବର ମର୍ଯ୍ୟାଦା ହାସଲ କରିଛି।

ୱବି/ୱ୦୨, ଏସ୍‌ଆର୍ ରେସିଡେନ୍ସି, ଓରକଳ, ଭୁବନେଶ୍ୱର, ମୋ-୮୨୪୯୬୯୭୯୪୪

## ଏଇ ଭାରତରେ

ପରିସ୍ଥିତିରେ ପଡ଼ି ମଣିଷ କିପରି ଅପରାଧ କରେ ତାହା ମଧ୍ୟପ୍ରଦେଶ ଭୋପାଳ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କଠାରୁ ଜଣାପଡ଼ିଛି। ଟେଲରିଂ କାମ କରୁଥିବା ଜଣେ ବ୍ୟକ୍ତି ପୋଲିସ ହାତରେ ଧରାପଡ଼ିବା ପରେ ତାଙ୍କର ଅପରାଧ କାର୍ଯ୍ୟକଳାପର ଲମ୍ବା ତାଲିକା ପ୍ରକାଶ ପାଇଛି। ପ୍ରଥମେ କିଛି ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ ଅପରାଧ କାର୍ଯ୍ୟରେ ସାମିଲ ହୋଇଥିବା ଆଦେଶ ଖମ୍ବ୍ରା ନାମକ ଜଣେ ବ୍ୟକ୍ତି ପରେ ନିଜ ପୁଅର ଚିକିତ୍ସା ନିମନ୍ତେ ଏକାଧିକ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ୨୦୧୦ରୁ ଇତିମଧ୍ୟରେ ଖମ୍ବ୍ରା ୩୦ଜଣ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ହତ୍ୟା କରିଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ରାଜପଥରେ ଯାଉଥିବା ଟ୍ରକ୍ ଗୁଡ଼ିକୁ ବିଭିନ୍ନ ସ୍ଥାନରେ ଅଟକାଇ ପ୍ରଥମେ ଟ୍ରକ୍‌ର ଡ୍ରାଇଭର ଓ ହେଲ୍‌ପରଙ୍କ ସହ ବନ୍ଧୁତା ସ୍ଥାପନ କରିଥାନ୍ତି। ପରେ ସେମାନଙ୍କୁ ନିଶା ଦେଇ ନିଜର ସହଯୋଗୀଙ୍କ ସହ ମିଶି ଡ୍ରାଇଭର ଓ ହେଲ୍‌ପରଙ୍କୁ ଜଙ୍ଗଲ ମଧ୍ୟକୁ ନେଇ ସେଠାରେ ହତ୍ୟା କରି ପୋତି ଦେଉଥିଲେ। ପରେ ଟ୍ରକ୍ ଏବଂ ସେଥିରେ ଥିବା ଜିନିଷକୁ ଚୋରାରେ ବିକ୍ରି କରିଦେଉଥିଲେ। ଏଥିପାଇଁ ଖମ୍ବ୍ରାଙ୍କୁ ଥରକୁ ୫୦ହଜାର ଟଙ୍କା ଲେଖାଏ ମିଳୁଥିଲା। ନିକଟରେ ଏକ ଟ୍ରକ୍ ଲୁଟ୍ ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି ପଚରାଉଚରା କରିବାବେଳେ ଉକ୍ତ ଲୁଟ୍‌ରେ ଖମ୍ବ୍ରାଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ପରେ ଖମ୍ବ୍ରାଙ୍କୁ ଗିରଫ କରିବା ପରେ ସମସ୍ତ କଥା ଜଣାପଡ଼ିଥିଲା। ପୁଅର ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ଅପରାଧ କରୁଥିଲେ ବୋଲି ବୋଲି ଖମ୍ବ୍ରା କହିଛନ୍ତି।

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ।

(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | 7 | | | | 5 | B | | D | | |
| | | 2 | | A | | 0 | | 5 | | | 9 | | | B |
| | | A | 3 | | B | | | | | | | | | E |
| | 3 | | | | | | C | | 1 | 8 | | | | 2 |
| E | 1 | | | C | 5 | 6 | 8 | 7 | 3 | | | | | |
| | 2 | | 1 | B | | | | C | | | | | | |
| | 0 | | | | | 7 | | | E | 2 | | | | |
| | | | | | 4 | 8 | | | | | A | | 0 | |
| B | D | 4 | C | 2 | 0 | A | | | 6 | 3 | | 1 | | |
| C | | | | 3 | | | | 4 | 0 | | | 6 | | 9 |
| 1 | E | | | 6 | | | | 8 | | | | | | |
| | | | | 9 | 1 | E | | | | | 4 | | | 6 |
| | | D | | | 2 | | 7 | | | E | | C | A | |
| 9 | 8 | | 7 | | | | | 2 | | | | 3 | | 5 |
| A | | 0 | 4 | | | | 3 | | | C | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 2 | 9 | A | 8 | 0 | B | 3 | C | 6 | E | 5 | 4 | 1 | D |
| 5 | 0 | B | 6 | 7 | 2 | E | 9 | A | 4 | D | 1 | 3 | 8 | C |
| 3 | C | D | B | 1 | 5 | 4 | 7 | 8 | 0 | A | 2 | 6 | 9 | E |
| 6 | 1 | 8 | 3 | 4 | E | D | 5 | 0 | B | 9 | C | 2 | 7 | A |
| E | 4 | A | C | D | 9 | 2 | 6 | 1 | 7 | 3 | 8 | 5 | B | 0 |
| B | 8 | 6 | E | C | A | 0 | 2 | D | 1 | 7 | 3 | 9 | 5 | 4 |
| 1 | 7 | 2 | 4 | 5 | 6 | 8 | E | 9 | A | 0 | B | C | D | 3 |
| 4 | A | 5 | 8 | 9 | 3 | 1 | C | B | D | 6 | E | 0 | 2 | 7 |
| 0 | 9 | E | D | 2 | 1 | 3 | A | 7 | C | 5 | 4 | 8 | 6 | B |
| C | D | 3 | 7 | 0 | B | 5 | 4 | 6 | 8 | 2 | 9 | E | A | 1 |
| 9 | 3 | 0 | 1 | E | C | A | 8 | 2 | 5 | B | 7 | D | 4 | 6 |
| A | B | 4 | 5 | 3 | D | 7 | 0 | E | 9 | 8 | 6 | 1 | C | 2 |
| D | 5 | 7 | 2 | A | 8 | 6 | 1 | 4 | E | C | 0 | B | 3 | 9 |
| 8 | 6 | C | 0 | B | 4 | 9 | D | 3 | 2 | 1 | A | 7 | E | 5 |
| 2 | E | 1 | 9 | 6 | 7 | C | B | 5 | 3 | 4 | D | A | 0 | 8 |

ଗତକାଲିର ଉତ୍ତର

# ଚକ୍ରି ଦୋଳି

ବିଚିତ୍ର ବିଶ୍ୱାଳ

ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନର ବାସ୍ତବ ପରିଣତି ଓ ସରକାରଙ୍କ ଘୋଷଣା ଭିତରେ ଥିବା ଆକାଶପାତାଳ ପ୍ରଭେଦ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ମାମେଲାକାଙ୍କ ଅଭିଜ୍ଞତାରୁ ଭଲଭାବେ ବୁଝି ହେବ। ସମ୍ପ୍ରତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ନରେଗା)କୁ ସବୁଠାରୁ ଅଧିକ ଫଳପ୍ରଦ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଭାବେ ପରିଗଣିତ କରାଯାଉଥିବା ବେଳେ ତାହାର ବାସ୍ତବ ପରିସ୍ଥିତି ଯେତିକି ହାସ୍ୟାସ୍ପଦ ସେତିକି ଦୁର୍ଭାଗ୍ୟଜନକ। ବେକାରମାନଙ୍କ କର୍ମନିଯୁକ୍ତି କଥା ଉଠିବା ମାତ୍ରେ ସରକାରରେ ଥିବା ନେତା, ମନ୍ତ୍ରୀ ଓ ଅଫିସରମାନେ ସଙ୍ଗେ ସଙ୍ଗେ ନରେଗା ଯୋଜନାରେ କେତେକୋଟି ଟଙ୍କା ଖର୍ଚ୍ଚ ହେଉଛି, ସେ ହିସାବ ଦେବାକୁ ବାହାରି ପଡୁଛନ୍ତି। କିନ୍ତୁ ବାସ୍ତବ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ନରେଗା ଏବେ କେବଳ ଧନୀ ଜେସିବି ମାଲିକମାନଙ୍କୁ ହିଁ ରୋଜଗାର ଯୋଗାଇ ଦେଉଥିବା ବେଳେ ଗାଁର ଗରିବ ଲୋକମାନଙ୍କର ନାଁ ଓ ପାସ୍‌ବୁକ୍ ହିଁ କେବଳ ସେଥିପାଇଁ ବ୍ୟବହାର ହେଉଛି। ପରିସ୍ଥିତି ଏପରି ହୋଇଛି ଯେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ନରେଗା ଜବ୍‌କାର୍ଡକୁ ଲୋକମାନେ ତିନିଶହ ଟଙ୍କାରେ ଠିକାଦାରକୁ ଦେଉଛନ୍ତି। ଲୋକମାନେ ଭାବୁଛନ୍ତି କିଛି ନ ମିଳିବା ଅପେକ୍ଷା ତିନିଶହ ଟଙ୍କା ମିଳିଯିବା ଭଲ। ମେଶିନ୍‌ରେ ହେଉଥିବା କାର୍ଯ୍ୟକୁ ଠିକାଦାର ଲୋକମାନଙ୍କ ଜବ୍‌କାର୍ଡରେ ଚଢ଼ାଉଛି। ବ୍ୟାଙ୍କ୍‌ରେ ଟଙ୍କା ଜମା ହେବା ପରେ ଠିକାଦାର ଉପସ୍ଥିତିରେ ଲୋକମାନେ ଟଙ୍କା ଉଠାଉଛନ୍ତି ଓ ଠିକାଦାର ସେମାନଙ୍କୁ ଜବ୍‌କାର୍ଡ ପିଛା ତିନିଶହ ଟଙ୍କା ଦେଇ ବାକି ଟଙ୍କା ନିଜେ ନେଉଛି। ଏକଥା ପ୍ରଶାସନିକ ଅଧିକାରୀଙ୍କୁ ଜଣା ନ ଥାଇପାରେ। ସମ୍ପ୍ରତି ଦ୍ରୁତଗତିରେ ଲୋକମାନେ ନରେଗା କାମରୁ ମୁହଁ ଫେରାଉଛନ୍ତି। କାରଣ ନରେଗା, ସ୍ଥାନୀୟ ଭାଷାରେ ଯାହାକୁ କୁଲିକାମ କୁହାଯାଉଛି, ତା'ର ମଜୁରି ପାଇବା ପାଇଁ ଲୋକମାନଙ୍କୁ ୬ ମାସରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ଅନେକ ସମୟରେ ଏହା ବର୍ଷକରୁ ମଧ୍ୟ ଗଡ଼ି ଯାଉଛି। ଏପରି ପରିସ୍ଥିତିରେ ଲୋକମାନେ ଏଭଳି ସରକାରୀ କାମକୁ ଯିବା ଅପେକ୍ଷା କମ୍ ମଜୁରିରେ ସାହୁକାର କାମକୁ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଷମକଟକ ବ୍ଲକ୍‌ର ତାଡ଼ ଗ୍ରାମର ମାମେଲାକାଙ୍କ କୁଲିକାମକୁ ନେଇ ଅଙ୍ଗେନିଭା ଅନୁଭୂତି ସରକାରଙ୍କ ନରେଗା ଯୋଜନାର ଅସଲ ଚେହେରାକୁ ପରିପ୍ରକାଶ କରୁଛି।

ଜବ୍‌କାର୍ଡ ପାଇବାର ପ୍ରାୟ ଦୁଇବର୍ଷ ପରେ ପ୍ରଥମ କରି କାମ ମିଳିଲା ମାମେଲାକାଙ୍କୁ। ତା' ସହିତ ତାଙ୍କ ଗାଁର ଆହୁରି ପଚିଶ ତିରିଶ ଜଣ ବି ସେହି କାମରେ ଲାଗିଲେ। କାମ ସରିବାର ପ୍ରାୟ ଚାରିମାସ ପରେ ବି ମାମେଲାକା ଓ ଅନ୍ୟ ଲୋକମାନଙ୍କୁ ମଜୁରି ମିଳିଲା ନାହିଁ। ଗରିବ ଆଦିବାସୀ ଲୋକ। ବଞ୍ଚିବା ପାଇଁ ସଞ୍ଜ ବେଳକୁ ମଜୁରି ଦରକାର। ନ ହେଲେ ଖାଇବେ କ'ଣ ? ଚାରିମାସ ଧରି ମଜୁରି ନ ମିଳିଲେ ସେମାନେ ବଞ୍ଚିବେ କେମିତି! ଫଳରେ ବାଧ୍ୟ ହୋଇ ମାମେଲାକା ସରପଞ୍ଚ ବାବୁଙ୍କ ପାଖରେ ପହଞ୍ଚିଲେ। ବିଚରା ସରପଞ୍ଚ ବା କରିବେ କ'ଣ! ମାମେଲାକା ଓ ଅନ୍ୟ ଲୋକମାନଙ୍କର ବ୍ୟସ୍ତତାକୁ ଦେଖି ସରପଞ୍ଚ କହିଲେ, ମୁଁ କ'ଣ କରିବି, ବ୍ଲକ୍ ଅଫିସ୍ ଯାଇ ବିଡିଓଙ୍କୁ ଦେଖା କର।

ଦୀର୍ଘ ତିରିଶ କିଲୋମିଟର ବାଟ ବ୍ଲକ୍ ଅଫିସ। ଦି ତିନି ଥର ବ୍ଲକ୍‌କୁ ଯିବା ପରେ ମାମେଲାକା ବିଡିଓଙ୍କ ଭେଟ ପାଇଲେ। ବିଡିଓ ସବୁ ଶୁଣିଲେ ଓ ତା'ପରେ କହିଲେ, କମ୍ପ୍ୟୁଟର ରୁମ୍‌ରେ ବସିଥିବା ବାବୁଙ୍କ ପାଖକୁ ଯାଇ କୁହ। ମାମେଲାକା କାକୁତି ମିନତି ମୁଦ୍ରାରେ ହାତଯୋଡ଼ି କମ୍ପ୍ୟୁଟର ବାବୁଙ୍କ ଆଗରେ ଡରିମରି ଠିଆ ହେଲେ। ମାଉସ୍ ଉପରେ ଆଙ୍ଗୁଠି ଗଡ଼େଇ ଗଡ଼େଇ ପ୍ରାୟ ପାଞ୍ଚ ମିନିଟ୍ ପରେ କମ୍ପ୍ୟୁଟର ବାବୁ ଚାହିଁଲେ ମାମେଲାକା ଆଡ଼କୁ। ତା'ପରେ କହିଲେ, ଏଠି କ'ଣ ମଜୁରି ମିଳିବ! କ୍ୟାଶିୟର୍ ବାବୁଙ୍କୁ ପଚାର।

ସେହିପରି ତିନି ଚାରି ଥର ଯିବା ପରେ ଅନେକ ଚେଷ୍ଟା କରି ମାମେଲାକା ଭେଟିଲେ କ୍ୟାଶିୟର ବାବୁଙ୍କୁ। ସେ କେତେଗୁଡ଼ାଏ କାଗଜପତ୍ର ଦେଖି କହିଲେ ମଜୁରି ଟଙ୍କା ତ ବ୍ୟାଙ୍କ୍ ଖାତାରେ ଡିପୋଜିଟ୍ ହୋଇଯାଇଛି। ବ୍ୟାଙ୍କ୍‌କୁ ଯାଅ। ମାମେଲାକା ଓ ତା' ସହିତ ଯାଇଥିବା ଗାଁର ଅନ୍ୟ ଲୋକମାନେ ଦୌଡ଼ିଲେ ବ୍ୟାଙ୍କ୍‌କୁ। ବ୍ୟାଙ୍କ୍‌ରେ ଲମ୍ବା ଲାଇନ୍ ଟପି ତାଙ୍କ ପାଳି ଆସିବା ପରେ ବ୍ୟାଙ୍କ୍ ଅଫିସର ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ଲୋକମାନଙ୍କୁ ଓ କହିଲେ, ଟଙ୍କା ତ ଖାତାକୁ ଆସିନି। ମୁଁ କେଉଁଠୁ ଦେବି! ସରପଞ୍ଚଙ୍କୁ ଦେଖା କର। ସାଥୀ ଓ ଅନ୍ୟମାନେ ମୁଣ୍ଡରେ ହାତ ଦେଇଦେଲେ ଓ ମନ ଦୁଃଖରେ ଘରକୁ ଫେରିଲେ।

ମଜୁରି ନ ମିଳିଲେ ବଞ୍ଚିବେ କେମିତି! ଫଳରେ ମାମେଲାକା ଓ ଗାଁର ଅନ୍ୟଲୋକମାନେ ତା' ପରଦିନ ପୁଣି ଥରେ ସରପଞ୍ଚଙ୍କ ପାଖକୁ ଗଲେ। ସରପଞ୍ଚ ପୂର୍ବ ପରି ନିରାଶବାଣୀ ଶୁଣାଇଲେ ଓ କହିଲେ ବିଡିଓଙ୍କୁ ଭେଟ। ମାମେଲାକା ଓ ଅନ୍ୟମାନେ ବିଡିଓଙ୍କୁ ଭେଟିଲେ। ପୁଣି ବିଡିଓ କହିଲେ, କମ୍ପ୍ୟୁଟର ବାବୁଙ୍କ ପାଖକୁ ଯାଅ...।

କୁଲି ମଜୁରି ପାଇଁ ମାମେଲାକା ଓ ଗାଁର ଅନ୍ୟ ଲୋକମାନେ ଏମିତି ଏ ଅଫିସ୍ ସେ ଅଫିସ୍ ହୋଇ ଚକ୍ରି ଦୋଳିରେ ବୁଲୁଥିବା ବେଳେ, ରାଜ୍ୟ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କଠାରୁ ସାବାସି ପାଉଥିଲେ। ଅଞ୍ଚଳରେ ଜେସିବିର ସଂଖ୍ୟା ବଢୁଥିଲା। ବିଚରା ଗରିବ ଆଦିବାସୀମାନେ ଆଉ ସରକାରୀ କାମକୁ ଯିବେନି ବୋଲି ନିଷ୍ପତ୍ତି ନେଲେ। ଏହା ବି ପରୋକ୍ଷରେ ଠିକାଦାରମାନଙ୍କ ପାଇଁ ଲାଭଦାୟକ ହେଲା। ଲୋକମାନେ ଆଉ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକୁ ନ ଗଲେ ବି ଏହାର ପ୍ରଭାବ ସରକାରଙ୍କ ଉପରେ ପଡୁ ନ ଥିଲା। କାରଣ ଯୋଜନାର ଟଙ୍କା ଠିକ୍‌ଠାକ୍ ଖର୍ଚ୍ଚ ହେଉଥିଲା। ଅବଶ୍ୟ ତାହା ଲୋକଙ୍କ ପାଖକୁ ଯାଉଥିଲା କି ଯାଉ ନ ଥିଲା, ତାହା ଭିନ୍ନ ପ୍ରସଙ୍ଗ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବକ୍ଷମା ଯୋଜନା କାହା ସ୍ୱାର୍ଥରେ

ମହାଶୟ,

ଓଡ଼ିଶା ସରକାର ଜବରଦଖଲକାରୀଙ୍କ ନାମରେ ସ୍ଥାୟୀ ରେକର୍ଡ କରାଇବା ପାଇଁ ସର୍ବକ୍ଷମା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ପ୍ରଭାବଶାଳୀ, ଧନୀ ଶ୍ରେଣୀର ଲୋକେ ଏଥିରୁ ଅଧିକ ଲାଭ ପାଇବେ। ସରକାରୀ ଜାଗା, ମଠ ମନ୍ଦିର, ଧର୍ମଶାଳା ଆଦିର ଜାଗା ଦଖଲ କରି ନିଜ ନାମରେ ରେକର୍ଡ କରାଇବା ଦେଶଦ୍ରୋହୀ କାର୍ଯ୍ୟ, ଏଥିରେ ଆଦୌ କ୍ଷମା ଦେବା ଅନୁଚିତ। ଯଦି ସର୍ବକ୍ଷମା ନାମରେ ସାରା ରାଜ୍ୟର ମୂଲ୍ୟବାନ ଜମି, ଜାଗା ବାଣ୍ଟି ଦିଆଯାଏ, ତେବେ ଏହାଠାରୁ ବଳି ଜଘନ୍ୟ ଅପରାଧ କିଛି ନାହିଁ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### କଠୋର ଦଣ୍ଡ ଦିଆଯାଉ

ପ୍ରତ୍ୟହ ଗଣମାଧ୍ୟମରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ଅନେକ ସରକାରୀ ଚାକିରିଆଙ୍କ କୁଶଳୀ କାରନାମା ପ୍ରକାଶିତ ହେଉଛି। ବିଗତ ଦିନରେ ବହୁ ପ୍ରତିଷ୍ଠିତ ନେତା ଓ ଅଫିସର ଭିଜିଲାନ୍ସ ଜାଲରେ ଫସି ଜେଲ୍‌ଖାନାରେ ଦିନ ବିତାଉଥିବାର ନଜିର ଅଛି। ବଡ଼ ବଡ଼ ଧଳାହାତୀଙ୍କ କଥା ଛାଡ଼, କିଛିଦିନ ତଳେ ଜଣେ ସାଧାରଣ କନଷ୍ଟେବଳଙ୍କ ଘରୁ ଆୟବହିର୍ଭୂତ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେବା ଅତି ଆଶ୍ଚର୍ଯ୍ୟର କଥା। ଆଉ ଏକ ଖବରରେ ଛତ୍ରପୁର ତହସିଲଦାର ବିଜୟ କେତନ ସାହୁ ଏବଂ ତାଙ୍କ ସ୍ତ୍ରୀ ଓପେପାର ଆକାଉଣ୍ଟ୍ସ ଅଫିସର ନଳିନୀ ପୃଷ୍ଟିଙ୍କଠାରୁ ଭିଜିଲାନ୍ସ ଦ୍ୱାରା ପ୍ରାୟ ସାଢ଼େ ଛଅକୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆୟବହିର୍ଭୂତ ସମ୍ପତ୍ତି ଜବତ ହେବା ଅତ୍ୟନ୍ତ ଲଜ୍ଜାର ବିଷୟ। ଏଭଳି ଆର୍ଥିକ ଅପରାଧୀଙ୍କ ପାଇଁ ବହିଷ୍କାର ସହ ଜେଲଦଣ୍ଡ ଏବଂ ଜବତ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବା ବୋଧେ କମ୍ ଦଣ୍ଡ ହେବ।

କାଶୀନାଥ ଦାସ,
ଖଣ୍ଡପଡ଼ା ଗଡ଼, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ସେପ୍ଟେମ୍ବର ୧୯୯୩**

- ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜଣେ ବରିଷ୍ଠ କଂଗ୍ରେସ(ଇ) ନେତା ହିତେନ୍ଦ୍ର ଦେଶାଇଙ୍କ ପରଲୋକ।
- ଓଡ଼ିଶା ସମେତ ୮ଟି ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନିନ କରିବା ନିମନ୍ତେ ଚଳିତବର୍ଷ ନୂଆ କାର୍ଯ୍ୟକ୍ରମ ଆରମ୍ଭ।



ଅପ୍ କମିଂ ଫିଲ୍ମ 'ସୁଇ ଧାଗା'ରେ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ କ୍ରନ୍ଦନରତ ଏକ ଭିଡିଓକୁ ନେଇ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ଭିନ୍ନ ଭିନ୍ନ ଢଙ୍ଗରେ ବ୍ୟଙ୍ଗ କରାଯାଉଛି। ତେବେ ଏହାର ବେଶ୍ ମଜା ନେଉଛନ୍ତି ଅନୁଷ୍କା। ଏହା ଲୋକପ୍ରିୟତା ବଢ଼ାଇବା ସହ ଫିଲ୍ମକୁ ହିଟ୍ କରିବ ବୋଲି ଚିନ୍ତା କରନ୍ତି ଅଭିନେତ୍ରୀ।

# ଆତ୍ମହତ୍ୟାରେ ଭାରତ ଆଗୁଆ



**ନୂଆଦିଲ୍ଲୀ:** ବିଶ୍ୱରେ ବାର୍ଷିକ ପାଖାପାଖି ୮ ଲକ୍ଷ ଲୋକ ଆତ୍ମହତ୍ୟା କରନ୍ତି। ୧୫-୨୯ ବର୍ଷ ବୟସ୍କଙ୍କ ମଧ୍ୟରେ ଆତ୍ମହତ୍ୟା ହିଁ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ବୋଲି ମଙ୍ଗଳବାର ମିଳିତ ଜାତିସଂଘ ନିଜର ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା। ଏହାର ଦିନକ ପରେ ଲାନ୍‌ସେଟ୍ ପବ୍ଲିକ୍ ହେଲ୍‌ଥ ଜର୍ନାଲ୍‌ରେ ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ଆତ୍ମହତ୍ୟାର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି। 'ଦି ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ୍ ଷ୍ଟଡିଜ୍ ୧୯୯୦-୨୦୧୬' ଶୀର୍ଷକରେ ପ୍ରକାଶିତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱବ୍ୟାପୀ ଘଟୁଥିବା ଆତ୍ମହତ୍ୟାର ୩୭% ପୁରୁଷ କେବଳ ଭାରତୀୟ ଏବଂ ୨୪% ମହିଳା ଚରମ ପଦକ୍ଷେପ ନେଇଥାନ୍ତି। ଏହି ଆତ୍ମହତ୍ୟାକାରୀଙ୍କ ବୟସ ୧୫-୩୯ ବର୍ଷ। ବିଶ୍ୱରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରେ ଆଗରେ ଭାରତୀୟ। କିନ୍ତୁ ୧୫-୩୯ ବର୍ଷ ବୟସ୍କଙ୍କ ଆତ୍ମହତ୍ୟାରେ ଦେଶ ବିଶ୍ୱସ୍ତରରେ ତୃତୀୟ। ୧୯୯୦ରୁ ୨୦୧୬ ମଧ୍ୟରେ ଦେଶରେ ଆତ୍ମହତ୍ୟା ଜନିତ ମୃତ୍ୟୁସଂଖ୍ୟା ୪୦% ବଢ଼ିଛି। କେବଳ ୨୦୧୬ରେ ଭାରତରେ ୨,୩୦,୩୧୪ ଲୋକ ଆତ୍ମହତ୍ୟା କରିଛନ୍ତି, ଯାହା ଦେଶର ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଚିନ୍ତାର ବିଷୟ ବୋଲି ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆର ପ୍ରାଧ୍ୟାପକ ରାଖୀ ଡଣ୍ଡୋନା ପ୍ରକାଶ କରିଛନ୍ତି। ସେ କହିଛନ୍ତି, କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ତ୍ରିପୁରାରେ ଉଭୟ ପୁରୁଷ ଏବଂ ମହିଳାଙ୍କ କ୍ଷେତ୍ରରେ ଆତ୍ମହତ୍ୟା ହାର ସବୁଠାରୁ ଅଧିକ। କେରଳ, ଛତିଶଗଡ଼ରେ ଅଧିକ ପୁରୁଷ ଆମହତ୍ୟା କରିଥାନ୍ତି। ଭାରତରେ ପ୍ରତି ୧ଲକ୍ଷରେ ୧୫% ମହିଳା ଆତ୍ମହତ୍ୟା କରିଥାନ୍ତି।

# 'ଲଭ୍‌ରାତ୍ରି' ପାଇଁ ଅଡୁଆରେ ସଲ୍‌ମାନ

**ମୁଜାଫରପୁର:** ଫିଲ୍ମ 'ଲଭ୍‌ରାତ୍ରି' ପାଇଁ ବଢ଼ିଲା ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଅଡୁଆ। ସଲ୍‌ମାନଙ୍କ ବିରୋଧରେ ଏତଲା ଦାଏର କରିବା ଲାଗି ବିହାରର ମୁଜାଫରପୁର କୋର୍ଟ ବୁଧବାର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଫିଲ୍ମର ଟାଇଟଲ୍ ହିନ୍ଦୁ ଧର୍ମୀୟ ଭାବନାକୁ କୁଠାରାଘାତ କରୁଥିବା ଅଭିଯୋଗ ହୋଇଛି। ଏହି ଆଧାରରେ ଅଭିନେତା ଏବଂ ଏହାର ସମସ୍ତ କଳାକାରଙ୍କ ବିରୋଧରେ ମାମଲା ଦାଏର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫିଲ୍ମର ନାମ 'ଲଭରାତ୍ରି' ରଖାଯାଇ ପବିତ୍ର ହିନ୍ଦୁପର୍ବ 'ନବରାତ୍ରି'ର ବ୍ୟଙ୍ଗ କରାଯାଇଥିବା ଅଭିଯୋଗ ଆଣି ଓକିଲ ସୁଧୀର କୁମାର ଓଝା ମୁଜାଫରପୁର ସବ୍‌ଡିଭିଜନାଲ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମାମଲା ଦାଏର କରିଥିଲେ। ଏହାପରେ ଅଦାଲତ ମିଥନ୍‌ପୁରା ପୋଲିସକୁ ମାମଲା ଦାଏର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଅକ୍ଟୋବର ୫ରେ ରିଲିଜ୍ ହେବାକୁ ଥିବା 'ଲଭ୍‌ରାତ୍ରି'ର ପ୍ରଯୋଜକ ହେଉଛନ୍ତି ସଲ୍‌ମାନ ଏବଂ ଏହା ଜରିଆରେ ସେ ନିଜ ଭିଣୋଇ ଆୟୁଷ ଶର୍ମାଙ୍କୁ ବଲିଉଡ୍‌ରେ ଲଞ୍ଚ କରିବାକୁ ଯାଉଛନ୍ତି। ଏହି ଫିଲ୍ମ ଜରିଆରେ ଅଭିନେତ୍ରୀ ୱରିନା ମଧ୍ୟ ବଲିଉଡ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି।



IndianOil
ଇଣ୍ଡିଆନଅଏଲ
IndianOil
ମାର୍କେଟିଙ୍ଗ୍ ଡ଼ିଭିଜନ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ
**ପେଟ୍ରୋଲିୟମ ଷ୍ଟୋରେଜ ଟର୍ମିନାଲର ସ୍ଥାପନ ନିମନ୍ତେ ଜମିର ପ୍ରୟୋଜନ ପ୍ରସ୍ତାବର ଅଭିବ୍ୟକ୍ତି (EOI)**
ପେଟ୍ରୋଲିୟମ ଷ୍ଟୋରେଜ ଟର୍ମିନାଲର ସ୍ଥାପନ ନିମନ୍ତେ ଆଗ୍ରହୀ ବ୍ୟକ୍ତି/ବ୍ୟକ୍ତିମାନଙ୍କର ଦଳ/ସରକାରୀ/ବେସରକାରୀ ସଂସ୍ଥା/ଇଣ୍ଡଷ୍ଟ୍ରିଆଲ ପାର୍କ ଡେଭେଲପର ଗଣ/ସଂସ୍ଥା/ଟ୍ରଷ୍ଟ ଇତ୍ୟାଦିଙ୍କ ଠାରୁ ଜଉ ମୁଦା ପ୍ରସ୍ତାବ ଆହ୍ୱାନ କରାଯାଉଅଛି।
ପ୍ରସ୍ତାବିତ ଜମିକୁ, ଏହି ବିଜ୍ଞାପନ ପ୍ରକାଶନ ତାରିଖ ପୂର୍ବରୁ ହସ୍ତାନ୍ତର ନିମନ୍ତେ ସ୍ପଷ୍ଟ ମାଲିକାନାର ସ୍ୱତ୍ୱାଧିକାର ସହିତ ସଂପୂର୍ଣ୍ଣ ବିକ୍ରୟଯୋଗ୍ୟ/ଦୀର୍ଘ ମିଆଦି ଲିଜ୍/ ଉପ ଲିଜ୍(ଅତିକମ୍‌ରେ ୫୦ ବର୍ଷ) ଆଧାରରେ, ଇଣ୍ଡିଆନ ଅଏଲ କର୍ପୋରେସନଙ୍କୁ ପୁନଃ-ନବୀକରଣ ଭିତ୍ତିରେ ପିଓଏଲ ଷ୍ଟୋରେଜ୍ ଟର୍ମିନାଲ ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବକ ହସ୍ତାନ୍ତର କରିବାକୁ ଇଚ୍ଛୁକ ଥିବେ।
ପେଟ୍ରୋଲିୟମ ଟର୍ମିନାଲ ସ୍ଥାପନ ନିମନ୍ତେ ପ୍ରାୟ ୮୦-୧୨୦ ଏକର ଜମିର ପ୍ରୟୋଜନ ରହିଛି। ଏହି ସମ୍ବନ୍ଧରେ, କର୍ପୋରେସନର ନିର୍ଣ୍ଣୟ ଅନ୍ତିମ ଏବଂ ବାଧ୍ୟତାମୂଳକ ହେବ। ପ୍ରସ୍ତାବିତ ଜମି ଓଡ଼ିଶାର ଛତ୍ରପୁର ଏବଂ ଗିରିଶୋଲା ମଧ୍ୟରେ ଏନ୍‌ଏଚ୍-୧୬ ସଲଗ୍ନ ଅଥବା ୧୦୦ ଫୁଟ ଚଉଡ଼ା ପ୍ରବେଶ/ରାସ୍ତାର ସଂଯୋଗ ସହିତ ଅବସ୍ଥିତ ହୋଇଥିବା ଉଚିତ୍। ଯଦି ପ୍ରବେଶ/ରାସ୍ତାଟି ବ୍ୟକ୍ତିଗତ ହୋଇଥାଏ, ତେବେ ପ୍ରସ୍ତାବକାରୀଙ୍କ ନିକଟରେ ଏହାର ସ୍ପଷ୍ଟ ଏବଂ ବିକ୍ରୟଯୋଗ୍ୟ ମାଲିକାନା ଥିବା ବାଞ୍ଛନୀୟ।
**ଆବେଦନପତ୍ର, ଇଣ୍ଡିଆନ ଅଏଲ ଭବନ, ଏ/୨, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୪, ୪ର୍ଥ ମହଲା(ସଂଗ୍ରଳନ ବିଭାଗ) ସ୍ଥିତ ଆମ୍ଭର କାର୍ଯ୍ୟାଳୟରେ ଉପଲବ୍ଧ।**
ଆବେଦନକାରୀଙ୍କ ଦ୍ୱାରା ସଂପୂର୍ଣ୍ଣ ଆବେଦନ ପତ୍ର ଜମାଦେବାର ଶେଷ ତାରିଖ ନିମ୍ନରେ ପ୍ରଦାନ କରାଗଲା:
ଜମା ଦେବାର ଶେଷ ତାରିଖ : ୦୮.୧୦.୨୦୧୮ । ସମୟସୀମା : ୧୭.୦୦ ଘଣ୍ଟା ପର୍ଯ୍ୟନ୍ତ।
ଯୋଗାଯୋଗ କରନ୍ତୁ : ୯୭୩୫୪୨୦୨୨୨ / ୯୪୩୭୪୮୮୨୩୩

# ମସ୍ତିଷ୍କର ଗତିଠାରୁ ଦ୍ରୁତ କାର୍ଯ୍ୟ କରିବ ରୋବୋ

ଜ୍ୟୁରିକ୍

ମଣିଷଠାରୁ ମଧ୍ୟ ଦ୍ରୁତଗତିରେ କାର୍ଯ୍ୟକରିବ ରୋବୋ। ସୁଇଜରଲାଣ୍ଡର ଇଟିଏଚ୍ ଜ୍ୟୁରିକ୍‌ର ଜଣେ ଛାତ୍ର ଏଭଳି ଏକ ରୋବୋଟିକ୍ ହାତ ପ୍ରସ୍ତୁତ କରିଛନ୍ତି ଯାହା ମଣିଷଙ୍କଠାରୁ ୩୦ ଗୁଣ ଅଧିକ ବେଗରେ କାର୍ଯ୍ୟ ସମ୍ପାଦନ କରିପାରିବ।। ଜ୍ୟୁରିକ୍‌ର 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋ ଇନ୍‌ଫର୍ମେଟିକ୍ସ'ର ଏହି ଛାତ୍ର ଜଣକ ମସ୍ତିଷ୍କରୁ ପ୍ରେରଣା ପାଇ ନ୍ୟୁଟ୍ରାଲ୍ ନେଟ୍‌ୱର୍କ ଏବଂ କ୍ୟାମେରା ବ୍ୟବହାର କରି 'ଡେକ୍ସଟ୍ରା' ନାମକ ଏକ ରୋବୋଟିକ୍ ହାତ ତିଆରି କରିଛନ୍ତି। ବିଭିନ୍ନ କାର୍ଯ୍ୟରେ ଏହା ମଣିଷକୁ ପରାଜିତ କରିବା ପାଇଁ ମସ୍ତିଷ୍କକୁ ଅଧ୍ୟୟନ କରିବା ସହ ଏହାର ଗତିବିଧିର ପୂର୍ବାନୁମାନ କରିପାରିବ।





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୪.୫ |
| ଚାନ୍ଦବାଲି | ୩୪.୪ | ୨୬.୦ |
| କଟକ | ୩୪.୨ | ୨୩.୦ |
| ପାରାଦ୍ୱୀପ | ୩୩.୯ | ୨୪.୪ |
| ଭୁବନେଶ୍ୱର | ୩୪.୨ | ୨୫.୧ |
| ଗୋପାଳପୁର | ୩୨.୦ | ୨୬.୦ |
| ପୁରୀ | ୩୪.୨ | ୨୬.୮ |
| ଅନୁଗୋଳ | ୩୪.୭ | ୨୬.୦ |
| ବାରିପଦା | ୩୪.୨ | ୨୫.୬ |
| ଝାରସୁଗୁଡ଼ା | ୩୩.୪ | ୨୫.୦ |
| କେନ୍ଦୁଝର | ୩୧.୬ | ୨୨.୮ |
| ସମ୍ବଲପୁର | ୩୩.୯ | ୨୩.୭ |
| ସୁନ୍ଦରଗଡ଼ | ୩୫.୫ | ୨୧.୦ |
| ହୀରାକୁଦ | ୩୪.୬ | ୨୪.୬ |
| ତାଳଚେର | ୩୪.୧ | ୨୫.୦ |
| ଭବାନୀପାଟଣା | --- | ୨୫.୨ |
| ବଲାଙ୍ଗୀର | ୩୪.୫ | ୨୫.୦ |
| କୋରାପୁଟ | ୨୯.୬ | ୨୦.୦ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୩୫.୦ | ୨୨.୫ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୫.୦ | ୨୩.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**ମହତ୍ତ୍ୱପୂର୍ଣ୍ଣ ସୂଚନା**

**ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ**

ବାତିଲ୍ ହେଉଥିବା ଟ୍ରେନ୍ ସମୂହ

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ୍ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଗରିବ ରଥ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଗରିବ ରଥ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଦୁରନ୍ତୋ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଦୁରନ୍ତୋ ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ୍-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ୍ ପାସେଞ୍ଜର | 14.09.2018 ଠାରୁ 24.09.2018 |

ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ୍-ପୁରୀ | 14.09.2018, 15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ୍-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଲାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଲାସା | 20.09.2018 ଠାରୁ 25.09.2018 |

**ପୂର୍ବ ତଟ ରେଳପଥ**
PR-346/J/18-19

# ଦିଦି ଲେଖିଲେ ଦୁର୍ଗାଗୀତ

କୋଲକାତା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚଳିତବର୍ଷ ପ୍ରସିଦ୍ଧ ଦୁର୍ଗାପୂଜା ଉପଲକ୍ଷେ ଗୀତ ରଚନା କରିଛନ୍ତି। ଦୁର୍ଗାପୂଜା ଆୟୋଜକଙ୍କ ବୈଠକରେ ସୂଚନା ଦେଇ ମମତା କହିଛନ୍ତି ସେ 'ଆଗମନି' (ଦୁର୍ଗାଙ୍କୁ ବନ୍ଦନା କରି ପାରମ୍ପରିକ ବେଙ୍ଗଲୀ ଗୀତ) ଉଦ୍ଦେଶ୍ୟରେ ଗୀତ ରଚନା କରିଛନ୍ତି। ତାଙ୍କ ମନ୍ତ୍ରିମଣ୍ଡଳର ଖୋଦ୍ କ୍ୟାବିନେଟ୍ ମନ୍ତ୍ରୀ ଅରୂପ ବିଶ୍ୱାସ ତାଙ୍କୁ ଦୁର୍ଗାପୂଜା ପାଇଁ ଗୀତ ଲେଖିବାକୁ ପ୍ରସ୍ତାବ ଦେଇଥିଲେ। ତେଣୁ ସେ ଦୁର୍ଗାଙ୍କ ଆଗମନୀ ସଂଗୀତ 'ଯା ଦେବୀ ସର୍ବଭୂତେଷୁ' ଆଧାରରେ ଗୀତ ରଚନା କରିଛନ୍ତି। ଏହାକୁ ସମସ୍ତେ ପସନ୍ଦ କରିବେ ବୋଲି ସେ ଆଶାବାଦୀ। ଏହାକୁ ଗାଇଛନ୍ତି ଲୋକପ୍ରିୟ ଗାୟକ ତଥା ମନ୍ତ୍ରିମଣ୍ଡଳର ରାଷ୍ଟ୍ରମନ୍ତ୍ରୀ ଇନ୍ଦ୍ରନୀଳ ସେନ୍। ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦର୍ଶକଙ୍କୁ ମୁଗ୍ଧ କରିଥିବା ସେନ୍ କହନ୍ତି, 'ଜୟ ମା' ଜୟ ଦୁର୍ଗା...' ଲାଇନ୍‌ରେ ଭକ୍ତିଭାବ ସୃଷ୍ଟି ହେଉଛି। ଉକ୍ତ ଗୀତ ଦିଦି (ମମତା)ଙ୍କ ଦ୍ୱାରା ଖୁବ୍ ସୁନ୍ଦର ଭାବରେ ଲେଖାଯାଇଛି। ତେବେ ତାଙ୍କ ଗୀତ ଗାଇଥିବାରୁ ସେ ଖୁସି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ବିଗତ ବର୍ଷ ମଧ୍ୟ ମୁଖ୍ୟମନ୍ତ୍ରୀ ଦୁର୍ଗାପୂଜା ଭିତ୍ତିକ ଗୀତ ରଚନା କରିଥିଲେ।

[ଇତିହାସର ଆଇନାରେ]

## ସେପ୍ଟେମ୍ବର ୧୩ର ପ୍ରମୁଖ ଘଟଣା

୧୯୪୮ ସେପ୍ଟେମ୍ବର ୧୩ରେ ତତ୍କାଳୀନ ଭାରତର ଉପପ୍ରଧାନମନ୍ତ୍ରୀ ବଲ୍ଲଭଭାଇ ପଟେଲ ଭାରତୀୟ ସେନାକୁ ହାଇଦ୍ରାବାଦ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରେଶନ୍ ପୋଲୋ ଜରିଆରେ ହାଇଦ୍ରାବାଦର ଶେଷ ନିଜାମଙ୍କୁ କ୍ଷମତାଚ୍ୟୁତ କରି ହାଇଦ୍ରାବାଦକୁ ଭାରତରେ ମିଶାଇ ଦିଆଗଲା।

୨୦୦୮ ସେପ୍ଟେମ୍ବର ୧୩ରେ ଦିଲ୍ଲୀରେ ଏକସମୟରେ ୫ଟି ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ କରୋଲବାଗ୍‌ରେ ଥିବା ଗଫରମାର୍କେଟରେ ସନ୍ଧ୍ୟା ୬ଟା ୭ମିନିଟ୍‌ରେ ହୋଇଥିଲା। ଏଥିରେ ୩୦ ଜଣ ନିହତ ଓ ୧୦୦ ଆହତ ହୋଇଥିଲେ।





ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

**ଟାଙ୍ଗୀ(କଟକ)୧୨।୯(ଡି.ଏନ୍.ଏ.):** ଟାଙ୍ଗୀ ଥାନା କମଙ୍ଗ ପଞ୍ଚାୟତ ଦୁଧୁଆନାଳୀ(କାଞ୍ଜିଆ) ଗ୍ରାମର ଚାଷୀ ମାନଗୋବିନ୍ଦ ବେହେରା(୨୮)ଙ୍କ ବୁଧବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ସାର ଓ ଔଷଧ ପକାଇବାକୁ ସକାଳୁ ବିଲକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୧୫/୧୮) ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ଅଚ୍ୟୁତାନନ୍ଦ ସାହୁ କହିଛନ୍ତି।

### ଏସ୍‌ସିବିରେ ୧୩୫ ଡେଙ୍ଗୁ ରୋଗୀ

**କଟକ ଅଫିସ, ୧୨।୯:** ବୁଧବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ମୋଟ୍ ୧୩୫ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୮ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ସେହିପରି ବୁଧବାର ମେଡିକାଲରେ ମୋଟ ୧୪୯ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୩୭ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି।

### ନନ୍ଦନକାନନ ଆସିଲା ଉଦ୍ଧାର ବଜ୍ରକାପ୍ତା

**ବାରଙ୍ଗ,୧୨।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଡିଭିଜନ ଲେଫ୍ରିପଡ଼ା ରେଞ୍ଜ ଶୃଙ୍ଖାଜୋର ଗାଁରୁ ମଙ୍ଗଳବାର ଉଦ୍ଧାର ହୋଇଥିବା ୪ବର୍ଷର ଏକ ଅଣ୍ଡିରା ବଜ୍ରକାପ୍ତାକୁ ବୁଧବାର ଅପରାହ୍ନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଛଡ଼ାଯାଇଛି। ସେଠାକାର ବନ ବିଭାଗ କର୍ମଚାରୀମାନେ ଉଦ୍ଧାର ବଜ୍ରକାପ୍ତାକୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାକୁ ଡାକ୍ତରଙ୍କ ହେପାଜତରେ ରଖାଯାଇଛି। ଅନ୍ୟପକ୍ଷରେ ଏହି ବଜ୍ରକାପ୍ତାକୁ ମିଶାଇ ଏବେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୧୪କୁ ବୃଦ୍ଧିପାଇଛି।

# ଡ୍ରୋନ୍ ଆକ୍ରମଣକୁ ଭଣ୍ଡୁର କରିବ ଆଣ୍ଟି ଡ୍ରୋନ୍ ସିଷ୍ଟମ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

- ଖୁବ୍‌ଶୀଘ୍ର ବ୍ୟବହାର କରିବ ଓଡ଼ିଶା ପୋଲିସ
- ଡିଜି କ୍ୟାମ୍ପ ଅଫିସରେ ଡେମୋ ଦେଖାଇଲା ଜର୍ମାନ କମ୍ପାନୀ



ଆତଙ୍କବାଦୀ ହୁଅନ୍ତୁ କି ମାଓବାଦୀ, ସେମାନେ ବ୍ୟବହାର କରୁଥିବା ଉନ୍ନତ ଜ୍ଞାନକୌଶଳ ଦେଶ ତଥା ରାଜ୍ୟର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଛି। ଅପରାଧୀମାନେ ମଧ୍ୟ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଅପରାଧ ଘଟାଉଛନ୍ତି, ଯାହା ପୋଲିସ ପାଇଁ ଚ୍ୟାଲେଞ୍ଜ ହେଉଛି। ତେଣୁ ପ୍ରତିପକ୍ଷର ଆକ୍ରମଣ ଯୋଜନାକୁ ଭଣ୍ଡୁର କରିବା ଲାଗି ଓଡ଼ିଶା ପୋଲିସ ଆଣ୍ଟି ଡ୍ରୋନ ସିଷ୍ଟମ ବ୍ୟବହାର କରିବ। ବୁଧବାର ଏକ ଜର୍ମାନ କମ୍ପାନୀ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଏହି ଆଣ୍ଟି ଡ୍ରୋନ ସିଷ୍ଟମ୍‌ର ଡେମୋ ପ୍ରଦର୍ଶନ କରିଛି।

ସୂଚନାଯୋଗ୍ୟ, ଆତଙ୍କବାଦୀମାନେ ଡ୍ରୋନ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଆକାଶମାର୍ଗରୁ ବୋମା ପକାଇ ଆକ୍ରମଣ କରୁଛନ୍ତି। ଗତ ଅଗଷ୍ଟ ୫ରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ସଭା କାର୍ଯ୍ୟରେ ଡ୍ରୋନ ଆକ୍ରମଣ କରିବାକୁ ଉଦ୍ୟମ ହୋଇଥିଲା। ସେହିପରି ଗତ ୬ ତାରିଖରେ ସୌଦି ଆରବର ଆଭା ବିମାନବନ୍ଦରରେ ଡ୍ରୋନ ଆକ୍ରମଣ ଉଦ୍ୟମ କରାଯାଇଥିଲା। ଏହାପରେ ଆମେରିକାର ହ୍ୱାଇଟ୍ ହାଉସ୍‌ରେ ଆଣ୍ଟି ଡ୍ରୋନ ସିଷ୍ଟମ ଲଗାଯାଇଛି। ବର୍ତ୍ତମାନ ଓଡିଶାର ପୁରୀ, ଚାନ୍ଦିପୁର, ଚାରବାଟିଆ, ସୁନାବେଡ଼ାର ହାଲ୍, ଭୁବନେଶ୍ୱର ଭଳି ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବା ଗୋଇନ୍ଦା ସୂଚନା ମିଳିଛି। ଆଗକୁ ଓଡ଼ିଶାରେ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଥିବାବେଳେ ରାଜ୍ୟର ସମ୍ବେଦନଶୀଳ ସ୍ଥାନଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଆଣ୍ଟି ଡ୍ରୋନ ସିଷ୍ଟମ ବ୍ୟବହାର କରିବାକୁ ରାଜ୍ୟ ପୋଲିସ ବିଭାଗ ଯୋଜନା କରିଛି। ଆଣ୍ଟି ଡ୍ରୋନ ନିର୍ମାଣ କରୁଥିବା ଜର୍ମାନୀର ଏକ ଘରୋଇ କମ୍ପାନୀ ସହିତ ଭୁବନେଶ୍ୱର କ୍ୟାମ୍ପ ଅଫିସରରେ ପୋଲିସ ଡିଜି ଆର. ପି. ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚନା ପରେ କମ୍ପାନୀର ଏକ୍ସପର୍ଟମାନେ ଡେମୋ ଦେଖାଇଥିଲେ। ବେଆଇନ ଭାବେ ତଥା ଆପରାଧିକ ଉଦ୍ଦେଶ୍ୟ ରଖି ବ୍ୟବହାର କରାଯାଉଥିବା ଡ୍ରୋନକୁ ଚିହ୍ନଟ କରିବା ସହ ଓଡିଶାର ସମ୍ବେଦନଶୀଳ ସ୍ଥାନଗୁଡ଼ିକର ସୁରକ୍ଷା ଦୃଷ୍ଟିରୁ ଏହାକୁ ଖୁବ୍‌ଶୀଘ୍ର ବ୍ୟବହାର କରାଯିବ ବୋଲି ଡିଜିପି ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି, ୨ରୁ ୧୦ କି.ମି. ମଧ୍ୟରେ ଉଡୁଥିବା ଡ୍ରୋନକୁ ଆଣ୍ଟି ଡ୍ରୋନ ସିଷ୍ଟମ ନିଜସ୍ୱ ଜ୍ଞାନକୌଶଳ ମାଧ୍ୟମରେ ଚିହ୍ନଟ କରିବାର କ୍ଷମତା ରଖିଛି। ଡ୍ରୋନ ଜରିଆରେ ହେବାକୁ ଥିବା ଆକ୍ରମଣ ଏବଂ ତାହାର ମାତ୍ରାକୁ ଏହା ଆକଳନ କରିପାରିବ। ନିଜସ୍ୱ ଜାମର ମାଧ୍ୟମରେ ଆକ୍ରମଣକୁ ପ୍ରତିରୋଧ କରିବା ସହ ଡ୍ରୋନକୁ ନିଜ ନିୟନ୍ତ୍ରଣକୁ ଆଣି ଅନ୍ୟତ୍ର ନେଇଯାଇପାରିବ। ଏହି ଡ୍ରୋନକୁ କିଏ ଏବଂ କେଉଁଠାରେ ବ୍ୟବହାର କରୁଛନ୍ତି ତାହାକୁ ମଧ୍ୟ ଠାବ କରିପାରିବ।

### ବିନା ଅନୁମତିରେ ଉଡିବନି ଡ୍ରୋନ କ୍ୟାମେରା

ଏଣିକି ପୋଲିସର ବିନା ଅନୁମତିରେ କେହି ଡ୍ରୋନ ଉଡ଼ାଇ ପାରିବେ ନାହିଁ। ବଜାରରେ ଡ୍ରୋନ କ୍ୟାମେରା ସହଜରେ ମିଳୁଥିବାରୁ ଯେ କେହି ଏହାର ବ୍ୟବହାର କରିପାରୁଛନ୍ତି। ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ତଥା ନିଷିଦ୍ଧାଞ୍ଚଳରେ ଡ୍ରୋନ କ୍ୟାମେରା ମାଧ୍ୟମରେ ଫଟୋ ଏବଂ ଭିଡିଓ ଉତ୍ତୋଳନ କରାଯାଉଛି। ଅନେକ ଆତଙ୍କବାଦୀ ଏବଂ ମାଓବାଦୀ ସଂଗଠନ ଏହାର ଫାଇଦା ଉଠାଉଛନ୍ତି ବୋଲି କେନ୍ଦ୍ରୀୟ ଗୋଇନ୍ଦା ବ୍ୟୁରୋ ସତର୍କ କରାଇଛି। ତେଣୁ ଜିଲା ଏସ୍‌ପି ଏବଂ କମିଶନରେଟ ପୋଲିସ ନିକଟରେ ବ୍ୟବହାରକାରୀମାନେ ଡ୍ରୋନ କ୍ୟାମେରାର ପଞ୍ଜୀକରଣ କରି ଅନୁମତି ନେବେ। ଯଦି କେହି ବିନା ଅନୁମତିରେ ଡ୍ରୋନ କ୍ୟାମେରା ଉଡ଼ାନ୍ତି, ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୁଧବାର ଡିଜି କ୍ୟାମ୍ପ ଅଫିସରେ ଅନୁଷ୍ଠିତ ବୈଠକରେ ଡିଜିପି କହିଛନ୍ତି। ଆଗାମୀ ଡିସେମ୍ବର ୧ରୁ କେନ୍ଦ୍ର ସରକାର ଏ ନେଇ ନୂଆ ଆଇନ ଆଣିବା ପରେ ଏହା ରାଜ୍ୟରେ ଲାଗୁ କରାଯିବ।

## ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା

# ତୋରଣ, ଆଲୋକମାଳାରେ ସହର ହେବ ଝଲମଲ

**ଜଟଣୀ, ୧୨।୯(ଡି.ଏନ.ଏ.)**



ଜଟଣୀର ଶିଳ୍ପୀ ଏଲ. ଈଶ୍ୱର ରାଓଙ୍କ ଦ୍ୱାରା ତେନ୍ତୁଳି ମଞ୍ଜିରେ ପ୍ରସ୍ତୁତ ଗଣେଶ ମୂର୍ତ୍ତି।

ଆଜି ଗଣେଶ ପୂଜା। ଗଣେଶ ଚତୁର୍ଥୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୧୨ ଦିନ ଧରି ଜଟଣୀ ଉତ୍ସବ ମୁଖର ହୋଇଉଠିବ। ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ସହର ନୂଆ ରୂପରେ ସଜେଇ ହୋଇ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ନିଜ ନିଜ ପେଣ୍ଡାଲକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ବ୍ରିଜ୍ କାର୍ଯ୍ୟ ଯୋଗୁ ବଡ଼ ବଜାର, ସୀତାରାମଛକ, କୁଦିଆରୀ ବଜାର ଉପରେ ଅବଶ୍ୟ ପ୍ରଭାବ ପଡ଼ିଛି। ତଥାପି ପରମ୍ପରାକୁ ବଜାୟ ରଖି ଉପରୋକ୍ତ ପୂଜା ପେଣ୍ଡାଲଗୁଡ଼ିକ ସାଜସଜ୍ଜା ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ଗୋଲେଇ ମାର୍କେଟ, ରାଜାବଜାର, ମାଛ ଓ ପରିବା ମାର୍କେଟ୍, ଥାନା ଛକ, ପୋଷ୍ଟ ଅଫିସ ଛକ, ମହୁଲଗୁଡ଼ିଆ ଛକ, ହରିଭାଇନା ଛକ, ଖୁଦୁପୁର ଛକ, ଗୋପବନ୍ଧୁ ବଜାର, ମେଡିକାଲ ଛକ, ନୀଳଚକ୍ର ମାର୍କେଟ, ରେଡଙ୍ଗ କଲୋନୀ, ଲୋକୋ କଲୋନୀ, ହାଟବଜାର, ରେଲୱେ ଷ୍ଟେଶନ ବଜାର, ନୂଆ ବସ୍‌ଷ୍ଟାଣ୍ଡ ଛକ, ବାଛରା, ବାଲିଛକ ସାହି, ବିବେକାନନ୍ଦ ସାହି, କଲେଜରୋଡ଼ ସ୍ଥିତ ପୂଜା ପେଣ୍ଡାଲ ସମେତ ସହର ଓ ଆଖପାଖ ଅଞ୍ଚଳରେ ୧୦୦ରୁ ଅଧିକ ସ୍ଥାନରେ ଶ୍ରୀଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇବେ। ଗୋଲେଇ ମାର୍କେଟରେ ୧୨ ଫୁଟ ଉଚ୍ଚର ମୃଣ୍ମୟ ମୂର୍ତ୍ତି ସହ ୬୦ ଫୁଟ ଉଚ୍ଚର ଆକର୍ଷଣୀୟ ବିଭିନ୍ନ ଡିଜାଇନ୍‌ର ୭ଟି ଲାଇଟ୍ ଗେଟ୍ ଶୋଭାପାଇବ। ସେହିପରି ଏଠାରେ ବିଶିଷ୍ଟ ବାଲୁକା ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ସୁନ୍ଦର ବାଲୁକା କଳା ଲୋକେ ଦେଖିବାକୁ ପାଇବେ। ହରିଭାଇନା ଛକରେ ସାଜସଜ୍ଜା ସହ ପରମ୍ପରା ଅନୁଯାୟୀ ଏଠାରେ ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ପାଲା ପରିବେଷଣ କରାଯିବ। ସୀତାରାମ ଛକ ପେଣ୍ଡାଲରେ ଶ୍ରୀମନ୍ଦିରର ସିଂହଦ୍ୱାର ଆକୃତିର ୪୫ ଫୁଟ ଉଚ୍ଚର ତୋରଣ ସହିତ ପେଣ୍ଡାଲ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ୧୦ ପ୍ରକାର ବେଶ ପ୍ରଦର୍ଶନ ହେବ। ମହୁଲଗୁଡ଼ିଆ ଛକରେ ଅନ୍ୟାନ୍ୟ ସାଜସଜ୍ଜା ବ୍ୟତୀତ ପରମ୍ପରା ଅନୁଯାୟୀ ମଧ୍ୟାହ୍ନ ସମୟରେ ଅନ୍ନ ଭୋଗ ସହ ଏକାଦଶୀ ସନ୍ଧ୍ୟାରେ ଶିରିଣୀ ଭୋଗ ହୋଇଥାଏ। କେରଳରେ ବନ୍ୟା ବିପତ୍ତି ପାଇଁ ଥାନା ଛକ ପକ୍ଷରୁ ଚଳିତବର୍ଷ ନିରାଡ଼ମ୍ବର ପୂଜା କରାଯାଉଛି। ହେଲେ ଦୀର୍ଘବର୍ଷର ପରମ୍ପରା ଅନୁଯାୟୀ ପୂଜାର ପ୍ରଥମ ଦିନରେ ସମସ୍ତ ଭୋଗ ଓ ପୂଜା ସାମଗ୍ରୀ ଜଟଣୀ ଥାନା ପକ୍ଷରୁ ପ୍ରଦାନ କରାଯାଇଥାଏ। ଏହିପରି ସୁନ୍ଦର ସାଜସଜ୍ଜା ପାଇଁ ବିଭିନ୍ନ ପୂଜା ପେଣ୍ଡାଲ ସୁଉଚ୍ଚ ତୋରଣ, ଆଲୋକ, ମେଢ଼ ଓ ମୂର୍ତ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାଛଡ଼ା ଉତ୍ସବ ୧୨ଦିନ ଯାକ ବିଭିନ୍ନ ପେଣ୍ଡାଲରେ ସଂକୀର୍ତ୍ତନ, ଭଜନ, ପାଲା, ଦାସକାଠିଆ, ପ୍ରବଚନ, ହନୁମାନ ଚାଳିଶା ଓ ମେଲୋଡ଼ି ଆଦି କାର୍ଯ୍ୟକ୍ରମ ରହିଛି। ସେହିପରି ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମ୍ ଓ ଖୁଦୁପୁର ଛକରେ ମହୋତ୍ସବ, ମୀନା ବଜାର, ସର୍କସ, ବିଭିନ୍ନ ସାମଗ୍ରୀର ଷ୍ଟଲମାନ ସ୍ଥାନ ପାଇବ। ପ୍ରତି ସନ୍ଧ୍ୟାରେ ମହୋତ୍ସବ ପେଣ୍ଡାଲରେ ରାଜ୍ୟ ତଥା ରାଜ୍ୟ ବାହାରର ସୁନାମଧନ୍ୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟଗୀତ ଆଦି ପରିବେଷଣ ହେବ। ପାଇକ ଆଖଡ଼ା ଦଳ ଦ୍ୱାରା ସମରକଳା ପ୍ରଦର୍ଶନ ମଧ୍ୟ କରାଯିବ।



ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ଜଟାଧାରୀ ପ୍ରଧାନ
କାଉନ୍‌ସିଲର, ଜଟଣୀ


ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ସୁରେଶ କୁମାର ରାଉତରାୟ
ପୂର୍ବତନ ମନ୍ତ୍ରୀ, ସଭାପତି, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
MANOJ KUMAR

Ph. : 0674-2491107 (S), 2491636 (R),
Cell : 9437091636
ମନୋଜ ସିଜିନ୍ ସେଣ୍ଟର
ରେଲୱେଇ ମାର୍କେଟ, ଜଟଣୀ
Deals in : Rakhi, Diwali Crackers, Season Greetings, Dairy, Calendar, Marriage Cards & Holi Items

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା

ଅନ୍ନପୂର୍ଣ୍ଣା ସାହୁ
ଉପାଧ୍ୟକ୍ଷା,
ଜଟଣୀ ମ୍ୟୁନିସିପାଲିଟି


ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ସୁଧାଂଶୁଶେଖର ବଡଜେନା
ନିର୍ଦ୍ଦେଶକ,
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ତିରୁପତି ଜୁଏଲାରୀ
ରାଜାବଜାର, ଜଟଣୀ

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
Pramod Bhai
Proprietor
PRAMOD SEASON CENTRE
Seasonal Wholesaler
Deals with : Rakhi, Diwali, Marriage Crackers, Seasons Greetings Post Cards, Calendar, Marriage Envelope, Holi Items
Rly. Market, Jatni (Near Matador Stand), Khordha, (Odisha)
Mob : 9861415461, 9437849719

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା

ବନଜା ଜେନା
ଅଧ୍ୟକ୍ଷା,
ଜଟଣୀ ବ୍ଲକ

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା

Seasonal Wholesler
LALIT BHANDAR
Rly Market, Jatni, Khordha
Mob : 9853205815, 9439582001
Deals with : Rakhi, Crackers, Greetings, Postcard Dairy, Calenders, Holyitems etc.

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ଜଟଣୀ ୟୁଥ୍ ଫେଡେରେସନ ଯୁବ ସମ୍ମାନ ଉତ୍ସବ
୧୯.୦୯.୨୦୧୮

ପ୍ରଶାନ୍ତ ପାଇକରାୟ
ସଭାପତି

ଅନନ୍ତ ଶତପଥୀ
ସଂପାଦକ

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା

L. D. Mohanty, CTI
Divisional Secy, IRTCSO, KUR


ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ବିଜୟ ଛୋଟରାୟ
ଜଟଣୀ ବିଧାୟକଙ୍କ ପ୍ରତିନିଧି


ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ସଂଗ୍ରାମ କେଶରୀ ରାଉତରାୟ
ପୌରାଧ୍ୟକ୍ଷ, ଜଟଣୀ ମ୍ୟୁନିସିପାଲିଟି


ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ସୁଦର୍ଶନ ସୁନ୍ଦରାୟ
ସଭାପତି, ଜଟଣୀ ବ୍ୟବସାୟୀ ମହାସଂଘ

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା

ବିଭୂତି ଭୂଷଣ ବଳବନ୍ତରାୟ
ପୂର୍ବତନ ବିଧାୟକ, ସଭାପତି, ଖୋର୍ଦ୍ଧା ଜିଲ୍ଲା ବିଜେଡି

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା

ବିଶ୍ୱରଞ୍ଜନ ବଡଜେନା (ଲୁଲୁ)
ସାଧାରଣ ସଂପାଦକ, ଭାଜପା ଯୁବମୋର୍ଚ୍ଚା, ଓଡ଼ିଶା


ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ସନ୍ତୋଷ ଜେନା
ଚେୟାରମ୍ୟାନ୍, ପାଣ୍ଡବଜେନା ଫାଉଣ୍ଡେସନ୍
ପୂର୍ବତନ ଭାଜପା ସଭାପତି, ଖୋର୍ଦ୍ଧା ଜିଲ୍ଲା


ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉପଲକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା
ପ୍ରମୋଦ କୁମାର ହରିଚନ୍ଦନ
ଉପସଭାପତି, ଖୋର୍ଦ୍ଧା ଜିଲ୍ଲା ବିଜେଡି




ଧ୍ୱଂସର ରାସ୍ତାଟି ସଳଖ ଏବଂ ତା'ର ଫାଟକ ମଧ ଚଉଡ଼ା, କିନ୍ତୁ ମୁକ୍ତିର ରାସ୍ତାଟି କଣ୍ଟକିତ ଏବଂ ତା'ର ଫାଟକଟି ସଂକୀର୍ଣ୍ଣ।

- ବାଇବେଲ୍

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ। ସନ୍ଧ୍ୟା ଅଧିବେଶନ, ସନ୍ଧ୍ୟା ୬ଟା।
- ସୌଭାଗ୍ୟନଗର ଗଣେଶପୂଜା କମିଟି ପକ୍ଷରୁ ଗଣେଶପୂଜା ଅବସରରେ କଳସ ଯାତ୍ରା, ସୌଭାଗ୍ୟ ନଗର, ବରମୁଣ୍ଡା, ସକାଳ ୬ଟା। ପୂଜାରମ୍ଭ, ସକାଳ ୮ଟା। ଭଜନ ସନ୍ଧ୍ୟା, ରାତି ୭ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ କଳସ ଯାତ୍ରା, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା ୩୦।
- ଗଣେଶ ପୂଜା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ଗଡ଼ ବ୍ରିଟ୍ କଲୋନୀ, ସକାଳ ୮ଟା।
- ଗଣେଶ ପୂଜା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ୍-୩, ଖାରବେଳ ନଗର, ସକାଳ ୮ଟା ୩୦।
- ମା' କୋଚିଲେଇ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରୀଶ୍ରୀ ଗଣପତିଙ୍କ ପୂଜା ଉତ୍ସବ, ମା' କୋଚିଲେଇ ହାଟ ଗଣେଶ ମଣ୍ଡପ, ରସୁଲଗଡ଼, ସକାଳ ୯ଟା। ବାଦୀପାଲା ପରିବେଷଣ, ରାତି ୭ଟା।
- ମା' ଜାଗେଶ୍ୱରୀ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା, ରଙ୍ଗମାଟିଆ, ସକାଳ ୯ଟା। ଭଜନ ସମାରୋହ, ରାତି ୭ଟା।
- ହାଇଫ୍ଲାୟର୍ ଆନିମେଶନ ପକ୍ଷରୁ ଗଣେଶ ପୂଜା, ଅନୁଷ୍ଠାନ ପରିସର, ଏସ୍‌ବି-୮, ବମିଖାଲ ଦୁର୍ଗା ମଣ୍ଡପ ନିକଟ, ସକାଳ ୯ଟା। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ସୃଜନ-୨୦୧୮', ମଧ୍ୟାହ୍ନ ୧୨ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ମା' ମଙ୍ଗଳା ୟୁଥ୍ କ୍ଲବ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗଣେଶ ପୂଜା, ବୁଦ୍ଧେଶ୍ୱରୀ କଲୋନୀ, କଟକ ରୋଡ୍, ପୂର୍ବାହ୍ନ ୧୦ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା।
- ଯଶସ୍ୱୀ ଫିଲ୍ମ ସ୍କୁଲରେ ଗଣେଶ ପୂଜା, ଟିଟିଡି କଲ୍ୟାଣ ମଣ୍ଡପ ପଛ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଗଣେଶ ପୂଜା, ଭୌମନଗର, ୟୁନିଟ୍-୪, ପୂର୍ବାହ୍ନ ୧୧ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ବଡ଼ଗଡ଼ ପୂଜା ପେଣ୍ଡାଲ, ଅପରାହ୍ନ ୧ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୩୦।
- ଗଣେଶ ପୂଜା, ଜୟ ଯବାନ ମତ୍ସ୍ୟ ବ୍ୟବସାୟୀ ସଂଘ, ୟୁନିଟ୍-୪, ଅପରାହ୍ନ ୧ଟା ୩୦।
- ଶ୍ରୀବିନାୟକ ୟୁଥ୍ ଆସୋସିଏଶନ ପକ୍ଷରୁ ଶ୍ରୀପଞ୍ଚମୁଖୀ ଗଣେଶ ପୂଜା, ପୁରାତନ ୟୁନିଟ୍-୮ କଲ୍ୟାଣ ମଣ୍ଡପ ସମ୍ମୁଖ, ନୟାପଲ୍ଲୀ, ଅପରାହ୍ନ ୨ଟା ୩୦।
- ଆଦର୍ଶ ଅପେରାର 'ଆଖଡ଼ା ପୂଜା', ଶ୍ରୀଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ପଟିଆ ଗାଁ, ଅପରାହ୍ନ ୪ଟା ୩୦।

### ପୁରୀ

- ମୋତିଚାନ୍ଦ ବଜାର ବିନାୟକ ସମିତି ପକ୍ଷରୁ ଗଣେଶ ପୂଜା, ମୋତିଚାନ୍ଦ ବଜାର, ବଡ଼ଦାଣ୍ଡ, ସକାଳ ୬ଟା।
- ଗଣେଶ ପୂଜା, ଭଗବତୀ ବିଦ୍ୟା ନିକେତନ, ଅଠରନଳା, ସକାଳ ୮ଟା।
- ଗଣେଶ ପୂଜା, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀକୃଷ୍ଣ ସିନେମା ଗଳିସ୍ଥିତ ଗୋପାଳଜୀ ବିଦ୍ୟାନିକେତନ, ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର, ହେରାଗୋହିରୀ ସାହି ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନ, ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଭୂଦାନ ନଗର ସରସ୍ୱତୀ ଜ୍ଞାନ ମନ୍ଦିର, ସକାଳ ୯ଟା।
- ଗଣେଶ ପୂଜା, ଲିଙ୍ଗରାଜ କଳା ନିକେତନ, ବାଙ୍କୀମୁହାଣ, ରାମଚଣ୍ଡୀ ସାହି, ସକାଳ ୯ଟା।
- ଅଭିନବ ଡ୍ରାମାଟିକ୍ କ୍ଲବ ପକ୍ଷରୁ ଗଣେଶ ପୂଜା, ଜଗନ୍ନାଥ ବଲ୍ଲଭ ମଠସ୍ଥିତ କାର୍ଯ୍ୟାଳୟ, ସକାଳ ୯ଟା।
- ଗଣେଶ ପୂଜା, ଗଦାଧର ଉଚ୍ଚ ବିଦ୍ୟାଳୟ, ଲୋକନାଥ ରୋଡ୍, ପୂର୍ବାହ୍ନ ୧୧ଟା।
- ଶ୍ରୀନୀଳଗିରି ମୋଟର କର୍ମଚାରୀ ସଂଘ ପକ୍ଷରୁ ଗଣେଶ ପୂଜା, ରାଣୀସତୀ ମଣ୍ଡପ, ଅପରାହ୍ନ ୫ଟା।
- ଗଣପତି ମହୋତ୍ସବ, ମାର୍କେଟ ଛକ, ସନ୍ଧ୍ୟା ୬ଟା ୩୦।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ 'କଳାଭୂମି'ର ନୂଆଖାଇ କାର୍ଯ୍ୟକ୍ରମ

# ଏଥର ପଶ୍ଚିମ ଓଡ଼ିଶା ସ୍ୱତନ୍ତ୍ର 'ମ୍ୟୁଜିୟମ୍ ୱାକ୍'

ଭୁବନେଶ୍ୱର,୧୨।୯(ବ୍ୟୁରୋ)

■ ୩ ଦିନ ଧରି ଚାଲିବ ଉତ୍ସବ
■ 'ଷ୍ଟ୍ର କ୍ରାଫ୍ଟ' ୱାର୍କଶପ୍ ସହ ସମ୍ବଲପୁରୀ ନୃତ୍ୟ ମୁଖ୍ୟ ଆକର୍ଷଣ

ଆସନ୍ତା ୧୪ ତାରିଖରେ ପାଳନ ହେବାକୁ ଯାଉଛି ପଶ୍ଚିମ ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ପର୍ବ 'ନୂଆଖାଇ'। ଏହି ଗଣପର୍ବ ପାଳନ କରିବାକୁ ସମଗ୍ର ରାଜ୍ୟ ପ୍ରସ୍ତୁତ ହେଉଥିବା ବେଳେ ଏଥିରୁ ବାଦ୍ ପଡ଼ିନି ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତତନ୍ତ ମ୍ୟୁଜିୟମ୍ 'କଳାଭୂମି'। ଏହି ଅବସରରେ କଳାଭୂମି ସଂଗ୍ରହାଳୟ ପକ୍ଷରୁ ଆୟୋଜନ ହେବାକୁ ଯାଉଛି ନୂଆଖାଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ସେପ୍ଟେମ୍ବର ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ପଶ୍ଚିମ ଓଡ଼ିଶାର ଲୋକକଳା ଓ ଲୋକସଂସ୍କୃତି ଉପରେ ପ୍ରାଥମିକତା ଦିଆଯାଇଛି। ମ୍ୟୁଜିୟମ୍ ୱାକ୍‌ରୁ ଆରମ୍ଭ କରି ୱାର୍କଶପ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସବୁଥିରେ ପଶ୍ଚିମ ଓଡ଼ିଶା ଉପରେ ଆଧାରିତ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି।

ନୂଆଖାଇ ଦିନ ଅର୍ଥାତ୍ ୧୪ ତାରିଖ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପ୍ରଥମେ ଇଂଲିଶରେ ମ୍ୟୁଜିୟମ୍ ୱାକ୍ ବା ସଂଗ୍ରହାଳୟ ପଦଯାତ୍ରା ଅନୁଷ୍ଠିତ ହେବ, ଯାହାକି ସ୍ୱତନ୍ତ୍ର ଭାବେ ପଶ୍ଚିମ ଓଡ଼ିଶା ଉପରେ ରହିବ। ସେହିଭଳି ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଓଡ଼ିଆରେ ଏହି ପଦଯାତ୍ରା ହେବ। ପଦଯାତ୍ରା ସମୟରେ ଲାଇଭ୍ କ୍ଲାସିକାଲ୍ ମ୍ୟୁଜିକ୍‌କୁ ପଦଯାତ୍ରୀମାନେ ଉପଭୋଗ କରିପାରିବେ। ୧୫ ତାରିଖରେ ସମାନ ସମୟରେ ଇଂଲିଶ ଏବଂ ଓଡ଼ିଆରେ ମ୍ୟୁଜିୟମ୍ ୱାକ୍‌ର ଆୟୋଜନ କରାଯିବ। ଏହାସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ କଳାଭୂମି ପକ୍ଷରୁ ଏକ 'ଷ୍ଟ୍ର କ୍ରାଫ୍ଟ' ୱାର୍କଶପ୍ ଆୟୋଜନ ହେବ। ଏହାକୁ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବେ ଶିଳ୍ପୀ ପ୍ରଦୀପ୍ତ ନାୟକ। ୧୬ ତାରିଖ ଅର୍ଥାତ୍ ଶେଷଦିନ ମ୍ୟୁଜିୟମ୍ ୱାକ୍ ସହ 'ଷ୍ଟ୍ର କ୍ରାଫ୍ଟ' ୱାର୍କଶପ୍ ଅନୁଷ୍ଠିତ ହେବ। ଅପରାହ୍ନ ୩ଟା ୩୦ରୁ ୫ଟା ମଧ୍ୟରେ ଏକାମ୍ର ପଦଯାତ୍ରା ଏବଂ ସଂଗ୍ରହାଳୟ ପଦଯାତ୍ରା ମିଳିତ ଭାବେ କରାଯିବ। ଅପରାହ୍ନ ୫ଟା ୧୫ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପର୍ଯ୍ୟଟକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇପାରିବେ। ଏଥର ଓଡ଼ିଶୀ ପରିବର୍ତ୍ତେ ନୂଆଖାଇ ପାଇଁ ପ୍ରଥମଥର ଲାଗି ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବ। ପୂର୍ବ ଭାରତର ସର୍ବବୃହତ୍ ହସ୍ତଶିଳ୍ପ ଓ ହସ୍ତତନ୍ତ ମ୍ୟୁଜିୟମ୍ ଭାବେ ପରିଚିତ କଳାଭୂମିରେ ଜୁନ୍ ୧୬ ତାରିଖରୁ ମ୍ୟୁଜିୟମ୍ ୱାକ୍ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଦେଶ ଓ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଏହା ପ୍ରମୁଖ ଆକର୍ଷଣ ସାଜୁଛି। ପ୍ରାୟ ୪୫୦୦ ବିରଳ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀକୁ ଦର୍ଶକମାନେ ଦେଖିବା ସହ ସେ ସମ୍ପର୍କରେ ଅବଗତ ହୋଇପାରୁଛନ୍ତି। ପ୍ରାୟ ୧୦ଟି ଗ୍ୟାଲେରିରେ ଏଠାରେ ପଥର ସାମଗ୍ରୀ ସହ ଟେରାକୋଟା ସାମଗ୍ରୀ, ଘରସଜ୍ଜା ସାମଗ୍ରୀ, ପିତ୍ତଳ, କାଠ ଓ ଲୁହାନିର୍ମିତ ସାମଗ୍ରୀ, ପଟ୍ଟଚିତ୍ର, ଚାନ୍ଦୁଆ, ଡୋକ୍ରା ଶିଳ୍ପ, ବିଭିନ୍ନ ହସ୍ତତନ୍ତ୍ର ସାମଗ୍ରୀ ରହିଛି।



ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିଠାରେ ଆୟୋଜିତ ଶୋଭାଯାତ୍ରା।

## କାର୍ଯ୍ୟ ବନ୍ଦ ଆନ୍ଦୋଳନରୁ ଓହରିଲା ଓକିଲ ସଂଘ

ଖୋର୍ଦ୍ଧା ଅଫିସ,୧୨।୯

କାର୍ଯ୍ୟବନ୍ଦ ଆନ୍ଦୋଳନର ୩୧ତମ ଦିବସରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ବୁଧବାର ଆନ୍ଦୋଳନ ପ୍ରତ୍ୟାହୃତ କରି ନେଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ସକାରାତ୍ମକ ପ୍ରତିଶ୍ରୁତିକୁ ଆଖି ଆଗରେ ରଖି ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା କୁହାଯାଇଛି। ଏ ଅବସରରେ ଜିଲା ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ସଭା ବୁଧବାର ସଭାପତି ପ୍ରଭାତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓକିଲ ସଂଘର ପୂର୍ବତନ ସଭାପତି ଶକ୍ତି ଶଙ୍କର ମିଶ୍ର, ଆଇନଜୀବୀ ବୁଦ୍ଧଦେବ ମହାପାତ୍ର, ବିଚିତ୍ର ବଡଜେନା, ଅଜୟ ଶତପଥୀ, ଶିଶିର ପରିଡା, ଫୀକର ଅଲ୍ଲୀ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ। ସଭାର ନିଷ୍ପତ୍ତି ଅନୁସାରେ, ବିଚାରପତିମାନଙ୍କୁ ଆଉ ବିରୋଧ କରାଯିବ ନାହିଁ। ଶୁକ୍ରବାର ବିଚାରପତିମାନେ କାର୍ଯ୍ୟ ଆରମ୍ଭ କରିବେ। ସୋମବାର ବୈଠକ ପରେ ମଙ୍ଗଳବାରଠାରୁ ଓକିଲମାନେ ବି ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେବେ। ପ୍ରକାଶଥାଉ କି ଖୋର୍ଦ୍ଧା ଜିଲା ଗଠନର ୨୫ ବର୍ଷ ପୂର୍ତ୍ତିରେ ରୌପ୍ୟ ଜୟନ୍ତୀ ପାଳନ ଆରମ୍ଭ ହୋଇଛି। ହେଲେ ଜିଲା ସଦର ମହକୁମାକୁ ତା'ର ହକ ଦିଆଯାଉନାହିଁ। ଏଭଳିସ୍ଥିତିରେ ଜିଲା ସଦର ମହକୁମାର ହକ ପାଇଁ ଅଗଷ୍ଟ ୧୩ ତାରିଖରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲା। ଜିଲା ସଦର ମହକୁମାରେ ଜିଲା ଜଜ୍‌କୋର୍ଟ, ପୋକ୍ସୋ କୋର୍ଟ, ଭିଜିଲାନ୍ସ କୋର୍ଟ, ଜିଲା ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ, ସମସ୍ତ ଜିଲାସ୍ତରୀୟ କୋର୍ଟ ଓ ଜିଲାସ୍ତରୀୟ ଅଫିସ ଫେରିବା ଦାବିରେ ଆଇନଜୀବୀଙ୍କ ପକ୍ଷରୁ ଆନ୍ଦୋଳନ ଚାଲୁ ରହିଥିଲା।

## ଟ୍ରେଲର-ହାଇୱା ଧକ୍କା: ଜଣେ ମୃତ, ଜଣେ ଆହତ

ପାତ୍ରପଡ଼ା, ୧୨।୯ (ଡି.ଏନ.ଏ.)

ଖଣ୍ଡଗିରି ଥାନା ଅଧୀନ ଆଇଗଣିଆ ଓଭରବ୍ରିଜ୍ ଉପରେ ବୁଧବାର ଭୋର ପ୍ରାୟ ୪ଟାରେ ଦୁର୍ଘଟଣା ଘଟି ଜଣେ ଗାଡି ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଚାଳକ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ହେଲେ ନୟାଗଡ ଜିଲା ଶରଣକୁଳ ଥାନା ଅଞ୍ଚଳର ସରୋଜକାନ୍ତ ପ୍ରଧାନ(୩୫), ଆହତ ବ୍ୟକ୍ତି ହେଲେ ରଣଜିତ ରାଉତରାୟ। ୧୬ ନଂ. ଜାତୀୟ ରାଜପଥରେ ଖୋର୍ଦ୍ଧାପଟୁ ଭୁବନେଶ୍ୱର ଆଡକୁ ଆସୁଥିବା ଏକ ପାଇପ ବୋଝେଇ ଟ୍ରେଲର (ଓଆର୦୨ବିଏଫ୫୨୯୮) ଆଇଗଣିଆ ଓଭରବ୍ରିଜ୍ ଅତିକ୍ରମ କରୁଥିଲା। ଏହି ସମୟରେ ପଛପଟୁ ଏକ ଚିପ୍ସ ବୋଝେଇ ହାଇୱା (ଓଡି ୦୨ ଏଟି ୬୧୧) ଟ୍ରେଲର ପଛପଟେ ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକ ପାଇପ ପଛ ପଟେ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରେ ହାଇୱା ଚାଳକ ସରୋଜଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଚାଳକ ରଣଜିତ ଆହତ ହୋଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ଆହତ ରଣଜିତଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଥାନାରେ ନଂ. ୪୧୩/୧୮ରେ ମାମଲା ରୁଜୁ ହୋଇଛି।

## ଯୋଗନନ୍ଦୀ ଆଶ୍ରମରେ ପାଲା

ଭୁବନେଶ୍ୱର, ୧୨।୯(ବ୍ୟୁରୋ)



ନାରୀ ସ୍ୱାଧୀନତା, ସଶକ୍ତୀକରଣ ଓ ସାମାଜିକ କୁସଂସ୍କାର ଦୂରୀକରଣର ବାର୍ତ୍ତା ନେଇ ଖଣ୍ଡଗିରିସ୍ଥିତ ଯୋଗନନ୍ଦୀ ଆଶ୍ରମରେ ପାଲା ପରିବେଷିତ ହୋଇଯାଇଛି। ଶ୍ରୀଜଗନ୍ନାଥ ପାଲା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି ପାଲାର ବିଷୟବସ୍ତୁ ଥିଲା 'ବାର ବୟସୀ'। ମହାଭାରତ ଯୁଦ୍ଧ ପରେ ପାଣ୍ଡବମାନେ ଅଶ୍ୱମେଧ ଯଜ୍ଞର ଆୟୋଜନ କରିଥିଲେ। ପରାକ୍ରମୀ ପାଣ୍ଡବମାନଙ୍କ ଅଶ୍ୱକୁ ବନ୍ଦୀ ବନାନ୍ତି ଏକ ନାରୀ ରାଜ୍ୟର ରାଜକୁମାରୀ ବାର ବୟସୀ। ଅଶ୍ୱକୁ ନେବା ପାଇଁ ତୃତୀୟ ପାଣ୍ଡବ ଅର୍ଜୁନଙ୍କୁ ଯୁଦ୍ଧର ଆହ୍ୱାନ ଦିଅନ୍ତି ବାର ବୟସୀ। ନାରୀ ଉପରେ ଅସ୍ତ୍ର ଉଠାଇବେ ନାହିଁ ବୋଲି କୁହନ୍ତି ପାର୍ଥ। ଏହାପରେ ଉଭୟଙ୍କ ମଧ୍ୟରେ ଆରମ୍ଭ ହୁଏ ଭୟଙ୍କର ଜ୍ଞାନ, ବୁଦ୍ଧିମତ୍ତା ଓ ତର୍କ ଯୁଦ୍ଧ। ଅର୍ଜୁନଙ୍କ ଉପରେ ଭାରି ପଡ଼ନ୍ତି ବାର ବୟସୀ। ଏହା ଦେଖି ଅର୍ଜୁନ ସଖା ଶ୍ରୀକୃଷ୍ଣଙ୍କ ସହାୟତା ଲୋଡ଼ନ୍ତି। ନରରୂପୀ ଅର୍ଜୁନ ଓ ନାରାୟଣ ଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟ ପାଇ ଅଭିଶାପରୁ ମୁକ୍ତ ହୁଅନ୍ତି ଚାରୁକେଶୀ ବାର ବୟସୀ। ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ସେ ଅର୍ଜୁନଙ୍କ ପାଣିଗ୍ରହଣ କରନ୍ତି। ମହାଭାରତର ଏହି ଅଲୌକିକ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ବାର ବୟସୀ ପାଲାକୁ ପରିବେଷଣ କରିଥିଲେ ବରିଷ୍ଠ ପାଲା ଗାୟକ ବୈରାଗୀ ବେହେରା। ଶ୍ରୀ ଜଗନ୍ନାଥ ପାଲା ଗବେଷଣା ପ୍ରତିଷ୍ଠାନର ଚକ୍ରଧର ବାରିକ ଏହାର ସଂଯୋଜନା କରିଥିଲେ ଓ ଲକ୍ଷ୍ମୀଧର ସେନାପତି ସହଯୋଗ କରିଥିଲେ। ବରମୁଣ୍ଡା ଗାଁର ସନ୍ତୋଷ କୁମାର ପଣ୍ଡା, ଉପେନ୍ଦ୍ର ପାଇକରାୟ, ଗୋପାଳ ଚନ୍ଦ୍ର ସୁବୁଦ୍ଧି, ଶ୍ରୀଧର ସ୍ୱାଇଁ, ଗିରିଧର ପାଇକରାୟ, କୈଳାସ ଚନ୍ଦ୍ର ରଣସିଂହ ଏବଂ ଯୋଗନନ୍ଦୀ ଆଶ୍ରମର ବାବା ଗୌରଗୋବିନ୍ଦ ଦାସ ମହାରାଜ ଓ ହରିଚରଣ ଦାସ ମହାରାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାଣପୁରରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଖୋର୍ଦ୍ଧା ଅଫିସ,୧୨।୯

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ବୁଧବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ସରକାର ସେମାନଙ୍କର ଦାବିକୁ ଅଣଦେଖା ଓ ଉପେକ୍ଷିତ କରିଛନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ହେଲେ ସେମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ସମାନ କାମକୁ ସମାନ ଦରମା, ସମସ୍ତ କର୍ମଚାରୀଙ୍କୁ ବୀମା ପ୍ରଦାନ, ପ୍ରୋତ୍ସାହନ ରାଶି ପ୍ରଥା ଉଚ୍ଛେଦ, ସ୍ୱାସ୍ଥ୍ୟ ପରିଚାଳନା କର୍ମଚାରୀ ପଦବୀ ସୃଷ୍ଟି କରିବା ଏବଂ ସମସ୍ତଙ୍କୁ ଇପିଏଫରେ ଅନ୍ତର୍ଭୁକ୍ତ କରିବା ଦାବି ନେଇ ଆନ୍ଦୋଳନ ଆରମ୍ଭ ହୋଇଛି।


ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'ପୁକାର'ର ଏକ ଦୃଶ୍ୟ।

■ ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ ଉଦ୍‌ଯାପିତ

## 'କଅଁଳ ମନର ଅକୁହା ବେଦନା ବଖାଣିଲା 'ଶଶୀ'

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ମା', ବାପା ହେଉଛନ୍ତି ଅମୂଲ୍ୟ। ସେମାନଙ୍କ ସ୍ନେହ, ଭଲପାଇବା ସବୁ ସମ୍ପର୍କଠାରୁ ଊର୍ଦ୍ଧ୍ୱ। ସେମାନଙ୍କ ଆଦର, ନୀତିଶିକ୍ଷା, ସଂସ୍କାର ସନ୍ତାନମାନଙ୍କୁ ପରିପୁଷ୍ଟ କରିଥାଏ। ମାତ୍ର ଯଦି ଦୁର୍ଭାଗ୍ୟକୁ ସେହି ମାତାପିତା ନିଜ ସନ୍ତାନକୁ ଘୃଣା କରନ୍ତି, ପୁତନା, କଂସ ହୁଅନ୍ତି, ତେବେ ସନ୍ତାନର ଭବିଷ୍ୟତ ଅନ୍ଧକାରମୟ ହୋଇଉଠେ। ଏହିଭଳି ଏକ କାହାଣୀକୁ ନେଇ ବୁଧବାର ଭଞ୍ଜ କଳାମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଶଶୀ'। ଶଶୀ ଅଟିଜମ୍‌ର ଶିକାର ହୋଇଥିବା କାରଣରୁ ମା', ବାପାଙ୍କ ସ୍ନେହ, ଆଦରରୁ ବଞ୍ଚିତ ହୋଇ ରୁହେ। ସମାଜ ବି ତାକୁ ଭିନ୍ନ ନଜରରେ ଦେଖେ, ଯାହାଫଳରେ ଶଶୀକୁ ନିଜ ସନ୍ତାନ ବୋଲି ପରିଚୟ ଦେବାକୁ ତା'ର ମାତାପିତାଙ୍କୁ ଖରାପ ଲାଗେ। ତା' ପ୍ରତି ଅଣଦେଖା ଆରମ୍ଭ ହୋଇଯାଏ ଏବଂ ବାହାର ଲୋକ ଭଳି ବ୍ୟବହାର କରାଯାଏ। ଏହିଭଳି କଥାବସ୍ତୁକୁ ନେଇ ମଞ୍ଚସ୍ଥ ହୋଇଥିବା ନାଟକ 'ଶଶୀ'ରେ ଲେଖକ ସମାଜକୁ କିଛି ଶିକ୍ଷଣୀୟ ବାର୍ତ୍ତା ଦେଇଛନ୍ତି। ସନ୍ତାନମାନେ ମା', ବାପାଙ୍କୁ ଅଣଦେଖା କଲେ ସେମାନଙ୍କୁ ସମାଜ ଦୋଷୀ ବୋଲି କହି ନିନ୍ଦା କରୁଥିବା ବେଳେ ସନ୍ତାନଙ୍କୁ ଅଣଦେଖା କରୁଥିବା ମାତାପିତାଙ୍କୁ ସମାଜ ଦୋଷୀ ମାନିପାରିବ କି ବୋଲି ଲେଖକ ପ୍ରଶ୍ନ କରିଛନ୍ତି। ମ୍ୟାଜିକ୍ ଥିଏଟର ପକ୍ଷରୁ ପରିବେଷିତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ପ୍ରଜ୍ଞାରଞ୍ଜନ ଖଟୁଆ ଦେଇଥିବା ବେଳେ ଅଭିନୟ କରିଥିଲେ ନବୀନ ପରିଡ଼ା।

ସନ୍ଧ୍ୟାର ଦ୍ୱିତୀୟ ପ୍ରସ୍ତୁତିରେ ହିନ୍ଦୀ ନାଟକ 'ପୁକାର' ମଞ୍ଚସ୍ଥ ହୋଇଥିଲା। ଏଥିରେ ବଳାତ୍କାରର ଶିକାର ହୋଇଥିବା ଜଣେ ନାରୀର ଅନ୍ତର ବେଦନାକୁ ଚିତ୍ରଣ କରାଯାଇଥିଲା। ବଳାତ୍କାର କରୁଥିବା ଅପରାଧୀ ଛାତି ଫୁଲାଇ ରାସ୍ତାରେ ଚାଲୁଥିବା ବେଳେ ପୀଡ଼ିତା ଜଣକ ସମାଜ ଦ୍ୱାରା ଉପହସିତ ହୋଇ ମୁହଁ ଲୁଚାଇଥାଏ। ନାଟକରେ ସମାଜର ମାନସିକତା, ଅତ୍ୟାଚାରର ଶିକାର ହୋଇଥିବା ମହିଳାଙ୍କ ଅକୁହା ବେଦନା ଏବଂ ଆବଶ୍ୟକ ଥିବା ସାମାଜିକ ସଂସ୍କାରକୁ ବର୍ଣ୍ଣନା କରାଯାଇଥିଲା। ପ୍ରୟାସ ଅନୁଷ୍ଠାନ ଦ୍ୱାରା ପରିବେଷିତ ଏହି ନାଟକରେ ଅଭିନୟ ସାଙ୍ଗକୁ ନିର୍ଦ୍ଦେଶନା ଦେଇଥିଲେ ନିବେଦିତା ଜେନା। ୩ଦିନ ଧରି ଚାଲିଥିବା ଷଷ୍ଠ ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟକାର ଅଜିତ୍ ନାରାୟଣ ଦାସ, ସୁବୋଧ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଅନୁଷ୍ଠାନ ତରଫରୁ ନାଟକର କଳାକାରଙ୍କୁ 'ଏକା' ସମ୍ମାନରେ ସମ୍ମାନିତ କରାଯାଇଥିଲା।

■ ପୋଲିସ ଗୋଡ଼ାଇଲା

## ଲୁଟେରା ଛାଡ଼ିଗଲେ ବାଇକ୍, ପିକ୍‌ଅପ୍ ଭ୍ୟାନ୍


ଲୁଟେରା ଛାଡ଼ି ଯାଇଥିବା ପିକ୍‌ଅପ୍ ଭ୍ୟାନ ଓ ବାଇକ।

ଖୋର୍ଦ୍ଧା ଅଫିସ,୧୨।୯

ମଙ୍ଗଳବାର ବିଳମ୍ବିତ ରାତିରେ ଗାଡିକୁ ପୋଲିସ ଅଟକାଉଥିବା ଦେଖି ବାଇକ୍ ଲୁଟେରା ଛାଡି ଯାଇଛନ୍ତି ପିକଅପ ଭ୍ୟାନ ସହ ବାଇକ୍। ଖୋର୍ଦ୍ଧା ସଦର ଥାନା ପୋଲିସ ଏହି ଦୁଇ ଚୋରା ଗାଡିକୁ ଜବତ କରି ହେପାଜତକୁ ନେଇଥିଲା। ତେବେ ଗଡିଶାଗଦା ଥାନା ପୋଲିସ ଖୋର୍ଦ୍ଧାରେ ପହଞ୍ଚିବା ପରେ ପିକଅପ ଭ୍ୟାନ ସହ ବାଇକକୁ ସଦର ଥାନା ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁସାରେ, ପୁରୀ ଜିଲା ଗଡିଶାଗଦା ଥାନା ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ପିଛା କରୁଥିଲା। କେତେଜଣ ବାଇକ୍ ଲୁଟେରା ପିକଅପ ଭ୍ୟାନ (ନଂ. ଓଆର୦୨ବିଜେଡ ୫୦୫୨)ରେ ଚୋରା ବାଇକ ରଖି ଖସି ଯାଇଥିଲେ। ଲୁଟେରାମାନେ ଖୋର୍ଦ୍ଧା ଅଭିମୁଖେ ଆସୁଥିବାରୁ ଗଡିଶାଗଦା ଥାନା ପୋଲିସ ଖୋର୍ଦ୍ଧା ପୋଲିସକୁ ଖବର ଦେଇଥିଲା। ଖୋର୍ଦ୍ଧା ବ୍ଲକର ଧଉଳିମୁହଁ ଅଣ୍ଡା ରାସ୍ତାରେ ପିକଅପ ଭ୍ୟାନ ଯାଉଥିବାବେଳେ ପୋଲିସକୁ ଦେଖି ଲୁଟେରାମାନେ ଗାଡି ଛାଡି ପଳାଇ ଯାଇଥିଲେ।

## ରୟାଲ କଲେଜରେ 'ରେନ୍ ମାନିଆ'



ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଆବାସିକ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟ ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ବୁଧବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚଗୀତର କାର୍ଯ୍ୟକ୍ରମ 'ରେନ୍ ମାନିଆ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସି ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ବହୁମୁଖୀ ପ୍ରତିଭାର ପରିପ୍ରକାଶ କରିଥିଲେ। ଉତ୍ସବରେ କଲେଜର ଚେୟାରମ୍ୟାନ, ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପାଲାକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୧୨।୯(ବ୍ୟୁରୋ)

**୫ ଦିନିଆ ପାଲା ମହୋତ୍ସବ କରିବାକୁ ଦାବି**

ଓଡ଼ିଶାର କଳା, ସଂସ୍କୃତି ସହ ପାଲା କାହିଁ କେଉଁ କାଳରୁ ଓତଃପ୍ରୋତ ଭାବେ ଜଡ଼ିତ। ଓଡ଼ିଶା ସଂସ୍କୃତି ପ୍ରତି ଏହି କଳା ଓ କଳାକାରଙ୍କ ଅବଦାନ ଅବିସ୍ମରଣୀୟ। କୁସଂସ୍କାରମୁକ୍ତ ସମାଜ ଗଠନ କ୍ଷେତ୍ରରେ ସରକାରୀ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାରେ ଏହି ଲୋକକଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ପାଲା ଓ ପାଲା କଳାକାରମାନଙ୍କୁ ସରକାରୀ ସ୍ତରରେ ଯେତିକି ପ୍ରୋତ୍ସାହନ ଓ ସହାୟତା ମିଳିବା କଥା, ତାହା ଏଯାବତ୍ ମିଳିପାରି ନାହିଁ। ଯାହା ମିଳିଛି ତାହା ସମୁଦ୍ରକୁ ଶଙ୍ଖେ ଓ କଳାକାରମାନଙ୍କ ପ୍ରତି ଏହା ଚରମ ଉପହାସ ବୋଲି ଅଭିଯୋଗ କରିଛି ରାଜ୍ୟ ପାଲା ଗାୟକ ପରିଷଦ। ପରିଷଦ ପକ୍ଷରୁ ବୁଧବାର ସ୍ଥାନୀୟ ନେହେରୁ ଯୁବକେନ୍ଦ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ମଦନ ମୋହନ ଜେନା ଏହା କହିଛନ୍ତି।

ପାଲା ସଂସ୍କୃତିର ସୁରକ୍ଷା ପାଇଁ ଏବେ ରାଜ୍ୟର ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ କଳାକାର କାର୍ଯ୍ୟ କରୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ପାଲାର ଲୋକପ୍ରିୟତା ଦିନକୁ ଦିନ କମିବାରେ ଲାଗିଛି ଓ କଳାକାରମାନେ କଳା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏଭଳିସ୍ଥଳେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରତିବର୍ଷ ସ୍ୱତନ୍ତ୍ର ଭାବେ ୫ ଦିନିଆ ପାଲା ମହୋତ୍ସବ ଆୟୋଜନ କରିବାକୁ ଦାବି କରିଛି ପରିଷଦ। ଏହାସହ ରାଜ୍ୟ ପାଲା ଗାୟକ ପରିଷଦର ସ୍ଥାୟୀ କାର୍ଯ୍ୟାଳୟ ଓ ପାଲା ତାଲିମ କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ରାଜଧାନୀରେ ୫୦୦ ଡିସିମିଲ ଗୃହୋପଯୋଗୀ ଜମି ଆବଣ୍ଟନ ପାଇଁ ଦାବି କରାଯାଇଛି। ସେହିଭଳି ଅନ୍ୟ ଦାବିଗୁଡ଼ିକ ମଧ୍ୟରେ କଳାକାର ଭତ୍ତା ବୃଦ୍ଧି, କଳା ସଂସ୍କୃତି ସଂଘ ଅନ୍ତର୍ଭୁକ୍ତ ପାଲା କଳାକାରମାନଙ୍କୁ ପ୍ରତି ସରକାରୀ କାର୍ଯ୍ୟକ୍ରମ ପାଇଁ ଅନ୍ୟୂନ୍ୟ ୫ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ, ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପାଲା ପାଇଁ ଏକ ସ୍ୱତନ୍ତ୍ର ବିଭାଗ, ସମସ୍ତ ସରକାରୀ ମହୋତ୍ସବଗୁଡ଼ିକରେ ପାଲା ପରିବେଷଣକୁ ଅଗ୍ରାଧିକାର ଆଦି ରହିଛି। ଯଦି ଏହି ଦାବିଗୁଡ଼ିକ ପୂରଣ ଦିଗରେ ସରକାର ପଦକ୍ଷେପ ନ ନିଅନ୍ତି, ତା' ହେଲେ ପରିଷଦ ଖୁବ୍‌ଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

ରାଜ୍ୟ ପାଲା ଗାୟକ ପରିଷଦ ନିର୍ଦ୍ଦେଶକ ଅମିୟ କୁମାର ପଟ୍ଟନାୟକ କହିଥିଲେ, ଓଡ଼ିଆ ସଂସ୍କୃତିର ଶ୍ରେଷ୍ଠ ବିଭବର ଏକ ବଳିଷ୍ଠ ଅଂଶ ପାଲା। ଏହି କଳା ସହ ଜଡ଼ିତ ସମସ୍ତ ଗାୟକ, ବାୟକ, ପାଳିଆଙ୍କର ସମାଜ ପାଇଁ ବିଶେଷ ଅବଦାନ ରହିଛି। ମାତ୍ର ସରକାର ବାରମ୍ବାର ଏହି କଳା ପ୍ରତି ଅଣଦେଖା କରିବା ପରିତାପର ବିଷୟ। ଉପଯୁକ୍ତ ତାଲିମ ଓ ପ୍ରୋତ୍ସାହନ ଦିଆଗଲେ ଏହି ପ୍ରାଚୀନ କଳାର ଗୌରବ ନିଶ୍ଚୟ ଫେରି ଆସିବ। କଳାକାରମାନଙ୍କ ମାସିକ ଭତ୍ତା ୧୨ଶହ ଟଙ୍କାରୁ ୩ହଜାର ଟଙ୍କାକୁ ବୃଦ୍ଧି, ପ୍ରତି ପଞ୍ଚାୟତରେ ଲୋକକଳା ସଂସ୍କୃତି ମଣ୍ଡପ ନିର୍ମାଣ ଓ ପ୍ରତିବର୍ଷ ଏଠାରେ ସରକାରୀ ପ୍ରୋତ୍ସାହନରେ ପାଲା ପରିବେଷଣ, ପୁରାତନ ପାଲା ମଞ୍ଚଗୁଡ଼ିକର ପୁନରୁଦ୍ଧାର ଓ ପ୍ରୋତ୍ସାହନ ଏବଂ ରାଜ୍ୟରେ ଏକ ପାଲା ପ୍ରଶିକ୍ଷଣ କେନ୍ଦ୍ର ତଥା ପାଲା ଏକାଡେମୀ ପ୍ରତିଷ୍ଠା ପାଇଁ ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ବିଶିଷ୍ଟ ଗାୟକ ସୁଦର୍ଶନ ମହାପାତ୍ର, ସୁରେନ୍ଦ୍ର ନାଥ ଛୋଟରାୟ, ଚକ୍ରଧର ବାରିକ, ଯୁଧିଷ୍ଠିର ପରିଜା, ଉପ ସଭାପତି ବିନାୟକ ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଧୈର୍ଯ୍ୟ ପିତା ଲାଗେ ସତ, କିନ୍ତୁ ତାହାର ଫଳ ଖୁବ୍ ମଧୁର।
- ରୁଷୋ

ଆଜି ଗଣେଶ ଚତୁର୍ଥୀ



ଭୁବନେଶ୍ୱର ଶହୀଦନଗର ଶହୀଦ କ୍ଲବ ପକ୍ଷରୁ ତିଆରି କରାଯାଇଥିବା ଗଣେଶ ମୂର୍ତ୍ତି।



ଭୁବନେଶ୍ୱର ଶହୀଦନଗରର ୱିନର ଆସୋସିଏଶନ ପକ୍ଷରୁ ପ୍ରସ୍ତୁତ ମୂର୍ତ୍ତି।

# ପୂଜା ପାଇବେ 'ସହସ୍ରମୁଖୀ ଗଣେଶ', ୫୫ କେଜି ଲଡ୍ଡୁ ଆକର୍ଷଣ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ବିଘ୍ନ ବିନାଶକଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ଛକ, ବଜାର, ଗଳିକନ୍ଦିରେ ବିଭିନ୍ନ ବେଶ, ଭିନ୍ନ ଆକୃତିର ଗଜାନନଙ୍କୁ ପୂଜା କରିବାକୁ ପ୍ରସ୍ତୁତ ରହିଛନ୍ତି ଭକ୍ତ। ପୂଜା ମଣ୍ଡପଗୁଡ଼ିକ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହୋଇଥିବା ବେଳେ ସୁଉଚ୍ଚ ମୂର୍ତ୍ତି ଏବଂ ତୋରଣ ଏଥର ପ୍ରମୁଖ ଆକର୍ଷଣ ସାଜିବ। କେତେକ ସ୍ଥାନରେ ଭଜନ ସମାରୋହ ସାଙ୍ଗକୁ ମେଲୋଡି ସନ୍ଧ୍ୟା ପୂଜାର ମାହୋଲକୁ ଆହୁରି ଦ୍ୱିଗୁଣିତ କରିବ।

ଭୁବନେଶ୍ୱରର ସବୁଠାରୁ ବଡ଼ ଗଣେଶ ମୂର୍ତ୍ତି ନିର୍ମାଣ କରି ଗତ କିଛିବର୍ଷ ହେବ ଚର୍ଚ୍ଚାରେ ରହୁଥିବା ଶହୀଦନଗରର ୱିନର ଆସୋସିଏଶନ ଚଳିତବର୍ଷ ମଧ ସର୍ବାଧିକ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ନିର୍ମାଣ କରିଛି। କ୍ଲବ ପକ୍ଷରୁ ଏଥର ୪୫ ଫୁଟ୍ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ନିର୍ମାଣ କରାଯାଇଥିବା ବେଳେ ଗଣେଶଙ୍କ ହାତରେ ଶୋଭା ପାଇବ ୫୫ କେଜିର ଲଡ୍ଡୁ, ଯାହାକି ଏଠାକାର ଆଉ ଏକ ଆକର୍ଷଣ। ସେହିଭଳି ଶହୀଦନଗର ପୂଜା ମଣ୍ଡପରେ ଏଥର 'ସହସ୍ରମୁଖୀ ଗଣେଶ' ପୂଜା ପାଇବେ। ୩୫ଟି ହସ୍ତୀ ଉପରେ ବିରାଜିତ ଗଜାନନଙ୍କ ଦେହ ଧଳା ରାଶି ଏବଂ ବସ୍ତ୍ର ମସୁର ଡାଲିରେ ନିର୍ମିତ ହୋଇଛି। ହାତୀମାନଙ୍କ ଆଖିଗୁଡ଼ିକ ବାଟିରେ ତିଆରି ହୋଇଛି। ଅଶୋକ ନଗର ୟୁଥ୍ ଆସୋସିଏଶନ ଦ୍ୱାରା ଏଥର ଗଣେଶଙ୍କ ମୂର୍ତ୍ତି ଚାଉଳରେ ଗଢ଼ାହୋଇଛି। ଖାରବେଳ ନଗରର ଗ୍ଲୋରିୟସ୍ କ୍ଲବ ଦ୍ୱାରା ଚଳିତବର୍ଷ ଗଣେଶଙ୍କୁ ହିମାଳୟ ପର୍ବତ ପରିବେଶ ମଧ୍ୟରେ ପୂଜା କରାଯିବାର ସମସ୍ତ ପ୍ରସ୍ତୁତି ସରିଛି। କେବଳ ସେତିକି ନୁହେଁ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ୟୁଥ୍ କ୍ଲବ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଏହିକ୍ରମରେ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏଥର 'ୟୁଥ୍ ଫର୍ ସେବା' ଅନୁଷ୍ଠାନ ପକ୍ଷରୁ ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଛି। ଏହାସହ ରାସାୟନିକ ରଙ୍ଗର ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ପୂଜା କରିବାକୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବାର୍ତ୍ତା ଦିଆଯାଇଛି।

# କଟକରେ ଏଥର ୫୦ଫୁଟର ଗଣେଶ

କଟକ ଅଫିସ, ୧୨।୯

ଆଜି ବିଘ୍ନବିନାଶକ ପ୍ରଭୁ ଗଜାନନ ପୂଜା। କଟକ ସହରର ୧୫୦ରୁ ଉର୍ଦ୍ଧ୍ୱ ସ୍ଥାୟୀ ଓ ଅସ୍ଥାୟୀ ମଣ୍ଡପରେ ଗଜାନନ ପୂଜା ପାଇବେ। ଏଥିପାଇଁ ବିଭିନ୍ନ କ୍ଲବ, ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ସରିଛି। ତେବେ ଗଣେଶ ପୂଜାକୁ ନେଇ ରବିବାରଠାରୁ କଟକ ସହର ଉତ୍ସବ ମୁଖର ହୋଇଉଠିଛି। କେତେକ ସ୍ଥାନରେ ଆଲୋକ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଆଉ କେଉଁଠି ମୂର୍ତ୍ତି ତିଆରିକୁ ଆକର୍ଷଣୀୟ କରାଯାଇଛି। ପୁଣି ଆଉ କେଉଁଠି ମୂର୍ତ୍ତି ଓ ମେଢ଼ରେ ସାମାଜିକ ବାର୍ତ୍ତା ରହିଛି। ଅଧିକାଂଶ ସ୍ଥାନରେ ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

■ ବିଭିନ୍ନ ସ୍ଥାନରେ ମେଲୋଡ଼ି, ସାଂସ୍କୃତିକ କାର୍ଯ୍ୟକ୍ରମ
■ ଆସନ୍ତା ୧୬, ୨୩ ଓ ଅକ୍ଟୋବର ୭ରେ ଭସାଣି

ତେବେ ଏଥର କଟକରେ ୫୦ଫୁଟ ଉଚ୍ଚର ମୃଣ୍ମୟ ଗଣେଶ ମୂର୍ତ୍ତି ମୁଖ୍ୟ ଆକର୍ଷଣ ହୋଇଛି। ନୂଆବଜାର ଗୋଶାଳାରୋଡ ନିକଟରେ ଶ୍ରୀକ୍ଷେତ୍ର ନଗର ପୂଜା କମିଟି ପକ୍ଷରୁ ହୋଇଥିବା ଏହି ଗଣେଶ ମୂର୍ତ୍ତିକୁ ୩୦ ଜଣ କାରିଗର ୪୦ ଦିନରେ ତିଆରି କରିଛନ୍ତି।ଏହାରାଜ୍ୟରସବୁଠାରୁବଡ଼ ଗଣେଶ ବୋଲି ଆୟୋଜକଙ୍କ ପକ୍ଷରୁ ଦାବି କରାଯାଇଥିବାବେଳେ ଶୋଭାଯାତ୍ରାରେ ସମସ୍ୟା ଉପୁଜିବା ଆଶଙ୍କା କରି ପାଣି ସ୍ପ୍ରେ ମାଧମରେ ବିସର୍ଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ପୂଜାଠାରୁ ଭସାଣି ପର୍ଯ୍ୟନ୍ତ ସହରରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ମଧ ବ୍ୟବସ୍ଥା ହୋଇଛି। ଏଥିପାଇଁ ମହାନଗର ଓ ପୂର୍ବାଞ୍ଚଳ ଶାନ୍ତି କମିଟି ସହ ପୋଲିସର ବୈଠକ ବସିଥିଲା। ଆସନ୍ତା ୧୬, ୨୩ ଓ ଅକ୍ଟୋବର ୭ ତାରିଖରେ ଭସାଣି ଉତ୍ସବ ପାଇଁ ନିଷ୍ପତ୍ତି ହୋଇଛି। ମହାନଗର ଶାନ୍ତି କମିଟି ଯୁଗ୍ମ ସମ୍ପାଦକ ଦ୍ୱୈପାୟନ ପଟ୍ଟନାୟକ କହିଛନ୍ତି ଯେ, କଟକ ହେଉଛି ପୁରାତନ ଭାଇଚାରା ଓ ସାଂସ୍କୃତିକ ସହର। ଏଥିରେ ସମସ୍ତେ ସହଯୋଗ କରିବାକୁ ସେ ସହରବାସୀଙ୍କୁ ନିବେଦନ କରିଛନ୍ତି। ସେହିପରି ଓଡ଼ିଆ ସଂସ୍କୃତି ଓ କଟକଣାକୁ ମାନି ଲୋକଙ୍କ ମନୋରଞ୍ଜନ ଯୋଗାଇ ଦେବାକୁ ଚେଷ୍ଟା କରିବୁ ବୋଲି କହିଥିଲେ ଓଡ଼ିଶା ମେଲୋଡି ଆସୋସିଏଶନ ସଭାପତି ଶ୍ୟାମ କୁମାର। ତେବେ ଚଳିତଥର ଲଘୁଚାପଜନିତ ବର୍ଷା ଆଶଙ୍କାକୁ ନେଇ ପୂଜା କମିଟି ଓ ମେଲୋଡି ପାର୍ଟି ମାଲିକମାନେ ଚିନ୍ତାରେ ରହିଛନ୍ତି।



ଶ୍ରୀକ୍ଷେତ୍ର ନଗର ପୂଜା କମିଟି ପକ୍ଷରୁ ପ୍ରସ୍ତୁତ ଗଣେଶ ମୂର୍ତ୍ତି।

# ୩୪% ଅଧ୍ୟାପକ ପଦବୀ ଖାଲି, ଅଧ୍ୟକ୍ଷ ଶୂନ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

**ଉଚ୍ଚଶିକ୍ଷା ଦିଗହରା**
■ ଗୁଣାତ୍ମକ ଶିକ୍ଷାଦାନ ବାଧାପ୍ରାପ୍ତ
■ ପୂରଣ ହୋଇନି ୩୭.୭୩% ଅଣଶିକ୍ଷକ ପଦବୀ

ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଛି। ବିଭିନ୍ନ ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ବହୁସଂଖ୍ୟକ ଅଧ୍ୟାପକ ପଦବୀ ଖାଲିପଡ଼ିଥିବାରୁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରୁନାହିଁ। ରାଜ୍ୟ ସରକାର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଲାଗି ୨୦୧୯ରେ କେତେକ ନୂଆ ନୀତି ଲାଗୁ କରିବେ। ଏପରି କି କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ବିଶ୍ୱବ୍ୟାଙ୍କରୁ ୧୦୭୧ କୋଟି ଟଙ୍କା ଋଣ କରିବାକୁ ଯାଉଛନ୍ତି। କିନ୍ତୁ ଅଧ୍ୟାପକ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଶିକ୍ଷାବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ ୫୨ ସରକାରୀ କଲେଜ ଏବଂ ୫୯୮ ଅନୁଦାନପ୍ରାପ୍ତ ବେସରକାରୀ ଡିଗ୍ରୀ କଲେଜ ରହିଛି। ବର୍ତ୍ତମାନ ସୁଦ୍ଧା ଏସବୁ କଲେଜରେ ୩୪% ଅଧ୍ୟାପକ ପଦବୀ ଖାଲି ପଡ଼ିଛି। କୌଣସି ଗୋଟିଏ ହେଲେ କଲେଜରେ ଅଧ୍ୟକ୍ଷ ପଦବୀ ପୂରଣ ହୋଇନାହିଁ। ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଅଧ୍ୟକ୍ଷ, ଅଧ୍ୟାପିକା ଏବଂ ଅଧ୍ୟାପକଙ୍କ ସଂଖ୍ୟା ବିଷୟରେ ଜାଣିବା ପାଇଁ ବିଧାୟକ ଦିଲୀପ ରାୟ ଗତ ୬ ତାରିଖରେ ଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଅନନ୍ତ ଦାଶ କହିଲେ, ୫୨ଟି ସରକାରୀ କଲେଜରେ ଗୋଟିଏ ହେଲେ ଅଧ୍ୟକ୍ଷ ପଦବୀ ସରକାର ପୂରଣ କରିନାହାନ୍ତି। ଏସବୁ ପଦବୀରେ ଭାରପ୍ରାପ୍ତ ଅଧ୍ୟକ୍ଷ ନିୟୋଜିତ କରାଯାଇ କଲେଜ ପରିଚାଳନା କରାଯାଉଛି। ୫୨ ପଦବୀ ମଧ୍ୟରୁ ୨୯ ପଦବୀ ପୂରଣ ପାଇଁ ସରକାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ୨୦୦୭।୨୦୧୮ରେ ଅନୁରୋଧ କରିଛନ୍ତି। ୫୯୮ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ମଧ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏହି ପଦବୀଗୁଡ଼ିକ ପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଉତ୍ତର ରଖିଥିଲେ।

ସେହିପରି ସରକାରୀ କଲେଜର ମୋଟ ଅଧ୍ୟାପକ ସଂଖ୍ୟା ୨୩୦୬। ସେଥିରୁ ୧୦୨୨ ନିୟମିତ ଥିବାବେଳେ ୧୨୮୪ ପଦବୀ ଖାଲିପଡ଼ିଛି। ଖାଲି ପଡିଥିବା ପଦବୀରୁ ୧୨୩ରେ ଆଡ୍‌ହକ୍ ଅଧ୍ୟାପକ ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ୧୬୧ ନିୟମିତ ଅଧ୍ୟାପକ ପଦବୀରେ ନିଯୁକ୍ତି ଲାଗି ସରକାର ଓପିଏସ୍‌ସିକୁ ୨୦୧୭ରେ ଅନୁରୋଧ କରିଛନ୍ତି। ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ୬୩୬୪। ସେଥିରୁ ୪୬୯୮ ନିୟମିତ ଅଧ୍ୟାପକ ଥିବାବେଳେ ଅବଶିଷ୍ଟ ୧୬୬୬ ପଦବୀ ଖାଲି ପଡ଼ିଛି। ଖାଲି ପଡିଥିବା ପଦବୀରୁ ୮୩୩ ପଦବୀ ପୂରଣ ପାଇଁ ବିଭାଗ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍‌ଏସ୍‌ବି)କୁ ଅନୁରୋଧ କରିଛି ବୋଲି ମନ୍ତ୍ରୀ କହିଥିଲେ।

ଅପରପକ୍ଷରେ ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ୩୭.୭୩% ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ସରକାରୀ କଲେଜରେ ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ୨୨୯୯ ଥିବାବେଳେ ସେଥିରୁ ୧୧୩୪ ନିୟମିତ। ଅବଶିଷ୍ଟ ୧୧୬୫ ପଦବୀ ଖାଲିପଡ଼ିଛି। ନିକଟରେ ୫୨ କନିଷ୍ଠ କିରାଣିଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ୩୬୯୮ ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ରହିଛି। ସେଥିରୁ ୨୫୯୯ ନିୟମିତ ଏବଂ ଅବଶିଷ୍ଟ ୧୦୯୮ ପଦବୀ ଖାଲି ପଡ଼ିଛି। ଖାଲି ପଡିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। କହିବାକୁ ଗଲେ ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ମୋଟ ୫୯୯୭ ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ରହିଛି। ସେଥିରୁ ୩୭୩୩ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ୨୨୬୩ ପଦବୀ ଖାଲି ପଡ଼ିଛି ବୋଲି ମନ୍ତ୍ରୀ ଉତ୍ତର ରଖିଥିଲେ।

# ମାଗଣା ମହାପ୍ରସାଦ ବଣ୍ଟନ ବନ୍ଦ

ପୁରୀ ଅଫିସ, ୧୨।୯

■ ଭକ୍ତଙ୍କ ମଧରେ ଅସନ୍ତୋଷ
■ ପଡ଼ିରହିଛି ଦେଢ କୋଟି



ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଦାରୁବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ମହାପ୍ରସାଦ ପାଇବାକୁ ଇଚ୍ଛା କରିଥାନ୍ତି। ହେଲେ ସମସ୍ତେ ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଖାଇବାକୁ ସମର୍ଥ ହୋଇ ନ ଥାନ୍ତି। ତେଣୁ ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶିପାହାଚରେ ଦୁଇଟି ବଡ଼ କୁଡୁଆରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଭକ୍ତମାନେ କଣିକାଏ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ହେଲେ ଗତ କିଛିଦିନ ହେବ ବନ୍ଦ ହୋଇଯାଇଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ସବୁଠୁ ଆଶ୍ଚର୍ଯ୍ୟର ଘଟଣା ହେଉଛି ୨୦୧୮-୧୯ ଆର୍ଥିକବର୍ଷ ପାଇଁ ଶ୍ରୀମନ୍ଦିର ବଜେଟ୍‌ରେ ଏଥିଲାଗି ୧.୫ କୋଟି ଟଙ୍କାର ବଜେଟ୍ କରାଯାଇଛି। କିନ୍ତୁ ଏହାର ସୁପରିଚାଳନା କରାଯାଇପାରୁ ନାହିଁ। କେତେଜଣ ସେବାୟତଙ୍କ ଜିଦ୍ ଓ ମନମୁଖି କାର୍ଯ୍ୟ ଯୋଗୁ ଏଭଳି ଏକ ମହତ୍ ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ମାଗଣା ମହାପ୍ରସାଦ ବଣ୍ଟନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଏବଂ କିପରି ବହୁ ସଂଖ୍ୟାରେ ଭକ୍ତ ପାଇପାରିବେ ସେ ନେଇ ମନ୍ଦିର ପ୍ରଶାସନ ପଦକ୍ଷେପ ଆରମ୍ଭ କରିଥିଲା। ଆଗରୁ ଭକ୍ତମାନଙ୍କୁ ହାତରେ କଣିକାଏ ମହାପ୍ରସାଦ ଦିଆଯାଉଥିବା ବେଳେ ପରବର୍ତ୍ତୀ ସମୟରେ ପ୍ରଶାସନ ଖଲି ଦନାରେ ଦେବା ଲାଗି ଯୋଜନା କରିଥିଲା। ଏଥିପାଇଁ ଖଲି ଦନା ବି କିଣାଯାଇଥିଲା। କିନ୍ତୁ କ'ଣ ପାଇଁ ମାଗଣା ମହାପ୍ରସାଦ ଆଉ ଭକ୍ତ ପାଉନାହାନ୍ତି ତାହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଜଣେ ଭକ୍ତ ବାଲେଶ୍ୱର ରେମୁଣାର ସୁବୋଧ ପରିଡ଼ା କହିଛନ୍ତି, ଶ୍ରୀମନ୍ଦିରକୁ ବିଭିନ୍ନ ବର୍ଗର ଲୋକେ ଦର୍ଶନ ପାଇଁ ଆସୁଛନ୍ତି। ଅବଢା ଦାମ୍ ବହୁତ ଅଧିକ ରହୁଛି। ତେଣୁ ପ୍ରଶାସନ ପକ୍ଷରୁ ଯେଉଁ ମାଗଣା ମହାପ୍ରସାଦ ବଣ୍ଟନ କରାଯାଉଥିଲା ତାହା ଏକ ଭଲ ପଦକ୍ଷେପ ଥିଲା। କଣିକାଏ ହେଲେ ବି ତାହା ମହାପ୍ରଭୁଙ୍କ ମହାପ୍ରସାଦ। ଏହାକୁ ପାଇ ବି ଜଣେ ମନକୁ ବୁଝାଇଦେଉଥିଲା। ହେଲେ ଏହା ବନ୍ଦ ହେବା ନିଶ୍ଚିତ ଅନେକ ଶ୍ରଦ୍ଧାଳୁଙ୍କୁ କଷ୍ଟ ଦେଇଥିବ। ଏହାକୁ ପୁନଶ୍ଚ ଚାଲୁ କରିବା ଦରକାର।

# ସାପ କାମୁଡ଼ାରେ ଭଉଣୀ ଭାଇ ମୃତ

ନିଶ୍ଚିନ୍ତକୋଇଲି, ୧୨।୯(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାପ କାମୁଡାରେ ଭଉଣୀ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଆଲାମଗିରିଗଡ ଗ୍ରାମର ଅଜୟ ବଳସାମନ୍ତଙ୍କ ଝିଅ କ୍ରିଷ୍ଣା ବଳସାମନ୍ତ(୫) ଓ ପୁଅ ପ୍ରତାପ ବଳସାମନ୍ତ(୬)। ପରିବାର ଲୋକଙ୍କ କହିବାନୁଯାୟୀ, ଉଭୟ ଭଉଣୀ ଭାଇ ମା'ବାପାଙ୍କ ସହ ମାସେ ହେବ ଝାଡେଶ୍ୱରପୁର ଗ୍ରାମସ୍ଥିତ ମାମୁଘରେ ରହୁଥିଲେ। ରାତିରେ କ୍ରିଷ୍ଣା ଓ ପ୍ରତାପ ମା'ବାପାଙ୍କ ସଙ୍ଗେ ଶୋଇଥିବା ବେଳେ ଏକ ସାପ ସେମାନଙ୍କୁ କାମୁଡି ଦେଇଥିଲା। ଝିଅର ପାଟି ଶୁଣି ମା'ବାପା କେବଳ ତାଙ୍କୁ ସାପ କାମୁଡିଥିବା ଭାବି କଟକ ବଡ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷେ ପୁଅକୁ ସାପ କାମୁଡିଥିବା ନେଇ ସେମାନେ ଜାଣି ପାରି ନଥିଲେ। ବୁଧବାର ସକାଳୁ ପ୍ରତାପ ନିଦରୁ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କୌଣସି ଅପମୃତ୍ୟୁ ମାମଲା ରୁଜୁ ହୋଇ ନଥିବା ବେଳେ କଟକ ବଡଡାକ୍ତରଖାନାରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ,
ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍ ନଂ: ୦୬୭୬୨-୨୨୩୩୬୫

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ୍ଲେ /ଗାଡ଼ି ନଂ./ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ/ ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଜି.ଏନ୍. ପ୍ରସାଦ ଶାଖା / ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୨୫ / ରୋହିତ ନାଏକ | INDIGO ECS LS TDI / OR 02 BY 8914/ 03.2012 | ଟ.୯୬,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୨. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୪୩ / ସଂଗ୍ରାମ କେଶରୀ ଷଣ୍ଢ | BOLERO SLE 2WD 7 SEATER/ OR 06 K 3622 / 07.2012 | ଟ.୯୩,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୩. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୦୪ / ଧନେଶ୍ୱର ମହାରଣା | MAHINDRA MAXIMO MINI VAN BS3 / OR 19 N 3659 / 12.2011 | ଟ.୬୧,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୪. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୧୩ / ବିକାଶ ସାହୁ | SCORPIO VLX/ OR 02 BX 2220 / 01.2012 | ଟ.୨,୭୨,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୫. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୫୬ / ବିକାଶ ସାହୁ | BOLERO LX / OR 19 M 6120 / 08.2011 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୬. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୦୨ / ସନ୍ତୋଷ କୁମାର ସାହୁ | TATA LPT TRUCK 2518 / OR 19 K 9877 / 2010 | ଟ.୪,୦୮,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୭. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୨୮ / ଦିନେଶ କୁମାର ରାଉତ | BOLERO XL 2WD / OR 19 P 5845 / 06.2012 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୮. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୫ / ଅଲିଫ କୁମାର ସାହୁ | TATA MAGIC / OR 19 P 5130 / 2012 | ଟ.୫୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୯. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୩ / କାଳନ୍ଦୀ ଚରଣ ମହାରଣା | TATA ACE / OR 19 P 0767 / 2012 | ଟ.୬୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୦. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୧୩ / ପତି ଗଡନାୟକ | TATA ACE ZIP / OD 19 0285 / 05.2012 | ଟ.୩୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୧. | ବଜାରପଡା ଶାଖା / ଫୋନ୍ ନଂ.: ୯୪୩୯୮୬୧୧୩୪ (ମୋ)/ ୦୫୫୪୦୩୧୭୧୨୦୦୦୧୧ / ପର୍ଶୁରାମ ସାହୁ | MASSEY FERGUSON 241 DI / OD 19 A 1620 / 12.2012 | ଟ.୧,୩୬,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବଜାରପଡା ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ବଜାରପଡା ଶାଖା | ଝିରିଣ୍ଡାମାଳି (କାମାକ୍ଷନଗର), ଇନ୍ଦ୍ରମଣୀ ସାହୁ ମୋ: ୯୯୩୮୯୦୩୩୬୬ |
| ୧୨. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୧୦୦୦୧୮ / ସତ୍ୟବାନ ବେହେରା | APE AUTO / OR 19 N 0054 / 11.2012 | ଟ.୩୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୩. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୪୯ / ଶ୍ରୀମତୀ ମୀନତି ବେହେରା | APE CARGO / OD 19 5287 / 10.2012 | ଟ.୪୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୪. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୫୨ / ପ୍ରକାଶ ନାଏକ | PIAGGIO APE XTRA LD / OD 19 5717 / 08.2012 | ଟ.୨୭,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୫. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୧୧୭୧୨୦୦୦୪ / ଛବି ରାଣୀ ସାହୁ | BOLERO XL 2WD / OR 19 N 5490 / 01.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୬. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୧୫ / ହରିହର ସାହୁ | JOHN DEERE TRACTOR WITH TRAILER / OR 19 A 7244 / 7376 / 5.2012 | ଟ.୧,୨୪,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୭. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୩୦ / ସୁମନ୍ତ ବେହେରା | JOHN DEERE TRACTOR 5103S WITH TRAILER / OD 19 3802 / 3803 / 10.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୮. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୨୬ / କପିଳେଶ୍ୱର ପ୍ରଧାନ | SWARAJ 834 XM TRACTOR/ OD 19 0702 / 08.2012 | ଟ.୧,୦୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା ସମୟରେ ନିଲାମଧାରୀଙ୍କ ଉପସ୍ଥିତରେ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସଂପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂ ୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମ ରାଶିର ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) ୭ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ଏବଂ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶିତ ପୈଠ ସ୍ଥାନକୁ ପୈଠ ଦର୍ଶାଇ ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିଟି ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ/ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି "ଯାହା ଯେପରି ଯେଉଁଠାରେ ଯେପରି ଅଛି" ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: ଢେଙ୍କାନାଳ
ତାରିଖ: ୧୨.୦୯.୨୦୧୮

ଆଞ୍ଚଳିକ ପ୍ରବନ୍ଧକ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ



ମୃତ୍ୟୁକୁ ଶାସ୍ତି ବୋଲି କୁହାଯାଇଥାଏ, କିନ୍ତୁ କେତେଜଣ ଲୋକଙ୍କ ପାଇଁ ଏହା ଦୟା।
- ସେନେକା



**ସଂକ୍ଷେପରେ**

## କୋଠାଘର ଉପରେ ଥିବା ହୋର୍ଡିଂରୁ କର ଆଦାୟ କରିବ ବିଏମ୍‌ସି

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** କୋଠା ଉପରେ ଥିବା ବେଆଇନ୍ ହୋର୍ଡିଂ ଉଚ୍ଛେଦ ପାଇଁ ବିଏମ୍‌ସି ତରଫରୁ ସୂଚାଇ ଦିଆଯାଇଥିବାବେଳେ ଏହାକୁ ଖାତିର କରୁନାହାନ୍ତି ଘର ମାଲିକ। ତେଣୁ ଏଣିକି ଘର ଛାତ ଉପରେ ମରାଯାଉଥିବା ବିଜ୍ଞାପନ ଉପରେ ହୋର୍ଡିଂରୁ ବିଏମ୍‌ସି କର ଆଦାୟ କରିବ। ଏହି କର ବ୍ୟବସାୟିକ ଦରରେ ଆଦାୟ କରାଯିବ। ପୂର୍ବରୁ କୋଠାଘର ଉପରେ ହୋର୍ଡିଂ ବସାଇବା ବେଆଇନ ବୋଲି ବିଏମ୍‌ସି ଘୋଷଣା କରିସାରିଛି। ଅନେକ ଲୋକ ବିଏମ୍‌ସିର ବିନା ଅନୁମତିରେ ବେଆଇନ ଭାବେ ଛାତ ଉପରେ ବିଜ୍ଞାପନ ହୋର୍ଡିଂ ଲଗାଉଛନ୍ତି ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଡେପୁଟି କମିଶନର ଶୁଧାଂଶୁ ମିଶ୍ରଙ୍କ ନେତୃତ୍ୱରେ ଚନ୍ଦ୍ରଶେଖରପୁର ଅଞ୍ଚଳରୁ ୧୩ ହୋର୍ଡିଂ ଉଚ୍ଛେଦ କରାଯାଇଛି। କୋଠା ଉପରେ ହୋର୍ଡିଂ ଲଗାଇବା ବିପଦ ବୋଲି ବିଡିଏ ଷ୍ଟ୍ରକ୍‌ଚରାଲ ଇଂଜିନିୟର ବିଭୁରଞ୍ଜନ ଗିରି କହିଛନ୍ତି।

## କେରଳରୁ ଫେରିଲେ କିଟ୍‌ର କୁଶଳୀ କର୍ମଚାରୀ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ଯୋଗାଇଦେବା ନିମନ୍ତେ କେରଳ ଯାଇଥିବା କିଟ୍‌ର ୭୫ଜଣିଆ କୁଶଳୀ କର୍ମଚାରୀ ଦଳ ବୁଧବାର ଭୁବନେଶ୍ୱର ଫେରିଛନ୍ତି। ଏହି ଟିମ୍ ଦୀର୍ଘ ୧ମାସ ଧରି କେରଳର ୩ଟି ପ୍ରମୁଖ ବନ୍ୟା ପ୍ରଭାବିତ ଜିଲା ତ୍ରିସୁର, ଏର୍ନାକୁଲମ ଓ ଆଲାପୁଝାର ବିଭିନ୍ନ ଅଞ୍ଚଳରେ କ୍ଷତିଗ୍ରସ୍ତ ଲୋକଙ୍କ ଘରର ବିଜୁଳି, ପାଣି ସଂଯୋଗ ଠିକ୍ କରିବା ସହ ବୈଦ୍ୟୁତିକ ସରଞ୍ଜାମ ମରାମତି କରିଥିଲେ। ଏହାଛଡ଼ା ସେମାନେ କ୍ଷତିଗ୍ରସ୍ତଙ୍କ ଆସବାବପତ୍ର ମରାମତିରେ ସହାୟତା କରିଥିଲେ। କିଟ୍ କୁଶଳୀ କର୍ମଚାରୀଙ୍କ ଏପରି ସେବା ମନୋବୃତ୍ତିକୁ ସେଠାକାର ଲୋକେ ଉଚ୍ଚ ପ୍ରଶଂସା କରିଥିଲେ। କେରଳ ବନ୍ୟାରେ ବହୁ କ୍ଷୟକ୍ଷତି ହୋଇଥିବା ବେଳେ ବିଜୁଳି ଓ ଜଳ ଯୋଗାଣ ବ୍ୟାପକ ମାତ୍ରାରେ ବାଧାପ୍ରାପ୍ତ ହୋଇଥିଲା। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା କରିବା ନିମନ୍ତେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ କ୍ରମେ କିଟ୍‌ର ୭୫ଜଣିଆ ବିଦ୍ୟୁତ ଓ ପାଣି ପାଇପ କର୍ମଚାରୀ, ବଢ଼େଇ, ୱେଲଡର୍ ଓ ସାପ ଧରାଳି ପ୍ରମୁଖ କେରଳ ଯାଇଥିଲେ। ପୂର୍ବରୁ କିମ୍ସର ଏକ ଡାକ୍ତରୀଦଳ ମଧ୍ୟ କେରଳ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ।

## ୪ ସ୍ଥାନରୁ ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ବିଏମ୍‌ସି ଏବଂ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ବୁଧବାର ୪ଟି ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରିଛନ୍ତି। ଚନ୍ଦ୍ରଶେଖରପୁର ଖାତା ନଂ-୬୧୯ ସରକାରୀ ପ୍ଲଟ୍ ନଂ ୨୪୧(ପିଟି)ରୁ ୩ ବଖରା ଆଜ୍‌ବେଷ୍ଟ ଘର ସହିତ ୨୦ଟି ପାହାଚ ଭଙ୍ଗାଯାଇଛି। କଳ୍ପନା ରଥ ରୋଡ ପାର୍ଶ୍ୱରୁ ୧୨ କ୍ୟାବିନ୍, ୧୭ ପଲିଥିନ, ବାଉଁଶ ଘେରା ଦୋକାନ ଘର ଏବଂ ୭ ଫାଷ୍ଟଫୁଡ ଟିଫିନ୍ ଷ୍ଟଲ୍‌କୁ ଉଚ୍ଛେଦ କରାଯାଇଛି। ସେହିପରି ଜୟଦେବବିହାରରୁ ଦୁଇଟି ଘର ଏବଂ ଗୋଟିଏ ସିମେଣ୍ଟରେ ନିର୍ମିତ ପାଣି ଟାଙ୍କି ଓ ରଘୁନାଥପୁରସ୍ଥିତ ପ୍ୟାରିସ୍ ବେକରୀ ସମ୍ମୁଖରୁ ୭ଟି ବାଉଁଶରେ ନିର୍ମିତ ପରିବା ଦୋକାନ, ଗୋଟିଏ ଫୁଲ ଦୋକାନ ସହିତ କେତେକ ବିଜ୍ଞାପନ ବ୍ୟାନରକୁ ହଟାଯାଇଛି। ଉଚ୍ଛେଦ ସମୟରେ ଏନ୍‌ଫୋସମେଣ୍ଟ ଟିମ୍ ଅଧିକାରୀ ପ୍ରମୋଦ ପାତ୍ର, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସହିତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଚନ୍ଦ୍ରଶେଖର ଦେବ ବିଦ୍ୟାପୀଠ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ

**ବେଗୁନିଆ, ୧୨।୯ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ଚନ୍ଦ୍ରଶେଖର ଦେବ ବିଦ୍ୟାପୀଠ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ସଚେତନ ଶୋଭାଯାତ୍ରା ପିଲାମାନଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରିଥିଲା। ଭୂପୃଷ୍ଠରେ ସବୁଠି କୁଢ଼ କୁଢ଼ ଆବର୍ଜନା ଗଦା ହୋଇ ରହିବା ସହ ପଲିଥିନ ଓ ପ୍ଲାଷ୍ଟିକର ମାତ୍ରାଧିକ ବ୍ୟବହାର ଯୋଗୁ ପରିବେଶ ଦୂଷିତ ଆଡକୁ ମୁହାଁଇଛି। ତେବେ ଆସ ଭାଇ ଆମେ ସମସ୍ତେ ସଚେତନ ହେବା, ପରିବେଶକୁ ସ୍ୱଚ୍ଛତା ଆଣିବା, ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାରରୁ ଦୂରେଇ ରହିବା। ବରଂ ଗଛଟିଏ ରୋପଣ କରି ତା'ର ଯତ୍ନ ନେବା, କପଡା ବ୍ୟାଗ ଓ ବାଉଁଶ ତିଆରି ସରଞ୍ଜାମକୁ ବ୍ୟବହାର କରି ଆମେ ଆତ୍ମ ସନ୍ତୋଷ ଲାଭ କରିବା ସହ ରୋଗ ମୁକ୍ତ ହୋଇପାରିବା ଆଦି ସ୍ଲୋଗାନ ମାନ ଦେଇଥିଲେ।

### ■ ଲୋଭୋଲ୍‌ଟେଜ୍ ସମସ୍ୟାର ହେଲାନି ସମାଧାନ

# ପାଣିରେ ପଡ଼ିଲା ୨.୫ କୋଟିର ଅନୁଦାନ

**ଖୋର୍ଦ୍ଧା ଅଫିସ, ୧୨।୯**

ଲୋଭୋଲଟେଜ ସମସ୍ୟା ଦୂରୀକରଣ ପାଇଁ ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ଗ୍ରୀଡ ଅଧୀନରେ କରାଯାଇଥିବା ଛତାବର ୩୩ କେଭି ବିଦ୍ୟୁତ ଷ୍ଟ୍ରକଚର ଗ୍ରାହକଙ୍କ ସେବାରେ ଲାଗିଲାନି। ଉଦ୍‌ଘାଟନର ଦେଢ଼ମାସ ପରେ ଛତାବର ବିଦ୍ୟୁତ୍ ସେକ୍ସନ ବ୍ରେକ ଡାଉନ ହୋଇ ଅଚଳ ଭାବେ ପଡି ରହିଛି। ଲୋଭୋଲଟେଜ ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱର ବ୍ଲକର ବାରାପିଟା, ମେଣ୍ଢାଶାଳ, ଗିରିଙ୍ଗାପୁଟ, ଆଇସିଆର ଫାର୍ମ ଓ ଜଟଣୀ ବ୍ଲକର ହରେକୃଷ୍ଣପୁର, ଦୁର୍ଗାପୁର, ଅରିଶଳ, ଜାମୁଝରୀ, ହରିଡାମଡା, କଳାଝର, ଗୁପ୍ତପଡା, ଛତାବର, ପଳାସପୁର, ପାଣିଓରା ଆଦି ୧୪ ଖଣ୍ଡ ଗାଁର ଲୋକ ବିଭାଗୀୟ ଅଧିକାରୀଙ୍କୁ ଭେଟିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଶୁଣାଣିରେ ଅଭିଯୋଗ କରିଥିଲେ। ଜିଲାପାଳ ସେସୁର ନିର୍ବାହୀଯନ୍ତ୍ରୀଙ୍କ ପାଖକୁ ଅଭିଯୋଗ କପି ପଠାଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାମ କେବେ ଆରମ୍ଭ ଓ ଶେଷ ହେବ ସେନେଇ କିଛି ଉତ୍ତର ମିଳୁନି। କିନ୍ତୁ ସେସୁର ନିର୍ବାହୀ ଯନ୍ତ୍ରୀ ମନୋଜ ଦାସ କୁହନ୍ତି, ଅରଗୁଳ ବିଦ୍ୟୁତ୍ କାର୍ଯ୍ୟ ଦେଢ଼ମାସ ଭିତରେ ଶେଷ ହେବା ପରେ ଛତାବର ସେକ୍ସନର ସମସ୍ୟା ରହିବନି।

**ଉଦ୍‌ଘାଟନର ଦେଢ଼ମାସ ପରେ ଛତାବର ବିଦ୍ୟୁତ୍ ସେକ୍ସନ ଅଚଳ**



### ଆନ୍ଦୋଳନ ପାଇଁ ସଜବାଜ

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ ପକ୍ଷରୁ ୨.୫ କୋଟି ଟଙ୍କା ବ୍ୟୟରେ ଛତାବର ଷ୍ଟ୍ରକଚର କରାଗଲା। ୨୦୧୭ ଜାନୁୟାରୀରେ ଏହା ଉଦ୍‌ଘାଟନ ହେଲା। ମାତ୍ର ଦେଢ଼ମାସ ପରେ ବ୍ରେକ ଡାଉନ ହୋଇ ପଡିଛି। ଦେଢ଼ବର୍ଷ ହେଲା ଜଟଣୀ ଓ ଭୁବନେଶ୍ୱର ବ୍ଲକର ୧୪ଟି ଗାଁର ବିଦ୍ୟୁତ୍ ଗ୍ରାହକ ଅଭିଯୋଗ କରି ଥକି ପଡିଲେଣି। ଅଭିଯୋଗ ଗ୍ରହଣ କରି ବିଦ୍ୟୁତ୍ ଷ୍ଟ୍ରକଚରରେ ସୃଷ୍ଟି ହୋଇଥିବା ତ୍ରୁଟିକୁ ସଜଡା ଯାଉନି। ଅନୁମାନ କରାଯାଉଛି ଲୋଭୋଲଟେଜ ସମସ୍ୟାର ସମାଧାନ ନାଁରେ ସରକାରୀ ଅନୁଦାନ ହଡ଼ପ ଯୋଜନା ଚାଲିଛି। ଏହାର ସମାଧାନ ନ ହେବାରୁ ଗ୍ରାହକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



**- ଅମୀୟ ରଞ୍ଜନ ସ୍ୱାଇଁ, ସରପଞ୍ଚ, ଅଙ୍ଗାରପଡା**

### ଭିଜିଲାନ୍ସ ତଦନ୍ତ କରାଯାଉ



ଛତାବର ଷ୍ଟ୍ରକଚର ଭିତରେ ୫ ଏମ୍‌ଭିର ୨ ଟି ଟ୍ରାନ୍ସଫର୍ମର ଓ ଆନୁଷଙ୍ଗିକ ଯନ୍ତ୍ରପାତି ଲାଗିଛି। ଦେଢ଼ବର୍ଷ ଧରି ବିଦ୍ୟୁତ ଷ୍ଟ୍ରକଚର ଅଚଳ ହୋଇ ପଡି ରହିବାରୁ ଯନ୍ତ୍ରପାତି ନଷ୍ଟ ହେଲାଣି। ପୂର୍ବପରି ଯାଁଳାରୁ ବିଦ୍ୟୁତ୍ ଯୋଗାଣ ହେବାରୁ ଲୋଭୋଲଟେଜ ରହୁଛି। ଦୁଇ ବ୍ଲକର ୧୪ଟି ଗାଁର ଗ୍ରାହକଙ୍କ ଉଦ୍ଦେଶ୍ୟରେ ସରକାର ଟଙ୍କା ଖର୍ଚ୍ଚ କରିଥିଲେ। ପିସି କାରବାର, ନିମ୍ନମାନର ଯନ୍ତ୍ରପାତି ଯୋଗୁ ବିଦ୍ୟୁତ୍ ଷ୍ଟ୍ରକଚର ଅଚଳ ହୋଇପଡିଛି। ଏଣୁ ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ।

**–ପ୍ରଦୋଷ କୁମାର ମାଝି ସାମନ୍ତ, ଗ୍ରାହକ, ଛତାବର**

### କମ୍ପାନୀ ପ୍ରୀତି, ଗ୍ରାହକଙ୍କୁ ଅଣଦେଖା



ମେଣ୍ଢାଶାଳରେ ଥିବା ସେସୁର ୪୪୦ କେଭି ଗ୍ରୀଡରୁ ୩୩ କେଭି ଲାଇନ ଜଟଣୀ, ହରିରାଜପୁର, ଇନଫୋସିଟି ଓ ଛତାବର ଷ୍ଟ୍ରକଚରକୁ ବିଦ୍ୟୁତ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ୩ଟି ଷ୍ଟ୍ରକଚର ଠିକ୍‌ଠାକ ଚାଲିଛି। ଛତାବର ଷ୍ଟ୍ରକଚରକୁ ବ୍ରେକ ଡାଉନ ହୋଇପଡିଛି। ଅଭିଯୋଗ କଲେ ଉତ୍ତର ମିଳୁଛି ୪ ଷ୍ଟ୍ରକଚର ପାଇଁ ୧୭ ମେଗାୱାଟ ବିଦ୍ୟୁତ୍ ଆବଶ୍ୟକ। ଛତାବର ଷ୍ଟ୍ରକଚର ଚାର୍ଜ ହେଲେ ୧୮ ମେଗାୱାଟ ହୋଇ ଓଭର ଲୋଡ ଯୋଗୁ ବ୍ରେକ ଫେଲ ହେଉଛି। ଏଭଳିସ୍ଥଳେ ମେଣ୍ଢାଶାଳଠାରେ ହେଉଥିବା ସାମୁଦ୍ରିକ ଜୀବ ପ୍ରୋସେସିଂ ୟୁନିଟିରେ ଏକ କମ୍ପାନୀକୁ ୩ ମେଗାୱାଟରୁ ଅଧିକ ବିଦ୍ୟୁତ୍ ଦିଆଯିବାକୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଛତାବର ଷ୍ଟ୍ରକଚର ପାଇଁ ଯଦି ୧ ମେଗାୱାଟ ହୋଇପାରୁନି ସେସୁ କମ୍ପାନୀ ପାଇଁ ୩ ମେଗାୱାଟ ଆଣିବ କୁଆଡୁ। ଚାର୍ଜ ହେବା ପୂର୍ବରୁ ଷ୍ଟ୍ରକଚରର ସରଞ୍ଜାମ ପୋଡିଯାଇଛି। କମ୍ପାନୀ ପ୍ରୀତି ଦେଖାଇ ସେସୁ ଗ୍ରାହକଙ୍କୁ ଅଣଦେଖା କରୁଛି।

**–ଦୀପ୍ତି ରଞ୍ଜନ ପ୍ରଧାନ, ବ୍ୟବସାୟୀ, ମେଣ୍ଢାଶାଳ**

### କଳାମେଘ ଦେଖିଲେ ଲାଇନ କଟେ



ଲୋ ଭୋଲଟେଜ ଯୋଗୁ ବିଦ୍ୟୁତ୍ ବଲ୍‌ବ ମିଞ୍ଜି ମିଞ୍ଜି ହୋଇ ଜଳୁଛି। ଗାଁରେ ଫ୍ୟାନ ବୁଲୁନି କି ଏସି ଚାଲୁନି। ଆକାଶରେ କଳା ମେଘ ଉଠିଲେ ବିଦ୍ୟୁତ୍ କାଟ ହେଉଛି। ଯଦି ଆମେ ପୂର୍ବପରି ଲୋଭୋଲଟେଜରେ ରହିବୁ ତେବେ ଛତାବର ଷ୍ଟ୍ରକଚର କରାଗଲା କାହିଁକି। ଅରଗୁଳ ଲାଇନ ଠିକ୍ ହୋଇଗଲେ ଛତାବର ଷ୍ଟ୍ରକଚର କାମ କରିବ ବୋଲି ଯେଉଁ କୁହାଯାଉଛି ସେଥିରେ ସତ୍ୟତା ଅଛି କି ନାହିଁ ସେସୁ ପକ୍ଷରୁ ଗ୍ରାହକଙ୍କୁ ମାର୍ଗଦର୍ଶନ କରାଯାଉନି।

**–ସୁକାନ୍ତ ବେହେରା, ଗ୍ରାହକ, ପଳାସପୁର**

### ■ ସରଳା ଦେବୀ ସ୍ମୃତି ସମାରୋହ

## ଜୟନ୍ତୀ ପଟ୍ଟନାୟକ ପାଇଲେ ସରଳା ଦେବୀ ସ୍ମୃତି ସମ୍ମାନ



ସମାରୋହରେ ଲେଖିକା ଜୟନ୍ତୀ ପଟ୍ଟନାୟକଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**କଟକ ଅଫିସ, ୧୨।୯**

ଭାରତୀୟ ମୁକ୍ତି ସଂଗ୍ରାମକୁ ସରଳା ଦେବୀଙ୍କ ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର ଅଗ୍ନିବର୍ଷା ଭାଷଣ ମୁକ୍ତି ସଂଗ୍ରାମକୁ ପ୍ରଜ୍ୱଳିତ କରିଥିଲା। ସେ ଥିଲେ ପ୍ରଗତିଶୀଳ ବ୍ୟକ୍ତିତ୍ୱ ଓ ଓଡ଼ିଆ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା। ସ୍ୱାଧୀନତା ସଂଗ୍ରାମୀ ତଥା ଯଶସ୍ୱିନୀ ଲେଖିକା ସରଳା ଦେବୀଙ୍କ ସ୍ମୃତିରେ ବୁଧବାର ସାରଳା ଭବନଠାରେ ଆୟୋଜିତ ସାରସ୍ୱତ ସମାରୋହକୁ ରାଜ୍ୟପାଳ ଗଣେଶୀ ଲାଲ ଉଦ୍‌ଘାଟନ କରି ଏହା କହିଥିଲେ। ସରଳା ଦେବୀ ସ୍ମୃତି ସଂସଦ ସଭାପତି ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଲେଖିକା ପଦ୍ମଶ୍ରୀ ପ୍ରତିଭା ରାୟ, ଜ୍ଞାନପୀଠ ବିଜେତା କବି ପଦ୍ମବିଭୂଷଣ ଡ. ସୀତାକାନ୍ତ ମହାପାତ୍ର, ଅଧ୍ୟାପକ ବିଶ୍ୱ ରଞ୍ଜନ, ଗାଳ୍ପିକ ବିଜୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ଏମ୍‌ପି ତଥା ଲେଖିକା ଜୟନ୍ତୀ ପଟ୍ଟନାୟକଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର ବିବରଣୀ ପାଠ ଓ ଆଇନଜୀବୀ ଧରଣୀଧର ନାୟକ ଧନ୍ୟବାଦ ଦେଇଥିଲେ।

## ଓଁକାର ହୋତା, ଯଜ୍ଞଦତ୍ତ ରଥଙ୍କୁ ଦୃଷ୍ଟାନ୍ତ ସମ୍ମାନ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ଦୃଷ୍ଟାନ୍ତ ଅନୁଷ୍ଠାନ ପକ୍ଷରୁ ବୁଧବାର ସୂଚନା ଭବନଠାରେ ଦୃଷ୍ଟାନ୍ତ ସମ୍ମାନ ୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସାମାଜିକ କର୍ମ ଭଳି ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ପାଇଁ ମାଲକାନଗିରି ଜିଲାର ଡା. ଓଁକାର ହୋତା ଏବଂ କନ୍ଧମାଳ ଜିଲାର ଡା. ଯଜ୍ଞଦତ୍ତ ରଥଙ୍କୁ ଦୃଷ୍ଟାନ୍ତ ସମ୍ମାନ ୨୦୧୮ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବଦାନ ତଥା ଆଭ୍ୟନ୍ତରୀଣ ଅଞ୍ଚଳରେ ରୋଗୀଙ୍କୁ ଚିକିତ୍ସା କରି ବହୁ ଜୀବନ ବଞ୍ଚାଇଥିବା ଏହି ଦୁଇ ଡାକ୍ତରଙ୍କୁ ତାଙ୍କ ଉତ୍ସର୍ଗୀକୃତ ମନୋଭାବ ପାଇଁ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମରେ ପରିବେଶବିତ୍ ନଦିଆଚାନ୍ଦ କାନୁନ୍‌ଗୋ, ଏମ୍‌ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୃଷ୍ଟାନ୍ତ ସମ୍ପାଦକ ଅବିନାଶ ମହାପାତ୍ର ଉପସ୍ଥିତ ଥିଲେ।

## ଆଇନଜୀବୀଙ୍କ ଆନ୍ଦୋଳନ ୫ଦିନ ବୃଦ୍ଧି

**କଟକ ଅଫିସ, ୧୨।୯**

ମାଡ଼ ଘଟଣାକୁ ନେଇ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ହୋଇପାରୁନି। ଗତ ୨୯ ତାରିଖରୁ ଆଇନଜୀବୀ ସଂଘ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଇତିମଧ୍ୟରେ ଆଉ ୫ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ବୁଧବାର ପର୍ଯ୍ୟନ୍ତ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଥିଲା। ଅପରାହ୍ନରେ ହାଇକୋର୍ଟ ପରିସରରେ ଏକ ସାଧାରଣ ପରିଷଦ ବୈଠକ ବସିଥିଲା। ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ଏବେ ଦିଲ୍ଲୀ ଗସ୍ତରେ ଅଛନ୍ତି। ସେ ଫେରିବା ପରେ ଆଇନଜୀବୀ ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟିବେ। ଏହା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି।

ଗତ ୨୮ ତାରିଖ ଅପରାହ୍ନରେ କଟକ ଚାଉଳିଆଗଞ୍ଜ ଥାନା ନିକଟରେ ହାଇକୋର୍ଟ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ବାଇକ୍ ସହ ଅନ୍ୟ ଏକ ବାଇକ୍‌ର ଧକ୍କା ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ତେବେ ଆଇନଜୀବୀମାନେ କଟକ ଡିସିପିଙ୍କ ବଦଳି ଓ ଥାନାଧିକାରୀଙ୍କ ଗିରଫ ଦାବି କରି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ଆନ୍ଦୋଳନ ଯୋଗୁ ସାରା ରାଜ୍ୟର କୋର୍ଟ କାର୍ଯ୍ୟ ଅଚଳ ହୋଇପଡିଛି। ବିଚାର ପ୍ରକ୍ରିୟା ପ୍ରଭାବିତ ହୋଇଥିବାବେଳେ ନ୍ୟାୟ ବିଳମ୍ବ ହେଉଛି। ଏପରିସ୍ଥଳେ ରାଜ୍ୟ ସରକାର ନୀରବ ରହୁଥିବାରୁ ବିଭିନ୍ନ ମହଲରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି ଯେ, ତଦନ୍ତ ପରେ ୩ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏହାସତ୍ତ୍ୱେ ଆଇନଜୀବୀମାନେ ସନ୍ତୁଷ୍ଟ ନ ହୋଇ ହାଇକୋର୍ଟରେ ମାମଲା କରିଛନ୍ତି। ପୋଲିସ ମଧ୍ୟ କୋର୍ଟରେ ଉତ୍ତର ରଖିଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ଏବେ ପୋଲିସ ବିଭାଗର ଆଉ କିଛି କରିବାର ନାହିଁ। ଏପରିସ୍ଥଳେ ଆଇନଜୀବୀ ସଂଘ ନିଜ ଜିଦରେ ଅଟଳ ରହି ଆନ୍ଦୋଳନକୁ ବଢ଼ାଉଥିବାରୁ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ନିର୍ଯାତନାର ଶିକାର ହୋଇ ନ୍ୟାୟ ଅପେକ୍ଷାରେ ଥିବା ସସ୍ମିତା ସାହୁ କୁହନ୍ତି, ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ବିବାଦ ପାଇଁ ପୂରା ନ୍ୟାୟିକ ବ୍ୟବସ୍ଥାକୁ ଅଚଳ କରାଯିବା ଠିକ୍ ନୁହେଁ। ଏଥିଯୋଗୁ ମୋ ଭଳି ଶହ ଶହ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସାଧାରଣ ଲୋକଙ୍କ ନ୍ୟାୟିକ ଅଧିକାର କ୍ଷୁର୍ଣ୍ଣ ହେବା ଆଉ ଏକ ଅପରାଧ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଛାତ୍ରୀଙ୍କୁ ବସ୍‌ରେ ଅସଦାଚରଣ

### କଣ୍ଡକ୍ଟରଙ୍କୁ ମାଡ଼ ମାରି ପୋଲିସ ଜିମା ଦେଲେ ଲୋକେ

**କଟକ ଅଫିସ, ୧୨।୯**

କଟକରେ ବୁଧବାର ବସ୍ ଭିତରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଛନ୍ତି ବସ୍‌ର କଣ୍ଡକ୍ଟର। ଏ ସମ୍ପର୍କରେ ଜଣାପଡିବା ପରେ ସ୍ଥାନୀୟ ଲୋକେ ଉକ୍ତ କଣ୍ଡକ୍ଟରଙ୍କୁ ନିସ୍ଥୁକ ମାଡ ମାରି ପୋଲିସ ଜିମା ଦେଇଛନ୍ତି। ଛାତ୍ରୀ ଜଣଙ୍କ କଟକ ବିଡାନାସୀ ଅଞ୍ଚଳର ହୋଇଥିବାବେଳେ ସେ କଟକରେ ଥିବା ଏକ ଘରୋଇ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପଢୁଛନ୍ତି। ସୂଚନା ଅନୁଯାୟୀ, ଛାତ୍ରୀ ଜଣଙ୍କ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ବୁଧବାର ମଧ୍ୟାହ୍ନରେ ଭୁବନେଶ୍ୱରରୁ ବସ୍‌ରେ କଟକ ଆସୁଥିଲେ। ବସ୍ ଭିତରେ କେତେଜଣ ଯୁବତୀ ଏବଂ ମହିଳା ଠିଆ ହୋଇଥିଲେ। ବସ୍‌ରେ ଭିଡ ଥିବାରୁ କଣ୍ଡକ୍ଟର ସେମାନଙ୍କୁ ପଛକୁ ଯିବା ପାଇଁ କହିବା ଆଳରେ ମହିଳା ଓ ଯୁବତୀଙ୍କ ଦେହରେ ହାତ ଲଗାଉଥିଲେ। ବସ୍‌ଟି କଟକ ଲିଙ୍କ୍‌ରୋଡ ପହଞ୍ଚିବା ପରେ ଯୁବତୀ ଓ ମହିଳାମାନେ ଓହ୍ଲାଇବା ବେଳେ କଣ୍ଡକ୍ଟର ସେମାନଙ୍କ ଦେହରେ ନ ଜାଣିବା ଭଳି ପୁଣି ହାତ ଲଗାଉଥିଲେ। ଉକ୍ତ ଛାତ୍ରୀଙ୍କ ଦେହରେ ହାତ ଲଗାଇବାରୁ ସେ ଏହାର ବିରୋଧ କରିଥିଲେ। ଏହାକୁ ନେଇ କଣ୍ଡକ୍ଟର ଏବଂ ଯୁବତୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ଜଣଙ୍କ ଲୋକଙ୍କୁ ଜଣାଇବାରୁ ଲୋକମାନେ କଣ୍ଡକ୍ଟରଙ୍କୁ ଧରି ନିସ୍ଥୁକ ମାଡ ମାରିଥିଲେ। ମଧୁପାଟଣା ପୋଲିସ ଉକ୍ତ କଣ୍ଡକ୍ଟରଙ୍କୁ ଥାନାରେ ଅଟକ ରଖିଛି।

## ଅବକାରୀ ଚଢ଼ାଉ: ୬ ଗିରଫ

**କୃଷ୍ଣପ୍ରସାଦ, ୧୨।୯(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦରେ ଅବକାରୀ ବିଭାଗ ଚଢ଼ାଉ କରି ୬ ଜଣ ଚୋରାମଦ ବ୍ୟବସାୟୀଙ୍କୁ ବୁଧବାର ଗିରଫ କରିଛି। ଜିଲାପାଳ ଏବଂ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ହୁଂଜଣ, ମଲେଶ୍ୱରୀ ଆଦି ଗ୍ରାମରେ ଚଢ଼ାଉ କରାଯାଇଥିଲା। ଦେଶୀ ରନ୍ଧାମଦ, ଆସ୍କାଫର୍ଟି ଓ ବିଦେଶୀ ମଦ ଜବତ ସହ ୬ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଗୌତମ କୁମାର ସାହୁ କହିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଟାଙ୍ଗୀ(କଟକ)୧୨।୯(ଡି.ଏନ୍.ଏ.)**

ବୁଧବାର ପୋଖରୀରେ ବୁଡ଼ି ଟାଙ୍ଗୀ ଥାନା ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତ ତେଲିଆପଡା ଗ୍ରାମର ଗୌରାଙ୍ଗ ଚରଣ ସ୍ୱାଇଁ(୬୬)ଙ୍କ ମୃତ୍ୟୁ ଘଟିଛି। ସେ ସକାଳେ ଗ୍ରାମସ୍ଥିତ ମଠ ପୋଖରୀରେ ଗାଧୋଉଥିବାବେଳେ ପାଦ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀ ନିକଟକୁ ଆସିବାବେଳେ ବୃଦ୍ଧ ଜଣଙ୍କ ପାଣିରେ ଭାସୁଥିବା ଦେଖିଥିଲେ। ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଗୌରାଙ୍ଗଙ୍କୁ ପାଣିରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ■ ଶ୍ରୀଲିଙ୍ଗରାଜ ମନ୍ଦିର

## ଜିଗ୍‌ଜାଗ୍ ବ୍ୟାରିକେଡ୍ ଫ୍ରେମ୍ ପାଣି ଖାଉଛି



**ପୁରୁଣା ଭୁବନେଶ୍ୱର, ୧୨।୯ (ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରାଇବାକୁ ମନ୍ଦିରର ଦକ୍ଷିଣ ପାର୍ଶ୍ୱ ପାଚେରିକୁ ଲାଗି ନିର୍ମାଣ ଚାଲିଛି। ଏହାଦ୍ୱାରା ପୁରୀ ଭଳି ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଦର୍ଶନ କରିବା ସହ ଟ୍ରାଫିକ ନିୟନ୍ତ୍ରଣ ହୋଇପାରିବ। ଦୀର୍ଘ ୬ ମାସ ତଳେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକାଦାର କେବଳ ଲୁହା ଫ୍ରେମ(ଖୁଣ୍ଟ) ପୋତି କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଏହି ଖୁଣ୍ଟ ସବୁ ବର୍ଷାପାଣି ସହ କାକର ଖାଇ କଳଙ୍କି ହେବାକୁ ବସିଲାଣି। ଏହାକୁ ନେଇ ଶ୍ରଦ୍ଧାଳୁ ଏବଂ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ ନିକଟରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ସୁକ୍ଷେଶ୍ୱର ମନ୍ଦିର ପୋଖରୀ ପାଚେରି ଭୁଶୁଡିବା ନେଇ ଜନଆନ୍ଦୋଳନ ଦେଖାଦେଇଥିଲା।

### ■ ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

# ନିଆଁରେ ପୋଡ଼ି ମାରି ଦେଇଥିବା ଅଭିଯୋଗ

**ଚୌଦ୍ୱାର, ୧୨।୯ (ଡି.ଏନ.ଏ.)**

**ସତ୍କାର ବେଳେ ପୋଲିସ ଜବତ କରିଥିଲା ମୃତଦେହ**

ନିଆଁରେ ପୋଡି ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଞ୍ଜୁ ଜେନା ନାମ୍ନୀ ମହିଳାଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ମହିଳାଙ୍କ ଶାଶୁଘର ଲୋକେ ସତ୍କାର ପାଇଁ ଗ୍ରାମ ଶ୍ମଶାନକୁ ନେଇଥିଲେ। ଅନ୍ୟପକ୍ଷରେ ବେଞ୍ଜୁଙ୍କୁ ସ୍ୱାମୀ ପୋଡି ମାରିଦେଇଥିବା ତାଙ୍କ ସାନଭାଇ ନୃସିଂହ ବେଜ ବୁଧବାର ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଶ୍ମଶାନରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏପରି ଘଟଣା ଦେଖିବାକୁ ମିଳିଛି ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ଗ୍ରାମରେ। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ବଡଚଣା ଥାନା ଅଧୀନ ଶକୁନ୍ତଳାପୁର ଗ୍ରାମର ବେଞ୍ଜୁଙ୍କୁ ୨୭ବର୍ଷ ତଳେ ଆଗ୍ରାହାଟ ଗ୍ରାମର ବାସୁଆ ଜେନା ବିବାହ କରିଥିଲେ। ଏହାପରେ ବେଞ୍ଜୁ ଓ ବାସୁଆଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳିଝଗଡା ଲାଗୁଥିଲା। ଗତ ୨ ତାରିଖ ରାତିରେ ଷ୍ଟୋଭରୁ ନିଆଁ ଲାଗି ବେଞ୍ଜୁ ପୋଡି ହୋଇଯାଇଛନ୍ତି। ଚିକିତ୍ସାଲାଗି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ନେଇ ବେଞ୍ଜୁଙ୍କ ଶାଶୁଘର ଲୋକେ ନୃସିଂହଙ୍କୁ ଫୋନ୍‌ରେ ଜଣାଇଥିଲେ। ଏଥିରେ ବାସୁଆ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ବେଞ୍ଜୁଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ଉକ୍ତ ଦିନଠାରୁ ଚିକିତ୍ସାଧୀନ ଥିବା ବେଞ୍ଜୁଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା। ବୁଧବାର ବ୍ୟବଚ୍ଛେଦ ପରେ ବାସୁଆଙ୍କ ପରିବାର ଲୋକେ ମୃତଦେହ ଆଣି ଗ୍ରାମ ଶ୍ମଶାନରେ ସତ୍କାର କରୁଥିଲେ। ସେହି ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏ ନେଇ ଆଇଆଇସି ଯତୀନ୍ଦ୍ର ନାଥ ସେଠୀ କୁହନ୍ତି, ପାରିବାରିକ କଳହକୁ ନେଇ ମହିଳାଙ୍କୁ ତାଙ୍କ ସ୍ୱାମୀ ନିଆଁରେ ପୋଡି ମାରିଦେଇଛନ୍ତି। ଏ ନେଇ ମହିଳାଙ୍କ ଭାଇ ନୃସିଂହ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଫୋର୍ସ ସହ ଆମେ ଶ୍ମଶାନରେ ପହଞ୍ଚିଥିଲୁ। ସେଠାରେ ମୃତଦେହ ଜବତ କରି ଘଟଣା ସମ୍ପର୍କରେ ମହିଳାଙ୍କ ଶାଶୁଘର ଲୋକଙ୍କୁ ପଚରାଉଚରା କରିଥିଲୁ। ଉକ୍ତ ଅଭିଯୋଗର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ। ଏଥିରେ ଆମର ହସ୍ତକ୍ଷେପ ପରେ ମୃତଦେହ ସତ୍କାର କରାଯାଇଥିଲା।



ତେଲେଙ୍ଗାନାରେ ମଙ୍ଗଳବାର ମର୍ମନ୍ତୁଦ ରାସ୍ତା ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭରଙ୍କୁ ଗତମାସ ଶ୍ରେଷ୍ଠ ଗାଡ଼ି ଚାଳକ ଭାବେ ରାଜ୍ୟ ସରକାରଙ୍କ ତରଫରୁ ସମ୍ମାନିତ କରାଯାଇଥିଲା। ଦୁର୍ଘଟଣାର ଦିନକ ପରେ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି। ଏଭଳି ଜଣେ ଦକ୍ଷ ଚାଳକଙ୍କ ଦ୍ୱାରା କିଭଳି ଏତେସଂଖ୍ୟକ ଜୀବନ ଗଲା ତାହାକୁ ନେଇ ଏବେ ଆଲୋଚନା ଚାଲିଛି। ବୁଧବାର ଆଉ ଜଣେ ଆହତ ମହିଳାଙ୍କ ମୃତ୍ୟୁ ହେବା ସହ ମୃତ୍ୟୁସଂଖ୍ୟା ୫୮ରେ ପହଞ୍ଚିଛି।



# ମିଲରଙ୍କ ଉପରେ ୧୮୮ କୋଟି ୮୪ ଲକ୍ଷ ଟଙ୍କା ବାକି

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ଚାଷୀଙ୍କଠାରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଫେରାଇ ୯୫ ଜଣ ମିଲର ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ଉପରେ ଚାଉଳ ବାବଦରେ ୧୮୮ କୋଟି ୮୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବାକି ପଡ଼ିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ ସ୍ୱୀକାର କରିଛନ୍ତି, ୨୦୦୩-୦୪ରୁ ୨୦୧୬-୧୭ ଖରିଫ୍ ପର୍ଯ୍ୟନ୍ତ ୯୫ ଜଣ ମିଲର୍‌ଙ୍କଠାରୁ ରାଜ୍ୟ ସରକାରଙ୍କ ୯୨,୦୨୨ ମେଟ୍ରିକ୍ ଟନ୍ ଚାଉଳ ପାଇବାକୁ ବାକି ଅଛି। ଅନ୍ତ୍ୟୋଦୟ ଚାଉଳ ପାଇଁ ସେମାନେ ୧,୩୫,୬୭୫ ମେଟ୍ରିକ୍ ଟନ୍ ଧାନ ନେଇଥିଲେ, ଯାହାର ମୂଲ୍ୟ ୧୮୮ କୋଟି ୮୪ ଲକ୍ଷ ୬୧ ହଜାର ଟଙ୍କାରୁ ଅଧିକ। ଖିଲାପି ମିଲର୍‌ମାନଙ୍କଠାରୁ ସେମାନଙ୍କ ଅମାନତ ଜମା, ବକେୟା ଦେୟ ଆଦି ବାବଦକୁ ମାତ୍ର ୪୪ କୋଟି ୮୮ ହଜାର ଟଙ୍କା ଆଦାୟ କରାଯାଇ ଯୋଗାଣ ନିଗମ ନିକଟରେ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି।

**ଧାନ ନେଇ ଚାଉଳ ଦେଲେ ନାହିଁ**

୯୫ ଜଣ ଖିଲାପି ମିଲର୍‌ଙ୍କ ମଧ୍ୟରୁ ୭୦ ଜଣଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। ଏଥିରୁ ୬୩ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ୪ଟି ଭିଜିଲାନ୍ସରେ ଓ ୩ଟି ଅର୍ଥନୈତିକ ଅପରାଧ ଶାଖାରେ ଦାୟର କରାଯାଇଛି। ୫୬ ଜଣଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ରୁଜୁ କରାଯାଇଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟତମ ଧାନ ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍‌ରୁ ବି ୧୫ ଜଣ ମିଲର୍ ପ୍ରାୟ ୯ କୋଟି ଟଙ୍କା ଠକି ନେଇଥିବା ଏହି ତଥ୍ୟରୁ ଜଣାପଡ଼ିଛି।

ବାଲେଶ୍ୱର ଜିଲାର ୯ ଜଣ, ବରଗଡ଼ ଜିଲାର ୯ ଜଣ, ବଲାଙ୍ଗୀରର ଜଣେ, କଟକର ୫ଜଣ, ଦେବଗଡ଼ର ୨ ଜଣ, ଢେଙ୍କାନାଳର ୨ଜଣ, ଗଞ୍ଜାମର ୧୧ ଜଣ, ଜଗତ୍‌ସିଂହପୁରର ୩ ଜଣ, ଯାଜପୁରର ଜଣେ, ଝାରସୁଗୁଡ଼ାର ୪ଜଣ, କଳାହାଣ୍ଡିର ୧୯ ଜଣ, କେନ୍ଦ୍ରାପଡ଼ାର ୨ ଜଣ, ଖୋର୍ଦ୍ଧାର ୩ଜଣ, କୋରାପୁଟର ୨ଜଣ, ମୟୂରଭଞ୍ଜର ଜଣେ, ନବରଙ୍ଗପୁରର ୪ଜଣ, ନୂଆପଡ଼ାର ୬ ଜଣ, ସମ୍ବଲପୁରର ୬ ଜଣ ଓ ସୁବର୍ଣ୍ଣପୁରର ୬ ଜଣ ଖିଲାପକାରୀ ମିଲରଙ୍କ ତାଲିକା ମନ୍ତ୍ରୀ ତାଙ୍କ ଉତ୍ତରରେ ଦେଇଛନ୍ତି।

# ପିଏମ୍‌ଜିଏସ୍‌ୱାଇ ସଡ଼କ ନିର୍ମାଣରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସୱାଇ)ରେ ଓଡ଼ିଶା ୨୦୧୭-୧୮ରେ ୭୧୭୬ କିଲୋମିଟର ରାସ୍ତା ନିର୍ମାଣ କରି ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ପୂର୍ବବର୍ଷଗୁଡ଼ିକଠାରୁ ଏହା ସର୍ବାଧିକ । ଏହାଛଡ଼ା ୧୭୭୬ ଟି ଅସଂଯୋଜିତ ଗ୍ରାମକୁ ରାସ୍ତା ସଂଯୋଗ କରାଯାଇଛି। ଏହି କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଗ୍ରାମାଞ୍ଚଳରେ ଅତ୍ୟାଧୁନିକ ବୈଷୟିକ ପ୍ରଣାଳୀରେ ୮୫୫ କିଲୋମିଟର ନିର୍ମାଣ କରି ରାଜ୍ୟ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ କେନ୍ଦ୍ର ସରକାରଙ୍କ ଗ୍ରାମ ଉନ୍ନୟନ ସଚିବ ଓ ଅନ୍ୟ ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ରାମ କୃପାଳ ଯାଦବ ରାଜ୍ୟକୁ ପୁରସ୍କୃତ କରିଥିଲେ। କେନ୍ଦ୍ର ସରକାର ୧୯୮୪୨ ଜନ ବସତିକୁ ସଂଯୋଗୀକରଣ ପାଇଁ ୬୦୫୯୪ କିଲୋମିଟର ରାସ୍ତା ନିର୍ମାଣ ସହିତ ୪୯୬ଟି ସେତୁର ପ୍ରସ୍ତାବକୁ ୨୫୬୦୨ କୋଟି ୪୬ ଲକ୍ଷ ଟଙ୍କା ମୂଲ୍ୟରେ ମଞ୍ଜୁର କରିଛନ୍ତି। ସେଥିରୁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୧୭୨୩୪ କୋଟି ୩୦ ଲକ୍ଷ ଟଙ୍କା ଏବଂ ରାଜ୍ୟ ସରକାର ନିଜ ଅଂଶ ବାବଦରେ ୪୨୯୧ କୋଟି ୪୦ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି।

## ସଂକ୍ଷେପରେ

ଦିବ୍ୟାଙ୍ଗ ଶିଶୁକନ୍ୟା ବଳାତ୍କାର ଘଟଣା

### ପୀଡ଼ିତାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ଅଭିଯୁକ୍ତଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଗଲା

**କଟକ ଅଫିସ୍/ କଟକରୋଡ୍,୧୨।୯ (ଡି.ଏନ୍.ଏ.):** ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ୫ ବର୍ଷୀୟା ଦିବ୍ୟାଙ୍ଗ ଶିଶୁକନ୍ୟା ବଳାତ୍କାରର ଶିକାର ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରୁ କଟକ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଶିଶୁ ରୋଗ ବିଭାଗ ଆଇସିୟୁରେ ରଖି ଚିକିତ୍ସା ଆରମ୍ଭ ହୋଇଛି। ବୁଧବାର ତାଙ୍କର ସ୍ୱତନ୍ତ୍ର ଚିକିତ୍ସା ପାଇଁ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭିନ୍ନକ୍ଷମ ଆୟୋଗ କମିଶନର ମିନତୀ ବେହେରା, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ କମିଶନର ସନ୍ଧ୍ୟାବତୀ ପ୍ରଧାନ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅଶୋକ ମିଶ୍ର ଏସ୍‌ସିବିରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସନ୍ଧ୍ୟାରେ କଟକ ନଗର ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡିତାଙ୍କ ମା'ଙ୍କୁ ଭେଟି ପଚାରି ବୁଝିଛନ୍ତି। ସେହିପରି କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଜୋନ୍-୪ ଏସିପି ଅମରେନ୍ଦ୍ର ପଣ୍ଡାଙ୍କୁ ଭେଟି ନାବାଳିକାଙ୍କ ସୁରକ୍ଷା ପାଇଁ ପୋଲିସର ଦୃଢ଼ ପଦକ୍ଷେପ ଗ୍ରହଣ କରୁ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ଘଟଣାରେ ଥାନାରେ ମାମଲା ନଂ୨୪୩/୧୮ରେ ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପରେ ଖୋର୍ଦ୍ଧାସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଇଛି ବୋଲି ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।

### ଆଦିବାସୀ ଅଧିକାର ଦିବସକୁ ସ୍ୱାଗତ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ମିଳିତ ଜାତିସଂଘ ଅନୁଯାୟୀ ସେପ୍ଟେମ୍ବର ୧୩ତାରିଖକୁ ବିଶ୍ୱ ଆଦିବାସୀ ଅଧିକାର ଦିବସ ପାଳନ ଆଦିବାସୀ ଭଉଣୀ, ଭାଇଙ୍କ ପାଇଁ ସ୍ମରଣୀୟ ଦିବସ । ରାଜ୍ୟର ଏକ ଚତୁର୍ଥାଂଶ ଆଦିବାସୀ ଭଉଣୀ, ଭାଇଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ନିମନ୍ତେ ସରକାର ଯତ୍ନଶୀଳ ହେବା ଆବଶ୍ୟକ। ମାତ୍ର ଏବେ ମଧ୍ୟ ସେମାନଙ୍କ ବହୁବିଧ ସମସ୍ୟାର ସମାଧାନ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହି ଦିବସ ଅବସରରେ ସେ ଆଦିବାସୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମ୍ବିଧାନିକ ପ୍ରଦତ୍ତ ସମସ୍ତ ଅଧିକାର ଓ ଜଙ୍ଗଲ ଅଧିକାର ଆଇନ ପ୍ରଦାନ କରି ଏକ ନୂତନ ଓଡ଼ିଶା ଓ ଭାରତ ନିର୍ମାଣର ପରିଚୟ ସୃଷ୍ଟି କରନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

ମହାକାଳପଡା ହାଜତ ମୃତ୍ୟୁ ଘଟଣା

### କଂଗ୍ରେସର ତଥ୍ୟ ଅନୁସନ୍ଧାନ କମିଟି ଗଠିତ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ମହାକାଳପଡା ହାଜତ ମୃତ୍ୟୁ ଘଟଣାର ସତ୍ୟାସତ୍ୟ ଅନୁଧାନ କରିବାକୁ କଂଗ୍ରେସ ପଦକ୍ଷେପ ଗ୍ରହଣ କରିଛି। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛନ୍ତି। ଏହି କମିଟିରେ ପୂର୍ବତନ ପୋଲିସ ଆଇଜି ବଟକୃଷ୍ଣ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ,ପିସିସ ଉପସଭାପତି ଶିବାନନ୍ଦ ରାୟ ରହିଛନ୍ତି। ଏହି କମିଟି ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ଏ ସମ୍ପର୍କରେ ଅନୁସନ୍ଧାନ କରିବା ସହିତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ନିରଞ୍ଜନ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପ୍ରସ୍ତୁତ କରିବା ପରେ ତାହା ପିସିସି କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ନିରଞ୍ଜନ କହିଛନ୍ତି।

### କୋଚିଂ ସେଣ୍ଟରରେ ବିଦ୍ୟୁତ୍ ଆଘାତରେ ଜଣେ ମୃତ

**କଟକ ଅଫିସ, ୧୨।୯:** କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ଅଞ୍ଚଳରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ଗଣେଶ ପୂଜା ପାଇଁ ସାଜସଜ୍ଜା ଚାଲିଥିବାବେଳେ ଦୁର୍ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଜଣକ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟା ୩୦ରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ମୃତକ ଏବଂ ଆହତଙ୍କ ପରିଚୟ ମିଳିପାରି ନାହିଁ।

# ଅକ୍ଟୋବରରେ ସାର୍ବଜନୀନ ହୋଇପାରେ ବ୍ରହ୍ମ ବିଭ୍ରାଟ ରିପୋର୍ଟ

**ପୁରୀ ଅଫିସ, ୧୨।୯**

ଆସନ୍ତା ଅକ୍ଟୋବରରେ ସାର୍ବଜନୀନ ହୋଇପାରେ ବହୁ ଚର୍ଚ୍ଚିତ ବ୍ରହ୍ମ ବିଭ୍ରାଟ ରିପୋର୍ଟ। ଏଥିପାଇଁ ଗଠିତ ସବ୍‌କମିଟି ବୈଠକ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ରିପୋର୍ଟ ଉପରେ କମିଟି ତର୍ଜମା କରିଛି। କିନ୍ତୁ ରିପୋର୍ଟ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ନ ଥିବା ଜଣାପଡିଛି। କମିଟି ଆସନ୍ତା ୩୦ ତାରିଖ ସୁଦ୍ଧା ପରିଚାଳନା କମିଟିକୁ ରିପୋର୍ଟ ହସ୍ତାନ୍ତର କରିବ। ଏହାପରେ ଅକ୍ଟୋବର ସୁଦ୍ଧା ଏହା ସାର୍ବଜନୀନ ହୋଇପାରେ ବୋଲି ବୋଲି କୁହାଯାଇଛି।ଗତ ମାସ ୧୮ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ବ୍ରହ୍ମ ବିଭ୍ରାଟ ରିପୋର୍ଟ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ହେଲେ ସବ୍ କମିଟି ସଦସ୍ୟ ତଥା ପରିଚାଳନା କମିଟି ସଭ୍ୟ ମହୀମୋହନ ତ୍ରିପାଠୀ, ସିଦ୍ଧେଶ୍ୱର ମହାପାତ୍ର ଓ ବାବା ସଚ୍ଚିଦାନନ୍ଦ ଦାସମହାରାଜ ତାଙ୍କ ରିପୋର୍ଟ ଦେଇ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେପ୍ଟେମ୍ବର ଶେଷ ସୁଦ୍ଧା ସେମାନଙ୍କୁ ସମୟ ଦିଆଯାଇଥିଲା। ସେମାନେ ତାଙ୍କ ରିପୋର୍ଟ ଦେବା ପରେ ପରିଚାଳନା କମିଟିର ପରବର୍ତ୍ତୀ ବୈଠକରେ ଏହା ଉପରେ ଆଲୋଚନା ହୋଇ ଏହାକୁ ସାର୍ବଜନୀନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ।

**୩୦ ସୁଦ୍ଧା ରିପୋର୍ଟ ଦେବ ସବ୍‌କମିଟି**

୨୦୧୫ ଥିଲା ମହାପ୍ରଭୁଙ୍କ ନବକଳେବର। ଜୁନ୍ ୧୫ ତାରିଖରେ ଥିଲା ବ୍ରହ୍ମ ସଂସ୍ଥାପନ। ନିଶାର୍ଦ୍ଧରେ ଏହି ବ୍ରହ୍ମ ସଂସ୍ଥାପନ କାର୍ଯ୍ୟ ସମ୍ପନ୍ନ ହେବାର ଥିଲା। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ଘଟିଥିଲା। ଜୁନ୍ ୧୬ ତାରିଖ ସ୍ପଷ୍ଟ ଦିବାଲୋକରେ ହୋଇଥିଲା ବ୍ରହ୍ମ ସଂସ୍ଥାପନ। ଏହାଦ୍ୱାରା କୋଟି କୋଟି ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ସରକାର ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ବି ସେ ରିପୋର୍ଟ ଦେଇ ନ ଥିଲେ। ଏହାପରେ ତାଙ୍କର ବଦଳି ହୋଇଯାଇଥିଲା। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ସମୟରେ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ଆସିଥିଲା। ଗତ ମାର୍ଚ୍ଚ ୨୦ରେ ନବଗଠିତ ପରିଚାଳନା କମିଟି ପ୍ରଥମ ବୈଠକରେ ଏହି ରିପୋର୍ଟ ଉପରେ ଆଲୋଚନା ହୋଇଥିଲା। ପରିଚାଳନା କମିଟି ୩ ଜଣିଆ ସବ୍ କମିଟି ଗଠନ କରି ବ୍ରହ୍ମ ବିଭ୍ରାଟ ରିପୋର୍ଟ ଭାଗ୍ୟ ସେମାନଙ୍କ ହାତରେ ଛାଡିଦେଇଛନ୍ତି।



ମାର୍କଣ୍ଡ ପୋଖରୀ ତୁଠରେ ମହିଳାବ୍ରତଧାରୀମାନେ ବାଲି ତୃତୀୟା ପୂଜା କରୁଛନ୍ତି।

# ମିସ୍ ଟିଟିଲାଗଡ଼ଙ୍କ ଆତ୍ମହତ୍ୟା ଉଦ୍ୟମ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୧୨।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଥିବା ସେଣ୍ଟଆନ୍ସ ସ୍କୁଲର ୨ମହଲା ଛାତରୁ ବୁଧବାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସଂପୃକ୍ତା ଛାତ୍ରୀ ଗତ ୨ ଦିନ ତଳେ ମିସ୍ ଟିଟିଲାଗଡ଼ ଟାଇଟଲ ଜିତି ଥିଲେ । ସ୍ଥାନୀୟ ଜେସିଆଇ କ୍ଲବ ପକ୍ଷରୁ ମିସ୍ ଟିଟିଲାଗଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସିନିୟର ବିଭାଗରେ ଛାତ୍ରୀ ଜଣକ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏହି ଟାଇଟଲ ହାସଲ କରିବାର ମାତ୍ର ୨ଦିନ ପରେ ସେ ସ୍କୁଲ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । କେଉଁ ପରିସ୍ଥିତି ଓ କାରଣରୁ ସେ ଏପରି ପଦକ୍ଷେପ ନେଲେ ତାହା ଅସ୍ପଷ୍ଟ ରହିଛି । ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ, ଛାତ୍ରୀଙ୍କ ପରିବାର ଲୋକେ କେହି ଟିଟିଲାଗଡ଼ ଥାନାରେ ରିପୋର୍ଟ କରି ନ ଥିବାରୁ ଘଟଣାଟି ରହସ୍ୟଜନକ ହୋଇପଡିଛି । କିଭଳି ଓ କେଉଁ ପରିସ୍ଥିତିରେ ଛାତ୍ରୀ ଜଣକ ସ୍କୁଲ ଛାତରୁ ତଳକୁ ଖସିପଡିଲେ ସେନେଇ ତଦନ୍ତ କରିବାକୁ ଏସ୍‌ପି କେ. ଶିବା. ସୁବ୍ରମଣି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

**ବଲାଙ୍ଗୀରରେ ଚର୍ଚ୍ଚା**

- ସ୍କୁଲର ୨ମହଲା ଛାତରୁ ଡେଇଁଲେ
- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ୨ଦିନ ତଳେ ମିସ୍ ଟିଟିଲାଗଡ଼ ଟାଇଟଲ ଜିତିଥିଲେ
- ଘଟଣା ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ଅଷ୍ଟମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀ ଜଣକ ସବୁଦିନ ଭଳି ବୁଧବାର ସକାଳେ ସ୍କୁଲକୁ ଆସିଥିଲେ । ଦିନ ପ୍ରାୟ ୧୨ଟା ବେଳେ ତାଙ୍କ ମା' ସ୍କୁଲର ଜଣେ ଶିକ୍ଷକଙ୍କ ମୋବାଇଲକୁ ଫୋନ୍ କରି ତାଙ୍କ ଝିଅଙ୍କୁ ଦେବାକୁ କହିଥିଲେ । ସମ୍ପୃକ୍ତ ଶିକ୍ଷକ ଉକ୍ତ ଛାତ୍ରୀଙ୍କୁ ମୋବାଇଲ ଫୋନ୍ ଦେଇଥିଲେ । ଛାତ୍ରୀ ଜଣକ ତାଙ୍କ ମାଆ ସହ ୨ରୁ୪ ମିନିଟ୍ କଥା ହେବା ପରେ ହଠାତ୍ ସ୍କୁଲର ୨ ମହଲା ଛାତ ଉପରକୁ ଚଢ଼ି ସେଠାରୁ କୁଆଡେ ତଳକୁ ଡେଇଁ ପଡିଥିଲେ । ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଟିଟିଲାଗଡ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ଖୁବଶୀଘ୍ର ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ହେଲେ ତାଙ୍କ ସ୍ପାଇନାଲ କର୍ଡରେ ଆଘାତ ଲାଗିଥିବା ଦର୍ଶାଇ ତାଙ୍କୁ ତୁରନ୍ତ ବଲାଙ୍ଗୀର ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ । ଘଟଣା ସମ୍ପର୍କରେ ଜାଣିବା ପରେ ପରିବାର ଲୋକ ଟିଟିଲାଗଡ଼ ହସପିଟାଲକୁ ଆସି ଗୁରୁତର ଛାତ୍ରୀଙ୍କୁ ବଲାଙ୍ଗୀର ଆଣିଥିଲେ । ବଲାଙ୍ଗୀର ହସପିଟାଲରେ ଏବେ ଛାତ୍ରୀ ଜଣକ ଚିକିତ୍ସାଧୀନ ରହିଛନ୍ତି । ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ପରିବାରବର୍ଗ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ ମଧ କେହି କିଛି କହୁ ନ ଥିବାରୁ ଘଟଣାର ପ୍ରକୃତ କାରଣ ଜଣାପଡିନାହିଁ। ଛାତ୍ରୀ ଜଣକ ସ୍କୁଲ ଛାତରୁ ଡେଇଁ ପଡିଥିବା ଚର୍ଚ୍ଚା ହେଉଥିବାରୁ ଘଟଣା ପଛରେ ଅନ୍ୟ କେଉଁ କାରଣ ରହିଛି ତାହା ଜାଣିବା ପାଇଁ ଏସ୍‌ପି ସୁବ୍ରମଣି ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ତେବେ ଏହି ଘଟଣା ପଛରେ ବ୍ଲୁ ହ୍ୱେଲ୍, ମୋମୋ ଭଳି ମାରାତ୍ମକ ଖେଳ ଦାୟୀ କି ବୋଲି ଏସପିଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଓ ଯାହାବି କାରଣ ଥିବ ତଦନ୍ତ ପରେ ଜଣାପଡିଯିବ ବୋଲି ସେ କହିଛନ୍ତି।

ସମବାୟ ଦୁର୍ନୀତି ପ୍ରସଙ୍ଗରେ ମୁହଁ ଖୋଲିଲା ଭାଜପା

# ମଙ୍ଗ ଧରିଥିବା ନେତା ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ଓଡ଼ିଶା ଏବେ ସବୁଠୁ ଦୁର୍ନୀତିଗ୍ରସ୍ତ ରାଜ୍ୟ ଭାବେ ପରିଗଣିତ ହେଲାଣି । ତାଳରୁ ତଳିପା ପର୍ଯ୍ୟନ୍ତ ରାଜ୍ୟରେ ଦୁର୍ନୀତି ଚାଲିଛି । ଯେଉଁମାନେ ବିଜେଡିର ମଙ୍ଗ ଧରିଛନ୍ତି ସେମାନେ ଦୁର୍ନୀତିକୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।

ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ବର୍ତ୍ତମାନ ରାଜ୍ୟ ସରକାରଙ୍କ ପ୍ରତି ବିଭାଗରେ ଭ୍ରଷ୍ଟାଚାର ବସା ବାନ୍ଧିଛି । ରାଜ୍ୟର ବହୁ ଯୁବକ ବେକାର ହୋଇ ବୁଲୁଛନ୍ତି। ରାଜ୍ୟ ସରକାର ୯୦ହଜାର କୋଟି ଟଙ୍କାରୁ ଅଧିକ ଋଣଭାର ମୁଣ୍ଡାଇଛନ୍ତି । ରାଜରାସ୍ତାରେ ଶିକ୍ଷକ, ଅଙ୍ଗନୱାଡି ଓ ଆଶା କର୍ମୀ, ଛାତ୍ରସମାଜ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ କେବଳ ବିଜ୍ଞାପନ ଜରିଆରେ ରାଜ୍ୟ ସରକାର ନିଜର ଆତ୍ମପ୍ରଚାର କରିବା ଦୁର୍ଭାଗ୍ୟଜନକ । ଦାମ ରାଉତ ସମବାୟ ମନ୍ତ୍ରୀ ଥିବାବେଳେ ଉକ୍ତ ବିଭାଗରେ ଦୁର୍ନୀତି ହୋଇଥିବା ସ୍ୱୀକାର କରିଛନ୍ତି । ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ତୁଷାର ପଣ୍ଡାଙ୍କ କାର୍ଯ୍ୟକାଳ ସମାପ୍ତି ପରେ ବି ଅଢେଇ ବର୍ଷ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଅବଧି କାହା ସୁପାରିସରେ ବୃଦ୍ଧି କରାଯାଇଥିଲା ବୋଲି ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି । ଦୁଇଟି ତଦନ୍ତ ପାଇଁ ସମବାୟ ଆକ୍ଟ ଏବଂ ଦୁର୍ନୀତି ନିବାରଣ ଆଇନ ପରିସରଭୁକ୍ତ କରିବା ପାଇଁ ରେଜିଷ୍ଟ୍ରର ଅଫ କୋପରଟିଭ ସୋସାଇଟିକୁ ଚିଠି ଲେଖି କୌଣସି ସୁଫଳ ମିଳିଲା ନାହିଁ। ସେହିପରି ଦାମ ରାଉତ ଅନ୍ୟାନ୍ୟ ଦୁର୍ନୀତି ପ୍ରସଙ୍ଗ ଉଠାଇବା ପରେ ବିଭାଗୀୟ ମନ୍ତ୍ରୀ ଏହାକୁ ବିଧାନସଭା ଗୃହରେ ସ୍ୱୀକାର କରିଛନ୍ତି । ରାଜ୍ୟସରକାର ସ୍ୱଚ୍ଛତାର ବାନା ଉଡାଇ ଓଡିଶାବାସୀଙ୍କୁ ଭୂଆଁ ବୁଲାଉଥିବା ସେ କହିଛନ୍ତି । ଏହାକୁ ଭିଜିଲାନ୍ସ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା କରାଇବା ପାଇଁ ଭାଜପା ସମବାୟ ପ୍ରକୋଷ୍ଠ ତରଫରୁ ଦାବି କରାଯାଇଛି। ଓଡ଼ିଶାରେ ସମବାୟ କ୍ଷେତ୍ରରେ ହୋଇଥିବା ମହାଦୁର୍ନୀତି, ଋଣ ଯୋଗାଣ ତଥା ପରିଚାଳନା କ୍ଷେତ୍ରରେ ବ୍ୟାପକ ଅନିୟମିତତା ବିରୋଧରେ ପ୍ରତିବାଦ ଓ ଏହାର ତଦନ୍ତ ଦାବୀ କରି ଭାଜପା ପକ୍ଷରୁ ବୁଧବାର ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମୁଖରେ ପ୍ରତିବାଦ ଏବଂ ଗଣଧାରଣା ଦିଆଯାଇଛି । ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ସବୁ ସମବାୟ ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ଦେବ ଭାଜପା। ଏ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଛବି ସମ୍ପର୍କରେ ସମଗ୍ର ଭାରତ ବର୍ଷର ଲୋକମାନେ ଜାଣନ୍ତି। ବିଜେଡି କେବେହେଲେ ଦୁର୍ନୀତିକୁ ପ୍ରଶ୍ରୟ ଦେଇ ନାହିଁ। ୧୮ବର୍ଷ ଶାସନ କାଳ ମଧ୍ୟରେ ଯେକୌଣସି ବଡବଡ ପଦରେ ରହି ଦୁର୍ନୀତି କରିଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଦଣ୍ଡିତ କରିଛନ୍ତି। ବିଗତ ଦିନରୁ ଆଜି ପର୍ଯ୍ୟନ୍ତ ଦେଖିଲେ ଏହାର ଅନେକ ଉଦାହରଣ ରହିଛି। ଭାଜପା ଠାରୁ ଆମକୁ ଏ ସମ୍ପର୍କରେ ସାର୍ଟିଫିକେଟର ଆବଶ୍ୟକତା ନାହିଁ ବୋଲି ସମୀର କହିଛନ୍ତି।

■ ପୁରୀ-ଭୁବନେଶ୍ୱର ବସ୍ ଚଳାଚଳ ବିବାଦ

# ୨୪ଘଣ୍ଟା ନ ପୂରୁଣୁ ପୁଣି ବନ୍ଦ

**ପୁରୀ ଅଫିସ, ୧୨।୯**

- ପରିବହନ କମିଶନରଙ୍କ ଅଧକ୍ଷତାରେ ବସିଲା ଉଚ୍ଚସ୍ତରୀୟ ବୈଠକ
- ବୈଠକ ପରେ ଚଳାଚଳ ସ୍ୱାଭାବିକ
- ପରମିଟ୍ ଧାର୍ଯ୍ୟ ସମୟ ଅନୁଯାୟୀ ଚାଲିବ ବସ୍
- ୧ମାସ ମଧ୍ୟରେ ଚୂଡ଼ାନ୍ତ ହେବ ନୂତନ ସମୟ ସାରଣୀ
- ମନଇଚ୍ଛା ବସ୍ ଚଳାଚଳ ବନ୍ଦ କରିପାରିବେନି ବସ୍ ମାଲିକ
- ୧୫ଦିନ ପରେ ହେବ ପୁଣି ସମୀକ୍ଷା ବୈଠକ

ପୁରୀ-ଭୁବନେଶ୍ୱର ମଧ୍ୟରେ ୪ ଦିନ ଧରି ଘରୋଇ ବସ୍ ଚଳାଚଳ ବନ୍ଦ ରହିବା ପରେ ମଙ୍ଗଳବାର ଅପରାହ୍ନରେ ସ୍ୱାଭାବିକ ସ୍ଥିତି ଫେରିଥିଲା। ଅପରାହ୍ନ ୩ଟାରୁ ଉଭୟ ପାର୍ଶ୍ୱରୁ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। କିନ୍ତୁ ସ୍ୱାଭାବିକ ସ୍ଥିତି ଫେରିବାର ୨୪ଘଣ୍ଟା ନ ପୂରୁଣୁ ବୁଧବାର ପୁରୀ-ଭୁବନେଶ୍ୱର ବସ୍ ମାଲିକ ସଂଘ ମଧ୍ୟରେ ପୁଣି ବିବାଦ ଉପୁଜିଥିଲା। ପୁରୀ ବସଷ୍ଟାଣ୍ଡରେ ଭୁବନେଶ୍ୱର ଏବଂ କଟକ ବସ୍ ସମାନ୍ତରାଳ ଭାବେ ଲୋକ ଉଠାଇବାକୁ ନେଇ ଭୁବନେଶ୍ୱର ବସ୍ ମାଲିକ ସଂଘ ବିରୋଧ କରି ବସ୍ ଚଳାଚଳ ବନ୍ଦ କରିଥିଲା। ଅପରାହ୍ନରେ ପରିବହନ କମିଶନର ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଭୁବନେଶ୍ୱର ବସ୍ ମାଲିକ ବନ୍ଦ ରଖିଥିବା ବସ୍ ଚଳାଚଳକୁ ପୁଣି ଆରମ୍ଭ କରିଛନ୍ତି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, କୌଣସି ସଂଘ ବେନିୟମ ଭାବେ ବସ୍ ଚଳାଚଳ ବନ୍ଦ କରିପାରିବେ ନାହିଁ। କେହି କାହାର ବସ୍ ଅଟକାଇ ପାରିବେ ନାହିଁ। ବସ୍ ଚଳାଚଳ ବନ୍ଦ କରିବା କିମ୍ବା ବସ୍ ଅଟକାଇବା ପୂର୍ବରୁ ସମ୍ପୃକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କୁ ଅବଗତ କରାଇବେ। ଆସନ୍ତା ୧ ମାସରୁ ୨ମାସ ମଧ୍ୟରେ ବସ୍ ଚଳାଚଳ ସମୟ ସାରଣୀ ପୁନଃ ଧାର୍ଯ୍ୟ କରାଯିବ। ସେ ପର୍ଯ୍ୟନ୍ତ ସମସ୍ତ ଗାଡି ନିର୍ଦ୍ଧାରିତ ପରମିଟ୍ ସମୟ ଅନୁଯାୟୀ ଚାଲିବ। ଟାଇମ୍ ଗାର୍ଡ ରେଜିଷ୍ଟ୍ରାର (ଟିଜିଆର) ପୁରୀ, କଟକ ଓ ଭୁବନେଶ୍ୱର ବସଷ୍ଟାଣ୍ଡରେ ପରିଚାଳନା ହେବ। ସେଥିରେ କେଉଁ ବସ୍ କେତେବେଳେ ପହଞ୍ଚିଲା, କେତେବେଳେ ବସ୍‌ଷ୍ଟାଣ୍ଡ ଛାଡିଲା ତାହା ଉଲ୍ଲେଖ ରହିବ। କଳ୍ପନା ଛକକୁ ବସଷ୍ଟାଣ୍ଡ ଭାବେ ବ୍ୟବହାର କରାଯାଇ ପାରିବ। ସେଠାରେ ପୁରୀ, କଟକ ଓ ଭୁବନେଶ୍ୱର ବସ୍ ଅଧିକ ସମୟ ରହିପାରିବ ନାହିଁ। ଯାତ୍ରୀ ଓହ୍ଲାଇ କିମ୍ବା ଚଢାଇ ସଙ୍ଗେ ସଙ୍ଗେ ଯିବେ। କଳ୍ପନା ଛକରେ ଜଣେ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯିବ। ନୂତନ ସମୟ ସାରଣୀ ଚୂଡ଼ାନ୍ତ ହେବା ପରେ କଟକ, ଭୁବନେଶ୍ୱର ଏବଂ ପୁରୀ ବସଷ୍ଟାଣ୍ଡରେ ଏଲଇଡି ସ୍କ୍ରିନ ମାଧ୍ୟମରେ ତାହାକୁ ପ୍ରତ୍ୟହ ପ୍ରଦର୍ଶିତ କରାଯିବ। ଯାତ୍ରୀମାନେ ବି ବସ୍ ସମୟ ଜାଣିପାରିବେ। ହକର ଓ ସୁପରଭାଇଜରମାନେ କୌଣସି ସ୍ଥାନରେ ବସ୍‌ରୁ ଟଙ୍କା ଆଦାୟ କରିପାରିବେ ନାହିଁ। ଯଦି ଆଦାୟ କରୁଥିବାର ଅଭିଯୋଗ ଆସେ ତେବେ ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପୁରୀ ଠାରୁ ଭୁବନେଶ୍ୱର ଏବଂ କଟକ ବସ୍ ଗୁଡିକ ସମାନ୍ତରାଳ ଲୋଡ ନ କରି ଗୋଟିଏ ପରେ ଗୋଟିଏ ଲୋଡ କରିବେ। ଆସନ୍ତା ୧୫ଦିନ ମଧ୍ୟରେ ପୁଣି ଏକ ବୈଠକ ବସି ସମୀକ୍ଷା କରାଯିବାକୁ ବୈଠକରେ ସ୍ଥିର ହୋଇଛି।

ଉକ୍ତ ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଡେପୁଟି କମାଣ୍ଡାଣ୍ଟ(ହୋମଗାର୍ଡ) ଲିଙ୍ଗରାଜ ମିଶ୍ର, କଟକ, ଭୁବନେଶ୍ୱ ଓ ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ୩ଜିଲାର ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସମୟ ସାରଣୀକୁ ନେଇ ଭୁବନେଶ୍ୱର ବସ୍ ମାଲିକ ସଂଘ ଏବଂ ପୁରୀ ଘରୋଇ ବସ୍ ମାଲିକ ସଂଘ ମଧ୍ୟ ବିବାଦ ମୁଣ୍ଡ ଟେକିଥିଲା। ୭ତାରିଖ ଠାରୁ ପୁରୀ ଏବଂ ଭୁବନେଶ୍ୱର ମଧ୍ୟରେ ବସ୍ ଚଳାଚଳ ବନ୍ଦ ରହିଥିଲା। ପ୍ରଶାସନର ହସ୍ତକ୍ଷେପ ଫଳରେ ୧୧ତାରିଖ ଅପରାହ୍ନରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ନୂଆଦିଲ୍ଲୀ ରୋଡ୍ ଶୋ'କୁ ସମାଲୋଚନା

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ରାଜ୍ୟ ସରକାର ନୂଆଦିଲ୍ଲୀରେ ମେକ୍ ଇନ୍ ଓଡ଼ିଶା ପାଇଁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି ରୋଡ୍ ଶୋ' କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଲୋକ ଦେଖାଣିଆ। ରାଜ୍ୟ ପ୍ରଶାସନର ବିଭିନ୍ନ କ୍ଷେତ୍ରରେ ହେଉଥିବା ବିଫଳତାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଏଭଳି ପ୍ରହସନ ଚଳାଇଛନ୍ତି। ଗତ ୧୮ବର୍ଷ ମଧ୍ୟରେ ରାଜ୍ୟ ସରକାର ଶିଳ୍ପାୟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭିତ୍ତିଭୂମିର ବିକାଶଠାରୁ ଆରମ୍ଭକରି ଶିଳ୍ପ ପ୍ରତିଷ୍ଠା, ମାନବସମ୍ବଳ ବିକାଶ ଓ କର୍ମନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଭୂମିକା ଅତ୍ୟନ୍ତ ନିରୁତ୍ସାହଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। ବୁଧବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ ନାୟକ କହିଛନ୍ତି, ପୁଞ୍ଜିନିବେଶ କ୍ଷେତ୍ରରେ ଯାହା କହିବାର ଅଛି ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ନୁହେଁ, ବରଂ ଓଡିଶାରେ ଜବାବ ରଖନ୍ତୁ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଦୃଷ୍ଟିରୁ ରାଜ୍ୟରେ କେଉଁସବୁ ସାମଗ୍ରୀ ବହୁତ ବ୍ୟବହାର ହେଉଛି ଏବଂ ରାଜ୍ୟରେ କେଉଁ ଶିଳ୍ପ ପ୍ରତିଷ୍ଠାନର ସୁଯୋଗ ଓ ସମ୍ଭାବନା ଅଛି ସେନେଇ ସରକାରଙ୍କ ନିକଟରେ କୌଣସି ତଥ୍ୟ ନାହିଁ।



ବେଆଇନ୍ ଭାବରେ ପାକିସ୍ତାନର ଜଳସୀମାକୁ ପ୍ରବେଶ କରି ମାଛ ଧରିବା ଅଭିଯୋଗରେ ୧୮ ଜଣ ଭାରତୀୟ ମତ୍ସ୍ୟଜୀବୀ ଗିରଫ ହେବା ସହ ୨ଟି ବୋଟ୍ ଜବତ କରାଯାଇଛି। ଏ ସମ୍ପର୍କରେ ପାକିସ୍ତାନ ସାମୁଦ୍ରିକ ସୁରକ୍ଷା ବାହିନୀ(ପିଏମ୍ଏସ୍ଏ) ପକ୍ଷରୁ ସୂଚନା ଦିଆଯାଇଛି।



# ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଗୃହୀତ
- ବିଭିନ୍ନ ଅନିୟମିତତା ନେଇ ବିରୋଧୀ ସଦସ୍ୟଙ୍କ ଉଦ୍‌ବେଗ

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗକୁ ନେଇ ଆସିଥିବା ଆପତ୍ତି ଅଭିଯୋଗର ତଦନ୍ତ କରାଯିବ। ତଦନ୍ତ ପରେ ଖିଲାପ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ଅଧିକାରୀମାନେ ଏଥିରେ ଅବହେଳା କରିଥିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ବିଧାନସଭାରେ ବୁଧବାର ହୋଇଥିବା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତରରେ ମନ୍ତ୍ରୀ ପ୍ରଦୀପ ମହାରଥୀ ଏହି କଥା କହିଛନ୍ତି। ମୋଟ ୩୧୨୬,୭୪,୨୭,୦୦୦ ଟଙ୍କାର ଅତିରିକ୍ତ ବଜେଟ୍‌କୁ ଗୃହର ଅନୁମୋଦନ ମିଳିଛି। ପ୍ରଦୀପ କହିଛନ୍ତି ଯେ, ୨୦୧୪-୧୫ ବର୍ଷ ପର୍ଯ୍ୟନ୍ତ ୧୯,୧୬,୬୪୮ ଗ୍ରାମୀଣ ପରିବାରଙ୍କ ପକ୍କାଗୃହ ନିର୍ମାଣ କରାଯାଇଛି। ୨୦୧୮-୧୯ ଆର୍ଥିକବର୍ଷରେ ଏଯାବତ୍ ୨,୫୧,୧୭୨ଟି ଗୃହ ସମ୍ପୂର୍ଣ୍ଣ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୩୫୯୨.୩୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ୨୪୪୩.୦୫କୋଟି ଖର୍ଚ୍ଚ ହୋଇଛି। ଏଥିସହିତ ଅତିରିକ୍ତ ବ୍ୟୟ ଅଟକଳରେ ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଜାତୀୟ ଜୀବିକା ମିଶନ୍ ଯୋଜନା ବାବଦରେ ୩୩୦.୪୯ କୋଟି ଟଙ୍କା ରହିଛି। ତନ୍ମଧ୍ୟରୁ ୪୩ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ୨୧୦.୮୨ କୋଟି ଟଙ୍କାର ଅତିରିକ୍ତ ବଜେଟ ଅଟକଳର ବ୍ୟବସ୍ଥା କରାଯାଇଛି। ବସୁଧା ଯୋଜନାରେ ପୂର୍ବ ଅଟକଳରେ ଥିବା ଟଙ୍କାର ୪୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଅତିରିକ୍ତ ବଜେଟରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳରେ ବସୁଧା ଯୋଜନା ବାବଦକୁ ଅତିରିକ୍ତ ୧୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ମହାରଥୀ ଗୃହରେ ଉତ୍ତର ରଖିଛନ୍ତି।

ରିତିକା ମୁଣ୍ଡରେ ଗୋଟିଏ କଥା ପଶିଛି। ଯେମିତି ହେଲେ ସେ ବଡ ପରଦାରେ ମୁହଁ ଦେଖାଇବ। ହେଲେ କେମିତି ? ସୁଯୋଗ ମିଳିଲେ ତ ? ମନକୁ ଦୃଢ଼ କରି ସେ ଆଗେଇଛି। ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ ଘାତ ପ୍ରତିଘାତର ସାମନା କରିଛି, ହେଲେ ତା' ମନର ଆଶା ପୂରଣ ହୋଇନି। ଏପରି କି ନିଜ ଲକ୍ଷ୍ୟ ହାସଲ ପାଇଁ ମୁମ୍ବାଇ ଯାଇଛି। ସେ ନିଜର ଇଚ୍ଛାକୁ ପୂରଣ କରିପାରୁଛି ତ ? ଏହି ଘଟଣାକ୍ରମ ଭିତରେ ତା' ଜୀବନରେ ଆସିଥିବା ରୋହିତ, ତାକୁ କିପରି ସାହାଯ୍ୟ କରୁଛି ? ଏସବୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ପ୍ରେମୀ ଦିୱାନା'। ସ୍ନେହା ଫିଲ୍ମ ଆଣ୍ଡ ପ୍ରଡକ୍ସନ ବ୍ୟାନରରେ ଅୟସକାନ୍ତ ମହାନ୍ତି ଫିଲ୍ମଟିର ପ୍ରଯୋଜନା କରିଛନ୍ତି। ଆନନ୍ଦ କୁମାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିବା ବେଳେ ଅରୁଣ ମନ୍ତ୍ରୀ, ପଞ୍ଚାନନ ନାୟକ ଏବଂ ଆଶୁତୋଷ ବାରିକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଶରତ ଚନ୍ଦ୍ର ପ୍ରଧାନ-ପିନାକୀ ପି. ଶ୍ରୀଚନ୍ଦନ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ସଂଗ୍ରାମ ମହାନ୍ତି, ଅନ୍ତରା ଚକ୍ରବର୍ତ୍ତୀ, ପଙ୍କଜ ଜାଲ, ସସ୍ମିତା ବିଶ୍ୱାଳ ଏବଂ ଶଶାଙ୍କ ଶେଖର। ନିଜ କାହାଣୀକୁ ସଂଳାପ ରୂପ ଦେଇଛନ୍ତି ଜମେଶ ଶୁକ୍ଳା। ରୁଦ୍ର ପାଣିଗ୍ରାହୀ, ସୋଲାଙ୍କି ଭୌମିକ, ଆରକେ, ପ୍ରୀତିରାଜ, ଗୁଣ୍ଟୁ, କୁନମୁନ, ନଳିନୀ ରାଉତ, ଅଞ୍ଜନା ଦାସ, ପୃଥ୍ୱୀରାଜ ନାୟକ ଏବଂ ମହେଶ ରାଓ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଚଳିତ ମାସ ୨୦ରେ ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।



ରୁଦ୍ର-ସୋଲାଙ୍କି

# ବଲିଉଡ୍ ହାଲ୍‌ଚାଲ୍

■ସୋନାଲି ବେନ୍ଦ୍ରେଙ୍କ ମୁହଁରେ ଏବେ ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। କାହିଁକି ନା, ପ୍ରିୟଙ୍କା ତାଙ୍କୁ ଯେଉଁ ବିୟୁଟି ଟିପ୍ସ ଦେଇଥିଲେ ତାହା ସୋନାଲିଙ୍କ ଲୁକ୍‌କୁ ଆହୁରି ଆଟ୍ରାକ୍ଟିଭ କରିଛି।

■ଅଜୟ ଦେବଗନଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ତନ୍ନାଜୀ'ରେ ଏକ ସପୋର୍ଟିଂ ରୋଲ୍‌ରେ ଆସୁଛନ୍ତି ସୈଫ ଅଲ୍ଲୀ ଖାଁ। ଏହି ଅଫରକୁ ସେ ବେଶ୍ କିଛି ମାସ ଝୁଲାଇ ରଖିବା ପରେ ରାଜି ହୋଇଛନ୍ତି।

■କରନ୍ ଜୋହର ଏବେ 'କୁଛ କୁଛ ହୋତା ହେ-୨'ର କାଷ୍ଟିଂକୁ ନେଇ ବ୍ୟସ୍ତ ଅଛନ୍ତି। ଏଥିରେ ସେ ରଣବୀର କପୁର, ଆଲିୟା ଭଟ୍ଟ ଏବଂ ଜାହ୍ନବୀ କପୁରଙ୍କୁ ସାଇନ୍ କରାଇବାକୁ ଯୋଜନା କରୁଛନ୍ତି।

■ଗଣେଶ ପୂଜା ଅବସରରେ ରିଲିଜ ହେଉଛି ହିନ୍ଦୀ ସିନେମା 'ୟୁ ଟର୍ନ', ଯାହାର ଫିମେଲ ଲିଡ୍‌ରେ ଭୂମିକା ଚାୱଲାଙ୍କୁ ଦେଖିବାକୁ ମିଳିବ।



ଜାହ୍ନବୀ



ହ୍ରିତିକ

# ଅବସର ମିଳିଲେ...

ଅବସର ମିଳିଲେ ହ୍ରିତିକ ରୋଶନ କ'ଣ କରନ୍ତି ? ତାଙ୍କର ନିଶ୍ଚୟ କିଛି ଅଲଗା ରୁଚି ଥିବ। ଯେତେବେଳେ ତାଙ୍କୁ ଶୁଟିଂରୁ ବିରତି ମିଳେ ସେ କ'ଣ କରନ୍ତି ଜାଣନ୍ତି ? କ୍ୟାମେରା ଧରି ଫଟୋଗ୍ରାଫିରେ ବ୍ୟସ୍ତ ରହନ୍ତି। କେବଳ ସେତିକି ନୁହେଁ, ସେ ଭାରି ରୋଷେଇ ପ୍ରିୟ। କିଛି ମନ ପସନ୍ଦର ଖାଦ୍ୟ ଖାଇବାକୁ ଇଚ୍ଛା ହେଲେ ସେ ସିଧା ଚାଲନ୍ତି କିଚେନ୍‌କୁ। ସେଠାରେ ପସନ୍ଦୀୟ ଖାଦ୍ୟ ପ୍ରସ୍ତୁତ କରନ୍ତି ଆଉ ନିଜେ ଖାଆନ୍ତି କେତେବେଳେ କେମିତି ନିଜ ସାଙ୍ଗମାନଙ୍କୁ ନିମନ୍ତ୍ରଣ କରି ଖୁଆନ୍ତି। ହ୍ରିତିକ ଏବେ 'ସୁପର ୩୦'ରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କୁ ଜଣେ ମ୍ୟାଥମେଟିକ ଟ୍ୟୁଟର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ।

# ଭାଗ୍ୟକୁ ନିନ୍ଦୁଛନ୍ତି କିଆରା

ଇତି ମଧ୍ୟରେ ଚାରିବର୍ଷ ବିତିଗଲାଣି। ସେ ପୁଣି ଥରେ ବଡ଼ ପରଦାରେ ମୁହଁ ଦେଖାଇବେ ବୋଲି ଗୋଡ଼ ଟେକି ବସିଛନ୍ତି। ହେଲେ କୌଣସି ପ୍ରଯୋଜକ ତାଙ୍କୁ ଆଡ଼ ଆଖିରେ ଅନାଉ ନାହାନ୍ତି। ତଥାପି ବଲିଉଡ୍‌ରେ ନିଜର ଆକ୍ଟିଂ କ୍ୟାରିୟରକୁ ନେଇ ଆଶାବାଦୀ ଅଛନ୍ତି କିଆରା ଆଡୱାନୀ। 'ଫୁଗଲି' (୨୦୧୪)ରେ ତାଙ୍କୁ ବ୍ରେକ୍ ମିଳିଥିଲା। ପ୍ରଥମ ସିନେମାକୁ ନେଇ ଅନେକ ରଙ୍ଗିନ ସ୍ୱପ୍ନ ଦେଖିଥିଲେ, ହେଲେ ସବୁ କିଛି ପାଣି ଫୋଟକା ପରି ମିଳାଇଗଲା। ପ୍ରଥମ ଫିଲ୍ମ ଫ୍ଲପ ହେଲା ସେ ନେଇ ମନଦୁଃଖ ନାହିଁ, ହେଲେ ତା'ପରେ ତାଙ୍କୁ ଗୋଟିଏ ହେଲେ ଅଫର ମିଳିଲା ନାହିଁ। 'ଆକ୍ଟିଂକୁ ନେଇ ମୋ ନିଜ ଉପରେ ଭରସା ରହିଛି। ହେଲେ ମୋତେ କ'ଣ ପାଇଁ ପ୍ରଯୋଜକ ଅଫର ଦେଉନାହାନ୍ତି ତାହାର କାରଣ ମୁଁ ଜାଣିପାରୁନାହିଁ। ଅବଶ୍ୟ ୟା ଭିତରେ ମୋତେ ଗୋଟିଏ ଫିଲ୍ମ ଅଫର ମିଳିଥିଲା, ହେଲେ କେତୋଟି ସିନ୍‌କୁ ନେଇ ମୁଁ ରାଜି ହୋଇ ନ ଥିଲି। ଏଥିରେ ମୋତେ ଅଯଥାରେ ୨-୩ଟି ବୋଲ୍ଡ ଶଟ୍ ଦେବାକୁ କୁହାଯାଇଥିଲା। ଯେହେତୁ ଏହି ଶଟ୍‌ଗୁଡ଼ିକର କାହାଣୀ ସହ କୌଣସି ସଂଯୋଗ ନ ଥିଲା ତେଣୁ ମୁଁ ରାଜି ହୋଇ ନ ଥିଲି ବୋଲି କହିଛନ୍ତି କିଆରା।' ନିକଟରେ କିଆରା ତାଙ୍କର ୨୬ତମ ଜନ୍ମଦିନ ପାଳନ କରିଥିଲେ। ଏହି ବାର୍ଥ ଡେ' ଫଙ୍କଶନ୍‌ରେ ବଲିଉଡ୍‌ର କେତେଜଣ ନାମୀ ପ୍ରଯୋଜକଙ୍କୁ ଦେଖିବାକୁ ମିଳିଥିଲା। ତେବେ କାରିଆ ହିନ୍ଦୀ ସିନେମାରେ ତାଙ୍କର ଆକ୍ଟିଂ କ୍ୟାରିୟରକୁ କେତେ ଆଗକୁ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

> ମାରୁତି ସୁଜୁକିର ଗୁଡ଼୍‌ଗାଓଁ ପ୍ଲାଣ୍ଟକୁ ସ୍ଥାନାନ୍ତର କରାଯିବ। ଏହି କାର୍ଯ୍ୟକୁ ପର୍ଯ୍ୟାୟକ୍ରମେ ହାତକୁ ନିଆଯିବ। ପ୍ଲାଣ୍ଟକୁ କମ ଜନସଂଖ୍ୟା ଥିବା ସ୍ଥାନରେ ଅବସ୍ଥାପିତ କରାଯିବା ଛଡ଼ା ଅନ୍ୟ ଉପାୟ ନାହିଁ।
> – ଆର୍‌.ସି. ଭାର୍ଗବ, ଅଧ୍ୟକ୍ଷ, ମାରୁତି ସୁଜୁକି



> କ୍ଷୁଦ୍ର ପୁଞ୍ଜିନିବେଶକାରୀଙ୍କୁ ଶିକ୍ଷା ପ୍ରଦାନ ସହ ସେମାନଙ୍କ ପାଣ୍ଠିର ସୁରକ୍ଷା ପାଇଁ ଗଠିତ ଆଇଇପିଏଫର ନିୟମରେ ଆବଶ୍ୟକସ୍ଥଳେ କୋହଳ କରାଯିବ।
> – ଇଞ୍ଜେଟି ଶ୍ରୀନିବାସ, କର୍ପୋରେଟ ବ୍ୟାପାର ସଚିବ



## ସଂକ୍ଷେପରେ

### ୧୦ ମାସର ସର୍ବନିମ୍ନ ସ୍ତରରେ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨-୯:** ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଉଥିବା ବେଳେ ମୁଦ୍ରାସ୍ଫୀତି କ୍ଷେତ୍ରରେ ପ୍ରକାଶିତ ତଥ୍ୟ କେନ୍ଦ୍ର ସରକାରଙ୍କୁ ଆଶ୍ୱସ୍ତି ଆଣି ଦେଇଛି। ଅଗଷ୍ଟରେ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ(ସିପିଆଇ) ୧୦ ମାସର ସର୍ବନିମ୍ନ ସ୍ତର ୩.୬୯ ପ୍ରତିଶତରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ, ଜୁଲାଇରେ ସିପିଆଇ ୪.୧୭% ରହିଥିଲା। ଗତବର୍ଷ ସମାନ ଅବଧିରେ ଏହା ୩.୨୮% ରହିଥିଲା ବେଳେ ଅକ୍ଟୋବରରେ ୩.୫୮% ଥିଲା। ଏହାପରଠାରୁ ମୁଦ୍ରାସ୍ଫୀତି ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ୪% ଉପରେ ସର୍ବଦା ରହିଆସିଛି। ଅକ୍ଟୋବର ୫ରୁ ରିଜର୍ଭ ବ୍ୟାଙ୍କର ଏମ୍‌ପିସି କମିଟି ବୈଠକ ବସି ଦ୍ୱିମାସିକ ମୁଦ୍ରାନୀତି ସ୍ଥିର କରାଯିବ।

### ଜୁଲାଇରେ ଶିଳ୍ପ ଉତ୍ପାଦନ ୬.୬%

**ନୂଆଦିଲ୍ଲୀ,୧୨-୯:** କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ବୁଧବାର ଜୁଲାଇର ଶିଳ୍ପ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଜାରି କରାଯାଇଛି। ଜୁନ୍‌ରେ ଏହା ୬.୯% ଥିବା ବେଳେ ଜୁଲାଇରେ ଏହା ୬.୬%କୁ ହ୍ରାସ ପାଇଛି। ଆଇଆଇପି ୭% ରହିବ ବୋଲି ଗତ ମାସରେ ଅନୁମାନ କରାଯାଇଥିଲେ ହେଁ ଏହାର ଅନୁମାନକୁ ଏବେ ୬.୮%କୁ ହ୍ରାସ କରାଯାଇଛି। ଆଲୋଚ୍ୟ ମାସରେ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସେକ୍ଟରରେ ୧୪.୪%ର ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଯାଇଛି। ଗତ ବର୍ଷ ଏହି ସମୟରେ ଏଥିରେ ୨.୪% ଅଭିବୃଦ୍ଧି ଦେଖାଯାଇଥିଲା। ସେହିପରି ଗତବର୍ଷ କ୍ୟାପିଟାଲ ଗୁଡ୍‌ସରେ ଅଭିବୃଦ୍ଧି ୧.୧% ରହିଥିଲା ବେଳେ ଏବର୍ଷ ଜୁଲାଇରେ ଏହା ୩%ରେ ପହଞ୍ଚିଯାଇଛି। ଏପ୍ରିଲ-ଜୁଲାଇରେ ଆଇଆଇପି ବିକାଶ ୫.୪% ରହିଛି, ଯାହାକି ବର୍ଷକ ପୂର୍ବେ ୧.୭%ଥିଲା। ୨୩ ପ୍ରକାର ଶିଳ୍ପ ମଧ୍ୟରୁ ୨୨ଟିରେ ଅଭିବୃଦ୍ଧି ଦେଖାଯାଇଛି।

### ସୂଚନା କମିଶନଙ୍କ ନିର୍ଦ୍ଦେଶ ଜନଧନ ଆକାଉଣ୍ଟ୍‌ରେ ଅଚଳ ନୋଟ୍ ଜମାର ହିସାବ ଦିଅ

**ନୂଆଦିଲ୍ଲୀ, ୧୨-୯(ପି.ଟି.):** ଜନଧନ ଆକାଉଣ୍ଟ୍‌ରେ କେତେ ପରିମାଣର ଅଚଳ ନୋଟ ଜମା ହୋଇଛି ତାହାର ତଥ୍ୟ ପ୍ରଦାନ କର। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିବା ପରେ ଯେଉଁ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ସବୁ ଜନଧନ ଆକାଉଣ୍ଟ୍‌ରେ ଜମା ହୋଇଛି, ତାହାର ଟିକିନିଖି ହିସାବ ଦିଅ। କେନ୍ଦ୍ରୀୟ ସୂଚନା ଆୟୋଗ(ସିଆଇସି) ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଖବର ଅନୁସାରେ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ଜନଧନ ଆକାଉଣ୍ଟ୍‌ରେ ମୋଟ ଜମା ପରିମାଣ ପ୍ରାୟ ୮୦ ହଜାର କୋଟି ଛୁଇଁ ସାରିଛି। ସୂଚନା କମିଶନର ସୁଧୀର ଭାର୍ଗବ ଆର୍‌ବିଆଇକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଜନଧନ ଆକାଉଣ୍ଟ୍‌ରେ ଜମା ହୋଇଥିବା ସମସ୍ତ ଅଚଳ ନୋଟର ପରିମାଣ ଓ ମୂଲ୍ୟ ପ୍ରଦାନ କର। ଆର୍‌ବିଆଇ ଏହି ତଥ୍ୟ ଦେଇ ନ ପାରିଲେ ଏ ସମ୍ପର୍କିତ ତଥ୍ୟ ଉପଲବ୍ଧ ନାହିଁ ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବାକୁ ହେବ ବୋଲି କମିଶନର ଦର୍ଶାଇଛନ୍ତି।

## ଆର୍ଥିକ ନୀତିର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ

# ଟଙ୍କା, ତେଲରେ ମିଳିପାରେ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୨-୯**



ଟଙ୍କାର କ୍ରମାଗତ ମୂଲ୍ୟହ୍ରାସ କେନ୍ଦ୍ର ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଭାରତୀୟ ମୁଦ୍ରାର ମୂଲ୍ୟ କମିବା କାରଣରୁ ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ଏହାକୁ ନେଇ ଚିନ୍ତିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ସପ୍ତାହରେ ଆର୍ଥିକ ନୀତିର ସମୀକ୍ଷା କରିବେ। ଏହି ବୈଠକ ପରେ କେନ୍ଦ୍ର ସରକାର ଟଙ୍କାକୁ ସମ୍ଭାଳିବା ଏବଂ ତୈଳ ମୂଲ୍ୟ ହ୍ରାସ ନେଇ ପଦକ୍ଷେପ ଘୋଷଣା କରିପାରନ୍ତି ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ସୂଚନାଥାଉ କି, ଗତ ୩ ମାସ ହେଲା ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଥିବା ବେଳେ ଗତ କିଛି ସପ୍ତାହ ହେବ ଏହି ଧାରା ଦ୍ରୁତ ହୋଇଛି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଟଙ୍କାକୁ ସ୍ଥିର ରଖିବା ଲାଗି କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସମସ୍ତ ପଦକ୍ଷେପ ନେବ। ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି ଯେ, ଆଜି ଯାହା ଟଙ୍କାର ମୂଲ୍ୟ ରହିଛି ତାହା ପ୍ରକୃତ ମୂଲ୍ୟ ନୁହେଁ। ଚଳନ୍ତି ଜମା ନିଅଣ୍ଟ ବଢ଼ିବା ସହ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି କାରଣରୁ ସମସ୍ତ ବିକାଶଶୀଳ ରାଷ୍ଟ୍ରର ମୁଦ୍ରା ଭଳି ଟଙ୍କାର ମୂଲ୍ୟ ହ୍ରାସ ପାଇଚାଲିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ୧୫.୮ବିଲିୟନ ଡଲାର ରହିଛି ଯାହାକି ଜିଡିପିର ୨.୪%। ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଯାଉଥିବା ନେଇ ସୂଚନା ମିଳିବା ପରେ ଟଙ୍କାର ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବୁଧବାର ଟଙ୍କାର ମୂଲ୍ୟ ଏକ ସମୟରେ ୭୨.୯୧ସ୍ତର ଛୁଇଁ ଆଉ ଏକ ସର୍ବକାଳୀନ ରେକର୍ଡ କରିଥିଲା। ତେବେ ଏଥିରେ ସୁଧାର ଆସିବା ଦେଖାଯାଇଥିଲା। ଏହା ଶେଷରେ ୭୨.୧୮ ସ୍ତରରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ଟଙ୍କାର ମୂଲ୍ୟ ବୃଦ୍ଧି ବମ୍ବେ ଷ୍ଟକ ବଜାରରେ ଖୁସି ଆଣି ଦେଇଥିଲା। ବୁଧବାର ସେନସେକ୍ସ ୩୦୫ ପଏଣ୍ଟ ବୃଦ୍ଧି ସହ ୩୭,୭୧୭.୯୬ରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ମଧ୍ୟ ୮୨.୪୦ ପଏଣ୍ଟ ବୃଦ୍ଧି ଦେଖାଯାଇଥିଲା ଓ ଏହା ୧୧,୩୬୯.୯୦ରେ ବନ୍ଦ ହୋଇଥିଲା। ତେବେ ଘରୋଇ ସଂସ୍ଥାଗତ ନିବେଶକ ୭୪୯.୬୨ କୋଟି ଟଙ୍କାର ଶେୟାର କିଣିଥିବା ବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ ୧,୪୫୪.୩୬କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି। ଗଣେଶ ଚତୁର୍ଥୀ କାରଣରୁ ଗୁରୁବାର ଷ୍ଟକ୍ ଏକ୍ସଚେଞ୍ଜ ବନ୍ଦ ରହିବ।

# ଉଦ୍ୟୋଗ ବିକାଶ ସ୍ୱପ୍ନକୁ ସତରେ ରୂପାନ୍ତରିତ କରିଛି ଜେଏସ୍‌ପିଏଲ୍: ଜିନ୍ଦଲ

**ଭୁବନେଶ୍ୱର,୧୨-୯**



**ମେକ୍ ଇନ୍ ଓଡିଶା ରୋଡ୍ ଶୋ'**

ଓଡିଶାରେ ଉଦ୍ୟୋଗ ବିକାଶ ଲାଗି ଓ.ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଓ.ପି. ଜିନ୍ଦଲଙ୍କର ସ୍ୱପ୍ନ ରହିଥିଲା। ଏନେଇ ସେ ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସ୍ୱପ୍ନକୁ ବର୍ତ୍ତମାନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) ସତରେ ରୂପାନ୍ତରିତ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ 'ମେକ ଇନ୍ ଓଡିଶା' ରୋଡ ଶୋ' ଅବସରରେ ଅଭିଭାଷଣ ରଖି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏହା କହିଛନ୍ତି। ଏକ ଦାୟିତ୍ୱଭିତ୍ତିକ ଉଦ୍ୟୋଗୀକରଣ ଦ୍ୱାରା ରାଜ୍ୟର ବିକାଶଧାରାକୁ ସରକାର ପ୍ରୋତ୍ସାହିତ କରୁଥିବାରୁ ଏହାକୁ ନେଇ ଜିନ୍ଦଲ ଆସ୍ଥା ପ୍ରକଟ କରିଛନ୍ତି।

ସେ କହିଛନ୍ତି, ଓଡିଶାରେ ଉଦ୍ୟୋଗ ବିକାଶ କ୍ଷେତ୍ରରେ ଜେଏସ୍‌ପିଏଲ୍ ଗତ ୭ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛି। ଗ୍ରୁପ ପକ୍ଷରୁ ଏଠାରେ ୪୫,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ହୋଇଛି। ଅନୁଗୋଳରେ ରହିଥିବା ବାର୍ଷିକ ୬ ନିୟୁତ ଟନ୍ ବିଶିଷ୍ଟ ଷ୍ଟିଲ ଉତ୍ପାଦନ ୟୁନିଟ ଓଡିଶାରେ ସର୍ବବୃହତ। ଅପରପକ୍ଷରେ କେନ୍ଦୁଝର ବଡବିଲସ୍ଥିତ ବାର୍ଷିକ ୯ ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ କମ୍ପଲେକ୍ସ ଦେଶରେ ପ୍ରମୁଖ ସ୍ଥାନରେ ରହିଛି। ଅନୁଗୋଳ ଜେଏସ୍‌ପିଏଲ୍ ପ୍ଲାଣ୍ଟର ବ୍ଲାଷ୍ଟ୍ ଫର୍ଣ୍ଣେସ ଏବଂ କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ତଥା ତାଙ୍କ ଟିମ୍ ଯୋଗୁ ଏଭଳି ପଦକ୍ଷେପ ନେବାରେ ସକ୍ଷମ ହୋଇଛୁ ବୋଲି ଜିନ୍ଦଲ କହିଛନ୍ତି।

# ବାଲେଶ୍ୱରରେ ଖୋଲିଲା ଅଶ୍ୱିନୀ ହସ୍ପିଟାଲ ସେଣ୍ଟର

ASHWINI HOSPITAL empowered to heal... (Unit of Cuttack Hospitals Pvt. Ltd.)

**ଭୁବନେଶ୍ୱର,୧୨-୯**

ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ଏକ ଶାଖା ବାଲେଶ୍ୱରରେ ଖୋଲିଛି। ରାସ୍ତା ଦୁର୍ଘଟଣା ସମେତ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ନିଆଯାଇଥିବା ହସ୍ପିଟାଲର ଅଧ୍ୟକ୍ଷ ଡ. ସୁବ୍ରତ ଜେନା ସୂଚନା ଦେଇଛନ୍ତି। ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ନୂଆ ଶାଖା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରମୁଖ କର୍ପୋରେଟ ହସ୍ପିଟାଲଗୁଡିକ କଟକ ଓ ଭୁବନେଶ୍ୱରରେ ରହିଥିବାରୁ ଦୂରଦୂରାନ୍ତ ସ୍ଥାନର ରୋଗୀ ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ଲାଗି ଅସୁବିଧାର ସାମ୍ନା କରୁଛନ୍ତି। ଜାତୀୟ ରାଜପଥ କଡରେ ଉକ୍ତ ଶାଖା ରୋଗୀଙ୍କୁ ଚିକିତ୍ସା ସେବାକୁ ସୁଗମ କରିବ। ଅନୁଗୋଳରେ ଏଭଳି ଏକ ଶାଖା ଖୋଲିବା ନେଇ ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ଅପରପକ୍ଷରେ କଟକର ସିଡିଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବା ନେଇ ଯୋଜନା ରହିଛି। ଏହା ପ୍ରଥମ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟରର ମାନ୍ୟତା ପାଇବ ବୋଲି ହସ୍ପିଟାଲ ପକ୍ଷରୁ ପ୍ରକାଶ।

# ଦୁରିଆନ୍ ଫର୍ନିଚରର ପାର୍ବଣ ଅଫର

**ଭୁବନେଶ୍ୱର,୧୨-୯(ବ୍ୟୁରୋ)**

Durian® SINCE 1985

ଗୃହ ଏବଂ ଅଫିସ୍ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଆସବାବପତ୍ର ମାନୁଫ୍ୟାକ୍ଚରିଂ ତଥା ବିକ୍ରି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଦୁରିଆନ୍ ଫର୍ନିଚର ପାର୍ବଣ ଅଫର ଘୋଷଣା କରିଛି। ବିଶେଷକରି ଗଣେଶ ପୂଜା ଓ ନୂଆଖାଇକୁ ଦୃଷ୍ଟିରେ ରଖି ଦୁରିଆନ୍ ବିଭିନ୍ନ ବର୍ଗର ଆସବାବପତ୍ର ଉପରେ ଅଫର ଘୋଷଣା କରିଛି। ଏହି ସମୟରେ ହୋମ୍ ଫର୍ନିଚରଗୁଡ଼ିକରେ ୩୫% ସହିତ ୧୫% ଅଫର ପ୍ରଦାନ କରାଯିବ। ସେଥି ମଧ୍ୟରେ ସୋଫା ସେଟ୍, ଡାଇନିଂ ସେଟ୍, ବେଡ୍, ଟିଭି ୟୁନିଟ୍, ଡ୍ରେସିଂ ଟେବୁଲ୍, ରିକ୍ଲାଇନର ଚେୟାର ଆଦି ରହିଛି। ସେହିପରି ସୋଫା କ୍ଷେତ୍ରରେ ଲେଦର, ଫେବ୍ରିକ୍, ପିଓର ଲେଦର ଆଦି ବିଭିନ୍ନ କଞ୍ଚାମାଲ୍‌ରେ ପ୍ରସ୍ତୁତ ଆସବାବପତ୍ର ଦୁରିଆନ ଉପଲବ୍ଧ କରୁଛି। ଷ୍ଟୋରେଜ୍ ସୁବିଧା ଥିବା କିଙ୍ଗ୍ ଆଣ୍ଡ୍ କୁଇନ୍ ସାଇଜ୍ ବେଡ୍ ମଧ୍ୟ ରହିଛି। ସେହିପରି ଡାଇନିଂରେ ଗ୍ଲାସ୍, ମାର୍ବଲ ଏବଂ କାଠ ନିର୍ମିତ ଭଳିକି ଭଳି ବିକଳ୍ପ ରହିଛି। ଏହିସବୁ ଉତ୍ପାଦରେ କମ୍ପାନୀ ୫ ବର୍ଷର ୱାରେଣ୍ଟି ପ୍ରଦାନ କରୁଥିବା ବେଳେ ଗ୍ରାହକଙ୍କ ପାଇଁ କିସ୍ତି ସୁବିଧା ମଧ୍ୟ ପ୍ରଦାନ କରୁଛି। ଭୁବନେଶ୍ୱରସ୍ଥିତ ସାମନ୍ତରାୟପୁରଠାରେ ଏହାର ଶୋ'ରୁମ୍ ରହିଥିବା ବେଳେ ଗ୍ରାହକଙ୍କ ସୁବିଧା ପାଇଁ ଫ୍ରି ଡେଲିଭରି ବ୍ୟବସ୍ଥା ରହିଛି ବୋଲି କମ୍ପାନୀର ମ୍ୟାନେଜର(ଓଡିଶା) ଅଜୟ ଶର୍ମା ପ୍ରକାଶ କରିଛନ୍ତି। ଏହି ଅଫର ସୀମିତ ସମୟ ପାଇଁ ରହିଥିବା ବେଳେ ଏହାର ଲାଭ ଉଠାଇବା ପାଇଁ କମ୍ପାନୀ ଘୋଷଣା କରିଛି।

# ବାଙ୍ଗାଲୋରରେ ସାମ୍‌ସଙ୍ଗ ଉଦ୍‌ଘାଟନ କଲା 'ଅପେରା ହାଉସ୍'




**ଭୁବନେଶ୍ୱର, ୧୨-୯**

ପ୍ରମୁଖ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ବାଙ୍ଗାଲୋରସ୍ଥିତ ବ୍ରିଗେଡ୍ ରୋଡ୍‌ଠାରେ ଏହାର ସର୍ବବୃହତ୍ ମୋବାଇଲ୍ ଏକ୍ସପେରିଏନ୍ସ ସେଣ୍ଟର 'ଅପେରା ହାଉସ୍'କୁ ମଙ୍ଗଳବାର ଉଦ୍‌ଘାଟନ କରିଛି। ମୋବାଇଲ୍ ଫୋନ, ଟାବ୍‌ଲେଟ୍, କ୍ୟୁଏଲ୍‌ଇଡି ଟିଭି, ସ୍ମାର୍ଟ ଟିଭି, ରେଫ୍ରିଜିରେଟର ଠାରୁ ଆରମ୍ଭ କରି କମ୍ପାନୀର ବିଭିନ୍ନ ଅତ୍ୟାଧୁନିକ ଗ୍ୟାଜେଟ୍ ସବୁ ଏଠାରେ ପ୍ରଦର୍ଶିତ ହେବ। ସେହିପରି ଏଠାରେ ଥିବା ହୋମ୍ ଥିଏଟର ଜୋନ୍‌ରେ ପ୍ରି-ବୁକ୍ ମାଧ୍ୟମରେ ମାଗଣା ମୁଭି ଦେଖିବାର ସୁଯୋଗ ମଧ୍ୟ ମିଳିବ ବୋଲି ସାମ୍‌ସଙ୍ଗ ପକ୍ଷରୁ ପ୍ରକାଶ। ଏ ସମ୍ପର୍କରେ ସାମ୍‌ସାଙ୍ଗ ଇଣ୍ଡିଆର ମୋବାଇଲ୍ ବିଜ୍‌ନେସ୍ ବରିଷ୍ଠ ଉପସଭାପତି ମୋହନ୍ ଦୀପ୍ ସିଂ କହିଛନ୍ତି, ବାଙ୍ଗାଲୋର ପରେ ଆମେ ଆଉ ୭ରୁ ୮ ଟି ଏହିଭଳି ଏକ୍ସପେରିଏନ୍ସ ସେଣ୍ଟର ଉନ୍ମୋଚନ କରିବା ପାଇଁ ଯୋଜନା ରଖିଛୁ। ଅନ୍‌ଲାଇନ୍ ଗ୍ରାହକଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଲକ୍ଷ ଲକ୍ଷ ଗ୍ରାହକ ଟଚ୍ ଆଣ୍ଡ୍ ଫିଲ୍‌ର ଏକ୍ସପେରିଏନ୍ସ ପାଇଁ ଅଫ୍‌ଲାଇନ୍ ଷ୍ଟୋରକୁ ପସନ୍ଦ କରୁଥିବାରୁ ଏଭଳି ଏକ୍ସପେରିଏନ୍ସ ସେଣ୍ଟର ବ୍ୟବସ୍ଥା କରାଯାଇଛି। ସେହିପରି ସାମ୍‌ସଙ୍ଗର ଦକ୍ଷିଣ ପଶ୍ଚିମ ଏସିଆର ସଭାପତି ତଥା ସିଇଓ ଏଚ୍.ସି. ହଙ୍ଗ୍ କହିଛନ୍ତି, ବର୍ତ୍ତମାନର ଯୁବପିଢି ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ଅନୁଭୂତି ଆଶା କରୁଛନ୍ତି। ସାମ୍‌ସଙ୍ଗର ସମସ୍ତ ଇଲେକ୍‌ଟ୍ରୋନିକ୍ ଉତ୍ପାଦରେ ସେମାନଙ୍କୁ ଏହି ସ୍ୱତନ୍ତ୍ରତା ପ୍ରଦାନ କରିବା ପାଇଁ ଅପେରା ହାଉସ୍‌କୁ ବିକଶିତ କରାଯାଇଛି।

# ଟାଟା ମୋଟର୍ସ ପକ୍ଷରୁ ଲିମିଟେଡ ଏଡିଶନ ନେକ୍ସନ କ୍ରେଜ୍




**ଭୁବନେଶ୍ୱର,୧୨-୯**

ଟାଟା ମୋଟର୍ସ ପକ୍ଷରୁ ଏହାର ନେକ୍ସନ ବ୍ରାଣ୍ଡର ଏକ ବର୍ଷ ପୂର୍ତ୍ତି ପାଳିତ ହୋଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଲିମିଟେଡ ଏଡିଶନ 'ନେକ୍ସନ କ୍ରେଜ୍'ବଜାରକୁ ଆସିଛି। ୱାର୍ଲଡ ଅଫ୍ ସ୍ପୋର୍ଟଭଳି ପ୍ରସଙ୍ଗକୁ ଆଧାର କରି କମ୍ପାନୀ ଏହି ମଡେଲକୁ ଆଣିଛି। ଯୁବବର୍ଗଙ୍କୁ ପ୍ରାଥମିକତା ଦେଇ ଏଥିରେ ନିୟୁ ଷ୍ଟାଇଲିଂ ଡିଜାଇନ ତଥା ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଆସିଥିବା କମ୍ପାନୀ ପ୍ରକାଶ କରିଛି। ଏହା କ୍ରେଜ୍ ଓ କ୍ରେଜ୍ ପ୍ଲସ ଭଳି ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ମଡେଲଟିର ଭୁବନେଶ୍ୱର ଏକ୍ସଶୋ'ରୁମ ମୂଲ୍ୟ ୭.୩୯ ଲକ୍ଷ (ପେଟ୍ରୋଲ ମଡେଲ) ଏବଂ ୮.୩୯ ଲକ୍ଷ(ଡିଜେଲ ମଡେଲ) ରହିଛି। ଏହାର ଟ୍ରୋମସୋ ବ୍ଲାକ ବଡି କଲର, ସ୍ପୋର୍ଟି ସୋନିକ ସିଲ୍‌ଭର, କଲର ଡୁଆଲ ଟୋନ୍ ରୁଫ୍, ଶକ୍ତିଶାଳୀ ଏସ୍‌ୟୁଭି ପରଫର୍‌ମାନ୍ସ, ୬ ସ୍ପିଡ୍ ମାନୁଆଲ ଟ୍ରାନ୍ସମିଶନ, ୪ ଷ୍ଟାର ସେଫଟି ରେଟିଂ, ଫାଷ୍ଟ ଇନ କ୍ଲାସ ଡ୍ରାଇଭ ମୋଡ ଏବଂ ବେଷ୍ଟ ଇନ୍ କ୍ଲାସ ଗ୍ରାଉଣ୍ଡ କ୍ଲିୟରାନ୍ସ ଲାଭ କରିପାରିବେ। ଗ୍ରାହକଙ୍କୁ ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଭର୍ସନ ପ୍ରଦାନ ଲାଗି ଏଭଳି ମଡେଲ ବଜାରକୁ ଆଣିଛୁ ବୋଲି କମ୍ପାନୀର ସଭାପତି (ପିଭିବିୟୁ) ମୟାଙ୍କ ପାରିକ ସୂଚନା ଦେଇଛନ୍ତି।

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ଶୃଙ୍ଖଳିତ ଓ ନିୟମିତ ସଞ୍ଚୟରେ ହାସଲ ହେବ ଆର୍ଥିକ ଲକ୍ଷ୍ୟ

**ମୋର ବୟସ ୩୫ ବର୍ଷ ଓ ମୋ ସ୍ତ୍ରୀଙ୍କର ବୟସ ୩୧ ବର୍ଷ। ଆମ ଝିଅକୁ ବର୍ଷେ ପୂରଣ ହୋଇଛି। ଆମର ସମୁଦାୟ ବାର୍ଷିକ ରୋଜଗାର ମୋଟାମୋଟି ହିସାବ କଲେ ୨୫ ଲକ୍ଷ ଟଙ୍କାରୁ ଅଧିକ। ବର୍ତ୍ତମାନ ସ୍ଥିତିରେ ଆମର ୧.୫ ଲକ୍ଷ ଟଙ୍କାର ବ୍ୟାଙ୍କ ସ୍ଥାୟୀ ଜମା ରହିଛି। ମ୍ୟୁଚଆଲ ଫଣ୍ଡରେ ୧ଲକ୍ଷ ଟଙ୍କା ନିବେଶ ରହିଥିବା ବେଳେ ଏବେ ଏସ୍‌ଆଇପି ପ୍ରଡକ୍ଟରେ ମାସିକ ୧୦୦୦ ଟଙ୍କାର ପ୍ରିମିୟମ ପ୍ରଦାନ କରୁଛୁ। କିନ୍ତୁ ଜୀବନବୀମା, ସ୍ୱାସ୍ଥ୍ୟବୀମା ଓ ବାର୍ଦ୍ଧକ୍ୟ ସମୟ ପାଇଁ କୌଣସି ଯୋଜନାବଦ୍ଧ ସଞ୍ଚୟ ନାହିଁ। ଝିଅର ଭବିଷ୍ୟତ ପାଇଁ ମଧ୍ୟ ସଞ୍ଚୟ କରିବାକୁ ଚାହୁଁଛୁ। ଏସବୁ ପାଇଁ ଆପଣଙ୍କ ପରାମର୍ଶ ଦେବାକୁ ଅନୁରୋଧ।**

**– ପ୍ରଦୀପ କୁମାର ମାଝୀ, ବାଲେଶ୍ୱର**

ଯେକୌଣସି ଆର୍ଥିକ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆପଣଙ୍କୁ ଶୃଙ୍ଖଳିତ ଭାବରେ ନିୟମିତ ସଞ୍ଚୟ କରିବା ନିହାତି ଆବଶ୍ୟକ ଓ ଉଚିତ ମଧ୍ୟ। ଆପଣ ଅତି କମରେ ଆପଣଙ୍କ ବାର୍ଷିକ ଆୟର ୨୫ ରୁ ୩୦ ପ୍ରତିଶତ ସଞ୍ଚୟ କରିବା ଉଚିତ। ଆପଣ ଜାଣିରଖିବା ଉଚିତ ଯେ, ବ୍ୟାପକ ଆର୍ଥିକ ଯୋଜନାର ମୂଳ ଦିଗ ହେଉଛି ରିସ୍କ ପରିଚାଳନା। ପରିବାରକୁ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ରଖିବାକୁ ହେଲେ ଆପଣ ଉଭୟଙ୍କ ପାଇଁ ଜୀବନବୀମା କ୍ରୟ କରି ସଞ୍ଚୟ ଆରମ୍ଭ କରନ୍ତୁ। ଯାହାକି ଅତିକମରେ ଆପଣଙ୍କ ବାର୍ଷିକ ଆୟର ୧୦ ରୁ ୧୫ ଗୁଣା ହେବା ଜରୁରୀ। ଏହା ପରେ ସ୍ୱାସ୍ଥ୍ୟବୀମା ନିଅନ୍ତୁ। ଏହା ୧ ଲକ୍ଷ ଟଙ୍କାର ଫ୍ୟାମିଲି ଫ୍ଲୋଟର ପଲିସି। ଆପଣ ଓ ଆପଣଙ୍କର ସ୍ତ୍ରୀଙ୍କ ପାଇଁ ଗୁରୁତର ରୋଗ ସୁବିଧା (କ୍ରିଟିକାଲ ଇଲନେସ୍ ରାଇଡର) ପଲିସିର ସଂଯୋଗ କରିବା ଠିକ୍ ହେବ। **ସଞ୍ଚୟ କରିବା ପାଇଁ କିଛି ସୂଚନା:** ପ୍ରଥମ କଥା ହେଉଛି ଘରର ଆୟ ବ୍ୟୟର ହିସାବ କରନ୍ତୁ। ଆଉ ଦେଖନ୍ତୁ ଆପଣଙ୍କ ହାତରେ କେତେ ଅର୍ଥ ବଳକା ରହୁଛି। ଯଦି ଖର୍ଚ୍ଚ ପରେ ଆପଣଙ୍କ ହାତରେ କିଛି ବି ବଳକା ଅର୍ଥ ରହୁନାହିଁ ତେବେ କିଛି ଖର୍ଚ୍ଚକାଟ କରନ୍ତୁ ଅଥବା ଅଧିକ ରୋଜଗାର କରିବା ପାଇଁ ଚେଷ୍ଟା କରନ୍ତୁ। ଆପଣଙ୍କ ଘରର ମାସିକ ଖର୍ଚ୍ଚର ସର୍ବନିମ୍ନ ୬ ଗୁଣାର ଏକ ଜରୁରିକାଳୀନ ପାଣ୍ଠି ଗଠନ କରନ୍ତୁ। ଯାହାକି ବ୍ୟାଙ୍କ ସଞ୍ଚୟ ଜମାଖାତା କିମ୍ବା ମ୍ୟୁଚୁଆଲ ଫଣ୍ଡ ଲିକୁଇଡ୍ ଫଣ୍ଡରେ ନିବେଶ କରନ୍ତୁ। ଝିଅର ଭବିଷ୍ୟତ ଉଚ୍ଚଶିକ୍ଷା ଖର୍ଚ୍ଚ ଓ ବାହାଘର ଖର୍ଚ୍ଚ ପାଇଁ ଏବେଠୁ ସଞ୍ଚୟ ଆରମ୍ଭ କରନ୍ତୁ। ଯଦି ଝିଅ ନାମରେ ଚାଇଲଡ୍ ପ୍ଲାନ କରି ନାହାନ୍ତି, ତେବେ ଏକ ଚାଇଲଡ୍ ପ୍ଲାନ ଏବେ କିଣି ନିଅନ୍ତୁ। ଏହା କିଣିବା ଦ୍ୱାରା ଝିଅର ଭବିଷ୍ୟତ ସୁରକ୍ଷିତ କରିପାରିବେ। ଯଦି କିଛି ବଳକା ଅର୍ଥ ରହେ ତେବେ ଆପଣ ମ୍ୟୁଚୁଆଲ ଫଣ୍ଡ୍‌ରେ ଏସ୍‌ଆଇପି ଆରମ୍ଭ କରନ୍ତୁ।

**ପ୍ର: ମୁଁ ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘକାଳୀନ ହିସାବରେ ନିବେଶ କରିବା ପାଇଁ ଚାହୁଁଛି। ପ୍ରାୟତଃ ସବୁ ଫଣ୍ଡ ହାଉସ ସମାନ ସ୍କିମ୍ ରଖୁଛନ୍ତି। କମ୍ ନେଟ୍ ଏସେଟ୍ ଭାଲ୍ୟୁ (NAV) ଥିବା ଫଣ୍ଡ ପସନ୍ଦ କରି ନିବେଶ କରିବା ଠିକ୍ ହେବ କି? ଏ ବିଷୟରେ ପରାମର୍ଶ ଦେବା ପାଇଁ ଅନୁରୋଧ।**

**–ସୁମିତ୍ରା ସ୍ୱାଇଁ, ଛତ୍ରପୁର**

କୌଣସି ୨ଟି ମ୍ୟୁଚୁଆଲ ଫଣ୍ଡର ଏନ୍‌ଏଭି (NAV) ମୂଲ୍ୟ ଯଦି ୧୦ ଟଙ୍କା କିମ୍ବା ୫୦ ଟଙ୍କା ରହିଛି ତେବେ ଏହାର ଅର୍ଥ ନୁହେଁ ୫୦ ଏନ୍‌ଏଭି ବିଶିଷ୍ଟ ଫଣ୍ଡ ଭଲ ଏବଂ ୧୦ ଏନ୍‌ଏଭି ବିଶିଷ୍ଟ ଫଣ୍ଡ ମନ୍ଦ। ପ୍ରକୃତ କଥା ହେଲା ଫଣ୍ଡର ବିଗତ ବର୍ଷର ପ୍ରଦର୍ଶନକୁ ଦୃଷ୍ଟି ଦେବା ଉଚିତ। କାରଣ ଆପଣଙ୍କ ନିବେଶ ରାଶିର ସମୃଦ୍ଧି ମ୍ୟୁଚୁଆଲ୍ ଫଣ୍ଡ୍ ସ୍କିମ୍‌ର ନିବେଶ ପୋର୍ଟଫୋଲିଓରେ ଥିବା ଶେୟାରଗୁଡ଼ିକର ବିଗତ ବର୍ଷର କାର୍ଯ୍ୟଦକ୍ଷତା ଉପରେ ନିର୍ଭରେ କରେ। ଶେୟାର ବଜାରର ଦୋଳାୟିତ ଅବସ୍ଥାରେ ଅପରିବର୍ତ୍ତିତ ଲାଭ ପ୍ରଦାନର କ୍ଷମତା ଅନୁଯାୟୀ ଏକ ଫଣ୍ଡକୁ ପସନ୍ଦ କରିବା ଉଚିତ।

**ମୋ ଘରକୁ ବୀମାଭୁକ୍ତ କରିବା ପାଇଁ ଚାହୁଁଛି। ପ୍ରିମିୟମ ରାଶି ଉପରେ ଆୟକର ଛାଡ ଦାବି କରିପାରିବି କି? ଦୟାକରି ଏ ବିଷୟରେ ପରାମର୍ଶ ଦିଅନ୍ତୁ।**

**–ସୁବ୍ରତ ସାହୁ, ରାୟଗଡ଼ା**

ଆପଣଙ୍କ ଘରକୁ ବୀମାଭୁକ୍ତ କରିବା ପାଇଁ ପ୍ରିମିୟମ ଦେୟ ରାଶି ଉପରେ ଆୟକର ଛାଡ ଦାବି କରିପାରିବେ ନାହିଁ। କିନ୍ତୁ ଆପଣଙ୍କ ନିଜର ଜୀବନବୀମା ପଲିସି ପାଇଁ ପ୍ରିମିୟମ ରାଶିକୁ ଆୟକର ନିୟମ ୟୁ/ଏସ୍ ୮୦ସି ଅନୁଯାୟୀ ଛାଡ଼ ଦାବି କରିପାରିବେ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

# କୋବ୍‌ର ନୂତନ ଷ୍ଟୋର ଉଦ୍‌ଘାଟିତ



**ଭୁବନେଶ୍ୱର,୧୨-୯(ବ୍ୟୁରୋ)**

ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କୋବ୍ ପକ୍ଷରୁ ଭୁବନେଶ୍ୱରର ପାଲ୍‌ହାଇଟ୍ସ ଠାରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ୫୪୦ ବର୍ଗଫୁଟ ଅଞ୍ଚଳରେ ଅବସ୍ଥିତ। ପଦ୍ମଶ୍ରୀ ରଘୁନାଥ ମହାପାତ୍ର , କମ୍ପାନୀର ଡେପୁଟି ଜେନେରାଲ ମ୍ୟାନେଜର, ମାର୍କେଟିଂ (ଭାରତ) ମୋହସିନ ସେଖ, ସମାଜସେବୀ ଡି.ପ୍ରକାଶ ରାଓ ନୂଆ ଷ୍ଟୋରକୁ ଉନ୍ମୋଚନ କରିଥିଲେ। ଏହା ଓଡିଶାରେ କମ୍ପାନୀର ତୃତୀୟ ଷ୍ଟୋର। ପୂର୍ବରୁ ପୁରୀ ଓ କଟକଠାରେ ନୂଆ ଷ୍ଟୋର ଉନ୍ମୋଚନ ହୋଇଛି। ଏହି ଅବସରରେ କମ୍ପାନୀ ଓପନିଂ ଧମାକା ସେଲ୍ ଆରମ୍ଭ କରିଛି। ଏଥିରେ ଗ୍ରାହକ 'ବାଏ ଟୁ ଗେଟ୍ ୬'ଅଫର ପାଇପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ୨୦୨୦ ଶେଷ ସୁଦ୍ଧା ଏହା ଓଡିଶାରେ ୫୦ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରଖିଛି। ଶୀଘ୍ର ଯାଜପୁରରେ ନୂଆ ଷ୍ଟୋର ଖୋଲିବ ବୋଲି ସେଖ୍ ସୂଚନା ଦେଇଛନ୍ତି। ଘରୋଇ ବଜାରରେ ବର୍ତ୍ତମାନ ସୁଦ୍ଧା କୋବ୍ ୨୦୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ୭୫ରୁ ଅଧିକ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଉପସ୍ଥିତି ଜାହିର କରିଛି। ଉକ୍ତ ଷ୍ଟୋରରେ ଗ୍ରାହକମାନେ ସାର୍ଟ, ଟ୍ରାଉଜର, ଡେନିମ, ଟି-ସାର୍ଟ, ସୁଟ୍ ଓ ବ୍ଲେଜର ପାଇପାରିବେ।

## ସଂକ୍ଷେପରେ

### ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଭାଗନେବେ ଓଡ଼ିଶାର ୭୩

କଟକ ଅଫିସ,୧୨।୯: ବିହାରର ପାଟନାଠାରେ ସେପ୍ଟେମ୍ବର ୧୫ ଓ ୧୬ରେ ୩୦ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ୧୪ବର୍ଷରୁ କମ୍, ୧୬ବର୍ଷରୁ କମ୍, ୧୮ବର୍ଷରୁ କମ୍ ଓ ୨୦ବର୍ଷରୁ କମ୍ ବୟସ ବର୍ଗରେ ରାଜ୍ୟର ମୋଟ୍ ୭୩ଜଣ ପ୍ରତିଯୋଗୀ ଏହି ଚାମ୍ପିୟନଶିପ୍‌ରେ ଭାଗ ନେବେ । ଏମାନଙ୍କ ମଧ୍ୟରେ ୩୭ଜଣ ବାଳକ ଓ ୩୬ଜଣ ବାଳିକା ପ୍ରତିଯୋଗୀ ରହିଛନ୍ତି । ଦଳର ମ୍ୟାନେଜର ଭାବେ ଚିତ୍ତରଞ୍ଜନ ମହାପାତ୍ର, ଅନୁରାଧା ବିଶ୍ୱାଳ ଓ ଲିପିକା ମହାପାତ୍ର ପାଟନା ଯିବେ। ଗୁରୁବାର ପ୍ରତିଯୋଗୀମାନେ ବିହାର ଅଭିମୁଖେ ଯାତ୍ରା କରିବେ ବୋଲି ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି ।

### ଅଲିମ୍ପିକ ପ୍ରସ୍ତୁତି ପ୍ରଭାବିତ ହେବ: ରାକେଶ

ନୂଆଦିଲ୍ଲୀ,୧୨।୯ (ପି.ଟି.): ଆସନ୍ତା ମାସରେ ଆୟୋଜନ ହେବାକୁଥିବା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟଙ୍କ ଅଂଶଗ୍ରହଣ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ ନ କଲେ ଅଲିମ୍ପିକ୍ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ତାରକା ଜିମ୍ନାଷ୍ଟ ରାକେଶ ପାତ୍ର କହିଛନ୍ତି। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ)କୁ ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଅନୁସାରେ ବାସନ୍ଦ କରାଯାଇଛି ଓ ଫେଡେରେଶନଠାରୁ ସ୍ୱୀକୃତି ପ୍ରତ୍ୟାହାର କରିନିଆଯାଇଛି। ଫଳରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଜିମ୍ନାଷ୍ଟଙ୍କୁ ଅନୁମତି ଦେବାକୁ ମନା କରିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ଅକ୍ଟୋବର ୨୫ରୁ ନଭେମ୍ବର ୩ ତାରିଖ ମଧ୍ୟରେ ଦୋହାରେ ୪୮ତମ ଜିମ୍ନାଷ୍ଟିକ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଗତ ଅଗଷ୍ଟରେ ତୁର୍କୀରେ ଅନୁଷ୍ଠିତ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ୍ କପ୍‌ର ରିଙ୍ଗ୍ ଇଭେଣ୍ଟରେ ରାକେଶ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଯଦି ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ନ କରେ ତେବେ ଅଲିମ୍ପିକ୍ ପ୍ରସ୍ତୁତିରେ ଜବରଦସ୍ତ ଝଟ୍‌କା ଲାଗିବ ଓ ବିଶ୍ୱ ର୍‍ୟାଙ୍କିଙ୍ଗ୍ ଚାର୍ଟରେ ଆମେ କେଉଁଠି ରହିଛୁ ତାହା ଆମକୁ ଜଣାପଡିବ ନାହିଁ ବୋଲି ରାକେଶ ସ୍ପଷ୍ଟ କରିଛନ୍ତି। ତେଣୁ ଅଲିମ୍ପିକ୍ ପାଇଁ ଆମକୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେବ ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ଷ୍ଟୁର୍ଟଗାର୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହେବ ଓ ଏହା ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚିତ ହେଉଛି। ତେବେ ଏହି ମାମଲା ଚାଲୁ ରହିଲେ ଖେଳାଳିମାନେ କ୍ଷତିଗ୍ରସ୍ତ ହେବେ ଓ ଭାରତର ଖ୍ୟାତିରେ ଆଞ୍ଚ୍ ଆସିବ। ପାତ୍ରଙ୍କୁ ବାଦ୍ ଦେଲେ ଜିମ୍ନାଷ୍ଟିକ ଦଳରେ ସ୍ଥାନ ପାଇଥିବା ଅରୁଣା ବୁଦ୍ଧା ରେଡ୍ଡୀ ୨୦୧୮ ମେଲବୋର୍ନ ବିଶ୍ୱକପ୍ ଜିମ୍ନାଷ୍ଟିକ୍‌ରେ ମହିଳା ଭଲ୍ଟ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସେହିପରି ଆଶିଷ କୁମାର ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ପଦକ ହାସଲ କରିଥିଲେ। ସେ ମଧ୍ୟ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ୍ ଜିତିଥିଲେ। ପଶ୍ଚିମବଙ୍ଗର ପ୍ରଣତି ନାୟକ ମଧ୍ୟ ପଦକ ହାସଲ କରିଥିଲେ। ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ଏ ନେଇ ଆଗକୁ କ'ଣ ହେଉଛି ସେ ନେଇ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି।



"ଟେଷ୍ଟ କ୍ରିକେଟ ଇତିହାସରେ ବିଶ୍ୱର ସବୁଠାରୁ ସଫଳ ଦ୍ରୁତ ହୋଇଥିବାରୁ ଜେମ୍ସ ଆଣ୍ଡରସନଙ୍କୁ ଅଭିନନ୍ଦନ। ସେ ସର୍ବଦା ବ୍ୟାଟ୍ସମ୍ୟାନଙ୍କ ପାଇଁ ଆତଙ୍କ ସାଜନ୍ତୁ ।"
–ଜୋ ରୁଟ୍, ଇଂଲଣ୍ଡ ଅଧିନାୟକ



"ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ମୁଁ ସମ୍ପୂର୍ଣ୍ଣ ଫିଟ୍ ହେବାକୁ ଚାହୁଁଛି। ଏସିଆନ ଗେମ୍ସ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲି ।"
–ସ୍ୱପ୍ନା ବର୍ମନ, ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ଆଥ୍‌ଲେଟ୍

# ଟେଷ୍ଟ ର୍‍ୟାଙ୍କିଙ୍ଗ୍: ଶୀର୍ଷରେ କୋହଲି

ଦୁବାଇ, ୧୨।୯(ପି.ଟି.)



ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୪–୧ରେ ପରାସ୍ତ ହୋଇଥିଲେ ମଧ୍ୟ କୋହଲି ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ସିରିଜରେ ୫୯.୩ ହାରରେ ୫୯୩ ରନ ସଂଗ୍ରହ କରିଥିଲେ। ଏହି ସିରିଜ ପୂର୍ବରୁ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍‌ଙ୍କ ପଛକୁ ରହି କୋହଲି ୨୭ ପଏଣ୍ଟ ହାସଲ କରିଥିଲେ। ତେବେ ବର୍ତ୍ତମାନ ସେ ସ୍ମିଥ୍‌ଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଛନ୍ତି। ଏଥି ସହିତ ସେ ତାଙ୍କ ଶୀର୍ଷ ସ୍ଥାନକୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଅକ୍ଟୋବର ୪ ତାରିଖରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜରେ କୋହଲି ତାଙ୍କ ପ୍ରଦର୍ଶନ ବଜାୟ ରଖି ଶୀର୍ଷସ୍ଥାନକୁ ଆହୁରି ଦୃଢ଼ କରିବେ ବୋଲି ଆଶା କରାଯାଉଛି।

ଭାରତର ରିଷଭ ପନ୍ତ ଓ ଲୋକେଶ ରାହୁଲ ବ୍ୟାଟିଂ ତାଲିକାରେ ଉନ୍ନତି କରିଛନ୍ତି। ରାହୁଲ ୧୬ଟି ସ୍ଥାନ ଉପରକୁ ଉଠି ୧୯ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ତିମ ଟେଷ୍ଟରେ ସେ ୧୪୯ ରନର ପାଳି ଖେଳି ଉପରକୁ ଉଠିଛନ୍ତି। ସେହିପରି ୧୧୪ ରନର ଶତକୀୟ ପାଳି ଖେଳିଥିବା ରିଷଭ ୬୩ଟି ସ୍ଥାନ ଉପରକୁ ଉଠି ୧୧୧ ତମ ସ୍ଥାନ ଅଧିକାର କରିଛନ୍ତି। କ୍ୟାରିୟରର ତୃତୀୟ ଟେଷ୍ଟରେ ସେ ଏହି ଶତକ ହାସଲ କରିଥିଲେ। ସେହିପରି ପ୍ରଥମ ଇନିଂସରେ ଅପରାଜିତ ୮୬ ରନର ପାଳି ଖେଳିଥିବା ରବୀନ୍ଦ୍ର ଜାଡେଜା ୧୨ଟି ସ୍ଥାନ ଉପରକୁ ଉଠି ୫୮ ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସେ ଅଲରାଉଣ୍ଡର ତାଲିକାର ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଅବସର ଘୋଷଣା କରିଥିବା ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍ ଓଭାଲ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରି ଟପ୍–୧୦ରେ ସ୍ଥାନ ପାଇଛନ୍ତି। ଏହି ଟେଷ୍ଟର ପ୍ରଥମ ଇନିଂସରେ ସେ ୭୧ ଓ ଦ୍ୱିତୀୟ ଇନିଂସରେ ସେ ୧୪୭ ରନର ପାଳି ଖେଳିଥିଲେ। ସେ ୧୧ଟି ସ୍ଥାନ ଉପରକୁ ଉଠି ଦଶମ ସ୍ଥାନରେ ରହିଛନ୍ତି। ୨୦୧୧ ସେପ୍ଟେମ୍ବରରେ କୁକ୍ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭାରତ ବିପକ୍ଷ ଏଜବାଷ୍ଟନ ଟେଷ୍ଟରେ ସେ ୨୯୪ ରନର ଦ୍ୱିଶତକୀୟ ପାଳି ଖେଳି ଏହି ସଫଳତା ପାଇଥିଲେ। ଏହି ବର୍ଷ ସେ ଆଇସିସି ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ।

ସେହିପରି ଇଂଲଣ୍ଡ ଅଧିନାୟକ ଜୋ ରୁଟ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଅନ୍ତିମ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୨୫ ରନର ଶତକୀୟ ପାଳି ଖେଳି ଏହି ସଫଳତା ହାସଲ କରିଥିଲେ। ସେହିପରି ଜୋଶ ବଟଲର ୯ଟି ସ୍ଥାନ ଉପରକୁ ଉଠି ୨୩ ଓ ମୋଇନ ଅଲୀ ୫ଟି ସ୍ଥାନ ଉପରକୁ ଉଠି ୪୩ତମ ସ୍ଥାନରେ ରହିଥିଲେ।

ଅପରପକ୍ଷରେ ବୋଲିଂ ତାଲିକାରେ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସ୍ପିନର ଆଦିଲ ରସିଦ ୬ଟି ସ୍ଥାନ ଉପରକୁ ଉଠି ୪୪, ସାମ କୁରାନ ୪ଟି ସ୍ଥାନ ଉପରକୁ ଉଠି ୫୧ତମ ସ୍ଥାନରେ ରହିଛନ୍ତି।

ଇଂଲଣ୍ଡଠାରୁ ଟେଷ୍ଟ ସିରିଜ୍‌ରେ ପରାଜିତ ହେବା ପରେ ମଧ୍ୟ ଭାରତୀୟ ଦଳ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷରେ ରହିଛି। କିନ୍ତୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ପୂର୍ବ ଅପେକ୍ଷା ୧୦ ପଏଣ୍ଟ ହରାଇଛି। ୧୨୫ ପଏଣ୍ଟ ସହ ସିରିଜ୍ ଆରମ୍ଭ କରିଥିବା ଟିମ୍ ଇଣ୍ଡିଆ ୧୧୫ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ୪–୧ ବ୍ୟବଧାନରେ ସିରିଜ୍ ଜିତିଥିବା ଇଂଲଣ୍ଡ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଦଳକୁ ସିରିଜ୍ ଜିତିବା କାରଣରୁ ୮ ପଏଣ୍ଟ ମିଳିଛି। ଫଳରେ ଦଳ ନ୍ୟୁଜିଲାଣ୍ଡକୁ ଅତିକ୍ରମ କରି ୧୦୫ ପଏଣ୍ଟ ସହ ୪ର୍ଥ ସ୍ଥାନ ଅଧିକାର କରିଛି।

# ପାକିସ୍ତାନକୁ ହରାଇ ଫାଇନାଲରେ ଭାରତ



ଗୋଲ ସ୍କୋର କରିବା ପରେ ଭାରତୀୟ ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

**ସାଫ୍ କପ୍ ଫୁଟବଲ**

ଢାକା, ୧୨।୯(ପି.ଟି.)

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩–୧ ଗୋଲରେ ପରାସ୍ତ କରି ଭାରତ ସାଫ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭାରତ ପକ୍ଷରୁ ମନବୀର ସିଂ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ମନବୀର ୪୯ ଓ ୬୯ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ଏହାପରେ ବଦଳ ଖେଳାଳିଭାବେ ପଡିଆକୁ ପ୍ରବେଶ କରିଥିବା ସୁମିତ ପାସି ହେଡ କରି ୮୩ ତମ ମିନିଟ୍‌ରେ ଭାରତ ପାଇଁ ତୃତୀୟ ଗୋଲ ଦେଇଥିଲେ। ତେବେ ୮୮ତମ ମିନିଟରେ ପାକିସ୍ତାନର ହାସନ ବସିର ଗୋଟିଏ ସୁନ୍ଦର ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ଭାରତ ଏବେ ଶନିବାର ଫାଇନାଲ ମ୍ୟାଚରେ ମାଳଦ୍ୱୀପକୁ ଭେଟିବ। ପ୍ରଥମ ସେମିଫାଇନାଲରେ ମାଳଦ୍ୱୀପ ୩–୦ ଗୋଲରେ ନେପାଳକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ପ୍ରଥମାର୍ଦ୍ଧରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ କୌଣସି ଗୋଲ ସ୍କୋର ହୋଇପାରି ନ ଥିଲା। ତେବେ ଦଶମ ମିନିଟରେ ଭାରତକୁ ଏକ ସୁଯୋଗ ମିଳିଥିଲା। ସେହିପରି ୩୯ତମ ମିନିଟରେ ପାକିସ୍ତାନକୁ ଏକ ଇନ୍‌ଡାଇରେକ୍ଟ ଫ୍ରି କିକ୍ ମିଳିଥିଲା। ତେବେ ଭାରତୀୟ ଗୋଲକିପର ବିଶାଲ କାଇଥ୍ ଏହାକୁ ପଣ୍ଡ କରିଥିଲେ। ପ୍ରଥମାର୍ଦ୍ଧରେ ପାକିସ୍ତାନ ଅଭିଜ୍ଞ ଗୋଲକିପର ୟୁସୁଫ ବଟ୍ଟ ସୁନ୍ଦର ପ୍ରଦର୍ଶନ କରି ଭାରତର ଏକାଧିକ ପ୍ରୟାସକୁ ପଣ୍ଡ କରିଥିଲେ।

**ଆନ୍ତଃ ମହାବିଦ୍ୟାଳୟ ବାସ୍କେଟବଲ**

# ପୁରୁଷ, ମହିଳାରେ ନୟାପଲ୍ଲୀ ଚାମ୍ପିୟନ



ଆନ୍ତଃ ମହାବିଦ୍ୟାଳୟ ବାସ୍କେଟବଲ ପ୍ରତିଯୋଗିତାରେ ଚାମ୍ପିୟନ ଡି.ଆର. ନୟାପଲ୍ଲୀ ମହିଳା ଦଳ।

ଭୁବନେଶ୍ୱର, ୧୨।୯(ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ବାଣୀବିହାରଠାରେ ଅନୁଷ୍ଠିତ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ମହିଳା ଓ ପୁରୁଷ ବାସ୍କେଟବଲ ପ୍ରତିଯୋଗିତାରେ ଡି.ଆର. ନୟାପଲ୍ଲୀ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ନୟାପଲ୍ଲୀ କଳିଙ୍ଗ ଷ୍ଟାଡିୟମରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଜି.ସି.ପିକୁ ୨୧– ୧୯ରେ ପରାସ୍ତ କରି ଟାଇଟଲ ହାସଲ କରିଛି। ସେହିପରି ପୁରୁଷ ଫାଇନାଲ ମ୍ୟାଚରେ ନୟାପଲ୍ଲୀ କଟକର ରଘୁନାଥ ଜୀଉ ମହାବିଦ୍ୟାଳୟକୁ ୨୧–୧୯ରେ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ସେପ୍ଟେମ୍ବର ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୧୩ଟି ମହାବିଦ୍ୟାଳୟର ପୁରୁଷ ଦଳ ଓ ୭ଟି ମହାବିଦ୍ୟାଳୟର ମହିଳା ଦଳ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ପରିଷଦ ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ, ପ୍ରବୀର କୁମାର ମହାନ୍ତି, ପ୍ରଦୀପ କୁମାର ସାମନ୍ତସିଂହାର, ଦକ୍ଷ ବ୍ରହ୍ମା ରାଉତରାୟ, ବେଣୁଧର ଦାସ, ଚତୁର୍ଭୁଜ ଜେନା, ରାଜେନ୍ଦ୍ର କୁମାର ପାଣି, ସ୍ମରିତା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ଦେବପ୍ରସାଦ ସାହୁ, ମହମ୍ମଦ ସଇଦ, ଚିରଞ୍ଜିତ କରଣ ପରିଚାଳନା କରିଥିଲେ।

## ପନ୍ତ ୪ର୍ଥ ଭାରତୀୟ

ନୂଆଦିଲ୍ଲୀ,୧୨।୯

ଛକା ମାରି କ୍ୟାରିୟର ଆରମ୍ଭ କରିଥିବା ଭାରତୀୟ ଟେଷ୍ଟ ଦଳର ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଶଭ ପନ୍ତ ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ଓଭାଲ ଟେଷ୍ଟରେ ନିଜ କ୍ୟାରିୟରର ପ୍ରଥମ ଶତକ ମାରିଛନ୍ତି। ପନ୍ତ ଓଭାଲଠାରେ ଛକା ମାରି ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି। ଛକା ମାରି ଶତକ ପୂରଣ କରିବାରେ ସେ ୪ର୍ଥ ଭାରତୀୟ। ତାଙ୍କ ପୂର୍ବରୁ କପିଳ ଦେବ, ହରଭଜନ ସିଂ ଓ ଇର୍ଫାନ ପଠାନ ଛକା ସହ ଶତକ ପୂରଣ କରିଥିଲେ।

## ଆନ୍ତଃ ଜିଲା ଫୁଟବଲ ଟେନିସ୍ ୨୨ରେ

କଟକ ଅଫିସ,୧୨।୯

ଓଡ଼ିଶା ରାଜ୍ୟ ଫୁଟବଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ କନ୍ଧମାଳର ସାରଙ୍ଗ ଗଦା ଠାରେ ଆନ୍ତଃ ଜିଲା ସିନିୟର ଫୁଟବଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଖେଳାଳି ପଞ୍ଜୀକରଣ ନିମନ୍ତେ ୧୦୦ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରତିଯୋଗିତାର ପ୍ରବେଶିକା ଶୁଳ୍କ ପୁରୁଷ ଖେଳାଳିଙ୍କ ନିମନ୍ତେ ୩୦୦ଟଙ୍କା ଓ ମହିଳା ଖେଳାଳିଙ୍କ ନିମନ୍ତେ ୨୦୦ଟଙ୍କା ରହିଛି ।

# ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**ଫାଓ ଲିଗ୍**

କଟକ ଅଫିସ,୧୨।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ବୁଧବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଉଦ୍‌ଘାଟନୀ ଦିବସରେ ଇଷ୍ଟକୋଷ୍ଟ ରେଲୱେ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଖେଳାଯାଇ ନଥିବା ମ୍ୟାଚ୍‌ଟି ବୁଧବାର ଖେଳାଯାଇଥିବା ବେଳେ ଏଥିରେ ସ୍ପୋର୍ଟସ ହଷ୍ଟେଲ ୧–୦ ଗୋଲରେ ବିଜୟୀ ହୋଇଛି । ଅତିରିକ୍ତ ୭୩ତମ ମିନିଟରେ ଭାବଗ୍ରାହୀ ପଡ଼ିହାରୀ ସ୍ପୋର୍ଟସ ହଷ୍ଟେଲ ପକ୍ଷରୁ ବିଜୟସୂଚକ ଗୋଲଟି ଦେଇଥିଲେ। ଏସ୍‌ବିଆଇ ଓ ଆଜାଦ ହିନ୍ଦ କ୍ଲବ ମଧ୍ୟରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍ ୨–୨ ଗୋଲରେ ଡ୍ର ରହିଥିଲା । ଆଜାଦ ହିନ୍ଦ କ୍ଲବ ପକ୍ଷରୁ ୮ମ, ୪୯ତମ ମିନିଟରେ କେଶବ ମାଝି ୨ଟି ଗୋଲ ଦେଇଥିବା ବେଳେ ଏସ୍‌ବିଆଇ ପକ୍ଷରୁ ସନ୍ତୋଷ ବେହେରା ୧୪ତମ ମିନିଟରେ ଓ ରାଜେନ୍ଦ୍ର ପ୍ରସାଦ ସିଂ ୬୬ତମ ମିନିଟରେ ଏକ ଗୋଲ ଦେଇଥିଲେ ।

# ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ପ୍ରଥମ ଦିବସରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢେଇ।

କଟକ ଅଫିସ,୧୨।୯

ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୦ତମ ସବଜୁନିୟର ଓ ୧୫ତମ କ୍ୟାଡେଟ୍ ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ୧୪ବର୍ଷରୁ କମ୍ ବାଳିକା ସାବେର୍ ବିଭାଗ ଫାଇନାଲରେ ମହାରାଷ୍ଟ୍ରର କଶିକ ଦୀପକ ଭରଦ ୧୫–୬ରେ ମଣିପୁରର ଲାବି ଦେବୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି । ସେମିଫାଇନାଲରେ କଶିକ ୧୫–୫ରେ ଗୌରୀ ମଙ୍ଗଲସିଂଙ୍କୁ ଓ ଲାବି ୧୫–୧୩ରେ ଏନ ଜେସିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଫେନ୍ସିଂ ଆସୋସିଏଶନ ସଭାପତି ଅନଙ୍ଗ ଉଦୟ ସିଂଦେଓ, ଫେନ୍ସିଂ ଆସୋସିଏଶନ ଅଫ ଇଣ୍ଡିଆ ସଭାପତି ରାଜୀବ ମେହେଟା, କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଅମୀୟ କୁମାର ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳିଙ୍ଗ ଷ୍ଟାଡିୟମରେ ଜାତୀୟ ହକି କ୍ୟାମ୍ପ୍ ୧୬ରୁ

ନୂଆଦିଲ୍ଲୀ, ୧୨।୯(ପି.ଟି.)

ଅନ୍ତର୍ଜାତୀୟ ହକି କାର୍ଯ୍ୟସୂଚୀରେ ଆଗାମୀ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳର ପ୍ରସ୍ତୁତି ଶିବିର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ଶିବିର ଲାଗି ହକି ଇଣ୍ଡିଆ ପକ୍ଷରୁ ବୁଧବାର ୨୫ ଜଣିଆ କୋର୍ ଗ୍ରୁପ୍ ତାଲିକା ଘୋଷଣା କରାଯାଇଛି। ଏଥିରେ ଜଣେହେଲେ କେହି ଓଡ଼ିଶା ଖେଳାଳି ସ୍ଥାନ ପାଇନାହାନ୍ତି। ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଆହତ ସମସ୍ୟାରେ ରହିଥିବା ଜଣାଯାଇଛି।

ଏସିଆନ ହକି ଚାମ୍ପିୟନଶିପ୍ ଆସନ୍ତା ଅକ୍ଟୋବର ୧୮ରୁ ୨୮ ତାରିଖ ପର୍ଯ୍ୟନ୍ତ ଓମାନର ରାଜଧାନୀ ମସ୍କାଟ୍‌ରେ ଅନୁଷ୍ଠିତ ହେବ। ଏଥିରେ ଏସିଆନ ଗେମ୍ସର ଶ୍ରେଷ୍ଠ ୬ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ହକିର ମେଗା ଇଭେଣ୍ଟ ବିଶ୍ୱକପ୍ ନଭେମ୍ବର ୨୬ରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ସେମିଫାଇନାଲରୁ ପରାସ୍ତ ହୋଇ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ତେବେ ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲା। 'ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିବା ଆମ ପାଇଁ ସାନ୍ତ୍ୱନାମୂଳକ ସଦୃଶ। ପରାଜୟ ପରେ ପଛକୁ ଦେଖିବାର ଏବେ କୌଣସି କାରଣ ନାହିଁ। ବର୍ତ୍ତମାନ କିନ୍ତୁ ଆମକୁ ତାଜା ଓ ସକାରାତ୍ମକ ସହିତ ଆଗକୁ ବଢ଼ିବାର ଅଛି' ବୋଲି ଭାରତୀୟ ସିନିୟର ପୁରୁଷ ହକି ଦଳର କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଭାରତୀୟ ସିନିୟର ପୁରୁଷ ହକି ଦଳର ପ୍ରସ୍ତୁତି ଶିବିର ଚାଲିବ।

**ଭାରତୀୟ କୋର୍ ଗ୍ରୁପ୍**

ପି.ଆର୍. ଶ୍ରୀଜେଶ, ସୂରଜ କେର୍‌କେରା ଓ କ୍ରିଷ୍ଣା ପାଠକ (ସମସ୍ତେ ଗୋଲକିପର), ହର୍‌ମନପ୍ରୀତ୍ ସିଂ, ରୁପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, ବରୁଣ କୁମାର, କୋଠଜିତ୍ ସିଂ ଖଡଙ୍ଗବାମ୍, ସୁରେନ୍ଦ୍ର କୁମାର, ଜର୍‌ମନପ୍ରୀତ୍ ସିଂ, ପ୍ରଦୀପ ସିଂ (ସମସ୍ତେ ଡିଫେଣ୍ଡର), ମନ୍‌ପ୍ରୀତ୍ ସିଂ, ଚିଙ୍ଗଲେନସାନ ସିଂ କାଙ୍ଗୁଜାମ, ସୁମିତ୍, ସିମରନଜିତ୍ ସିଂ, ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ବିବେକ ସାଗର ପ୍ରସାଦ (ସମସ୍ତେ ମିଡ୍‌ଫିଲ୍ଡର), ଏସ୍.ଭି. ସୁନୀଲ, ଆକାଶଦୀପ୍ ସିଂ, ଗୁର୍‌ଜାନ୍ତ ସିଂ, ମନ୍‌ଦୀପ୍ ସିଂ, ଦିଲପ୍ରୀତ୍ ସିଂ ଓ ସୁମିତ୍ କୁମାର (ସମସ୍ତେ ଫର୍‌ୱାର୍ଡ)।

“ ଭୁବନେଶ୍ୱରରେ ପ୍ରଶିକ୍ଷଣ ପରିସ୍ଥିତି ସହ ଖାପ ଖୁଆଇବା ପାଇଁ ଅନୁକୂଳ। କଳିଙ୍ଗ ଷ୍ଟାଡିୟମରେ ନବନିର୍ମିତ ଟର୍ଫରେ ଖେଳିବା ପାଇଁ ମଧ ଆମେ ଅପେକ୍ଷାରତ ।

–ହରେନ୍ଦ୍ର ସିଂ, ଭାରତୀୟ ହକି ଦଳର ପ୍ରଶିକ୍ଷକ



“ ଦୋହାରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ନ କରିବା ଟୋକିଓ ଅଲିମ୍ପିକ୍ସ ପାଇଁ ଦେଶର ପ୍ରସ୍ତୁତିରେ ବାଧକ ସାଜିବ ।

–ରାକେଶ ପାତ୍ର, ଶ୍ରେଷ୍ଠ ଭାରତୀୟ ଜିମ୍ନାଷ୍ଟ



## ସଂକ୍ଷେପରେ

### ଖେଳରତ୍ନ ଲାଗି ନୀରଜ, ଚାନୁଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୧୨।୯- ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ବିଶ୍ୱ ଚାମ୍ପିୟନଶିପ୍ ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଥିବା ମୀରାବାଈ ଚାନୁଙ୍କ ନାମକୁ ରାଜୀବ ଗାନ୍ଧୀ ଖେଳରତ୍ନ ସମ୍ମାନ ଲାଗି ସୁପାରିସ କରାଯାଇଛି। ନୀରଜ ଉଭୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଲାଗି ଆଥ୍‌ଲେଟଙ୍କ ନାମ ସୁପାରିସ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ସେହିଭଳି କୋଚ୍‌ଙ୍କ ନିମନ୍ତେ ଉଦ୍ଦିଷ୍ଟ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ସମ୍ମାନ ପାଇଁ ମଧ କମିଟି ଗଠନ ହୋଇଛି। ଏଥିସହ ମନ୍ତ୍ରଣାଳୟ ପକ୍ଷରୁ ଖେଳରତ୍ନ ଓ ଅର୍ଜୁନ ସମ୍ମାନ ସୁପାରିସ ନିୟମରେ ପରିବର୍ତ୍ତନ କରାଯାଇଛି। ଯାହାଫଳରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ଜିତିଥିବା ଆଥ୍‌ଲେଟ୍‌ଙ୍କ ନାମ ଉଭୟ ସମ୍ମାନ ନିମନ୍ତେ ସୁପାରିସ କରାଯାଇପାରିବ। ଦିଲ୍ଲୀ ହାଇକୋର୍ଟ ବିଚାରପତି ଇନ୍ଦରମିତ କାଉଲ କୋଚାରଙ୍କ ଅଧକ୍ଷତାରେ ଖେଳରତ୍ନ ପାଇଁ କମିଟି ଗଠନ ହୋଇଥିବାବେଳେ ଅଶ୍ୱିନୀ ନାଚାପ୍ପା, କମଲେଶ ମେହେଟା, ସମରେଶ ଜୁଙ୍ଗ ଓ ବିମଲ କୁମାର ସଦସ୍ୟ ରହିଛନ୍ତି। ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଗଠିତ କମିଟିରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଜଷ୍ଟିସ୍ ମୁକୁଲ ମୁଦଗଲଙ୍କୁ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି।

### ଅଲିମ୍ପିକ୍ ପଦକଧାରୀ ଯୋଡ଼ିକୁ ହରାଇଲେ ମନୁ-ସୁମିତ

ଟୋକିଓ,୧୨।୯(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ମନୁ ଅତ୍ରି ଓ ବି. ସାଇ ପ୍ରଣୀଥ ଏଠାରେ ଚାଲିଥିବା ୭ ଲକ୍ଷ ପୁରସ୍କାର ରାଶି ବିଶିଷ୍ଟ ଜାପାନ ଓପନରେ ବୁଧବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଭାରତୀୟ ଯୋଡ଼ି ଅଲିମ୍ପିକ୍ ପଦକ ବିଜେତା ଗୋହ ଭି ଶେମ ଓ ତାମ ୱି କିଓଙ୍ଗଙ୍କ ଯୋଡ଼ିକୁ ପରାସ୍ତ କରି ଦେଇଛନ୍ତି। ପ୍ରି-କ୍ୱାର୍ଟର ମୁକାବିଲାକୁ ଜାତୀୟ ଚାମ୍ପିୟନ ମନୁ ଓ ସୁମିତ ୧୫-୨୧, ୨୩-୨୧, ୨୧-୧୯ ଗେମ୍‌ରେ ଜିତି ନେଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଦୁଇ ଭାରତୀୟ ଖେଳାଳି ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ ୨ୟ ଗେମ୍‌ରେ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଅନ୍ତିମ ଗେମ୍‌କୁ ୨୧-୧୯ ବ୍ୟବଧାନରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟ ଲାଗି ୫୪ ମିନିଟ୍ ଲାଗିଥିଲା। ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଚାଇନାର ହେ ଜିଟିଙ୍ଗ ଓ ଟାମ କିଆଙ୍ଗଙ୍କୁ ହରାଇବାକୁ ପଡ଼ିବ। ଅନ୍ୟପକ୍ଷରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଠୀଙ୍କ ପୁରୁଷ ଡବଲ୍ସ ଏବଂ ଅଶ୍ୱିନୀ ପୁନ୍ନପ୍ପା ଓ ଏନ୍. ସିକି ରେଡ୍ଡୀଙ୍କ ମହିଳା ଡବଲ୍ସ ଯୋଡ଼ି ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଉଲ୍ଲେଖଥାଉ କି, ମାଲେସିଆର ଭି ଶେମ ଓ ତାମ ୱିଙ୍କ ଯୋଡ଼ି ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ।

### ବିଦେଶରେ ହୋଇପାରେ ଆଗାମୀ ଆଇପିଏଲ୍

ନୂଆଦିଲ୍ଲୀ,୧୨।୯- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପରବର୍ତ୍ତୀ ସଂସ୍କରଣ ବିଦେଶରେ ଆୟୋଜିତ ହେବାର ବିଶେଷ ସମ୍ଭାବନା ରହିଛି। କାରଣ ୨୦୧୯ରେ ସାଧାରଣ ନିର୍ବାଚନ ହେବାର ଅଛି। ତେବେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଲିଗ୍ ୨୦୦୯ରେ ଦକ୍ଷିଣ ଆଫ୍ରିକା ଓ ୨୦୧୪ରେ ୟୁଏଇଠାରେ ଖେଳାଯାଇଥିଲା। ଦୁଇ ଥର ଯାକ ସାଧାରଣ ନିର୍ବାଚନ ଯୋଗୁ ହିଁ ଲିଗ୍ ବାହାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସାଧାରଣ ନିର୍ବାଚନ ତାରିଖ ସମ୍ପର୍କରେ ଘୋଷଣାକୁ ଅପେକ୍ଷା କରାଯାଇଛି। ‘‘ଯଦି ନିର୍ବାଚନ ତାରିଖ ଆଇପିଏଲ କାର୍ଯ୍ୟସୂଚୀ ମେଳ ଖାଏ, ତେବେ ଲିଗ୍‌କୁ ନିଶ୍ଚିତ ବିଦେଶରେ ଆୟୋଜନ କରାଯିବ। କିନ୍ତୁ ଏବେ ଆମେ ନିର୍ବାଚନ କମିଶନଙ୍କ ଘୋଷଣାକୁ ଅପେକ୍ଷା କରିଛୁ’’ ବୋଲି ଆଇପିଏଲ ଅଧକ୍ଷ ରାଜିବ ଶୁକ୍ଲା କହିଛନ୍ତି। ବିଶ୍ୱର ସବୁଠୁ ବିତ୍ତଶାଳୀ ଲିଗ୍‌ର ପ୍ରସାରଣ ଅଧିକାର ଷ୍ଟାର ସ୍ପୋର୍ଟ୍ସ ୧୬,୩୪୭.୫୦ କୋଟି ଟଙ୍କାରେ ଖରିଦ କରିଛି।

# ସର୍ଦ୍ଦାର ସିଂଙ୍କ ଅବସର

ନୂଆଦିଲ୍ଲୀ, ୧୨।୯(ପି.ଟି.)



- ନାମ: ସର୍ଦ୍ଦାର ପୁରସ୍କାର ସିଂ
- ବୟସ: ୩୨
- ଉଚ୍ଚତା: ୫ ଫୁଟ ୯ ଇଞ୍ଚ୍
- ପ୍ଲେଇଂ ପୋଜିଶନ: ହାଫ୍‌ବ୍ୟାକ୍
- ଆନ୍ତର୍ଜାତିକ ମ୍ୟାଚ: ୩୫୦

ଭାରତୀୟ ପୂର୍ବତନ ହକି ଅଧିନାୟକ ସର୍ଦ୍ଦାର ସିଂ ଅବସର ଘୋଷଣା କରିଛନ୍ତି। ଫଳରେ ତାଙ୍କର ୧୨ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରର ଅନ୍ତ ଘଟିଛି। ବୁଧବାର ଏ ସଂକ୍ରାନ୍ତରେ ସେ ଅବସର ଘୋଷଣା କରିଛନ୍ତି। ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଅବସର ଗ୍ରହଣ କରିବାକୁ ନିଷ୍ପତ୍ତି ନେଉଛି ବୋଲି ସେ କହିଛନ୍ତି। ଗତ ଏସିଆନ ଗେମ୍ସରେ ଭାରତ ଟାଇଟଲ ବଜାୟ ରଖିବାକୁ ବିଫଳ ହୋଇଥିଲା ଓ ବ୍ରୋଞ୍ଜ ପଦକ ହାସଲ କରିଥିଲା। ତେବେ ଏହି ଫଳାଫଳ ମୋତେ ନିରାଶ କରିଥିଲା। ଏହା ପରେ ମୁଁ ଅବସର ନେବାକୁ ମନସ୍ଥ କରିଥିଲି ବୋଲି ସର୍ଦ୍ଦାର କହିଛନ୍ତି। ବୟସ ବଢ଼ିବା ସାଙ୍ଗକୁ ଦ୍ରୁତ ଗତିରେ ଦୌଡ଼ିବା ତାଙ୍କ ପାଇଁ ସମ୍ଭବ ନ ଥିଲା। ଫଳରେ ଦଳରେ ତାଙ୍କର ସ୍ଥାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଗତ ୧୨ ବର୍ଷ ମଧ୍ୟରେ ମୁଁ ବହୁତ ହକି ଖେଳିଛି। ଏବେ ଅବସର ନେବାର ସମୟ ଉପନୀତ ହୋଇଛି। ଏବେ ଯୁବ ଖେଳାଳିମାନେ ଆଗକୁ ଆସିବା ଉଚିତ ଓ ସେମାନଙ୍କୁ ବାଟ ଛାଡ଼ିବା ଉଚିତ। ଚଣ୍ଡିଗଡ଼ରେ ମୋ ପରିବାର, ହକି ଇଣ୍ଡିଆ ଓ ବନ୍ଧୁମାନଙ୍କ ସହ ଆଲୋଚନ କରିବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି ବୋଲି ସର୍ଦ୍ଦାର କହିଛନ୍ତି। ଗତ ଏସିଆନ ଗେମ୍ସ ଅବସରରେ ସର୍ଦ୍ଦାର ସେତେବେଳେ ଭିନ୍ନ ମତ ପୋଷଣ କରିଥିଲେ। ଏବେ ମୋ ପାଖରେ ବହୁତ ହକି ବାକି ଅଛି ଓ ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିବାକୁ ଚହେଁ ବୋଲି ସେ କହିଥିଲେ। ତେବେ ଜାତୀୟ ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଦ୍ୱାରା ବୁଧବାର ଘୋଷିତ ହୋଇଥିବା ୨୫ ଜଣିଆ ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। ଏହା ପରେ ତାଙ୍କର ହୃଦୟ ପରିବର୍ତ୍ତନ ହୋଇଥିଲା।

୨୦୦୬ରେ ପାକିସ୍ତାନ ବିପକ୍ଷରେ ସେ ସିନିୟର ହକିରେ ପଦାର୍ପଣ କରିଥିଲେ। ସେବେଠାରୁ ସେ ଭାରତୀୟ ମିଡଫିଲ୍ଡର ମେରୁଦଣ୍ଡ ହୋଇ ରହିଥିଲେ। ୩୨ ବର୍ଷୀୟ ସର୍ଦ୍ଦାର ଭାରତ ପାଇଁ ମୋଟ ଉପରେ ୩୫୦ଟି ଆନ୍ତର୍ଜାତିକ ମ୍ୟାଚ ଖେଳିଛନ୍ତି ଓ ୨୦୦୮ରୁ ୨୦୧୬ ପର୍ଯ୍ୟନ୍ତ ସେ ଭାରତୀୟ ଦଳର ଅଧିନାୟକ ହିସାବରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ପରେ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଥିଲା।

୨୦୦୮ରେ ସୁଲତାନ ଆଜଲାନ ଶାହ କପ୍‌ରେ ସେ ସର୍ବକନିଷ୍ଠ ଭାରତୀୟ ଖେଳାଳିଭାବେ ଭାରତର ନେତୃତ୍ୱ ନେଇଥିଲେ। ସେ ୨୦୧୨ରେ ଅର୍ଜୁନ ଓ ୨୦୧୫ରେ ପଦ୍ମଶ୍ରୀ ପୁରସ୍କାର ହାସଲ କରିଥିଲେ। ସେ ଦୁଇଥର ଭାରତ ପାଇଁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ଜଣେ ଲଢୁଆ ଖେଳାଳିଭାବେ ସର୍ଦ୍ଦାର ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦଳରୁ ବାଦ୍ ପଡିବା ପରେ ସେ କଠିନ ପରିଶ୍ରମ କରି ଫିଟନେସ ଫେରିପାଇବା ସହିତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଚାମ୍ପିୟନ୍ସ ଟ୍ରଫି ଦଳରେ ସ୍ଥାନ ପାଇ ଓ ରୌପ୍ୟ ପଦକ ହାସଲ କରିଥିଲେ। ବୟସାଧିକ ସତ୍ତ୍ୱେ ସେ ଦଳରେ ସବୁଠାରୁ ଫିଟ୍ ଖେଳାଳି ବିବେଚିତ ହେଉଥିଲେ। ତେବେ ଫିଟ୍‌ନେସ କାରଣରୁ ନୁହଁ, ବରଂ ପ୍ରକୃତ ସମୟ ଉପନୀତ ହୋଇଥିବାରୁ ମୁଁ ଅବସର ନେଉଛି ବୋଲି ସର୍ଦ୍ଦାର କହିଛନ୍ତି। ଏ ନେଇ ସେ କୋଚ୍ ହରେନ୍ଦ୍ର ସିଂଙ୍କୁ ଅବଗତ କରାଇଥିଲେ।

ହରିୟାଣାର ସିର୍ସାରୁ ଆସିଥିବା ସର୍ଦ୍ଦାରଙ୍କ କ୍ୟାରିୟର ବେଶ୍ ବିବାଦୀୟ ଥିଲା। ଜଣେ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ମହିଳା ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ତେବେ ଏ ନେଇ ଲୁଧିଆନା ପୋଲିସ ତାଙ୍କୁ କ୍ଲିନ୍ ଚିଟ୍ ପ୍ରଦାନ କରିଥିଲା। ୫ ଫୁଟ ୯ ଇଞ୍ଚ୍ ବିଶିଷ୍ଟ ସର୍ଦ୍ଦାର ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସେ ୨୦୦୭ ଓ ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୨୦୧୩ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୨୦୧୪ ଏସିଆନ ଗେମ୍ସରେ ସେ ସ୍ୱର୍ଣ୍ଣ, ୨୦୧୦ ଓ ୨୦୧୮ ସଂସ୍କରଣରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୫ ୱାର୍ଲ୍ଡ ଲିଗ୍‌ରେ ସେ ସ୍ୱର୍ଣ୍ଣ ଜିତିଥିବା ବେଳେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ ଟୁର୍ନାମେଣ୍ଟରେ ସେ ୨୦୧୧ରେ ରୌପ୍ୟ, ୨୦୦୭ ଓ ୨୦୦୯ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

■ ପ୍ୟାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍

# ପାର୍ବତୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ମାଲେସିଆର ପେନାଙ୍ଗଠାରେ ଚାଲିଥିବା ପ୍ୟାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍‌ର ୪୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଡିସ୍କସ୍ ଥ୍ରୋରେ ଓଡ଼ିଶାର ପାର୍ବତୀ ସେଠୀ ସ୍ୱର୍ଣ୍ଣ ଓ ନମିତା ପଟେଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଏହି ପ୍ରତିଯୋଗିତାରେ ପାର୍ବତୀଙ୍କ ପଦକ ସଂଖ୍ୟା ୨ରେ ପହଞ୍ଚିଛି। ପୂର୍ବରୁ ସେ ଶଟ୍‌ପୁଟ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଡିସ୍କସ୍ ଥ୍ରୋରେ ବ୍ରୋଞ୍ଜ ଜିତିଥିବା ନମିତା ପୂର୍ବରୁ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ। ଫଳରେ ତାଙ୍କୁ ମଧ ଡବଲ ସଫଳତା ମିଳିଛି। ଅନ୍ୟତମ ପ୍ରତିଯୋଗୀ ରେଖା ଦେ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ତିନିଜଣଯାକ ପ୍ରତିଯୋଗୀ ଐତିହାସିକ ସଫଳତା ଅର୍ଜନ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ପାର୍ବତୀଙ୍କ କୋଚ୍ ଅରୁଣ ଦାଶ, ରେଖାଙ୍କ କୋଚ୍ ସୁସ୍ମିତା ଦତ୍ତ, ଯୁଗଳ ସିଂ, ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ୍ କେଶବ ମିଶ୍ର(ସଭାପତି–ଏମଜିଏଫଓ), ସୁନ୍ଦରମଣୀ ବାରିକ, ମାଷ୍ଟର୍ସ ଗେମ୍ ଆସୋସିଏଶନ ସମ୍ପାଦକ ଶିବ ପ୍ରସାଦ ମିଶ୍ର ଏବଂ ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ଅଫ୍ ଓଡ଼ିଶାର କର୍ମକର୍ତ୍ତାମାନେ ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ୟାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍‌ର ମହିଳା ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଓଡ଼ିଶାର ପାର୍ବତୀ ସେଠୀ।



ସର୍ବଭାରତୀୟ ଜାପାନ ସୋତୋକାନ କରାଟେ କାନିନଜୁକୁ ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟୀ ଭିଭି କରାଟେ ସ୍କୁଲର ପ୍ରତିଯୋଗୀମାନେ।

# ଭିଭି କରାଟେ ସ୍କୁଲକୁ ୨୮ ପଦକ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ବିଶାଖାପାଟଣାର ସ୍ୱର୍ଣ୍ଣଭାରତୀ ଏସି ଇନ୍‌ଡୋର ଷ୍ଟାଡିୟମରେ ଚଳିତମାସ ୭ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ୫ମ ସର୍ବଭାରତୀୟ ଜାପାନ ସୋତୋକାନ କରାଟେ କାନିନଜୁକୁ ଜାତୀୟ ପ୍ରତିଯୋଗିତାରେ ଭାଲେନା ଭାଲେଣ୍ଟିନାଙ୍କଦ୍ୱାରା ପରିଚାଳିତ ଭିଭି କରାଟେ ସ୍କୁଲକୁ ସଫଳତା ମିଳିଛି। ପ୍ରତିଯୋଗିତାରେ ଏହି ସ୍କୁଲର ମୋଟ ୨୫ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନେ ୧୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଜିତି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଲିଶା ସୁବୁଦ୍ଧି ଏକାକୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣ ବିଜେତା ଅନ୍ୟ ପ୍ରତିଯୋଗୀମାନେ ହେଲେ ଭାଲେଣ୍ଟିନା, ଚିନ୍ମୟ ସୁବୁଦ୍ଧି, ବେଦାନ୍ତ ଦାସ, ବିଦ୍ୟା କିରଣ, ସୁରୋମିତା ସିହ୍ନା, ଦିବ୍ୟାକ ନାୟକ, ରୁଦ୍ର ପ୍ରସାଦ, ଜସ୍ମିନ ପି. ମିଶ୍ର, ଶ୍ରୀଲେଖା ସ୍ୱାଇଁ, ଅଙ୍କିତ ସିଂ, ସାଇସିମରନ ପଟ୍ଟନାୟକ, ସମ୍ରିତା ପ୍ରଧାନ, ସମ୍ଭାବୀ ପଣ୍ଡା, ସାଇ ଜ୍ୟୋତି ମହାନ୍ତି। ସେହିପରି ଦତ୍ତାତ୍ରେୟ ସାମଲ ୨ଟି ରୌପ୍ୟ ପଦକ ପାଇଥିବାବେଳେ ଅଂଶିକା ମହାପାତ୍ର, ଅଲିଶା ଦାସ, ସାଇଶିବ ନାରାୟଣ, ଆର୍ଯ୍ୟମାନ ମିଶ୍ର ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ରୋଞ୍ଜ ବିଜେତାମାନେ ହେଲେ ସୋନାକ୍ଷୀ ସାମନ୍ତରାୟ, ଶ୍ୟାମଳୀ ବୋଷ, ହ୍ରିତିକ୍ କୁମାର ମିଶ୍ର, ଆର୍ଯ୍ୟମାନ ମିଶ୍ର ଓ ଅମରେଶ୍ ଦେ।

### ବିଶ୍ୱକପ୍ ଚାମ୍ପିୟନ ଲୋରିସ୍‌ଙ୍କୁ ଜରିମାନା

ଲଣ୍ଡନ,୧୨।୯(ଏପି)

ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ଗୋଲକିପର ହ୍ୟୁଗୋ ଲୋରିସଙ୍କୁ ୫୦ ହଜାର ପାଉଣ୍ଡ ଜରିମାନା ଦେବାକୁ ପଡ଼ିଛି, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୪୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ। ଆର୍ଥିକ ଦଣ୍ଡାଦେଶ ସହ ତାଙ୍କ ଗାଡ଼ି ଚଳାଇବା ଉପରେ ୨୦ ମାସ ଲାଗି ପ୍ରତିବନ୍ଧକ ଲଗାଯାଇଛି। ସେ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଗତ ମାସରେ ଟୋଟେନହାମ କ୍ଲବର ଗୋଲକିପର ସେଣ୍ଟ୍ରାଲ ଲଣ୍ଡନଠାରେ ଟ୍ରାଫିକ ନିୟମ ଭଙ୍ଗ କରିଥିଲେ। ପୋଲିସ ତାଙ୍କ ପୋର୍ଶକୁ ଠାବ କରିବା ବେଳକୁ ଲୋରିସ ଗାଡ଼ିରେ ଚେତା ହରାଇ ବସିଥିଲେ। ପୋଲିସ କର୍ମୀମାନେ ତାଙ୍କୁ ସୁରକ୍ଷିତ ଅବସ୍ଥାରେ ମେଡିକାଲ ନେଇଥିଲେ। ଏ ସମ୍ପର୍କରେ ଲଣ୍ଡନର ଏକ କୋର୍ଟରେ ବୁଧବାର ଅନୁଷ୍ଠିତ ଶୁଣାଣିରେ ସେ ନିଜ ଦୋଷ ସ୍ୱୀକାର କରିଛନ୍ତି।

# ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ତୃତୀୟ ଚରଣପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଫ୍ଲାଗ୍‌ଅଫ୍ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ ଓ ଟାଟା ଷ୍ଟିଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନ(ଟିଏସଏଏଫ)ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨୦୧୬ରେ ବିଜୁ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ କ୍ରୀଡ଼ା ବିଭାଗର ବାର୍ଷିକ କାର୍ଯ୍ୟସୂଚୀରେ ସାମିଲ ହୋଇ ଯାଇଛି। ଯୁବକଙ୍କ ମଧ୍ୟରେ ଦୁଃସାହସିକତା, ଶୃଙ୍ଖଳା, ଟିମ୍‌ସ୍ପିରିଟ୍‌ଏବଂନେତୃତ୍ୱନେବାରମନୋଭାବ ଭରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ।

ଏଥରର ହିମାଳୟାନ ଅଭିଯାନ ଚଳିତମାସ ୧୬ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବାର ଯୋଜନା ରହିଛି। ଅଭିଯାତ୍ରୀମାନେ ଉତ୍ତରାଖଣ୍ଡର ଗଙ୍ଗୋତ୍ରୀ ତୁଷାର ପରିବେଷ୍ଟିତ ୧୯,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ମାଉଣ୍ଟ ରୁଦୁଗାଇରା ଆରୋହଣ କରିବେ। ଟିଏସଏଏଫର ବୈଷୟିକ ସହାୟତା କ୍ରମେ ଏହି ଆରୋହଣ ହେବ। ଅଭିଯାତ୍ରୀ ଦଳ ମନୋନୟନ ପାଇଁ ୨ଟି ପର୍ଯ୍ୟାୟରେ ଚୟନ ଏବଂ ପ୍ରସ୍ତୁତି ଅନୁଷ୍ଠିତ ହୋଇଥିଲା। ଶେଷରେ ୫ ବାଳିକା ଓ ୧୦ ବାଳକ ରୁଦୁଗଇରା ଆରୋହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଅଭିଯାନ ପ୍ରଥମ ଭାରତୀୟ ମହିଳା ଭାବେ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିବା ଏବଂ ଟାଟା ଷ୍ଟିଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନର ନିର୍ଦ୍ଦେଶକଥିବା ପଦ୍ମଶ୍ରୀ ବଚ୍ଛେନ୍ଦ୍ରୀ ପାଲ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ତାଙ୍କ ସହିତ ପ୍ରଥମ ଭାରତୀୟ ମହିଳା ଭାବେ ସମସ୍ତ ୭ଟି ମହାଦେଶୀୟ ଉଚ୍ଚତମ ଶୃଙ୍ଗ ଆରୋହଣ କରିଥିବା ପଦ୍ମଶ୍ରୀ ପ୍ରେମଲତା ଅଗ୍ରୱାଲ, ଏଭରେଷ୍ଟ ଆରୋହଣକାରୀ ରାଜେନ୍ଦ୍ର ସିଂ ପାଲ୍ ଓ ଗଣେଶଚନ୍ଦ୍ର ଜେନା ଏହି ଅଭିଯାନର ଟିମ୍ କୋଅର୍ଡିନେଟର ରହିବେ।

ଏହି ଅଭିଯାନରେ ସାମିଲ ହେବାପାଇଁ ଗତ ଫେବୃୟାରୀରେ ବିଜ୍ଞାପନ ଦିଆ ଯାଇଥିଲା। ଏଥିପାଇଁ ମୋଟ ୧୪୪ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୯୯ ଜଣ ମାର୍ଚ୍ଚରେ କଳିଙ୍ଗ ଷ୍ଟାଡିୟମରେ ଫିଟ୍‌ନେସ୍ ଟେଷ୍ଟ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ୧୦ ବାଳିକା ଓ ୨୦ ବାଳକ ଟିଏସଏଏଫରେ କଣ୍ଡିଶନିଂ କ୍ୟାମ୍ପ ପାଇଁ ମନୋନୀତ ହୋଇଥିଲେ। ଜାମସେଦପୁରରେ ଏହି କ୍ୟାମ୍ପ ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ଚାଲିଥିଲା। ଟିଏସଏଏଫର ବୈଷୟିକ ସହାୟତାକ୍ରମେ ପ୍ରି–ସିଲେକ୍ସନ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ୩୦ ଜଣଙ୍କ ମଧ୍ୟରୁ ୧୫ (୫ ବାଳିକା, ୧୦ ବାଳକ) ରୁଦୁଗାଇରା ଆରୋହଣ ପାଇଁ ମନୋନୀତ ହୋଇଥିଲେ।

### ଅଭିଯାତ୍ରୀ ଦଳ

ମୋନିକା ବେକ୍(ସମ୍ବଲପୁର), ସସ୍ମିତା ସାହୁ(ଜଗତସିଂହପୁର), ସଂଘମିତ୍ରା ଦଳାଇ(ଯାଜପୁର), ଲିପ୍ସାମୟୀ ଦୁବେ(କଳାହାଣ୍ଡି), କ୍ଷୀରୋଦିନୀ ବେହେରା (ଦେବଗଡ଼), ଚିନ୍ମୟ ମହାରଣା (ଖୋର୍ଦ୍ଧା), ଦେବଦତ୍ତ ସାମନ୍ତରାୟ (ଖୋର୍ଦ୍ଧା), ଧନପତି ବାଗ୍(କଳାହାଣ୍ଡି), ସୋମନାଥ ମୁଣ୍ଡାରୀ(ସୁନ୍ଦରଗଡ଼), ରାହୁଲ ପଧାନ(କଳାହାଣ୍ଡି), ରାଜେନ୍ଦ୍ର ମାଝି(କଳାହାଣ୍ଡି), ଜୟନାରାୟଣ ମହାକୁଡ଼ (ସମ୍ବଲପୁର), ସାନ୍ତା ସରଣ ପ୍ରଧାନ(ଗଞ୍ଜାମ), ଅନିମେଶ ସାହୁ(ଖୋର୍ଦ୍ଧା), ଚନ୍ଦନ କୁମାର ପ୍ରଧାନ(ବୌଦ୍ଧ)। ଟିମ୍ ଲିଡର: ଗଣେଶ ଚନ୍ଦ୍ର ଜେନା।




କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଫ୍ଲାଗ୍‌ଅଫ୍ କରି ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୩/୨୦୧୮ Bhubaneswar, Thursday, September 13/ 2018

# ଅନିଶ୍ଚିତତାରେ ପାଳିଆ ସେବକ ଡକରା ପରମ୍ପରା

**ପୁରୀ ଅଫିସ, ୧୨।୯**

ପରମ୍ପରା, ସେବାପୂଜାରେ ଭାରତର ଅନ୍ୟ ପ୍ରମୁଖ ମନ୍ଦିରଠାରୁ ଶ୍ରୀମନ୍ଦିର ସ୍ୱତନ୍ତ୍ର ଏବଂ ନିଆରା। ଦେଶର ଅନ୍ୟ ମନ୍ଦିରରେ ନୀତି କମ୍ ଏବଂ ଦର୍ଶନ ପାଇଁ ଅଧିକ ସମୟ ମିଳୁଥିବା ବେଳେ ଏହା ନୀତି ବହୁଳ ମନ୍ଦିର। ଅର୍ଥାତ୍ ଏଠାରେ ଦୈନନ୍ଦିନ ଅଧିକ ସମୟ ନୀତିରେ ବିତିଯାଏ। ସେହିଭଳି ଅନେକ ସ୍ୱାତନ୍ତ୍ରତା ବହନ କରୁଥିବା ଶ୍ରୀମନ୍ଦିରରେ ଏକ ନିଆରା ପରମ୍ପରା ରହିଆସିଛି। ତାହା ହେଉଛି ପାଳିଆ ସେବକଙ୍କୁ ଡାକିଯିବାର ପରମ୍ପରା। ଯେଉଁଦିନ ଯେଉଁ ପାଳିଆ ସେବକଙ୍କ ପାଳି ଥିବ ସେମାନଙ୍କ ଘରକୁ ଯାଇ ଚର୍ଚ୍ଚା ଡାକିଥାନ୍ତି। ତେବେ ବହୁ ପୁରୁଣା ଏହି ପରମ୍ପରା ଉପରେ ଏବେ ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି। ଶ୍ରୀମନ୍ଦିର ପରିଚାଳନାଗତ ମାମଲା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ଏହି ଡାକିବା ପରମ୍ପରା ବନ୍ଦ କରିବାକୁ ସୁପାରିସ କରିଛନ୍ତି। ସୁପ୍ରିମ୍‌କୋର୍ଟ ଯଦି ସବୁଜ ସଙ୍କେତ ଦିଅନ୍ତି ତେବେ ଖୁବ୍‌ଶୀଘ୍ର ଏହି ପରମ୍ପରା ବନ୍ଦ ହେବ। ଆଉ ଚର୍ଚ୍ଚାମାନଙ୍କୁ ସେବକଙ୍କ ଦୁଆରକୁ ଦୌଡିବାକୁ ପଡିବ ନାହିଁ।

ସେବକଙ୍କୁ ଡାକିଯିବା ପରମ୍ପରା କେବେଠାରୁ ପ୍ରଚଳିତ ତାହାର କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ। ମାତ୍ର ଏହା ବହୁ ପୁରୁଣା ପରମ୍ପରା। ଏହି ପରମ୍ପରା ପଛର କାରଣକୁ ନେଇ ମଧ୍ୟ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଏହି ମତ ଅନୁଯାୟୀ, ଜଣେ ପାଳିଆ ସେବାୟତ ମହାପ୍ରଭୁଙ୍କ ସେବା ପାଇଁ ମନ୍ଦିରକୁ ଗଲା ବେଳେ ବାଟରେ କେହି ତାଙ୍କୁ ଛୁଇଁଦେବାର ସମ୍ଭାବନା ରହିଛି। ଯଦି କୌଣସି ସେବକ ଛୁଆଁ ହୋଇଯାନ୍ତି ତେବେ ପୁଣି ଗାଧୋଇ, ପୋଷାକ ପତ୍ର ବଦଳାଇ ଯିବାକୁ ସମୟ ଲାଗିବ। ଏହାଦ୍ୱାରା ଠାକୁରଙ୍କ ନୀତିରେ ମଧ୍ୟ ବିଳମ୍ବ ହେବ। ତେଣୁ ଚର୍ଚ୍ଚାମାନେ ପାଳିଆ ସେବକମାନଙ୍କ ଘରକୁ ଆସି ସେମାନଙ୍କୁ ଏସକର୍ଟ କରି ମନ୍ଦିରକୁ ନେଇଯାଇଥାନ୍ତି। ଅନ୍ୟ ଏକ ମତ ଅନୁଯାୟୀ, ବହୁ ପୁରୁଣା କାଳରେ ପାଳିଆ ସେବକମାନଙ୍କ ସହିତ ଯୋଗାଯୋଗ କରିବା ଲାଗି କୌଣସି ମାଧ୍ୟମ ନ ଥିଲା। ସେମାନଙ୍କୁ ତାଙ୍କ ନୀତି ସମ୍ପର୍କରେ ଜଣାଇବା ଲାଗି ଏହି ଡାକିଯିବାର ପରମ୍ପରା ସୃଷ୍ଟି ହୋଇଥିଲା। ତେବେ ଆଜିର ବିକଶିତ ସମାଜରେ ଏହି ପୁରୁଣା ପରମ୍ପରା ରହିବାକୁ ଉଚିତ୍ ମନେ କରିନାହାନ୍ତି ତିନିଜଣିଆ କମିଟି। ଏହାକୁ ଉଚ୍ଛେଦ କରିବା ଲାଗି ସୁପାରିସ କରିଛନ୍ତି। ତେବେ ଏହି

**ସୁପ୍ରିମ୍‌କୋର୍ଟଙ୍କ ହାତରେ ନିଷ୍ପତ୍ତି**



ସୁପାରିସକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଦାସ ମହାପାତ୍ର କହିଛନ୍ତି, ଏହା ବହୁ ପୁରୁଣା ପରମ୍ପରା। ସ୍ୱତ୍ୱଲିପିରେ ଏହା ଉଲ୍ଲେଖ ରହିଛି। ଯଦି ଏହାକୁ ବନ୍ଦ କରି ଦିଆଯାଏ ତେବେ ଅସୁବିଧା ହେବ। ଏହାଦ୍ୱାରା ଦୈନନ୍ଦିନ ନୀତି, ଯାନିଯାତ୍ରା ଓ ସେବାପୂଜାରେ ବ୍ୟାଘାତ ଘଟିବ। କାରଣ ଦୈନନ୍ଦିନ ଯାହାର ପାଳି ରହୁଛି ସେମାନଙ୍କ କ୍ଷେତ୍ରରେ ଏହା କିଛି ପ୍ରଭାବ ପକାଇବ ନାହିଁ। କିନ୍ତୁ ଏମିତି କେତେଜଣ ସେବକ ଅଛନ୍ତି ଯାହାଙ୍କ ସେବା ମାସକୁ କି ଦୁଇ ମାସକୁ ୨/୪ ଦିନ ପଡେ। ସେମାନେ କେଉଁଦିନ ତାଙ୍କ ପାଳି ପଡୁଛି ଜାଣିପାରିବେ ନାହିଁ। ତେଣୁ ଏମାନଙ୍କୁ ଡାକିଯିବାକୁ ପଡିବ। ଯଦି ବନ୍ଦ ହେବ ତେବେ ଏହାର ବିକଳ୍ପ ବାହାର କରାଯିବା ଦରକାର। ବଡୁ ସୁଆର ନିଯୋଗ ସମ୍ପାଦକ ବିଶ୍ୱନାଥ ସାମନ୍ତରା କହିଛନ୍ତି, ପ୍ରତ୍ୟେକ ପରମ୍ପରା ପଛରେ ଏକ କାରଣ ରହିଛି। ଏହି କାରଣକୁ ତର୍ଜମା ନ କରି ବନ୍ଦ କରିଦେବା ଅନୁଚିତ। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, କମିଟିର ଏହି ସୁପାରିସ ସ୍ୱାଗତଯୋଗ୍ୟ। ଏହା କାର୍ଯ୍ୟକାରୀ ହେବା ଦରକାର। ଯଦି କେହି ଜଣେ ସରକାରୀ ଚାକିରି କରିଛନ୍ତି ତେବେ ସେ ସଚେତନ ହୋଇ ତାଙ୍କ କାର୍ଯ୍ୟସ୍ଥଳକୁ ଯାଉଛନ୍ତି। ତାଙ୍କୁ କେହି ଡାକି ନ ଥାନ୍ତି। ସେବାୟତମାନଙ୍କୁ ମହାପ୍ରଭୁଙ୍କ ସେବାପୂଜା ପାଇଁ ଦୈନିକ ପାଳିଆ ପୁରସ୍କାର ଦିଆଯାଉଛି। ତେଣୁ ସେମାନେ ମଧ୍ୟ ସଚେତନ ହୋଇ ତାଙ୍କ କାର୍ଯ୍ୟ କରିବା ଉଚିତ।

**ଅପରେଶନ ପରୀ-୨ରେ ୧୪୯୭ ଶିଶୁ ଉଦ୍ଧାର**

# ୮ ରାଜ୍ୟକୁ ଯିବ କ୍ରାଇମବ୍ରାଞ୍ଚର ୮ ଟିମ୍

**କଟକ ଅଫିସ, ୧୨।୯**

ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଅପରେଶନ ପରୀ-୨ ଜାରି ରହିଛି। ମଙ୍ଗଳବାର ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରୁ ୧୪୯୭ ପିଲାଙ୍କୁ ଉଦ୍ଧାର କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବାହାର ରାଜ୍ୟକୁ ଯିବ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍। ଜଣେ ଇନ୍ସପେକ୍ଟର ର୍‍ୟାଙ୍କ୍‌ର ଅଫିସରଙ୍କ ନେତୃତ୍ୱରେ ୮ଟି ଟିମ୍ ଗଠନ କରାଯାଇଛି। ଏସବୁ ଟିମ୍ ମହାରାଷ୍ଟ୍ର, ତେଲେଙ୍ଗାନା, ତାମିଲ୍‌ନାଡୁ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ସମେତ ୮ଟି ରାଜ୍ୟକୁ ଯାଇ ନିଖୋଜ ପିଲାଙ୍କୁ ଖୋଜିବ। ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ବୁଧବାର କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ କ୍ରାଇମବାଞ୍ଚର ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିବା ସହ ଅପରେଶନ ଯୋଜନା ସମ୍ପର୍କରେ କହିଥିଲେ। ଶିବିରରେ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ସମେତ ଶ୍ରମ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ସଦସ୍ୟମାନେ ଯୋଗଦେଇଥିଲେ।







ORISSA: BHUBANESWAR: Highway Honda, 7873999819, 7873999907, Lewis Road 7873999881; Central Honda, 8599005859, 9078000333; CUTTACK: Highway Honda, 7873999977, 7873999603; JAJPUR: Highway Honda, 7873999614; ROURKELA: Krishna Honda, 7852941115, 7852941758; SAMBALPUR: Central Honda, 7682857806, 7077732222, 0663-6550120; ANGUL: Central Honda, 8599005896; 8599005921

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମୃତ୍ୟୁକୁ ଶାସ୍ତି ବୋଲି କୁହାଯାଇଥାଏ, କିନ୍ତୁ କେତେଜଣ ଲୋକଙ୍କ ପାଇଁ ଏହା ଦୟା।
- ସେନେକା



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ଖୁଣ୍ଟୁଣୀ,୧୨।୯(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ରାଧାଦାମୋଦରପୁର ଶିକ୍ଷାଞ୍ଚଳ ସମ୍ମୁଖ ୫୫ନଂ. ଜାତୀୟ ରାଜପଥ ଉପରୁ ବୁଧବାର ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସେ ଜଣେ ମାନସିକ ବିକାଶଗ୍ରସ୍ତ ବ୍ୟକ୍ତି ହୋଇଥିବାବେଳେ ସ୍ଥାନୀୟ ବଜାର ଓ ଆଖପାଖ ରାସ୍ତାରେ ବୁଲାବୁଲି କରନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ନିଆଯାଇ କଟକ ବଡ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ୩ ଦିନ ପାଇଁ ରଖାଯାଇଛି ବୋଲି ଆଇଆଇସି ସତ୍ୟବ୍ରତ ଲେଙ୍କା କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦୯/୧୮) ରୁଜୁ ହୋଇଛି।

### ନର୍ସିଂହୋମରୁ ନାବାଳକ ନିଖୋଜ

କଟକ ଅଫିସ୍, ୧୨।୯: କଟକରେ ଥିବା ଏକ ଘରୋଇ ନର୍ସିଂହୋମରୁ ବୁଧବାର ବିଡାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳର ଅନୁରାଗ ଟିଗ୍ଗସ୍ (୧୬) ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ପରିବାର ଲୋକେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୋଜାଖୋଜି ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଅନୁରାଗଙ୍କ ମସ୍ତିଷ୍କ ଠିକ୍ ଭାବେ କାମ କରୁ ନ ଥିବାରୁ କିଛିଦିନ ତଳେ ପରିବାର ଲୋକ ତାଙ୍କୁ ମଙ୍ଗଳାବାଗ ଅଞ୍ଚଳରେ ଥିବା ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିବାବେଳେ ବୁଧବାର ଅପରାହ୍ନ ୩ଟାରେ କେଉଁଆଡେ ପଳାଇ ଯାଇଛନ୍ତି। ପରିବାର ଲୋକ ନର୍ସିଂହୋମ ପରିସର ଏବଂ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ।

### ବଧୂ ହତ୍ୟା ଅଭିଯୋଗ

ଖୁଣ୍ଟୁଣୀ,୧୨।୯(ଡି.ଏନ୍.ଏ.) ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଛ'ଗାଁରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ବିଷ ପିଆଇ ମାରିଦେଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତା ମହିଳା ଜଣକ ହେଉଛନ୍ତି ବବିତା ସ୍ୱାଇଁ (୩୦)। ବାପା ଶଶାଙ୍କ ଗାଁର ସୁକାନ୍ତ ରାଉତଙ୍କ ଅଭିଯୋଗ ଅନୁସାରେ, ଗତ ୬ବର୍ଷ ତଳେ ସେ ତପନ ସ୍ୱାଇଁଙ୍କୁ ବିବାହ କରିଥିଲେ। ଶାଶୁ ଅନୁସ୍ୱାଇଁ ଓ ସ୍ୱାଇଁ ତପନ ତାଙ୍କ ଝିଅକୁ ବିଷ ଦେଇ ମାରିଦେଇଥିବା ସୁକାନ୍ତ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ମଧ ବିଳମ୍ବିତ ରାତି ଯୋଗୁ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏ ସଂକ୍ରାନ୍ତରେ ଥାନାରେ ମାମଲା (ନଂ.୮୭/୧୮) ରୁଜୁ ହୋଇଥିବା ଥାନାଧିକାରୀ ବିଜୟ କୁମାର ବିଶି କହିଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଟାଙ୍ଗୀ(କଟକ)୧୨।୯(ଡି.ଏନ୍.ଏ.): ବୁଧବାର ପୋଖରୀରେ ବୁଡ଼ି ଟାଙ୍ଗୀ ଥାନା ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତ ତେଲିଆପଡା ଗ୍ରାମର ଗୌରାଙ୍ଗ ଚରଣ ସ୍ୱାଇଁ(୬୬)ଙ୍କ ମୃତ୍ୟୁ ଘଟିଛି। ସେ ସକାଳେ ଗ୍ରାମସ୍ଥିତ ମଠ ପୋଖରୀରେ ଗାଧୋଉଥିବାବେଳେ ପାଦ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀ ନିକଟକୁ ଆସିବାବେଳେ ବୃଦ୍ଧ ଜଣଙ୍କ ପାଣିରେ ଭାସୁଥିବା ଦେଖିଥିଲେ। ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଗୌରାଙ୍ଗଙ୍କୁ ପାଣିରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୧୮) ରୁଜୁ କରିଛି।

## ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

# ନିଆଁରେ ପୋଡ଼ି ମାରି ଦେଇଥିବା ଅଭିଯୋଗ

**ସତ୍କାର ବେଳେ ପୋଲିସ ଜବତ କରିଥିଲା ମୃତଦେହ**

ଚୌଦ୍ୱାର,୧୨।୯ (ଡି.ଏନ.ଏ.)

ନିଆଁରେ ପୋଡି ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଞ୍ଜୁ ଜେନା ନାମ୍ନୀ ମହିଳାଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ମହିଳାଙ୍କ ଶାଶୁଘର ଲୋକେ ସତ୍କାର ପାଇଁ ଗ୍ରାମ ଶ୍ମଶାନକୁ ନେଇଥିଲେ। ଅନ୍ୟପକ୍ଷରେ ବେଞ୍ଜୁଙ୍କୁ ସ୍ୱାମୀ ପୋଡି ମାରିଦେଇଥିବା ତାଙ୍କ ସାନଭାଇ ନୃସିଂହ ବେଜ ବୁଧବାର ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଶ୍ମଶାନରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏପରି ଘଟଣା ଦେଖିବାକୁ ମିଳିଛି ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ଗ୍ରାମରେ। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ବଡଚଣା ଥାନା ଅଧୀନ ଶକୁନ୍ତଳାପୁର ଗ୍ରାମର ବେଞ୍ଜୁଙ୍କୁ ୨୭ବର୍ଷ ତଳେ ଆଗ୍ରାହାଟ ଗ୍ରାମର ବାସୁଆ ଜେନା ବିବାହ କରିଥିଲେ। ଏହାପରେ ବେଞ୍ଜୁ ଓ ବାସୁଆଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳିଝଗଡା ଲାଗୁଥିଲା। ଗତ ୨ ତାରିଖ ରାତିରେ ଷ୍ଟୋଭରୁ ନିଆଁ ଲାଗି ବେଞ୍ଜୁ ପୋଡି ହୋଇଯାଇଛନ୍ତି। ଚିକିତ୍ସାଲାଗି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ନେଇ ବେଞ୍ଜୁଙ୍କ ଶାଶୁଘର ଲୋକେ ନୃସିଂହଙ୍କୁ ଫୋନ୍‌ରେ ଜଣାଇଥିଲେ। ଏଥିରେ ବାସୁଆ ମଧ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ବେଞ୍ଜୁଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ଉକ୍ତ ଦିନଠାରୁ ଚିକିତ୍ସାଧୀନ ଥିବା ବେଞ୍ଜୁଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା। ବୁଧବାର ବ୍ୟବଚ୍ଛେଦ ପରେ ବାସୁଆଙ୍କ ପରିବାର ଲୋକେ ମୃତଦେହ ଆଣି ଗ୍ରାମ ଶ୍ମଶାନରେ ସତ୍କାର କରୁଥିଲେ। ସେହି ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏ ନେଇ ଆଇଆଇସି ଯତୀନ୍ଦ୍ର ନାଥ ସେଠୀ କୁହନ୍ତି, ପାରିବାରିକ କଳହକୁ ନେଇ ମହିଳାଙ୍କୁ ତାଙ୍କ ସ୍ୱାମୀ ନିଆଁରେ ପୋଡି ମାରିଦେଇଛନ୍ତି। ଏ ନେଇ ମହିଳାଙ୍କ ଭାଇ ନୃସିଂହ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଫୋର୍ସ ସହ ଆମେ ଶ୍ମଶାନରେ ପହଞ୍ଚିଥିଲୁ। ସେଠାରେ ମୃତଦେହ ଜବତ କରି ଘଟଣା ସମ୍ପର୍କରେ ମହିଳାଙ୍କ ଶାଶୁଘର ଲୋକଙ୍କୁ ପଚରାଉଚରା କରିଥିଲୁ। ଉକ୍ତ ଅଭିଯୋଗର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ। ଏଥିରେ ଆମର ହସ୍ତକ୍ଷେପ ପରେ ମୃତଦେହ ସତ୍କାର କରାଯାଇଥିଲା।

## ନରସିଂହପୁର ଓକିଲ ସଂଘ ନିର୍ବାଚନ

# ସଭାପତି ସରୋଜ, ସମ୍ପାଦକ ନିର୍ମଳେନ୍ଦୁ



ସରୋଜ କୁମାର ସାହୁ।



ନିର୍ମଳେନ୍ଦୁ ମିଶ୍ର।

ନରସିଂହପୁର,୧୨।୯ (ସ୍ୱ.ପ୍ର./ଡି.ଏନ୍.ଏ.): ନରସିଂହପୁର ଓକିଲ ସଂଘ ତରଫରୁ କର୍ମକର୍ତ୍ତା ନିର୍ବାଚନ ବୁଧବାର ଶେଷ ହୋଇଯାଇଛି । ଏଥିରେ ସଭାପତିଭାବେ ଆଡଭୋକେଟ ସରୋଜ କୁମାର ସାହୁ ଓ ସମ୍ପାଦକ ଭାବେ ନିର୍ମଳେନ୍ଦୁ ମିଶ୍ର ନିର୍ବାଚିତ ହୋଇଛନ୍ତି । ସେହିପରି ଉପ ସଭାପତିଭାବେ ପ୍ରକାଶ କୁମାର ମହାପାତ୍ର, ସହ ସମ୍ପାଦକଭାବେ ଦେବଦତ୍ତ ମଳୟ କୁମାର ବରାଳ ଓ ଗ୍ରନ୍ଥାଗାର ଭାବେ ପବିତ୍ର କୁମାର ଘୋଷ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଓକିଲ ସଂଘ ପାଠାଗାର ଗୃହରେ ଏହି ଭୋଟ ଦାନ କରାଯାଇଥିବାବେଳେ ଆଇନଜୀବୀ ବୀରକିଶୋର ଦେହୁରୀ ନିର୍ବାଚନ ପରିଚାଳନା କରିଥିଲେ । ୬୩ ଜଣ ଆଇନଜୀବୀ ଏଥିରେ ମତଦାନ କରିଥିଲେ ।

## ସରଳା ଦେବୀ ସ୍ମୃତି ସମାରୋହ

# ଜୟନ୍ତୀ ପଟ୍ଟନାୟକ ପାଇଲେ ସରଳା ଦେବୀ ସ୍ମୃତି ସମ୍ମାନ



ସମାରୋହରେ ଲେଖିକା ଜୟନ୍ତୀ ପଟ୍ଟନାୟକଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ,୧୨।୯

ଭାରତୀୟ ମୁକ୍ତି ସଂଗ୍ରାମକୁ ସରଳା ଦେବୀଙ୍କ ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର ଅଗ୍ନିବର୍ଷା ଭାଷଣ ମୁକ୍ତି ସଂଗ୍ରାମକୁ ପ୍ରଜ୍ୱଳିତ କରିଥିଲା। ସେ ଥିଲେ ପ୍ରଗତିଶୀଳ ବ୍ୟକ୍ତିତ୍ୱ ଓ ଓଡ଼ିଆ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା। ସ୍ୱାଧୀନତା ସଂଗ୍ରାମୀ ତଥା ଯଶସ୍ୱିନୀ ଲେଖିକା ସରଳା ଦେବୀଙ୍କ ସ୍ମୃତିରେ ବୁଧବାର ସାରଳା ଭବନଠାରେ ଆୟୋଜିତ ସାରସ୍ୱତ ସମାରୋହକୁ ରାଜ୍ୟପାଳ ଗଣେଶୀ ଲାଲ ଉଦ୍‌ଘାଟନ କରି ଏହା କହିଥିଲେ। ସରଳା ଦେବୀ ସ୍ମୃତି ସଂସଦ ସଭାପତି ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଲେଖିକା ପଦ୍ମଶ୍ରୀ ପ୍ରତିଭା ରାୟ, ଜ୍ଞାନପୀଠ ବିଜେତା କବି ପଦ୍ମବିଭୂଷଣ ଡ. ସୀତାକାନ୍ତ ମହାପାତ୍ର, ଅଧ୍ୟାପକ ବିଶ୍ୱ ରଞ୍ଜନ, ଗାଳ୍ପିକ ବିଜୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ଏମ୍‌ପି ତଥା ଲେଖିକା ଜୟନ୍ତୀ ପଟ୍ଟନାୟକଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର ବିବରଣୀ ପାଠ ଓ ଆଇନଜୀବୀ ଧରଣୀଧର ନାୟକ ଧନ୍ୟବାଦ ଦେଇଥିଲେ।

# ଆଇନଜୀବୀଙ୍କ ଆନ୍ଦୋଳନ ୫ଦିନ ବୃଦ୍ଧି

କଟକ ଅଫିସ,୧୨।୯

ମାଡ଼ ଘଟଣାକୁ ନେଇ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ହୋଇପାରୁନି। ଗତ ୨୯ ତାରିଖରୁ ଆଇନଜୀବୀ ସଂଘ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଇତିମଧ୍ୟରେ ଆଉ ୫ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ବୁଧବାର ପର୍ଯ୍ୟନ୍ତ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଥିଲା। ଅପରାହ୍ନରେ ହାଇକୋର୍ଟ ପରିସରରେ ଏକ ସାଧାରଣ ପରିଷଦ ବୈଠକ ବସିଥିଲା। ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ଏବେ ଦିଲ୍ଲୀ ଗସ୍ତରେ ଅଛନ୍ତି। ସେ ଫେରିବା ପରେ ଆଇନଜୀବୀ ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟିବେ। ଏହା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଗତ ୨୮ ତାରିଖ ଅପରାହ୍ନରେ କଟକ ଚାଉଳିଆଗଞ୍ଜ ଥାନା ନିକଟରେ ହାଇକୋର୍ଟ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ବାଇକ୍ ସହ ଅନ୍ୟ ଏକ ବାଇକ୍‌ର ଧକ୍କା ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ତେବେ ଆଇନଜୀବୀମାନେ କଟକ ଡିସିପିଙ୍କ ବଦଳି ଓ ଥାନାଧିକାରୀଙ୍କ ଗିରଫ ଦାବି କରି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ତେବେ ଆନ୍ଦୋଳନ ଯୋଗୁ ସାରା ରାଜ୍ୟର କୋର୍ଟ କାର୍ଯ୍ୟ ଅଚଳ ହୋଇପଡିଛି। ବିଚାର ପ୍ରକ୍ରିୟା ପ୍ରଭାବିତ ହୋଇଥିବାବେଳେ ନ୍ୟାୟ ବିଳମ୍ବ ହେଉଛି। ଏପରିସ୍ଥଳେ ରାଜ୍ୟ ସରକାର ନୀରବ ରହୁଥିବାରୁ ବିଭିନ୍ନ ମହଲରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି ଯେ, ତଦନ୍ତ ପରେ ୩ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏହାସତ୍ତ୍ୱେ ଆଇନଜୀବୀମାନେ ସନ୍ତୁଷ୍ଟ ନ ହୋଇ ହାଇକୋର୍ଟରେ ମାମଲା କରିଛନ୍ତି। ପୋଲିସ ମଧ କୋର୍ଟରେ ଉତ୍ତର ରଖିଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ଏବେ ପୋଲିସ ବିଭାଗର ଆଉ କିଛି କରିବାର ନାହିଁ। ଏପରିସ୍ଥଳେ ଆଇନଜୀବୀ ସଂଘ ନିଜ ଜିଦରେ ଅଟଳ ରହି ଆନ୍ଦୋଳନକୁ ବଢ଼ାଉଥିବାରୁ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ନିର୍ଯାତନାର ଶିକାର ହୋଇ ନ୍ୟାୟ ଅପେକ୍ଷାରେ ଥିବା ସସ୍ମିତା ସାହୁ କୁହନ୍ତି, ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ବିବାଦ ପାଇଁ ପୂରା ନ୍ୟାୟିକ ବ୍ୟବସ୍ଥାକୁ ଅଚଳ କରାଯିବା ଠିକ୍ ନୁହେଁ। ଏଥିଯୋଗୁ ମୋ ଭଳି ଶହ ଶହ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସାଧାରଣ ଲୋକଙ୍କ ନ୍ୟାୟିକ ଅଧିକାର କ୍ଷୁଣ୍ଣ ହେବା ଆଉ ଏକ ଅପରାଧ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ କ୍ଷେତ୍ରରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ।

# ଦାଦାବଟି ମାଗିବା, ହତ୍ୟା ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

କଣ୍ଟାପଡା,୧୨।୯(ଡି.ଏନ୍.ଏ.)

ଦାଦାବଟି ମାଗିବା ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଗୋବିନ୍ଦପୁର ପୋଲିସ ସ୍ଥାନୀୟ ବ୍ରାହ୍ମଣବାଟି ଗ୍ରାମର ବାବନ ପାତ୍ରଙ୍କୁ ବୁଧବାର ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବ୍ରାହ୍ମଣବାଟୀ ଗ୍ରାମର ରଶ୍ମିରଞ୍ଜନ ପାତ୍ର କଣ୍ଟାପଡା ତହସିଲ ଅଧୀନ ଦେବୀନଦୀର ପୂର୍ବପାରି ବଡଖରମଙ୍ଗା ବାଲିଘାଟକୁ ଲିଜ୍ ସୂତ୍ରରେ ନେଇଛନ୍ତି। ରଶ୍ମିଙ୍କ ସାନଭାଇ ପ୍ରଭୁରଞ୍ଜନ ପାତ୍ର ଉକ୍ତ ବାଲିଘାଟର ଦେଖାଶୁଣା କରିଥାନ୍ତି। ଗତ ଅଗଷ୍ଟ ୨ ତାରିଖରେ ବାବନ ଉକ୍ତ ବାଲିଘାଟରେ ପହଞ୍ଚି ୧ ଲକ୍ଷ ଟଙ୍କା ଦାଦାବଟି ଦେବା ପାଇଁ କହିଥିଲେ। ବଟି ନ ଦେଲେ ଘାଟରେ ଲାଗିଥିବା ଗାଡିକୁ ପୋଡି ଦେବେ ବୋଲି ଧମକ ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ରଶ୍ମି ଗୋବିନ୍ଦପୁର ଥାନାରେ ମୌଖିକ ଭାବେ ଜଣାଇଥିଲେ। ଅଗଷ୍ଟ ୧୦ ତାରିଖ ସକାଳେ ବାବନ ଘାଟରୁ ବାଲି ନେଉଥିବା ୪ଟି ଗାଡିକୁ ଅଟକାଇ ଚାଳକମାନଙ୍କଠାରୁ ୱାଇଫର୍ମ ଛଡାଇନେଇ ଟଙ୍କା ମାଗିଥିଲେ। ସେଠାରେ ପ୍ରଭୁରଞ୍ଜନ ଓ ତାଙ୍କ ସାନଭାଇ ରଜତ ଘଟଣାସ୍ଥଳରେ ପହଞ୍ଚି ବାବନଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ବାବନ ଏକ ବନ୍ଧୁକ ବାହାର କରି ପ୍ରଭୁଙ୍କ ପାଟିଭିତରେ ପୂରାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣାସ୍ଥଳରେ କିଛି ଲୋକ ପହଞ୍ଚିଥିବା ଦେଖି ବାବନ ସେଠାରୁ ପଳାଇ ଯାଇ ଏକ ଲୁହାରଡରେ ତାଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ତେବେ ପ୍ରଭୁ ଜୀବନ ବିକଳରେ ସେଠାରୁ ଦୌଡି ପଳାଇ ଯାଇଥିଲେ। ଏ ନେଇ ପ୍ରଭୁ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୭୪/୧୮ରୁଜକରି ତଦନ୍ତ ଚାଲୁ ରଖିଥିବାବେଳେ ବାବନ ସେହିଦିନଠାରୁ ଫେରାର ଥିଲା। ପୁନର୍ବାର ଗତ ୩ତାରିଖ ପୂର୍ବାହ୍ନ ୧୧ଟାରେ ରଜତ ବାଇକ୍‌ରେ ଯାଉଥିବାବେଳେ ବାବନ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତେବେ ଖଣ୍ଡାଟି ତାଙ୍କ ଦେହରେ ନ ବାଜି ଗାଡି ପଛରେ ବାଜିଥିଲା। ରଜତ ଗାଡିଛାଡି ସେଠାରୁ ଦୌଡି ପଳାଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ କେସ୍ ନଂ. ୮୩/୧୮ ରୁଜୁ କରିଥିଲା। ବାବନ କଟକରେ ଥିବା ଜାଣିପାରି ଗୋବିନ୍ଦପୁର ପୋଲିସ ତାଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଥିଲା। ସୂଚନାଯୋଗ୍ୟ, ବାବନଙ୍କ ନାମରେ ଗୋବିନ୍ଦପୁର ଥାନାରେ ଏକାଧିକ ମାମଲା ରହିଛି।

# କଟକରେ ସାଇକେଲ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ, ୧୨।୯

ବାଲେଶ୍ୱର ଜିଲାର ବାଲିଆପାଳଠାରୁ ବାହାରିଥିବା ବାଘାଯତୀନ ସ୍ମୃତି ପରିଷଦର ସାଇକେଲ ଯାତ୍ରୀଙ୍କୁ ବୁଧବାର କଟକ ବାଦାମବାଡି ଟ୍ରାଫିକ ଛକରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟରେ ମଦ ପ୍ରସାର ଓ ପ୍ରଚଳନ ବନ୍ଦ କରିବା, ମା' ମାଟିର ସୁରକ୍ଷା, ପରିବେଶର ସନ୍ତୁଳନ ପାଇଁ ସାଇକେଲ ବ୍ୟବହାର, କୃଷିରେ ଜୈବିକ ଖତର ବ୍ୟବହାର ଆଦି ପ୍ରସଙ୍ଗକୁ ନେଇ ସେମାନେ ଗତ ୧୦ ତାରିଖରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ବାଲିଆପାଳରୁ ବାହାରି ପୁରୀର ବକ୍ସିଜଗବନ୍ଧୁ ପୀଠ ପର୍ଯ୍ୟନ୍ତ ଯିବ। ଅରବିନ୍ଦ ବେହେରା,କ୍ଷୀତିଶ ଜେନା, ମନ୍ମଥ ପାତ୍ର, ସରୋଜ କୁମାର ଦାସ ଏହି ଯାତ୍ରାର ନେତୃତ୍ୱ ନେଉଛନ୍ତି। ଏହି ସମ୍ବର୍ଦ୍ଧନା ସମୟରେ ଉତ୍କଳ ସର୍ବୋଦୟ ମଣ୍ଡଳ ଓ ନିଶାନିବାରଣ ଅଭିଯାନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ଇନ୍ଦୁମତୀ ସାହୁ, ମାଳତି ପାତ୍ର, କୈଳାସ ସାହୁ, କ୍ଷୀରୋଦ ରାଉତ, କୈଳାସ ରାଉତ ଓ ଶଙ୍କର୍ଷଣ ପାତ୍ର ପ୍ରଭୃତି ଉପସ୍ଥିତ ରହି ସ୍ୱାଗତ କରିଥିଲେ।

# ହାଇକୋର୍ଟଙ୍କ ଗାଇଡ୍‌ଲାଇନ ଉଲ୍ଲଂଘନ କଲେ କଲ୍ୟାଣମଣ୍ଡପ ଲାଇସେନ୍ସ ନବୀକରଣ ବନ୍ଦ

କଟକ ଅଫିସ, ୧୨।୯

କଟକରେ କଲ୍ୟାଣମଣ୍ଡପକୁ ନେଇ ହାଇକୋର୍ଟରେ ଏକ ମିସ୍‌କେସ୍ ରୁଜୁ ହେବା ପରେ ସିଏମସି ତତ୍ପର ହୋଇଉଠିଛି। ଗତ ୫ ତାରିଖରେ ସିଏମ୍‌ସି କମିଶନର କଲ୍ୟାଣମଣ୍ଡପ ଲାଇସେନ୍ସ ପ୍ରଦାନ ସମ୍ପର୍କରେ ଏକ ସ୍ୱତନ୍ତ୍ର ଆଦେଶନାମା ଜାରି କରିଛନ୍ତି। ହାଇକୋର୍ଟ ଜାରି କରିଥିବା ଗାଇଡ୍‌ଲାଇନକୁ ଉଲଂଘନ କରୁଥିବା କୌଣସି ମଣ୍ଡପକୁ ନବୀକରଣ କରାଯିବ ନାହିଁ। ଏହି ମଣ୍ଡପଗୁଡିକୁ ବନ୍ଦ କରିବାକୁ ଆଦେଶନାମାରେ ଉଲ୍ଲେଖ କରାଯାଇଛି। କଟକରେ କଲ୍ୟାଣମଣ୍ଡପ ଲାଇସେନ୍ସ ପ୍ରଦାନରେ ଆଇନ ଉଲ୍ଲଂଘନ କରାଯାଇଥିବା ନେଇ ଆମିକସକ୍ୟୁରୀ ଅରୁଣ କୁମାର ବୁଦ୍ଧିଆ ଗତ ୩ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୫ରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଗାଇଡଲାଇନ ଜାରି କରିବା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଆଡଭୋକେଟ୍ ବୁଦ୍ଧିଆଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ସିଏମ୍‌ସି କର୍ତ୍ତୃପକ୍ଷ ଏବଂ ଡିସିପିଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, କଲ୍ୟାଣ ମଣ୍ଡପଗୁଡ଼ିକର ତଦାରଖ କରିବା ପାଇଁ ସିଏମ୍‌ସି ଏକ ସବ୍‌କମିଟି ଗଠନ କରିବ। ଏଥିରେ ଆଡ୍‌ଭୋକେଟ ବୁଦ୍ଧିଆ ସଦସ୍ୟ ରହିବେ। ଏହି ସବ୍‌କମିଟି କଲ୍ୟାଣ ମଣ୍ଡପଗୁଡ଼ିକ ନିରୀକ୍ଷଣ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ। ମାତ୍ର ଦୀର୍ଘଦିନ ହେବ ସିଏମ୍‌ସି ସବ୍‌କମିଟିର ପରାମର୍ଶ ନ ନେଇ ଲାଇସେନ୍ସ ପ୍ରଦାନ କରୁଥିବା ଓ ସିଲ୍ କଲ୍ୟାଣମଣ୍ଡପକୁ ପୁଣି ଖୋଲିବାକୁ ଅନୁମତି ଦେଉଥିବା ବୁଦ୍ଧିଆ ନିଜ ପଟିଶନରେ ଉଲ୍ଲେଖ କରିଛନ୍ତି। କଲ୍ୟାଣମଣ୍ଡପ ଲାଇସେନ୍ସ ପ୍ରଦାନରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଆଣି ଏହାର ତଦନ୍ତ ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବାକୁ ଦାବି କରିଛନ୍ତି।

# ଛାତ୍ରୀଙ୍କୁ ବସ୍‌ରେ ଅସଦାଚରଣ

## କଣ୍ଡକ୍ଟରଙ୍କୁ ମାଡ଼ ମାରି ପୋଲିସ ଜିମା ଦେଲେ ଲୋକେ

କଟକ ଅଫିସ, ୧୨।୯

କଟକରେ ବୁଧବାର ବସ୍ ଭିତରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଛନ୍ତି ବସ୍‌ର କଣ୍ଡକ୍ଟର। ଏ ସମ୍ପର୍କରେ ଜଣାପଡିବା ପରେ ସ୍ଥାନୀୟ ଲୋକେ ଉକ୍ତ କଣ୍ଡକ୍ଟରଙ୍କୁ ନିସ୍ତୁକ ମାଡ ମାରି ପୋଲିସ ଜିମା ଦେଇଛନ୍ତି। ଛାତ୍ରୀ ଜଣଙ୍କ କଟକ ବିଡାନାସୀ ଅଞ୍ଚଳର ହୋଇଥିବାବେଳେ ସେ କଟକରେ ଥିବା ଏକ ଘରୋଇ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପଢୁଛନ୍ତି। ସୂଚନା ଅନୁଯାୟୀ, ଛାତ୍ରୀ ଜଣଙ୍କ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ବୁଧବାର ମଧ୍ୟାହ୍ନରେ ଭୁବନେଶ୍ୱରରୁ ବସ୍‌ରେ କଟକ ଆସୁଥିଲେ। ବସ୍ ଭିତରେ କେତେଜଣ ଯୁବତୀ ଏବଂ ମହିଳା ଠିଆ ହୋଇଥିଲେ। ବସ୍‌ରେ ଭିଡ ଥିବାରୁ କଣ୍ଡକ୍ଟର ସେମାନଙ୍କୁ ପଛକୁ ଯିବା ପାଇଁ କହିବା ଆଳରେ ମହିଳା ଓ ଯୁବତୀଙ୍କ ଦେହରେ ହାତ ଲଗାଉଥିଲେ। ବସ୍‌ଟି କଟକ ଲିଙ୍କରୋଡ ପହଞ୍ଚିବା ପରେ ଯୁବତୀ ଓ ମହିଳାମାନେ ଓହ୍ଲାଇବା ବେଳେ କଣ୍ଡକ୍ଟର ସେମାନଙ୍କ ଦେହରେ ନ ଜାଣିବା ଭଳି ପୁଣି ହାତ ଲଗାଉଥିଲେ। ଉକ୍ତ ଛାତ୍ରୀଙ୍କ ଦେହରେ ହାତ ଲଗାଇବାରୁ ସେ ଏହାର ବିରୋଧ କରିଥିଲେ। ଏହାକୁ ନେଇ କଣ୍ଡକ୍ଟର ଏବଂ ଯୁବତୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ଜଣଙ୍କ ଲୋକଙ୍କୁ ଜଣାଇବାରୁ ଲୋକମାନେ କଣ୍ଡକ୍ଟରଙ୍କୁ ଧରି ନିସ୍ତୁକ ମାଡ ମାରିଥିଲେ। ମଧୁପାଟଣା ପୋଲିସ ଉକ୍ତ କଣ୍ଡକ୍ଟରଙ୍କୁ ଥାନାରେ ଅଟକ ରଖିଛି।



କଟକ ରାଣୀହାଟ ରାସ୍ତା ପାର୍ଶ୍ୱରେ ଗଣେଶ ପୂଜାସ୍ଥଳକୁ ସଜ୍ଜିତ କରିବା ପାଇଁ ବାଉଁଶରେ ପ୍ରସ୍ତୁତ ତୋରଣଗୁଡ଼ିକୁ ବିକ୍ରି ପାଇଁ ରଖାଯାଇଛି।



କଟକ ରାଣୀହାଟ ରାସ୍ତା ପାର୍ଶ୍ୱ ଏକ ଦୋକାନରୁ ଗଙ୍ଗାମାଟିରେ ପ୍ରସ୍ତୁତ ଗଣେଶ ପ୍ରତିମାକୁ ଜଣେ ଗ୍ରାହକ କିଣୁଛନ୍ତି।



ଗଣେଶ ପୂଜା ପାଇଁ କଟକ ଚୌଧୁରୀ ବଜାରସ୍ଥିତ ଦୋକାନଗୁଡ଼ିକରେ ପୂଜା ସାମଗ୍ରୀ କିଣିବାକୁ ଲୋକଙ୍କ ଗହଳି।



ତେଲେଙ୍ଗାନାରେ ମଙ୍ଗଳବାର ମର୍ମନ୍ତୁଦ ରାସ୍ତା ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର୍‌ଙ୍କୁ ଗତମାସ ଶ୍ରେଷ୍ଠ ଗାଡ଼ି ଚାଳକ ଭାବେ ରାଜ୍ୟ ସରକାରଙ୍କ ତରଫରୁ ସମ୍ମାନିତ କରାଯାଇଥିଲା। ଦୁର୍ଘଟଣାର ଦିନକ ପରେ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି। ଏଭଳି ଜଣେ ଦକ୍ଷ ଚାଳକଙ୍କ ଦ୍ୱାରା କିଭଳି ଏତେସଂଖ୍ୟକ ଜୀବନ ଗଲା ତାହାକୁ ନେଇ ଏବେ ଆଲୋଚନା ଚାଲିଛି। ବୁଧବାର ଆଉ ଜଣେ ଆହତ ମହିଳାଙ୍କ ମୃତ୍ୟୁ ହେବା ସହ ମୃତ୍ୟୁସଂଖ୍ୟା ୫୮ରେ ପହଞ୍ଚିଛି।



## ସଂକ୍ଷେପରେ

ଦିବ୍ୟାଙ୍ଗ ଶିଶୁକନ୍ୟା ବଳାତ୍କାର ଘଟଣା

### ପୀଡ଼ିତାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ଅଭିଯୁକ୍ତଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଗଲା

**କଟକ ଅଫିସ୍/ କଟକରୋଡ୍,୧୨।୯ (ଡି.ଏନ୍.ଏ.):** ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ୫ ବର୍ଷୀୟା ଦିବ୍ୟାଙ୍ଗ ଶିଶୁକନ୍ୟା ବଳାତ୍କାରର ଶିକାର ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଶିଶୁ ରୋଗ ବିଭାଗ ଆଇସିୟୁରେ ରଖି ଚିକିତ୍ସା ଆରମ୍ଭ ହୋଇଛି। ବୁଧବାର ତାଙ୍କର ସ୍ୱତନ୍ତ୍ର ଚିକିତ୍ସା ପାଇଁ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭିନ୍ନକ୍ଷମ ଆୟୋଗ କମିଶନର ମିନତୀ ବେହେରା, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ କମିଶନର ସନ୍ଧ୍ୟାବତୀ ପ୍ରଧାନ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅଶୋକ ମିଶ୍ର ଏସ୍‌ସିବିରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସନ୍ଧ୍ୟାରେ କଟକ ନଗର ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡିତାଙ୍କ ମା'ଙ୍କୁ ଭେଟି ପଚାରି ବୁଝିଛନ୍ତି। ସେହିପରି କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଜୋନ୍-୪ ଏସିପି ଅମରେନ୍ଦ୍ର ପଣ୍ଡାଙ୍କୁ ଭେଟି ନାବାଳିକାଙ୍କ ସୁରକ୍ଷା ପାଇଁ ପୋଲିସର ଦୃଢ଼ ପଦକ୍ଷେପ ଗ୍ରହଣ କରୁ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ଘଟଣାରେ ଥାନାରେ ମାମଲା ନଂ୨୪୩/୧୮ରେ ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପରେ ଖୋର୍ଦ୍ଧାସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଇଛି ବୋଲି ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।

### ଆଦିବାସୀ ଅଧିକାର ଦିବସକୁ ସ୍ୱାଗତ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ମିଳିତ ଜାତିସଂଘ ଅନୁଯାୟୀ ସେପ୍ଟେମ୍ବର ୧୩ତାରିଖକୁ ବିଶ୍ୱ ଆଦିବାସୀ ଅଧିକାର ଦିବସ ପାଳନ ଆଦିବାସୀ ଭଉଣୀ, ଭାଇଙ୍କ ପାଇଁ ସ୍ମରଣୀୟ ଦିବସ । ରାଜ୍ୟର ଏକ ଚତୁର୍ଥାଂଶ ଆଦିବାସୀ ଭଉଣୀ, ଭାଇଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ନିମନ୍ତେ ସରକାର ଯତ୍ନଶୀଳ ହେବା ଆବଶ୍ୟକ। ମାତ୍ର ଏବେ ମଧ୍ୟ ସେମାନଙ୍କ ବହୁବିଧ ସମସ୍ୟାର ସମାଧାନ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହି ଦିବସ ଅବସରରେ ସେ ଆଦିବାସୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମ୍ବିଧାନିକ ପ୍ରଦତ୍ତ ସମସ୍ତ ଅଧିକାର ଓ ଜଙ୍ଗଲ ଅଧିକାର ଆଇନ ପ୍ରଦାନ କରି ଏକ ନୂତନ ଓଡ଼ିଶା ଓ ଭାରତ ନିର୍ମାଣର ପରିଚୟ ସୃଷ୍ଟି କରନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

ମହାକାଳପଡା ହାଜତ ମୃତ୍ୟୁ ଘଟଣା

### କଂଗ୍ରେସର ତଥ୍ୟ ଅନୁସନ୍ଧାନ କମିଟି ଗଠିତ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ମହାକାଳପଡା ହାଜତ ମୃତ୍ୟୁ ଘଟଣାର ସତ୍ୟାସତ୍ୟ ଅନୁଧାନ କରିବାକୁ କଂଗ୍ରେସ ପଦକ୍ଷେପ ଗ୍ରହଣ କରିଛି। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛନ୍ତି। ଏହି କମିଟିରେ ପୂର୍ବତନ ପୋଲିସ ଆଇଜି ବଟକୃଷ୍ଣ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ,ପିସିସ ଉପସଭାପତି ଶିବାନନ୍ଦ ରାୟ ରହିଛନ୍ତି। ଏହି କମିଟି ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ଏ ସମ୍ପର୍କରେ ଅନୁସନ୍ଧାନ କରିବା ସହିତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ନିରଞ୍ଜନ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପ୍ରସ୍ତୁତ କରିବା ପରେ ତାହା ପିସିସି କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ନିରଞ୍ଜନ କହିଛନ୍ତି।

### କୋଚିଂ ସେଣ୍ଟରରେ ବିଦ୍ୟୁତ୍ ଆଘାତରେ ଜଣେ ମୃତ

**କଟକ ଅଫିସ, ୧୨।୯:** କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ଅଞ୍ଚଳରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ଗଣେଶ ପୂଜା ପାଇଁ ସାଜସଜ୍ଜା ଚାଲିଥିବାବେଳେ ଦୁର୍ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଜଣକ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟା ୩୦ରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ମୃତକ ଏବଂ ଆହତଙ୍କ ପରିଚୟ ମିଳିପାରି ନାହିଁ।

# ମିଲରଙ୍କ ଉପରେ ୧୮୮ କୋଟି ୮୪ ଲକ୍ଷ ଟଙ୍କା ବାକି

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ଚାଷୀଙ୍କଠାରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଫେରାଇ ୯୫ ଜଣ ମିଲର ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ଉପରେ ଚାଉଳ ବାବଦରେ ୧୮୮ କୋଟି ୮୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବାକି ପଡ଼ିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ ସ୍ୱୀକାର କରିଛନ୍ତି , ୨୦୦୩-୦୪ରୁ ୨୦୧୬-୧୭ ଖରିଫ୍

**ଧାନ ନେଇ ଚାଉଳ ଦେଲେ ନାହିଁ**

ପର୍ଯ୍ୟନ୍ତ ୯୫ ଜଣ ମିଲର୍‌ଙ୍କଠାରୁ ରାଜ୍ୟ ସରକାରଙ୍କ ୯୨,୦୨୨ ମେଟ୍ରିକ୍ ଟନ୍ ଚାଉଳ ପାଇବାକୁ ବାକି ଅଛି। ଅନ୍ତ୍ୟୋଦୟ ଚାଉଳ ପାଇଁ ସେମାନେ ୧,୩୫,୬୭୫ ମେଟ୍ରିକ୍ ଟନ୍ ଧାନ ନେଇଥିଲେ, ଯାହାର ମୂଲ୍ୟ ୧୮୮ କୋଟି ୮୪ ଲକ୍ଷ ୬୧ ହଜାର ଟଙ୍କାରୁ ଅଧିକ। ଖିଲାପି ମିଲର୍‌ମାନଙ୍କଠାରୁ ସେମାନଙ୍କ ଅମାନତ ଜମା, ବକେୟା ଦେୟ ଆଦି ବାବଦକୁ ମାତ୍ର ୪୪ କୋଟି ୮୮ ହଜାର ଟଙ୍କା ଆଦାୟ କରାଯାଇ ଯୋଗାଣ ନିଗମ ନିକଟରେ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି।

୯୫ ଜଣ ଖିଲାପି ମିଲର୍‌ଙ୍କ ମଧ୍ୟରୁ ୭୦ ଜଣଙ୍କ ବିରୋଧରେ ଏଫ୍ଆଇଆର୍ କରାଯାଇଛି। ଏଥିରୁ ୬୩ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ୪ଟି ଭିଜିଲାନ୍ସରେ ଓ ୩ଟି ଅର୍ଥନୈତିକ ଅପରାଧ ଶାଖାରେ ଦାୟର କରାଯାଇଛି। ୫୬ ଜଣଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ରୁଜୁ କରାଯାଇଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟତମ ଧାନ ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍‌ରୁ ବି ୧୫ ଜଣ ମିଲର୍ ପ୍ରାୟ ୯ କୋଟି ଟଙ୍କା ଠକି ନେଇଥିବା ଏହି ତଥ୍ୟରୁ ଜଣାପଡ଼ିଛି।

ବାଲେଶ୍ୱର ଜିଲାର ୯ ଜଣ, ବରଗଡ଼ ଜିଲାର ୯ ଜଣ, ବଲାଙ୍ଗୀରର ଜଣେ, କଟକର ୫ଜଣ, ଦେବଗଡ଼ର ୨ ଜଣ, ଢେଙ୍କାନାଳର ୨ଜଣ, ଗଞ୍ଜାମର ୧୧ ଜଣ, ଜଗତ୍‌ସିଂହପୁରର ୩ ଜଣ, ଯାଜପୁରର ଜଣେ, ଝାରସୁଗୁଡ଼ାର ୪ଜଣ, କଳାହାଣ୍ଡିର ୧୯ ଜଣ, କେନ୍ଦ୍ରାପଡ଼ାର ୨ ଜଣ, ଖୋର୍ଦ୍ଧାର ୩ଜଣ, କୋରାପୁଟର ୨ଜଣ, ମୟୂରଭଞ୍ଜର ଜଣେ, ନବରଙ୍ଗପୁରର ୪ଜଣ, ନୂଆପଡ଼ାର ୬ ଜଣ, ସମ୍ବଲପୁରର ୬ ଜଣ ଓ ସୁବର୍ଣ୍ଣପୁରର ୬ ଜଣ ଖିଲାପକାରୀ ମିଲର୍‌ଙ୍କ ତାଲିକା ମନ୍ତ୍ରୀ ତାଙ୍କ ଉତ୍ତରରେ ଦେଇଛନ୍ତି।

# ପିଏମ୍‌ଜିଏସ୍‌ୱାଇ ସଡ଼କ ନିର୍ମାଣରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସୱାଇ)ରେ ଓଡ଼ିଶା ୨୦୧୭-୧୮ରେ ୭୧୭୬ କିଲୋମିଟର ରାସ୍ତା ନିର୍ମାଣ କରି ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ପୂର୍ବବର୍ଷଗୁଡିକଠାରୁ ଏହା ସର୍ବାଧିକ । ଏହାଛଡା ୧୭୭୬ ଟି ଅସଂଯୋଜିତ ଗ୍ରାମକୁ ରାସ୍ତା ସଂଯୋଗ କରାଯାଇଛି। ଏହି କ୍ଷେତ୍ରରେ ଓଡିଶା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଗ୍ରାମାଞ୍ଚଳରେ ଅତ୍ୟାଧୁନିକ ବୈଷୟିକ ପ୍ରଣାଳୀରେ ୮୫୫ କିଲୋମିଟର ନିର୍ମାଣ କରି ରାଜ୍ୟ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ କେନ୍ଦ୍ର ସରକାରଙ୍କ ଗ୍ରାମ ଉନ୍ନୟନ ସଚିବ ଓ ଅନ୍ୟ ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ରାମ କୃପାଳ ଯାଦବ ରାଜ୍ୟକୁ ପୁରସ୍କୃତ କରିଥିଲେ। କେନ୍ଦ୍ର ସରକାର ୧୯୮୪୨ ଜନ ବସତିକୁ ସଂଯୋଗୀକରଣ ପାଇଁ ୬୦୫୯୪ କିଲୋମିଟର ରାସ୍ତା ନିର୍ମାଣ ସହିତ ୪୯୬ଟି ସେତୁର ପ୍ରସ୍ତାବକୁ ୨୫୬୦୨ କୋଟି ୪୬ ଲକ୍ଷ ଟଙ୍କା ମୂଲ୍ୟରେ ମଞ୍ଜୁର କରିଛନ୍ତି। ସେଥିରୁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୧୭୨୩୪ କୋଟି ୩୦ ଲକ୍ଷ ଟଙ୍କା ଏବଂ ରାଜ୍ୟ ସରକାର ନିଜ ଅଂଶ ବାବଦରେ ୪୨୯୧ କୋଟି ୪୦ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି।

■ ସମବାୟ ଦୁର୍ନୀତି ପ୍ରସଙ୍ଗରେ ମୁହଁ ଖୋଲିଲା ଭାଜପା

# ମଙ୍ଗ ଧରିଥିବା ନେତା ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ଓଡ଼ିଶା ଏବେ ସବୁଠୁ ଦୁର୍ନୀତିଗ୍ରସ୍ତ ରାଜ୍ୟ ଭାବେ ପରିଗଣିତ ହେଲାଣି । ତାଳରୁ ତଳିପା ପର୍ଯ୍ୟନ୍ତ ରାଜ୍ୟରେ ଦୁର୍ନୀତି ଚାଲିଛି। ଯେଉଁମାନେ ବିଜେଡିର ମଙ୍ଗ ଧରିଛନ୍ତି ସେମାନେ ଦୁର୍ନୀତିକୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।

ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ବର୍ତ୍ତମାନ ରାଜ୍ୟ ସରକାରଙ୍କ ପ୍ରତି ବିଭାଗରେ ଭ୍ରଷ୍ଟାଚାର ବସା ବାନ୍ଧିଛି । ରାଜ୍ୟର ବହୁ ଯୁବକ ବେକାର ହୋଇ ବୁଲୁଛନ୍ତି। ରାଜ୍ୟ ସରକାର ୯୦ହଜାର କୋଟି ଟଙ୍କାରୁ ଅଧିକ ଋଣଭାର ମୁଣ୍ଡାଇଛନ୍ତି । ରାଜରାସ୍ତାରେ ଶିକ୍ଷକ, ଅଙ୍ଗନୱାଡି ଓ ଆଶା କର୍ମୀ, ଛାତ୍ରସମାଜ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ କେବଳ ବିଜ୍ଞାପନ ଜରିଆରେ ରାଜ୍ୟ ସରକାର ନିଜର ଆତ୍ମପ୍ରଚାର କରିବା ଦୁର୍ଭାଗ୍ୟଜନକ । ଦାମ ରାଉତ ସମବାୟ ମନ୍ତ୍ରୀ ଥିବାବେଳେ ଉକ୍ତ ବିଭାଗରେ ଦୁର୍ନୀତି ହୋଇଥିବା ସ୍ୱୀକାର କରିଛନ୍ତି । ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ତୁଷାର ପଣ୍ଡାଙ୍କ କାର୍ଯ୍ୟକାଳ ସମାପ୍ତି ପରେ ବି ଅଢେଇ ବର୍ଷ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଅବଧି କାହା ସୁପାରିସରେ ବୃଦ୍ଧି କରାଯାଇଥିଲା ବୋଲି ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି । ଦୁଇଟି ତଦନ୍ତ ପାଇଁ ସମବାୟ ଆକ୍ଟ ଏବଂ ଦୁର୍ନୀତି ନିବାରଣ ଆଇନ ପରିସରଭୁକ୍ତ କରିବା ପାଇଁ ରେଜିଷ୍ଟ୍ରର ଅଫ କୋପରଟିଭ ସୋସାଇଟିକୁ ଚିଠି ଲେଖି କୌଣସି ସୁଫଳ ମିଳିଲା ନାହିଁ। ସେହିପରି ଦାମ ରାଉତ ଅନ୍ୟାନ୍ୟ ଦୁର୍ନୀତି ପ୍ରସଙ୍ଗ ଉଠାଇବା ପରେ ବିଭାଗୀୟ ମନ୍ତ୍ରୀ ଏହାକୁ ବିଧାନସଭା ଗୃହରେ ସ୍ୱୀକାର କରିଛନ୍ତି । ରାଜ୍ୟସରକାର ସ୍ୱଚ୍ଛତାର ବାନା ଉଡାଇ ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଉଥିବା ସେ କହିଛନ୍ତି । ଏହାକୁ ଭିଜିଲାନ୍ସ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା କରାଇବା ପାଇଁ ଭାଜପା ସମବାୟ ପ୍ରକୋଷ୍ଠ ତରଫରୁ ଦାବି କରାଯାଇଛି। ଓଡ଼ିଶାରେ ସମବାୟ କ୍ଷେତ୍ରରେ ହୋଇଥିବା ମହାଦୁର୍ନୀତି, ଋଣ ଯୋଗାଣ ତଥା ପରିଚାଳନା କ୍ଷେତ୍ରରେ ବ୍ୟାପକ ଅନିୟମିତତା ବିରୋଧରେ ପ୍ରତିବାଦ ଓ ଏହାର ତଦନ୍ତ ଦାବୀ କରି ଭାଜପା ପକ୍ଷରୁ ବୁଧବାର ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମୁଖରେ ପ୍ରତିବାଦ ଏବଂ ଗଣଧାରଣା ଦିଆଯାଇଛି । ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ସବୁ ସମବାୟ ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ଦେବ ଭାଜପା। ଏ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଛବି ସମ୍ପର୍କରେ ସମଗ୍ର ଭାରତ ବର୍ଷର ଲୋକମାନେ ଜାଣନ୍ତି। ବିଜେଡି କେବେହେଲେ ଦୁର୍ନୀତିକୁ ପ୍ରଶ୍ରୟ ଦେଇ ନାହିଁ। ୧୮ବର୍ଷ ଶାସନ କାଳ ମଧ୍ୟରେ ଯେକୌଣସି ବଡବଡ ପଦରେ ରହି ଦୁର୍ନୀତି କରିଥିବା ବ୍ୟକ୍ତିକୁ ମୁଖ୍ୟମନ୍ତ୍ରୀ ଦଣ୍ଡିତ କରିଛନ୍ତି। ବିଗତ ଦିନରୁ ଆଜି ପର୍ଯ୍ୟନ୍ତ ଦେଖିଲେ ଏହାର ଅନେକ ଉଦାହରଣ ରହିଛି। ଭାଜପା ଠାରୁ ଆମକୁ ଏ ସମ୍ପର୍କରେ ସାର୍ଟିଫିକେଟର ଆବଶ୍ୟକତା ନାହିଁ ବୋଲି ସମୀର କହିଛନ୍ତି।



ପୁରୀ ମାର୍କଣ୍ଡ ପୁଷ୍କରିଣୀରେ ମହିଳାବ୍ରତଧାରୀମାନେ ବାଲି ତୃତୀୟା ପୂଜା କରୁଛନ୍ତି।

# ମିସ୍ ଟିଟିଲାଗଡ଼ଙ୍କ ଆତ୍ମହତ୍ୟା ଉଦ୍ୟମ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୧୨।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଥିବା ସେଣ୍ଟଆନ୍ସ ସ୍କୁଲର ୨ମହଲା ଛାତରୁ ବୁଧବାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସଂପୃକ୍ତା ଛାତ୍ରୀ ଗତ ୨ ଦିନ ତଳେ ମିସ୍ ଟିଟିଲାଗଡ଼ ଟାଇଟଲ ଜିତି ଥିଲେ । ସ୍ଥାନୀୟ ଜେସିଆଇ କ୍ଲବ ପକ୍ଷରୁ ମିସ୍ ଟିଟିଲାଗଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସିନିୟର ବିଭାଗରେ ଛାତ୍ରୀ ଜଣକ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏହି ଟାଇଟଲ ହାସଲ କରିବାର ମାତ୍ର ୨ଦିନ ପରେ ସେ ସ୍କୁଲ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା

**ବଲାଙ୍ଗୀରରେ ଚର୍ଚ୍ଚା**
- ସ୍କୁଲର ୨ମହଲା ଛାତରୁ ଡେଇଁଲେ
- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ୨ଦିନ ତଳେ ମିସ୍ ଟିଟିଲାଗଡ଼ ଟାଇଟଲ ଜିତିଥିଲେ
- ଘଟଣା ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । କେଉଁ ପରିସ୍ଥିତି ଓ କାରଣରୁ ସେ ଏପରି ପଦକ୍ଷେପ ନେଲେ ତାହା ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ, ଛାତ୍ରୀଙ୍କ ପରିବାର ଲୋକେ କେହି ଟିଟିଲାଗଡ଼ ଥାନାରେ ରିପୋର୍ଟ କରି ନ ଥିବାରୁ ଘଟଣାଟି ରହସ୍ୟଜନକ ହୋଇପଡିଛି। କିଭଳି ଓ କେଉଁ ପରିସ୍ଥିତିରେ ଛାତ୍ରୀ ଜଣକ ସ୍କୁଲ ଛାତରୁ ତଳକୁ ଖସିପଡିଲେ ସେନେଇ ତଦନ୍ତ କରିବାକୁ ଏସ୍‌ପି କେ. ଶିବା. ସୁବ୍ରମଣି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଅଷ୍ଟମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀ ଜଣକ ସବୁଦିନ ଭଳି ବୁଧବାର ସକାଳେ ସ୍କୁଲକୁ ଆସିଥିଲେ । ଦିନ ପ୍ରାୟ ୧୨ଟା ବେଳେ ତାଙ୍କ ମା' ସ୍କୁଲର ଜଣେ ଶିକ୍ଷକଙ୍କ ମୋବାଇଲକୁ ଫୋନ୍ କରି ତାଙ୍କ ଝିଅଙ୍କୁ ଦେବାକୁ କହିଥିଲେ । ସମ୍ପୃକ୍ତ ଶିକ୍ଷକ ଉକ୍ତ ଛାତ୍ରୀଙ୍କୁ ମୋବାଇଲ ଫୋନ୍ ଦେଇଥିଲେ । ଛାତ୍ରୀ ଜଣକ ତାଙ୍କ ମାଆ ସହ ୨ରୁ୪ ମିନିଟ୍ କଥା ହେବା ପରେ ହଠାତ୍ ସ୍କୁଲର ୨ ମହଲା ଛାତ ଉପରକୁ ଚଢ଼ି ସେଠାରୁ କୁଆଡେ ତଳକୁ ଡେଇଁ ପଡିଥିଲେ । ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଟିଟିଲାଗଡ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଖୁବଶୀଘ୍ର ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ହେଲେ ତାଙ୍କ ସ୍ପାଇନାଲ କର୍ଡରେ ଆଘାତ ଲାଗିଥିବା ଦର୍ଶାଇ ତାଙ୍କୁ ତୁରନ୍ତ ବଲାଙ୍ଗୀର ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ । ଘଟଣା ସମ୍ପର୍କରେ ଜାଣିବା ପରେ ପରିବାର ଲୋକ ଟିଟିଲାଗଡ଼ ହସପିଟାଲକୁ ଆସି ଗୁରୁତର ଛାତ୍ରୀଙ୍କୁ ବଲାଙ୍ଗୀର ଆଣିଥିଲେ । ବଲାଙ୍ଗୀର ହସପିଟାଲରେ ଏବେ ଛାତ୍ରୀ ଜଣକ ଚିକିତ୍ସାଧୀନ ରହିଛନ୍ତି । ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ପରିବାରବର୍ଗ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ ମଧ୍ୟ କେହି କିଛି କହୁ ନ ଥିବାରୁ ଘଟଣାର ପ୍ରକୃତ କାରଣ ଜଣାପଡିନାହିଁ। ଛାତ୍ରୀ ଜଣକ ସ୍କୁଲ ଛାତରୁ ଡେଇଁ ପଡିଥିବା ଚର୍ଚ୍ଚା ହେଉଥିବାରୁ ଘଟଣା ପଛରେ ଅନ୍ୟ କେଉଁ କାରଣ ରହିଛି ତାହା ଜାଣିବା ପାଇଁ ଏସ୍‌ପି ସୁବ୍ରମଣି ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ତେବେ ଏହି ଘଟଣା ପଛରେ ବ୍ଲୁ ହ୍ୱେଲ୍, ମୋମୋ ଭଳି ମାରାତ୍ମକ ଖେଳ ଦାୟୀ କି ବୋଲି ଏସପିଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଓ ଯାହାବି କାରଣ ଥିବ ତଦନ୍ତ ପରେ ଜଣାପଡିଯିବ ବୋଲି ସେ କହିଛନ୍ତି।

■ ଶ୍ରୀକ୍ଷେତ୍ରରେ ବାଲି ତୃତୀୟା

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା

**ପୁରୀ ଅଫିସ, ୧୨।୯**

ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ବୁଧବାର ଶ୍ରୀକ୍ଷେତ୍ରରେ ବାଲି ତୃତୀୟା (ଗୌରୀ ବ୍ରତ) ପାଳିତ ହୋଇଛି। ବିଭିନ୍ନ ପୁଷ୍କରିଣୀ ଓ ସମୁଦ୍ର କୂଳରେ ମହିଳା ଏବଂ ଯୁବତୀମାନେ ଏହି ବ୍ରତ ପାଳନ କରିଛନ୍ତି। ଏହି ବ୍ରତ ସଂକ୍ରାନ୍ତରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀକ୍ଷେତ୍ର ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ ଓ ସନ୍ତାନମାନଙ୍କ ସମୃଦ୍ଧି କାମନା କରି ଏହି ବ୍ରତକୁ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥାନ୍ତି। ବ୍ରତଧାରୀମାନେ ସମ୍ପୂର୍ଣ୍ଣ ଉପବାସ କରିଥାନ୍ତି । ଅବିବାହିତ ଝିଅମାନେ ମଧ୍ୟ ସୁନ୍ଦର ଓ ଗୁଣବାନ୍ ସ୍ୱାମୀ ପାଇବା ଲାଗି ଏହି ବ୍ରତକୁ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥାନ୍ତି। ସନ୍ଧ୍ୟା ସମୟରେ ନଦୀ ଓ ପୁଷ୍କରିଣୀରେ ସ୍ନାନ ସାରି ବାଲୁକାରେ ଶକ୍ତି ସହିତ ଶିବଲିଙ୍ଗ ପ୍ରତିଷ୍ଠା କରି ଉମା ମହେଶ୍ୱରଙ୍କୁ ପୂଜା କରିଥାନ୍ତି।

# ନୂଆଦିଲ୍ଲୀ ରୋଡ୍ ଶୋ'କୁ ସମାଲୋଚନା

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ରାଜ୍ୟ ସରକାର ନୂଆଦିଲ୍ଲୀରେ ମେକ୍ ଇନ୍ ଓଡ଼ିଶା ପାଇଁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି ରୋଡ୍ ଶୋ' କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଲୋକ ଦେଖାଣିଆ। ରାଜ୍ୟ ପ୍ରଶାସନର ବିଭିନ୍ନ କ୍ଷେତ୍ରରେ ହେଉଥିବା ବିଫଳତାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଏଭଳି ପ୍ରହସନ ଚଳାଇଛନ୍ତି। ଗତ ୧୮ବର୍ଷ ମଧ୍ୟରେ ରାଜ୍ୟ ସରକାର ଶିଳ୍ପାୟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭିତ୍ତିଭୂମିର ବିକାଶଠାରୁ ଆରମ୍ଭକରି ଶିଳ୍ପ ପ୍ରତିଷ୍ଠା, ମାନବସମ୍ବଳ ବିକାଶ ଓ କର୍ମନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଭୂମିକା ଅତ୍ୟନ୍ତ ନିରୁତ୍ସାହଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। ବୁଧବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ ନାୟକ କହିଛନ୍ତି, ପୁଞ୍ଜିନିବେଶ କ୍ଷେତ୍ରରେ ଯାହା କହିବାର ଅଛି ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ନୁହେଁ, ବରଂ ଓଡିଶାରେ ଜବାବ ରଖନ୍ତୁ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଦୃଷ୍ଟିରୁ ରାଜ୍ୟରେ କେଉଁସବୁ ସାମଗ୍ରୀ ବହୁତ ବ୍ୟବହାର ହେଉଛି ଏବଂ ରାଜ୍ୟରେ କେଉଁ ଶିଳ୍ପ ପ୍ରତିଷ୍ଠାନର ସୁଯୋଗ ଓ ସମ୍ଭାବନା ଅଛି ସେନେଇ ସରକାରଙ୍କ ନିକଟରେ କୌଣସି ତଥ୍ୟ ନାହିଁ।

# ଆଜି ବିଘ୍ନରାଜଙ୍କ ପୂଜା

**ପୁରୀ ଅଫିସ, ୧୨।୯**

ଗୁରୁବାର ପବିତ୍ର ଗଣେଶ ଚତୁର୍ଥୀ। ଏଥିପାଇଁ ଗାଁଠୁ ସହର ଚଳଚଞ୍ଚଳ ହୋଇପଡିଛି। ଗଣପତିଙ୍କୁ ଆରାଧନା ପାଇଁ ଶ୍ରୀକ୍ଷେତ୍ର ମଧ୍ୟ ପ୍ରସ୍ତୁତ ହୋଇଯାଇଛି। ପୁରୀ ସହରର ପ୍ରାୟ ଛୋଟବଡ ୬୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ବିଘ୍ନରାଜ ଗଣେଶଙ୍କୁ ପୂଜା କରାଯିବ। ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେଉଁଠି ଆକର୍ଷଣୀୟ ତୋରଣ ତ ଆଉ କେଉଁଠି ମେଢ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିଭଳି କେତେକ ପୂଜା ମଣ୍ଡପ ମୂର୍ତ୍ତିକୁ ମଧ୍ୟ ଆକର୍ଷଣୀୟ କରିବା ଲାଗି ଚେଷ୍ଟା କରିଛନ୍ତି। ମୋଟମୋଟି ପୂଜା କମିଟିଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ମୂଳକ ମନୋଭାବ ରହିଥିବାରୁ ସାଜସଜ୍ଜା ବେଶ୍ ମନୋଲୋଭା ହୋଇଛି। ମଣ୍ଡପ ସମ୍ମୁଖରେ ଆକର୍ଷଣୀୟ ତୋରଣ ଶୋଭା ବର୍ଦ୍ଧନ କରୁଛି। ସେହିପରି ରଙ୍ଗବେରଙ୍ଗର ଆଲୋକମାଳା ସଜ୍ଜିତ ହୋଇଛି ପୂଜା ମଣ୍ଡପ।

ପୁରୀ ସହରର ପ୍ରମୁଖ ପୂଜାମଣ୍ଡପ ବଡ଼ଦାଣ୍ଡରେ ରହିଛି। ଏହାବ୍ୟତୀତ ବିଭିନ୍ନ ସାହି, ଗଳିରେ ମଧ୍ୟ ବଡ଼ ଆକାରରେ



ଗଣେଶ ପୂଜା ଅବ୍ୟବହିତ ପୂର୍ବରୁ ପୁରୀ ବେଳାଭୂମିରେ ଶିଳ୍ପୀ ହୃଷୀକେଶ ନାୟକଙ୍କ ବାଲୁକା କଳା।

ପୂଜା କରାଯାଉଛି। ଶ୍ରୀକ୍ଷେତ୍ରର ପ୍ରମୁଖ ପୂଜା ମଣ୍ଡପ ମଧ୍ୟରେ ଅଶୋକ ଗାଣପତ୍ୟ ସମିତି, ମୋତିଚାନ୍ଦ ବଜାର ବିନାୟକ ସମିତି, ଶ୍ରୀ ଶ୍ରୀ ନୀଳଗିରି ଚାର ଗଣେଶ ଗୁରୁଜ ଜାଗା ପଞ୍ଚାୟତ, ପଞ୍ଚମୁଖୀ ବିନାୟକ ସମିତି, ନରସିଂହ ୟୁଥ୍ ଆସୋସିଏଶନ, ବଳଗଣ୍ଡି ଗଣପତି ସଂଘ, ବଡ଼ବଜାର ଗଣପତି ସମିତି, ଦର୍ଜିପୋଖରୀ ଛକ ପୂଜା କମିଟି ପ୍ରଭୃତି ରହିଛି। ଅଧିକାଂଶ ପୂଜାମଣ୍ଡପରେ ୭ ଦିନ ପୂଜା ହେଉଥିବା ବେଳେ ଅଶୋକ ଗାଣପତ୍ୟ ସମିତି, ନରସିଂହ ୟୁଥ୍ ଆସୋସିଏଶନ ପକ୍ଷରୁ ୯ ଦିନ ଧରି ପୂଜା କରାଯାଉଛି। ଏହି ପୂଜା ଅବସରରେ କେତେକ ପୂଜାମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ସେହିପରି କେଉଁଠି ୧୨ ଫୁଟ ଉଚ୍ଚର ମୂର୍ତ୍ତି ତ ଆଉ କେଉଁଠି ୧୦ ଫୁଟ ଉଚ୍ଚର ମୂର୍ତ୍ତି ମଧ୍ୟ ଗଢାଯାଇଛି। ମୋତିଚାନ୍ଦ ବଜାର ବିନାୟକ ସମିତି ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ବ୍ୟବହାର କରିଛି। ସେହିପରି ବଡ଼ବଜାର ଗଣପତି ସମିତି ପକ୍ଷରୁ ଠାକୁରଙ୍କ ବିଜେସ୍ଥଳୀରେ ଅମରନାଥର ବରଫାବୃତ୍ତ ଗୁମ୍ଫା ସେଟ୍‌ଅପ ତିଆରି କରାଯାଇଛି। ଏହି ଗୁମ୍ଫା ଭିତରେ ଗଣେଶ ପୂଜା ପାଇବେ। ଏକ ବୃହତ୍ ଶିବ ଲିଙ୍ଗ ମଧ୍ୟ ତିଆରି ହୋଇଛି। ଏଠାରେ ହରପାର୍ବତୀ ମଧ୍ୟ ରହିବେ। ଲିଙ୍ଗ ଉପରୁ ପାଣି ଝରିବାର ଦୃଶ୍ୟ ନିଶ୍ଚିତ ସମସ୍ତଙ୍କ ଆକର୍ଷଣ ସାଜିବ। ଏମିତି କିଛି ନା କିଛି ନିଆରା କରିବାକୁ ଅଧିକାଂଶ ପୂଜାମଣ୍ଡପ ଚେଷ୍ଟା କରିଛନ୍ତି।

ସହରର ଅଧିକାଂଶ ପୂଜାମଣ୍ଡପ ପକ୍ଷରୁ ୧୯ ତାରିଖରେ ଠାକୁରଙ୍କୁ ବିସର୍ଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହିଦିନ ଭସାଣି ଶୋଭାଯାତ୍ରା ଶ୍ରୀକ୍ଷେତ୍ରରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିବ। ବିଶେଷକରି ଭସାଣି ଶୋଭାଯାତ୍ରାରେ ଦୁଲୁକିବ ବଡ଼ଦାଣ୍ଡ। ଭସାଣି ଶୋଭାଯାତ୍ରାକୁ ମଧ୍ୟ ଆକର୍ଷଣୀୟ କରିବା ଲାଗି କିଏ ପଞ୍ଜାବୀ ବାଜା ବଜାଇବାକୁ ତ ଆଉ କିଏ ଶାନ୍ତିପୂର୍ଣ୍ଣ ଢଙ୍ଗରେ କରିବାକୁ ନିଷ୍ପତ୍ତି ନେଇଛି। ବିଶେଷକରି ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଜାକୁ ଗୁରୁତ୍ୱ ଦେଇଛନ୍ତି ଅଧିକାଂଶ ପୂଜାମଣ୍ଡପ କର୍ମକର୍ତ୍ତା।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**କାକଟପୁର,୧୨।୯(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର କାକଟପୁର ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଅଭିଯାନରେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୮୦୬ଜଣ ଭିନ୍ନକ୍ଷମଙ୍କ ପରୀକ୍ଷା କରାଯାଇ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ପ୍ରମାଣପତ୍ରକୁ ମଧ୍ୟ ନବୀକରଣ କରାଯାଇଥିଲା ବୋଲି କାକଟପୁର ବିଡିଓ ସୁଧିର କୁମାର ନାୟକ କହିଛନ୍ତି। କାକଟପୁର ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ଜିଲା ପରିଷଦର ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, କାକଟପୁର ସରପଞ୍ଚ ସୌଦାମିନୀ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ନିମାପଡ଼ା,୧୨।୯(ଡି.ଏନ୍.ଏ.)**

ନିମାପଡ଼ା-ପିପିଲି ରାସ୍ତାର ନାଗବସ୍ତ ଛକଠାରେ ବୁଧବାର ଏକ କାର୍ ଧକ୍କାରେ ବାଲିଅନ୍ତା ଥାନା ଜଗନ୍ନାଥପୁର ଗ୍ରାମର ସତ୍ୟଜିତ୍ ପରିଜା(୩୦) ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ନିମାପଡ଼ା ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସତ୍ୟଜିତ୍ ଭୁବନେଶ୍ୱର ପଟୁ ଏକ ବାଇକ୍(ଓଡି ୦୨ ଏଏସ ୧୩୮୮)ରେ ଆସୁଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ କାର (ଓଡି ୩୩ଏସ ୯୨୫୪)ତାଙ୍କୁ ନାଗବସ୍ତ ଛକଠାରେ ଧକ୍କା ଦେଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍ ଓ ବାଇକ୍‌କୁ ଜବତ କରିଛି।



ଅନ୍ୟର ଛାଇରେ ଛିଡ଼ାହୋଇ ଆମେ ନିଜର ପ୍ରତିଛବି ହରାଇ ବସିଥାଉ। ନିଜର ପ୍ରତିଛବି ପାଇଁ ନିଜକୁ ଖରାରେ ଛିଡ଼ା ହେବାକୁ ପଡ଼ିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଏସ୍‌ସିଏସର ୩ ଛାତ୍ରୀଛାତ୍ର ସମ୍ମାନିତ

**ପୁରୀ ଅଫିସ,୧୨।୯:** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟ ଯୁକ୍ତ ଦୁଇର ଜଣେ ଛାତ୍ରୀଙ୍କ ସମେତ ୩ଜଣ ମାଧ୍ୟମିକ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଶଙ୍କରେଶ୍ୱର ପରିଡା, ବୀରେନ୍ଦ୍ର ବିହାରୀ ନାୟକ ଓ ସୌମିଲି ଦେବନାଥ। ମାଧ୍ୟମିକ ଉଚ୍ଚଶିକ୍ଷା ପରିଷଦର ପ୍ରତିଷ୍ଠା ଉତ୍ସବରେ ଭୁବନେଶ୍ୱର ଠାରେ ଆୟୋଜିତ ଉତ୍ସବରେ ଏହି ତିନିଜଣ ସମ୍ମାନିତ ହୋଇଥିବା କଲେଜର ଜାତୀୟ ସେବା ଯୋଜନା(ଏନଏସଏସ) ଅଧିକାରୀ ଅଧ୍ୟାପିକା ଇନ୍ଦିରା ପଣ୍ଡା କହିଛନ୍ତି। ଏନେଇ ବୁଧବାର ଏନଏସଏସ ପକ୍ଷରୁ ୩ଜଣଙ୍କୁ ଅଧ୍ୟାପିକା ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ।

### କବାଡି ପ୍ରତିଯୋଗିତା ପାଇଁ ୩୨ ମନୋନୀତ

**ସାକ୍ଷୀଗୋପାଳ,୧୨।୯(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୪ ବର୍ଷରୁ କମ୍ ଓ ୧୮ ବର୍ଷରୁ କମ୍ ୨ଟି ବିଭାଗରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି ପ୍ରତିଯୋଗିତାକୁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ପରିଡା ଉଦ୍‌ଘାଟନ କରିଥିଲେ। ଏଥିରେ ୧୮ ଟି ବିଦ୍ୟାଳୟର ୧୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ୩୨ଜଣ ଖେଳାଳିଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ କରାଯାଇଥିଲା। କ୍ରୀଡା ଶିକ୍ଷକ ଲକ୍ଷ୍ମୀପ୍ରସାଦ ମିଶ୍ର, ସୁଚିତ୍ର ଖଟେଇ, ସର୍ବେଶ୍ୱର ପଟ୍ଟନାୟକ, ଦାମୋଦର ଦାଶ ଓ ଶିକ୍ଷୟିତ୍ରୀ ନିହାର ନଳିନୀ ଦେବୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ବସ୍ ରହଣି ନେଇ ଛାତ୍ରୀଛାତ୍ରଙ୍କ ଦାବି

**ପିପିଲି,୧୨।୯(ଡି.ଏନ୍.ଏ.):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ନିର୍ମଳା ଛକରେ ବସ୍ ରହଣି ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବସଷ୍ଟାଣ୍ଡଠାରେ ଅନୁଷ୍ଠିତ ବୈଠକରେ ତେଇଶପୁର ପଞ୍ଚାୟତର ସମିତିସଭ୍ୟ ଧରଣୀଧର ସାହୁ, ସରପଞ୍ଚ ନରେନ୍ଦ୍ର ଦାଶ ଯୋଗଦେଇ କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ନିର୍ମଳା ଛକରେ ବସ୍ ଷ୍ଟାଣ୍ଡ ଥିଲେ ମଧ କୌଣସି ପାସେଞ୍ଜର ବସ ରହୁ ନାହାନ୍ତି ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। ଏ ସମ୍ପର୍କରେ ଜିଲାପାଳ, ଏସ୍‌ପି, ପୁରୀ-ଭୁବନେଶ୍ୱର ବସ ମାଲିକ ସଂଘକୁ ଚିଠି ଦ୍ୱାରା ଜଣାଯିବା ସହ ମନ୍ତ୍ରୀ ପ୍ରଦୀପ ମହାରଥିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଜାତୀୟ ରାଜପଥକୁ ଅବରୋଧ କରାଯିବ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ।

### ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ସଫେଇ ଅଭିଯାନ

**କୋଣାର୍କ,୧୨।୯(ଡି.ଏନ୍.ଏ.):** କୋଣାର୍କ ବନ ବିଭାଗ ପକ୍ଷରୁ ବୁଧବାର ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ସଫେଇ ଅଭିଯାନ ଚନ୍ଦ୍ରଭାଗାଠାରେ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ବନାଞ୍ଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଫେଇ ଅଭିଯାନରେ ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ରାମଚଣ୍ଡି ଅଗ୍ନିଶମ ତାଲିମ କେନ୍ଦ୍ରର ଅଧକ୍ଷ ତପନ କୁମାର ପଟ୍ଟନାୟକ, ଆର୍ତ୍ତତ୍ରାଣ କାର୍ତିକେଶ୍ୱର ବିଦ୍ୟାପୀଠର ଇକୋ କ୍ଲବ ଅଧିକାରୀ ରାମକୃଷ୍ଣ ମହାନ୍ତି, ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ରାଜକିଶୋର ସେନାପତି ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ସଫେଇ ଅଭିଯାନକୁ କ୍ରିୟାଶିଳ କରିବା ସହ ଆଗାମୀ ଦିନରେ କୋଣାର୍କକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ କହିଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗ ଅଧୀନ ଇକୋ ଡେଭଲପମେଣ୍ଟ କମିଟିର ସଭ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବବୁଲ ମଲ୍ଲିକ, ସ୍ମିତିରେଖା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ■ ପୁରୀ-ଭୁବନେଶ୍ୱର ବସ୍ ଚଳାଚଳ ବିବାଦ

# ସ୍ୱାଭାବିକର ୨୪ଘଣ୍ଟା ନ ପୂରୁଣୁ ପୁଣି ବନ୍ଦ

**ପୁରୀ ଅଫିସ, ୧୨।୯**

- ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ବସିଲା ଉଚ୍ଚସ୍ତରୀୟ ବୈଠକ
- ବୈଠକ ପରେ ଚଳାଚଳ ସ୍ୱାଭାବିକ
- ପରମିଟ୍ ଧାର୍ଯ୍ୟ ସମୟ ଅନୁଯାୟୀ ଚାଲିବ ବସ୍
- ୧ମାସ ମଧ୍ୟରେ ଚୂଡ଼ାନ୍ତ ହେବ ନୂତନ ସମୟ ସାରଣୀ
- ମନଇଚ୍ଛା ବସ୍ ଚଳାଚଳ ବନ୍ଦ କରିପାରିବେନି ବସ୍ ମାଲିକ
- ୧୫ଦିନ ପରେ ହେବ ପୁଣି ସମୀକ୍ଷା ବୈଠକ

ପୁରୀ-ଭୁବନେଶ୍ୱର ମଧ୍ୟରେ ୪ ଦିନ ଧରି ଘରୋଇ ବସ୍ ଚଳାଚଳ ବନ୍ଦ ରହିବା ପରେ ମଙ୍ଗଳବାର ଅପରାହ୍ନରେ ସ୍ୱାଭାବିକ ସ୍ଥିତି ଫେରିଥିଲା। ଅପରାହ୍ନ ୩ଟାରୁ ଉଭୟ ପାର୍ଶ୍ୱରୁ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। କିନ୍ତୁ ସ୍ୱାଭାବିକ ସ୍ଥିତି ଫେରିବାର ୨୪ଘଣ୍ଟା ନ ପୂରୁଣୁ ବୁଧବାର ପୁରୀ-ଭୁବନେଶ୍ୱର ବସ୍ ମାଲିକ ସଂଘ ମଧ୍ୟରେ ପୁଣି ବିବାଦ ଉପୁଜିଥିଲା। ପୁରୀ ବସଷ୍ଟାଣ୍ଡରେ ଭୁବନେଶ୍ୱର ଏବଂ କଟକ ବସ୍ ସମାନ୍ତରାଳ ଭାବେ ଲୋକ ଉଠାଇବାକୁ ନେଇ ଭୁବନେଶ୍ୱର ବସ୍ ମାଲିକ ସଂଘ ବିରୋଧ କରି ବସ୍ ଚଳାଚଳ ବନ୍ଦ କରିଥିଲା। ଅପରାହ୍ନରେ ପରିବହନ କମିଶନର ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଭୁବନେଶ୍ୱର ବସ୍ ମାଲିକ ବନ୍ଦ ରଖିଥିବା ବସ୍ ଚଳାଚଳକୁ ପୁଣି ଆରମ୍ଭ କରିଛନ୍ତି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, କୌଣସି ସଂଘ ବେନିୟମ ଭାବେ ବସ୍ ଚଳାଚଳ ବନ୍ଦ କରିପାରିବେ ନାହିଁ। କେହି କାହାର ବସ୍ ଅଟକାଇ ପାରିବେ ନାହିଁ। ବସ୍ ଚଳାଚଳ ବନ୍ଦ କରିବା କିମ୍ବା ବସ୍ ଅଟକାଇବା ପୂର୍ବରୁ ସମ୍ପୃକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କୁ ଅବଗତ କରାଇବେ। ଆସନ୍ତା ୧ ମାସରୁ ୨ମାସ ମଧ୍ୟରେ ବସ୍ ଚଳାଚଳ ସମୟ ସାରଣୀ ପୁନଃ ଧାର୍ଯ୍ୟ କରାଯିବ। ସେ ପର୍ଯ୍ୟନ୍ତ ସମସ୍ତ ଗାଡି ନିର୍ଦ୍ଧାରିତ ପରମିଟ୍ ସମୟ ଅନୁଯାୟୀ ଚାଲିବ। ଟାଇମ୍ ଗାର୍ଡ ରେଜିଷ୍ଟ୍ରାର (ଟିଜିଆର) ପୁରୀ, କଟକ ଓ ଭୁବନେଶ୍ୱର ବସଷ୍ଟାଣ୍ଡରେ ପରିଚାଳନା ହେବ। ସେଥିରେ କେଉଁ ବସ୍ କେତେବେଳେ ପହଞ୍ଚିଲା, କେତେବେଳେ ବସ୍‌ଷ୍ଟାଣ୍ଡ ଛାଡିଲା ତାହା ଉଲ୍ଲେଖ ରହିବ। କଳ୍ପନା ଛକକୁ ବସଷ୍ଟାଣ୍ଡ ଭାବେ ବ୍ୟବହାର କରାଯାଇ ପାରିବ। ସେଠାରେ ପୁରୀ, କଟକ ଓ ଭୁବନେଶ୍ୱର ବସ୍ ଅଧିକ ସମୟ ରହିପାରିବ ନାହିଁ। ଯାତ୍ରୀ ଓହ୍ଲାଇ କିମ୍ବା ଚଢାଇ ସଙ୍ଗେ ସଙ୍ଗେ ଯିବେ। କଳ୍ପନା ଛକରେ ଜଣେ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯିବ। ନୂତନ ସମୟ ସାରଣୀ ଚୂଡ଼ାନ୍ତ ହେବା ପରେ କଟକ, ଭୁବନେଶ୍ୱର ଏବଂ ପୁରୀ ବସଷ୍ଟାଣ୍ଡରେ ଏଲଇଡି ସ୍କ୍ରିନ ମାଧ୍ୟମରେ ତାହାକୁ ପ୍ରତ୍ୟହ ପ୍ରଦର୍ଶିତ କରାଯିବ। ଯାତ୍ରୀମାନେ ବି ବସ୍ ସମୟ ଜାଣିପାରିବେ। ହକର ଓ ସୁପରଭାଇଜରମାନେ କୌଣସି ସ୍ଥାନରେ ବସ୍‌ରୁ ଟଙ୍କା ଆଦାୟ କରିପାରିବେ ନାହିଁ। ଯଦି ଆଦାୟ କରୁଥିବାର ଅଭିଯୋଗ ଆସେ ତେବେ ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପୁରୀ ଠାରୁ ଭୁବନେଶ୍ୱର ଏବଂ କଟକ ବସ୍ ଗୁଡିକ ସମାନ୍ତରାଳ ଲୋଡ ନ କରି ଗୋଟିଏ ପରେ ଗୋଟିଏ ଲୋଡ କରିବେ। ଆସନ୍ତା ୧୫ଦିନ ମଧ୍ୟରେ ପୁଣି ଏକ ବୈଠକ ବସି ସମୀକ୍ଷା କରାଯିବାକୁ ବୈଠକରେ ସ୍ଥିର ହୋଇଛି।

ଉକ୍ତ ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଡେପୁଟି କମାଣ୍ଡାଣ୍ଟ(ହୋମଗାର୍ଡ) ଲିଙ୍ଗରାଜ ମିଶ୍ର, କଟକ, ଭୁବନେଶ୍ୱ ଓ ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ୩ଜିଲାର ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସମୟ ସାରଣୀକୁ ନେଇ ଭୁବନେଶ୍ୱର ବସ୍ ମାଲିକ ସଂଘ ଏବଂ ପୁରୀ ଘରୋଇ ବସ୍ ମାଲିକ ସଂଘ ମଧ୍ୟ ବିବାଦ ମୁଣ୍ଡ ଟେକିଥିଲା। ୭ତାରିଖ ଠାରୁ ପୁରୀ ଏବଂ ଭୁବନେଶ୍ୱର ମଧ୍ୟରେ ବସ୍ ଚଳାଚଳ ବନ୍ଦ ରହିଥିଲା। ପ୍ରଶାସନର ହସ୍ତକ୍ଷେପ ଫଳରେ ୧୧ତାରିଖ ଅପରାହ୍ନରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।



ଲାଇଫ୍ ମେଡିସିନ୍ ଷ୍ଟୋର୍‌ରେ ଡ୍ରଗ୍ସ ଇନ୍ସପେକ୍ଟର ଯାଞ୍ଚ କରୁଛନ୍ତି।

## ଏକ୍ସପାଏରି ଔଷଧ ଖାଇ ମହିଳାଙ୍କ ଗର୍ଭ ନଷ୍ଟ ଘଟଣା

# ଲାଇଫ ମେଡିସିନ୍ ଷ୍ଟୋର ସିଲ୍

**ପୁରୀ ଅଫିସ, ୧୨।୯**

ଏକ୍ସପାଏରି ଔଷଧ ଖାଇ ଜଣେ ମହିଳାଙ୍କ ଗର୍ଭ ନଷ୍ଟ ଘଟଣାରେ ସମ୍ପୃକ୍ତ ମେଡିସିନ ଷ୍ଟୋରକୁ ସିଲ୍ କରାଯାଇଛି। ବୁଧବାର ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତ୍ସ୍ନା ପାତ୍ରଙ୍କ ଉପସ୍ଥିତିରେ ଡ୍ରଗ୍ସ ଇନ୍‌ସପେକ୍ଟର(ଡିଇ) ରବି ନାରାୟଣ ସାହୁ ମାର୍କେଟ ଛକ ସ୍ଥିତ ଲାଇଫ ମେଡିସିନ୍ ଷ୍ଟୋରକୁ ସିଲ କରିଛନ୍ତି। ଉକ୍ତ ଦୋକାନରୁ କେତେକ ଔଷଧ ଜବତ କରାଯାଇଛି। ତଦନ୍ତ ବେଳେ ଏହି ଦୋକାନ ଗତ ଏକ ବର୍ଷ ଧରି ବିନା ଲାଇସେନ୍ସରେ ଚାଲୁଥିବା ଜାଣିବା ପରେ, ଆସିଷ୍ଟାଣ୍ଟ କଲେକ୍ଟର ପାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ମାସକ ମଧ୍ୟରେ ଦୋକାନ ଲାଇସେନ୍ସ ନବୀକରଣ କରିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଡିଇ ସାହୁ କହିଲେ, ଏକ୍ସପାଏରି ଔଷଧ ଖାଇ ଜଣେ ମହିଳାଙ୍କ ଗର୍ଭ ନଷ୍ଟ ଘଟଣାକୁ ନେଇ ଉକ୍ତ ମେଡିସିନ୍ ଷ୍ଟୋର ଉପରେ ଚଢାଉ କରାଯାଇଥିଲା। ଔଷଧ ଦୋକାନରୁ କେତେକ ମେଡିସିନ୍ ଯାଞ୍ଚ ଲାଗି ସଂଗ୍ରହ କରାଯାଇଛି। ଦୋକାନର ଲାଇସେନ୍ସ ନବୀକରଣ ଲାଗି ତାଗିଦ୍ କରାଯାଇଛି। ଅନ୍ୟପଟେ ନିଜ ଭୁଲ ସ୍ୱୀକାର କରିଛନ୍ତି ମେଡିସିନ ଷ୍ଟୋର ମାଲିକ କୃଷ୍ଣଚନ୍ଦ୍ର ସାହୁ। ଭିଡ ମଧ୍ୟରେ ଅନ୍ୟମନସ୍କ କାରଣରୁ ଏପରି ଏକ ଭୁଲ ହୋଇଥିଲା ବୋଲି ସେ କହିଛନ୍ତି। ଲାଇସେନ୍ସ ଲାଗି ଆବେଦନ କରିଥିବା ମଧ୍ୟ ସେ କହିଛନ୍ତି।



ଶ୍ରୀମନ୍ଦିର ସମ୍ମୁଖରେ ଅନ୍ଧଲୀଳା ନୀତି କରାଯାଉଛି।

## ଶ୍ରୀମନ୍ଦିରରେ ଅନ୍ଧଲୀଳା ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୨।୯**

ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବୁଧବାର ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ଅନ୍ଧଲୀଳା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଥିବା ବେଳେ ଏକ ପରାକ୍ରମୀ ଉନ୍ମତ୍ତ ହାତୀକୁ ବିନାଶ କରିଛନ୍ତି। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢିବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରତ୍ନସିଂହାସନକୁ ଆସି ଆଜ୍ଞାମାଳ ପାଇ ବଟମୂଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ଏହାପରେ ସିଂହଦ୍ୱାର ନିକଟ ବଡ଼ଛତା ମଠ ସମ୍ମୁଖରେ ପଡିଥିବା ଖଟ ଉପରେ ପାଲିଙ୍କି ସହିତ ବିଜେ ହୋଇଥିଲେ। ସେଠାରେ ଅନ୍ଧ ମନ୍ଦର ହସ୍ତୀ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହାପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଏହି ଲୀଳା ସମ୍ପର୍କରେ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦ୍ୱାପରଯୁଗରେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଲୀଳା କରୁଥିବା ବେଳେ କଂସ ତାଙ୍କୁ ମାରିବା ଲାଗି ଗୋଟିଏ ହସ୍ତୀ ପ୍ରେରଣ କରିଥିଲେ। ସେହି ହାତୀଟି ଅତ୍ୟନ୍ତ ମତାନ୍ଧ ଏବଂ ମନ୍ଦର ପର୍ବତ ଭଳି ବିଶାଳ ରହିଥଲା। ଭଗବାନ ସେହି ପ୍ରବଳ ପରାକ୍ରମୀ ହସ୍ତୀକୁ ବିନାଶ କରିଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଅନ୍ଧ ମନ୍ଦର ହାତୀ ଲୀଳା ଅନୁଷ୍ଠିତ ହୋଇଥାଏ। **ଅନ୍ଧ ଚକ୍ଷୁଦାନ ଲୀଳା:** ସନ୍ଧ୍ୟାଧୂପ ପରେ ଦକ୍ଷିଣୀ ଘରେ ବିରାଜିତ ମଦନମୋହନ ରତ୍ନସିଂହାସନକୁ ଯାଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପରେ ପଡିଥିବା ଖଟ ଉପରେ ବିଜେ କରିଥିଲେ। ସେଠାରେ ଅନ୍ଧଲୀଳା ପ୍ରସ୍ତାବ ଦିଆଯାଇଥିଲା। ବୃନ୍ଦାବନରେ ଶ୍ରୀକୃଷ୍ଣ ଗୋପବାଳକଙ୍କ ସହିତ ଲୀଳା କରୁଥିବାବେଳେ ତାଙ୍କର ଜଣେ ଅନ୍ଧ ସଖା ଥିଲେ। ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବାନ ଶ୍ରୀକୃଷ୍ଣ ଚକ୍ଷୁଦାନ କରିଥିଲେ। ଏହି ସ୍ମୃତିରେ ଅନ୍ଧ ଚକ୍ଷୁଦାନ ଲୀଳା ସମ୍ପନ୍ନ ହୁଏ। ଏହାକୁ ଅନ୍ଧଲୀଳା କୁହାଯାଇଥାଏ।

## ମୃତ ବ୍ୟକ୍ତିଙ୍କୁ କଟକ ସ୍ଥାନାନ୍ତର, ଉତ୍ତେଜନା

**ପୁରୀ ଅଫିସ/ବ୍ରହ୍ମଗିରି, ୧୨।୯ (ଡି.ଏନ୍.ଏ.)**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ସାପ କାମୁଡାରେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବ୍ରହ୍ମଗିରି ଅଞ୍ଚଳର ରମେଶ ବେହେରା(୩୫)। ଏନେଇ ବୁଧବାର ମେଡିସିନ ୱାର୍ଡରେ ଉତ୍ତେଜନା ଦେଖାଯାଇଥିଲା। ମୃତକଙ୍କ ପରିବାର ଲୋକେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରି ନିଜ ଦୋଷ ଛଡାଇବାକୁ ମୃତ୍ୟୁବରଣ କରିଥିବା ରମେଶଙ୍କୁ ବଡ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ ବୋଲି ସେମାନେ ଏଡିଏମଓ(ମେଡିକାଲ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଚିକିତ୍ସାରେ ଅବହେଳା କରାଯାଇ ନ ଥିବା ଓ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ କଟକ ସ୍ଥାନାନ୍ତର କରାଯାଇଥିଲା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ସୂଚନାନୁଯାୟୀ, ରମେଶଙ୍କୁ ବୁଧବାର ଭୋରରେ ଏକ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କୁ ଡାକିବା ଲାଗି ଅନୁରୋଧ ସତ୍ତ୍ୱେ ମେଡିକାଲ କର୍ମଚାରୀମାନେ ସହଯୋଗ କରି ନ ଥିଲେ। ଡାକ୍ତର ବିଳମ୍ବରେ ଆସି ଚିକିତ୍ସା କରିଥିଲେ। ସକାଳ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।



ପୁରୀ ପଞ୍ଚମୁଖୀସ୍ଥିତ ପୂଜାମଣ୍ଡପରେ ନିର୍ମିତ ପଞ୍ଚମୁଖୀ ଗଣେଶଙ୍କୁ ବୁଧବାର ଜଣେ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି।

## ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

**ଗୋପ/ବ୍ରହ୍ମଗିରି,୧୨।୯(ଡି.ଏନ୍.ଏ.):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ଗୋପ ବ୍ଲକ ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ ସମ୍ମୁଖରେ ଧାରଣା ଜାରି ରହିଛି। ଶିକ୍ଷକମାନେ ଗ୍ରାମର ଜନସାଧାରଣଙ୍କୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଫଳରେ ଛାତ୍ରୀଛାତ୍ରମାନଙ୍କ ଉପରେ କେଉଁଭଳି ପ୍ରଭାବ ପଡ଼ିବ ସେ ସମ୍ପର୍କରେ ସଚେତନ କରିବେ ବୋଲି ଗୋପ ବ୍ଲକ ସଭାପତି ରଞ୍ଜନ କୁମାର ରାଉତ କହିଛନ୍ତି। ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା, ଅନୁଦାନ ଯୋଗ୍ୟ ସ୍କୁଲ ଓ କଲେଜକୁ ଅନୁଦାନ, ସପ୍ତମ ବେତନ କମିଶନ ଲାଗୁ ଆଦି ୭ ଦଫା ଦାବି ନେଇ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

ସେହିପରି ଓଡ଼ିଶା ସ୍କୁଲ କଲେଜ ମିଳିତ ମଞ୍ଚ ପକ୍ଷରୁ ବ୍ରହ୍ମଗିରି ବ୍ଲକ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ଧାରଣା ପତିବାଦ ସଭାରେ ବ୍ରହ୍ମଗିରି ଓଷ୍ଟାର ସଭାପତି ବିଜୟ କୁମାର ବଳିଆରସିଂ ସଭାପତିତ୍ୱରେ ସମ୍ପାଦକ ବିଜୟ କୁମାର ବରାଳ ପରିଚାଳନା କରିଥିଲେ। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଭିମସେନ ସ୍ୱାଇଁ, ସୁରେନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ ସରକାରଙ୍କ ଶିକ୍ଷା ମାରଣ ନୀତିକୁ ନିନ୍ଦା କରିଥିଲେ। ଧାରଣାରେ ମହେଶ୍ୱର ନାୟକ, ଗଦାଧର ଦାଶ, ପ୍ରମୋଦ ମୁଦୁଲି, ମହେଶ୍ୱର ମହାରଣା, ସୁଧାଂଶୁ ଉପାଧ୍ୟାୟ, ମଧୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

# ଗ୍ରାମୀଣ ଗୃହ ନିର୍ମାଣରେ ପୁରୀର ସ୍ଥାନ ୧୭

**ପୁରୀ ଅଫିସ, ୧୨।୯**

- ୧୮,୭୨୨ ଗୃହ ଅଧାପନ୍ତରିଆ
- ଓଡିଏଫ ତାଲିକାରେ ୪୩୪ ଗ୍ରାମ
- ୨ ଗ୍ରାମସେବକ ନିଲମ୍ବିତ
- ୨୦ରୁ ଅଧିକ କର୍ମଚାରୀ ଓ ଅଧିକାରୀଙ୍କ ଦରମା ବନ୍ଦ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ପୁରୀ ଜିଲା ୧୭ନମ୍ବର ସ୍ଥାନରେ ରହିଛି। ୨୦୧୩-୧୪ରୁ ୨୦୧୫-୧୬ ମଧ୍ୟରେ ୨୧,୪୭୨ ଗୃହ ନିର୍ମାଣ ଲାଗି ଟାର୍ଗେଟ ରହିଥିଲା। ବର୍ତ୍ତମାନ ସୁଦ୍ଧା ୧୯, ୭୮୭ ଗୃହ ନିର୍ମାଣ ସରିଛି। ୧୬୮୫ ଗୃହ ଅଦ୍ୟାବଧି ଅଧାପନ୍ତରିଆରେ ରହିଛି। ସେହିପରି ୨୦୧୬-୧୭ରୁ ୨୦୧୮-୧୯ ମଧ୍ୟରେ ୩୦,୮୦୦ ଗୃହ ନିର୍ମାଣ ଲାଗି ଟାର୍ଗେଟ ରହିଥିଲା। ବର୍ତ୍ତମାନ ସୁଦ୍ଧା ୧୧,୦୨୭ ଗୃହ ନିର୍ମାଣ ସରିଛି। ୧୭,୦୩୭ ଗୃହ ଅଧାପନ୍ତରିଆରେ ରହିଛି। ୨୦୧୩-୧୪ରୁ ଅଦ୍ୟାବଧି ୧୮,୭୨୨ ଗୃହ ଅଧାପନ୍ତରିଆରେ ରହିଛି। ସମୁଦାୟ ଗୃହର ୫୮ ପ୍ରତିଶତ ଗୃହ ନିର୍ମାଣ ସରିଥିବା ଜିଲାସ୍ତରୀୟ ସମୀକ୍ଷା ବୈଠକରୁ ଜଣାପଡିଛି।

ସ୍ଥାନୀୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଏବଂ ସ୍ୱଚ୍ଛ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଯୋଜନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରିତା ବିଳମ୍ବ ଲାଗି କେତେଜଣ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାଳତୀପାଟପୁର ପଞ୍ଚାୟତର ଗ୍ରାମସେବକ ପଦ୍ମଲୋଚନ ପାଲଟସିଂ ଏବଂ ଡେଲାଙ୍ଗର ଗ୍ରାମସେବକ ଲକ୍ଷ୍ମୀଧର ପାଟଯୋଶୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।



ସମୀକ୍ଷା ବୈଠକରେ ଉପସ୍ଥିତ ସରକାରୀ ଅଧିକାରୀ ଓ ଅନ୍ୟମାନେ।

ସେହିପରି ଅସ୍ତରଙ୍ଗ ବ୍ଲକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ସହ ଜଡିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଦରମା ବନ୍ଦ କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଡିଓ, ଏବିଡିଓ, ଜିପିଟିଏ, ଗ୍ରାମ ରୋଜଗାର ସେବକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରହିଛନ୍ତି। ସେହିପରି ପୁରୀ ସଦର ବ୍ଲକର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିପରି କଣାସ ବ୍ଲକ ଏପିଓଙ୍କ ଦରମା ମଧ୍ୟ ବନ୍ଦ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ବୈଠକରେ ସ୍ୱଚ୍ଛ ଭାରତର ସମୀକ୍ଷା କରାଯାଇଛି। ଜିଲାର ୫୩ଟି ପଞ୍ଚାୟତର ୪୩୪ଟି ଗ୍ରାମ ବାହ୍ୟ ମଳତ୍ୟାଗ ମୁକ୍ତ ଅଞ୍ଚଳ (ଓଡିଏଫ) ଘୋଷଣା କରାଯାଇଛି। ୨୦୧୮-୧୯ସୁଦ୍ଧା ଜିଲାର ସମୁଦାୟ ୧୫୮୯ଟି ଗ୍ରାମକୁ ଓଡିଏଫ ଘୋଷଣା କରାଯିବାର ଲକ୍ଷ୍ୟ ରହିଛି। ଜିଲାର ୩ଲକ୍ଷ ୩୫ହଜାର ୩୦୮ ପରିବାରକୁ ପାଇଖାନା ଯୋଗାଇ ଦେବା ଲାଗି ଟାର୍ଗେଟ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାର ୨ଲକ୍ଷ ୬ହଜାର ୭୨୨ (୬୧.୬୭ ପ୍ରତିଶତ) ପରିବାରଙ୍କୁ ପାଇଖନା ଯୋଗାଇ ଦିଆଯାଇଛି। ଜିଲାର ଆହୁରି ୧ଲକ୍ଷ ୨୮ହଜାର ୫୩୬ ପରିବାରଙ୍କ ପାଇଖାନା ନିର୍ମାଣ ହୋଇପାରି ନାହିଁ। ପାଇଖନା ନିର୍ମାଣରେ ଜିଲାର କଣାସ ଓ ଗୋପ ବ୍ଲକ ପଛରେ ପଡିଛି। ରହିଥିବା ଟାର୍ଗେଟର ଅଧା ପାଇଖାନା ମଧ୍ୟ ନିର୍ମାଣ ହୋଇନାହିଁ। କଣାସରେ ୪୩.୦୮ ପ୍ରତିଶତ ଏବଂ ଗୋପରେ ୪୧.୭୪ ପ୍ରତିଶତ ଲୋକଙ୍କୁ ପାଇଖାନା ଦିଆଯାଇଥିବା ସମୀକ୍ଷା ବୈଠକରୁ ଜଣାପଡିଛି। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ(ଡିଆରଡିଏ) ପି.କେ. ଦାଶ, ଜିଲାର ସମସ୍ତ ବିଡିଓ, ସମସ୍ତ ବ୍ଲକର ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

# ଅକ୍ଟୋବରରେ ସାର୍ବଜନୀନ ହୋଇପାରେ ବ୍ରହ୍ମ ବିଭ୍ରାଟ ରିପୋର୍ଟ

**ପୁରୀ ଅଫିସ, ୧୨।୯**

**୩୦ ସୁଦ୍ଧା ରିପୋର୍ଟ ଦେବ ସବ୍‌କମିଟି**

ଆସନ୍ତା ଅକ୍ଟୋବରରେ ସାର୍ବଜନୀନ ହୋଇପାରେ ବହୁ ଚର୍ଚ୍ଚିତ ବ୍ରହ୍ମ ବିଭ୍ରାଟ ରିପୋର୍ଟ। ଏଥିପାଇଁ ଗଠିତ ସବ୍‌କମିଟି ବୈଠକ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ରିପୋର୍ଟ ଉପରେ କମିଟି ତର୍ଜମା କରିଛି। କିନ୍ତୁ ରିପୋର୍ଟ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ନ ଥିବା ଜଣାପଡିଛି। କମିଟି ଆସନ୍ତା ୩୦ ତାରିଖ ସୁଦ୍ଧା ପରିଚାଳନା କମିଟିକୁ ରିପୋର୍ଟ ହସ୍ତାନ୍ତର କରିବ। ଗତ ମାସ ୧୮ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ବ୍ରହ୍ମ ବିଭ୍ରାଟ ରିପୋର୍ଟ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ହେଲେ ସବ୍ କମିଟି ସଦସ୍ୟ ତଥା ପରିଚାଳନା କମିଟି ସଭ୍ୟ ମହୀମୋହନ ତ୍ରିପାଠୀ, ସିଦ୍ଧେଶ୍ୱର ମହାପାତ୍ର ଓ ବାବା ସଚ୍ଚିଦାନନ୍ଦ ଦାସମହାରାଜ ତାଙ୍କ ରିପୋର୍ଟ ଦେଇ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେପ୍ଟେମ୍ବର ଶେଷ ସୁଦ୍ଧା ସେମାନଙ୍କୁ ସମୟ ଦିଆଯାଇଥିଲା। ସେମାନେ ତାଙ୍କ ରିପୋର୍ଟ ଦେବା ପରେ ପରିଚାଳନା କମିଟିର ପରବର୍ତ୍ତୀ ବୈଠକରେ ଏହା ଉପରେ ଆଲୋଚନା ହୋଇ ଏହାକୁ ସାର୍ବଜନୀନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ।

ସୂଚନାଯୋଗ୍ୟ, ୨୦୧୫ ଥିଲା ମହାପ୍ରଭୁଙ୍କ ନବକଳେବର। ଜୁନ୍ ୧୫ ତାରିଖରେ ଥିଲା ବ୍ରହ୍ମ ସଂସ୍ଥାପନ। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ଘଟିଥିଲା। ଜୁନ୍ ୧୬ ତାରିଖ ସ୍ପଷ୍ଟ ଦିବାଲୋକରେ ହୋଇଥିଲା ବ୍ରହ୍ମ ସଂସ୍ଥାପନ। ଏହାକୁ ନେଇ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହେବାରୁ ସରକାର ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ବି ସେ ରିପୋର୍ଟ ଦେଇ ନ ଥିଲେ। ଏହାପରେ ତାଙ୍କର ବଦଳି ହୋଇଯାଇଥିଲା। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ସମୟରେ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ଆସିଥିଲା। ଗତ ମାର୍ଚ୍ଚ ୨୦ରେ ନବଗଠିତ ପରିଚାଳନା କମିଟି ପ୍ରଥମ ବୈଠକରେ ଏହି ରିପୋର୍ଟ ଉପରେ ଆଲୋଚନା ହୋଇଥିଲା।